

ବିକାଶ ମିଶନକୁ ଆଗେଇ ନେବାପାଇଁ ପରାମର୍ଶ | ୧୦


# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar




ପରଦାରୁ ଦୂରେଇବାର କାରଣ କହିଲେ ନକଲି ଐଶ୍ୱର୍ଯ୍ୟା | ୧୨


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ବିଂଶତମ ବର୍ଷ ସଂଖ୍ୟା-୭୪ Vol. 20 No-74 5 JUNE 2023 MONDAY BHUBANESWAR ସୋମବାର, ୫ ଜୁନ୍ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦


## ବାହାନଗା ଟ୍ରେନ୍ ଟ୍ରାଜେଡି ପଛରେ ଷଡ଼ଯନ୍ତ୍ର !

# ସିବିଆଇ ତଦନ୍ତ ସୁପାରିସ

ବାହାନଗା/ବାଲେଶ୍ୱର/ଭୁବନେଶ୍ୱର, ୪।୬ (ଭାସ୍କର ନ୍ୟୁଜ): ଗତ ୨ ତାରିଖ ରାତିରେ ବାଲେଶ୍ୱରର ବାହାନଗା ଷ୍ଟେସନରେ ଘଟିଥିବା ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣା ପଛରେ ଷଡ଼ଯନ୍ତ୍ର ରହିଛି କି ? ଏମିତି ଏକ ପ୍ରଶ୍ନ ଏବେ ଉଙ୍କି ମାରିବାରେ ଲାଗିଛି । ତେଣୁ ଏହାର ସିବିଆଇ ତଦନ୍ତ ପାଇଁ ସୁପାରିସ କରାଯାଇଛି । ରେଲବାଇ ବୋର୍ଡ ପକ୍ଷରୁ ଏହି ସୁପାରିସ କରାଯାଇଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି । କେଉଁ ପରିସ୍ଥିତିରେ ଏହି ଦୁର୍ଘଟଣା ଘଟିଲା ଓ ଏଥିପାଇଁ କେଉଁମାନେ ଦାୟୀ ସେ ନେଇ ସିବିଆଇ ତଦନ୍ତ କରିବ । ଏହି ଦୁର୍ଘଟଣାକୁ ଦୁଇଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏଥିପାଇଁ କିଏ ଦାୟୀ ଓ କାହାର ଭୁଲ ରହିଲା ସେ ନେଇ କିଛି ସ୍ପଷ୍ଟ କରାଯାଇ ନାହିଁ କିମ୍ବା ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଦୋଷୀ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ । ଅନ୍ୟପକ୍ଷରେ ଏହି ଦୁର୍ଘଟଣାରେ ୨୭୫ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବା ନେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ସୂଚନା ଦେଇଛନ୍ତି । ଏହି ଦୁର୍ଘଟଣା ବହୁ ପରିବାରକୁ ଛାରଖାର କରିଦେବା ସହ ଶୋକାକୁଳ ପରିବେଶ ସୃଷ୍ଟି କରିଛି । କିଏ ପୁଅକୁ ହରାଇ ନିରବରେ ଆଖିରୁ ଲୁହ ଝରାଉଛି ତ ଆଉ କିଏ ସ୍ୱାମୀକୁ ହରାଇ ବାହୁନି ବାହୁନି କାନ୍ଦୁଛି । କେଉଁଠି ରୋଜଗାରିଆ ପୁଅକୁ ହରାଇ ପରିବାରର ଆଖିରୁ ଲୁହ ଶୁଖୁନି । ଏହି ଦୁର୍ଘଟଣାକୁ • ପୃଷ୍ଠା ୮ ଦେଖନ୍ତୁ



ଦ୍ରୁତଗତିରେ ଆଗେଇ ଚାଲିଛି ଭାଙ୍ଗି ଯାଇଥିବା ରେଲୱେ ଟ୍ରାକ୍ କାମ



ହସ୍ପିଟାଲରେ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝୁଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖଲାଲ ମାଣ୍ଡଭୀୟ, ପାଖରେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଧର୍ମେନ୍ଦ୍ର ପ୍ରଧାନ

**ସିଗ୍ନାଲରେ ସମସ୍ୟା ଯୋଗୁଁ ଦୁର୍ଘଟଣା: ରେଲୱେ ବୋର୍ଡ**

**କେବଳ କରମଣ୍ଡଳ ଦୁର୍ଘଟଣା ହୋଇଥିବା ନେଇ ସୂଚନା**

**ମୋଟ ମୃତ୍ୟୁ ସଂଖ୍ୟା ୨୭୫ ନେଇ ମୁଖ୍ୟ ସଚିବଙ୍କ ସୂଚନା**

**୫ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

**ହସ୍ପିଟାଲରେ ଆହତଙ୍କ ଚିକିତ୍ସା ବ୍ୟବସ୍ଥା ବୁଝିଲେ ୩ କେନ୍ଦ୍ରମନ୍ତ୍ରୀ**

**ପୁରୀ-ଭୁବନେଶ୍ୱର-କଟକରୁ କୋଲକାତାକୁ ମାଗଣା ବସ୍ ସେବା**

**୧୦ ଲକ୍ଷ ଲେଖାଏଁ ସହାୟତା ଘୋଷଣା କଲେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ**

**ମୃତ୍ୟୁ ତଥ୍ୟ ଲୁଚାଯାଉଛି : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

## ପ୍ରଧାନମନ୍ତ୍ରୀଙ୍କ ସହ କଥାହେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୬(ଭାସ୍କର ନ୍ୟୁଜ): ଗତ ଶୁକ୍ରବାର ସନ୍ଧ୍ୟାରେ ବାହାନଗାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣା ସଂପର୍କରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥା ହୋଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ଚିକିତ୍ସା ସଂପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଶ୍ରୀ ପଟ୍ଟନାୟକ ଅବଗତ କରାଇଥିଲେ । ଆହତ ଯାତ୍ରୀମାନଙ୍କ ଜୀବନ ବଞ୍ଚାଇବା ପାଇଁ ଯାହା ଆବଶ୍ୟକ ପଡ଼ିବ ତାହା କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ସେ ଆହୁରି କହିଥିଲେ ଯେ ଓଡ଼ିଶାର ବିଭିନ୍ନ ହସ୍ପିଟାଲରେ ଆହତ ଯାତ୍ରୀଙ୍କ ଜୀବନ ରକ୍ଷାପାଇଁ ସମ୍ଭାବ୍ୟ ପଦକ୍ଷେପମାନ ଗ୍ରହଣ କରାଯାଉଛି । ଡାକ୍ତର, ଛାତ୍ର ଏବଂ ସାଧାରଣ ଲୋକ ଆହତ ବ୍ୟକ୍ତିମାନଙ୍କ ପାଇଁ ରକ୍ତଦାନ କରିବାକୁ ଆଗେଇ ଆସୁଛନ୍ତି । ସେ ଆହୁରି କହିଥିଲେ ଯେ ଆମେ ଏକ ନୀତି ଅନୁସରଣ କରୁଛୁ, ଯେଉଁଥିରେ ପ୍ରତ୍ୟେକ ଜୀବନ ମୂଲ୍ୟବାନ ଅଟେ । ଉଦ୍ଧାର କାର୍ଯ୍ୟଠାରୁ ଆରମ୍ଭ କରି • ପୃଷ୍ଠା ୮ ଦେଖନ୍ତୁ



### ସଂକ୍ଷେପରେ...

#### ମହୋଦଧିରେ ସ୍ନାନବେଳେ ବୁଡ଼ିଗଲେ ନାବାଳକ

ପୁରୀ,୪।୬(ଭାସ୍କର ନ୍ୟୁଜ): ମହାପ୍ରଭୁଙ୍କ ସ୍ନାନ ଯାତ୍ରାପାଇଁ ପୁରୀ ସହର ଚଳଚଞ୍ଚଳ ଥିବାବେଳେ ଦେବସ୍ନାନ ପୂର୍ଣ୍ଣିମାରେ ମହୋଦଧି ସ୍ନାନ କରୁଥିବା ଜଣେ ନାବାଳକ ବୁଡ଼ିଯାଇ ପ୍ରାଣ ହରାଇଥିବା ସୂଚନା ମିଳିଛି । ତାଙ୍କ ନାମ ଦିଲରାଜ ଚାନ୍ଦ ଓ ଘର ରାଜସ୍ଥାନରେ ବୋଲି ସୂଚନା ଦିଆଯାଇଛି । ଦିଲରାଜ ରବିବାର ସପରିବାର ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ । ତେବେ ସେ ସମୁଦ୍ର ସ୍ନାନ କରୁଥିବାବେଳେ ଲହରୀ ମାଡ଼ରେ ଗଭୀର ପାଣିକୁ ଭାସି ଯାଇଥିଲେ । ଲାଇଫ୍‌ଗାର୍ଡମାନେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ ।


#### ଜଳପ୍ରପାତରେ ଭାସିଗଲେ ମେଡ଼ିକାଲ ଛାତ୍ର

ବାରିପଦା,୪।୬(ଭାସ୍କର ନ୍ୟୁଜ): ୭ଜଣ ସାଙ୍ଗଙ୍କ ସହ ବୁଲାବୁଲି କରି ଖୁସି ମନାଇବା ପାଇଁ ଜଳପ୍ରପାତକୁ ଆସିଥିଲେ । ହେଲେ ଗାଧୋଉଥିବାବେଳେ ଜଣେ ଡାକ୍ତରୀ ଛାତ୍ର ଜଳପ୍ରପାତ ସୁଅରେ ଭାସି ଯାଇ ପ୍ରାଣ ହରାଇଛନ୍ତି । ତାଙ୍କ ନାମ ଲିପେନ ସାହୁ ଓ ଘର ବ୍ରହ୍ମପୁର ଥାନା ଗଳନ୍ତରା ଅଞ୍ଚଳ । ସେ ବାରିପଦା ପିଆର୍‌ଏମ୍ ମେଡ଼ିକାଲ କଲେଜର ତୃତୀୟ ବର୍ଷର ଛାତ୍ର ଥିଲେ । ଗାଧୋଇବାବେଳେ ତାଙ୍କ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ । ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଉଦଳା ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । ମୃତକଙ୍କ ସାଙ୍ଗ ସତ୍ୟପ୍ରକାଶ କହିଛନ୍ତି ଯେ ସମସ୍ତେ ପାଣି ଭିତରେ ଛିଡ଼ା ହୋଇଥିବାବେଳେ ଲିପେନଙ୍କ ଗୋଡ଼ ଖସିଯାଇଥିଲା ।

ସେନ୍‌ସେକ୍ସ: ୬୨,୫୪୭.୧୧
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୩୯.୯ ଡିଗ୍ରୀ
ସର୍ବନିମ୍ନ: ୨୮ ଡିଗ୍ରୀ

**୪।୬ର ମତାମତ**

ମହାନଦୀ ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରିବା ଜରୁରି ନୁହେଁ କି ?




**ଆଜିର ପ୍ରସଙ୍ଗ**

ବାହାନଗା ରେଳ ଟ୍ରାଜେଡିର ସିବିଆଇ ତଦନ୍ତ ଜରୁରି କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

### ତୀର୍ଯ୍ୟକ

ଅର୍ଜିତ ଅନିର୍ବାଣ



ଦରଦାମ୍ ଯେଉଁ ରେଟ୍ ରେ ବଢ଼ୁଛି
ପାଉନାହିଁ ଆଉ ହାତ,
କାଲି ଯାହା ଥିଲା ଏକ, ଦୁଇ, ତିନି
ଆଜି ତା ଛଅ କି ସାତ ।
ମାଗଣା ମିଳୁଛି ଭାତ,
ବାକି ଯାହା ସବୁ କିଣିଲା ବେଳକୁ
ଛାତିରେ ଲାଗୁଛି ତାତ !

## ୪ ପିଲାଙ୍କୁ ହତ୍ୟା ପରେ ମା'ର ଆତ୍ମହତ୍ୟା

ଜୟପୁର,୪।୬: ରାଜସ୍ଥାନର ବାରମେର ଅନ୍ତର୍ଗତ ମଣ୍ଡଲୀ ଷ୍ଟେସନ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ନିଜର ୪ ପିଲାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିବା ପରେ ମା' ଆତ୍ମହତ୍ୟା କରିଛି । ଖବର ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘର ଭିତରୁ ୫ ଜଣଙ୍କ ମୃତଦେହ ଉଦ୍ଧାର କରି କଲ୍ୟାଣପୁରୀ ଶବାଗାରକୁ ପଠାଇଛି । ମିଳିଥିବା ସୂଚନା ଅନୁଯାୟୀ ମଣ୍ଡଲୀ ଷ୍ଟେସନ ଅଞ୍ଚଳରେ ରହୁଥିବା ଜେଠାରାମଙ୍କ ପତ୍ନୀ ଉର୍ମିଳା ଶନିବାର ନିଜର ୪ ପିଲାଙ୍କ ସହ ଘରେ ରହିଥିଲେ । ଜେଠାରାମ କାମ କରିବା ପାଇଁ ଯୋଧପୁର ପଳାଇ ଯାଇଥିଲେ । ସ୍ୱାମୀଙ୍କ ଅନୁପସ୍ଥିତିରେ ମଧ୍ୟାହ୍ନ ସମୟରେ ଉର୍ମିଳା ନିଜର ୪ ପିଲା ଭାବନା, ବିକ୍ରମ, ବିମଳା ଓ ମନୀଷାଙ୍କୁ ଏକ ଡ୍ରମରେ ଭର୍ତ୍ତିକରି ଅଣନିଃଶ୍ୱାସୀ କରି ମାରି ଦେଇଥିବା ଅଭିଯୋଗ ହୋଇଛି । ଏହାପରେ ଉର୍ମିଳା ନିଜେ ଘରେ ଭିତରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିଲେ । ଉର୍ମିଳା ଏବଂ ତାଙ୍କର ୪ • ପୃଷ୍ଠା ୮ ଦେଖନ୍ତୁ

## ଗଙ୍ଗାରେ ଭୁଶୁଡ଼ିଲା ନିର୍ମାଣାଧୀନ ବ୍ରିଜ୍

## ନୀତିଶଙ୍କ ତଦନ୍ତ ନିର୍ଦ୍ଦେଶ



ପାଟନା,୪।୬: ଗଙ୍ଗାନଦୀରେ ନିର୍ମାଣ କରାଯାଉଥିବା ଏକ ବ୍ରିଜ୍ ରବିବାର ସନ୍ଧ୍ୟାରେ ଭୁଶୁଡ଼ି ପଡ଼ିଛି । ତେବେ ଏଥିରେ ମୃତାହତ ନେଇ କୌଣସି ଖବର ମିଳିନାହିଁ । ବିହାରର ସୁଲତାନାଗଞ୍ଜ ଓ ଅଗୁବାନି ମଧ୍ୟରେ ଗଙ୍ଗାନଦୀରେ ଏହି ବ୍ରିଜ୍ ନିର୍ମାଣ କରାଯାଉଥିଲା । ଏଥିପାଇଁ ୧୭୧୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । • ପୃଷ୍ଠା ୮ ଦେଖନ୍ତୁ

### ■ ସ୍ନାନବେଦୀରେ ତିନି ଠାକୁର ■

## ହାତୀ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

- ଦିବ୍ୟ ସ୍ନାନଯାତ୍ରା ଦେଖିବାକୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼
- ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି
- ବିଶୃଙ୍ଖଳା ପାଇଁ ଠାକୁରଙ୍କ ନୀତିରେ ବିଳମ୍ବ

ପୁରୀ,୪।୬(ଭାସ୍କର ନ୍ୟୁଜ): ରବିବାର ଥିଲା ପବିତ୍ର ଦେବସ୍ନାନ ପୂର୍ଣ୍ଣିମା । ଚଳଚଞ୍ଚଳ ହୋଇ ଉଠିଥିଲା ଶ୍ରୀକ୍ଷେତ୍ର । ଭକ୍ତିମୟ ହୋଇପଡ଼ିଥିଲା ସମଗ୍ର ପରିବେଶ । ମହାପ୍ରଭୁଙ୍କୁ ହାତୀ ବେଶରେ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିରରେ ଲାଗି ରହିଥିଲା ଶ୍ରଦ୍ଧାଳୁଙ୍କ ଗହଳି । ସ୍ନାନବେଦୀରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ହାତୀ ବେଶରେ ଦର୍ଶନ ଦେଇଥିଲେ ମହାପ୍ରଭୁ । ପ୍ରଥମେ ବଡ଼ ଠାକୁର ଶ୍ରୀ ବଳଭଦ୍ରଙ୍କୁ ପହଣ୍ଡିରେ ସ୍ନାନ ମଣ୍ଡପକୁ ଅଣାଯିବା ପରେ ଟାହିଆ ଝୁଲାଇ ଝୁଲାଇ ଶ୍ରୀମନ୍ଦିରରୁ ବାହାରି ଆସିଥିଲେ ଶ୍ରୀଜଗନ୍ନାଥ ସ୍ନାନ ମଣ୍ଡପକୁ । ଗୋଟି ପହଣ୍ଡିରେ ଆସିବା ବେଳେ ରହି ରହି ଭକ୍ତଙ୍କ ଆଡ଼କୁ ସତେ ଯେପରି ଚାହିଁ ରହିଥିଲେ ମହାପ୍ରଭୁ । ସବାଶେଷରେ ଦେବୀ ସୁଭଦ୍ରାଙ୍କୁ ପହଣ୍ଡିରେ ଅଣାଯିବା ପରେ ସ୍ନାନବେଦୀକୁ ବିଜେ କରିଥିଲେ ପ୍ରଭୁ ମଦନମୋହନ । ଗୋଟିଏ ପଟେ ସ୍ନାନବେଦୀରେ ମହାପ୍ରଭୁଙ୍କ ନୀତିକାନ୍ତି ଚାଲିଥିବା ବେଳେ ଅନ୍ୟପକ୍ଷରେ ବଡ଼ଦାଣ୍ଡରେ ହାତ ଟେକି ଶ୍ରଦ୍ଧାଳୁ ବାଢି ଦେଉଥିଲେ ଭକ୍ତିର ପ୍ରଣତି । ଢୋଲ, ମୃଦଙ୍ଗ, ଘଣ୍ଟ, ଝାଞ୍ଜ ଓ ଖଞ୍ଜଣିରେ ପ୍ରକମ୍ପିତ ହୋଇ ଉଠିଥିଲା ବଡ଼ଦାଣ୍ଡ । ନାଚ ଗୀତରେ ଉଛୁଳି ପଡ଼ିଥିଲା ସମଗ୍ର ପରିବେଶ । ରବିବାର ଭୋର ସାଢେ ୩ଟାରେ ମଙ୍ଗଳାର୍ପଣ ପରେ ୪ଟାରୁ ୬ଟା ମଧ୍ୟରେ ଡୋର ଲାଗି ପୁଷ୍ପାଞ୍ଜଳି ଓ ପରେ ଆରମ୍ଭ ହୋଇଥିଲା ପହଣ୍ଡି । ୧୨.୧୫ରୁ ୧୨.୪୫ ଭିତରେ ଛେରା ପହଁରା କରାଯାଇଥିଲା । ୧୨.୪୫ରୁ ୨.୩୦ ମଧ୍ୟରେ ମହାପ୍ରଭୁଙ୍କ ହାତୀବେଶ ଅନୁଷ୍ଠିତ ହୋଇଥିଲା । ଏହାପରେ ସ୍ନାନ ମଣ୍ଡପରେ ମହାପ୍ରଭୁଙ୍କୁ ଦେଖିବା ପାଇଁ ଲାଗି ରହିଥିଲା ଭକ୍ତଙ୍କ ଗହଳି । ସନ୍ଧ୍ୟା ୬ଟାରୁ ରାତି ସାଢେ ୯ଟା ପର୍ଯ୍ୟନ୍ତ ସାହାଣମେଲା ଦର୍ଶନ, ରାତି ୧୦ଟାରେ ପୁଷ୍ପାଞ୍ଜଳି ଓ ଡୋରଲାଗି ନୀତି ପରେ ୧୦ଟାରୁ ଗୋଟାଏ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ବାହୁଡ଼ା ପହଣ୍ଡି । ରାତି ୧.୩୦ ସୁଦ୍ଧା ସ୍ନାନ ନୀତି ଓ ରାହୁରେଖା ମଇଲମ କରାଯାଇଥିଲା । ଏନେଇ ପ୍ରଶାସନିକ ସ୍ତରରେ ସମସ୍ତ ବ୍ୟବସ୍ଥା କରାଯାଇଥିଲା । ସେହିପରି ନୀତିକାନ୍ତି କିପରି ସୁରୁଖୁରୁରେ ହୋଇ ପାରିବ ସେନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ବ୍ୟବସ୍ଥା ମଧ୍ୟ କରାଯାଇଥିଲା ।



## ଶ୍ରୀମନ୍ଦିରରେ ଅଘଟଣ

**ପଶିଗଲେ ଅଣହିନ୍ଦୁ ଭକ୍ତ**

**ମହାପ୍ରଭୁଙ୍କ ଆଗରେ ଗଲା ଭକ୍ତଙ୍କ ଜୀବନ**

**ସ୍ନାନବେଦୀରେ ପଡ଼ିଲା ରକ୍ତଛିଟା**

ପୁରୀ,୪।୬(ଭାସ୍କର ନ୍ୟୁଜ): ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ତିନି ତିନିଟି ଅଭାବନୀୟ ଘଟଣା ଘଟିଯାଇଛି । ଶ୍ରୀମନ୍ଦିର ଭିତରକୁ ଜଣେ ଅଣହିନ୍ଦୁ ଭକ୍ତ ପ୍ରବେଶ କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି । ଏହି ଭକ୍ତ ଜଣଙ୍କ କଲୋମ୍ବିଆରେ ବୋଲି ସୂଚନା ଦିଆଯାଇଛି । ପରେ ତାଙ୍କୁ ମନ୍ଦିର ବାହାରକୁ ବାହାର କରି ଦିଆଯାଇଥିଲା । ସ୍ନାନ ପୂର୍ଣ୍ଣିମା ଲାଗି କଡ଼ା ସୁରକ୍ଷା ବ୍ୟବସ୍ଥା ଥିଲା ବେଳେ ଏହି ଅଣହିନ୍ଦୁ ଭକ୍ତ ଜଣଙ୍କ ପ୍ରବେଶ କରିଥିଲେ । ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଦେଖିବା ପରେ ତାଙ୍କୁ ବାହାରକୁ ବାହାର କରି ଦେଇଥିଲେ । ପୁରୀ ଏସ୍‌ପି କହିଛନ୍ତି ଯେ ଏହି ଘଟଣା ନଜରକୁ ଆସିବା ପରେ ତୁରନ୍ତ ପଦକ୍ଷେପ ନିଆଯାଇଛି । ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପକ୍ଷରେ ଶ୍ରୀମନ୍ଦିର ପରିସରରେ ଜଣେ ଭକ୍ତଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ମୃତ ବ୍ୟକ୍ତି ଜଣଙ୍କ ହେଲେ ରାଜସ୍ଥାନର ଅମ୍ବାଲାଲ । ଅମ୍ବାଲାଲ ନିଜ ପରିବାର ସହ ସ୍ନାନ ପୂର୍ଣ୍ଣିମା ଦେଖିବାକୁ ଆସିଥିଲେ । ସ୍ନାନ ମଣ୍ଡପ ସମ୍ମୁଖରେ ତାଙ୍କ ମୁଣ୍ଡ ବୁଲାଇ ଦେବାରୁ ସେ ତଳେ ପଡ଼ି ଯାଇଥିଲେ । ସେହିଠାରେ • ପୃଷ୍ଠା ୮ ଦେଖନ୍ତୁ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାହାନଗା ରେଳ ଦୁର୍ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ ଓ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ବୁଦ୍ଧ ମନ୍ଦିରସ୍ଥ ବୋଧିଦ୍ରୁମ ନିକଟରେ ରବିବାର ସନ୍ଧ୍ୟାରେ ସାମୂହିକ ଦୀପଦାନ କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବ ପ୍ରଶାସକ ନରେନ୍ଦ୍ର କୁମାର ମିଶ୍ର, ପୂର୍ବ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ଆର୍ଯ୍ୟସମାଜ ସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ବୁଦ୍ଧ ମନ୍ଦିର ସମ୍ପାଦକ ଡଃ ସୌରେନ୍ଦ୍ର କୁମାର ମହାପାତ୍ର, ପୌରୁଷର ସମ୍ପାଦକ ଡଃ ଅସିତ ମହାନ୍ତି, ଡଃ କରୁଣାକର ପ୍ରଧାନ, ଜଗତବନ୍ଧୁ ଜେନା, ସିଦ୍ଧାର୍ଥ ପଣ୍ଡା, ଲକ୍ଷ୍ମଣ ମଲ୍ଲିକ, ସୁବ୍ରତ ରଥ, କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷ ବିମଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଅସହ୍ୟ ଗୁଳୁଗୁଳିରେ ସ୍ନାନ କଲେ ମହାପ୍ରଭୁ

# ଟ୍ୱିନ୍‌ସିଟିରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼







ଭୁବନେଶ୍ୱର/କଟକ(ଭାସ୍କର ନ୍ୟୁଜ୍): ରବିବାର ଥିଲା ପବିତ୍ର ଦେବସ୍ନାନ ପୂର୍ଣ୍ଣିମା। ଏଥିପାଇଁ ଶ୍ରଦ୍ଧାଳୁଙ୍କ ମନରେ ଭକ୍ତି ଭାବନା ଜାଗ୍ରତ ହୋଇ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ମନ ବଳାଇଥିଲେ। ଟ୍ୱିନ୍‌ସିଟିର ବିଭିନ୍ନ ଜଗନ୍ନାଥ ମନ୍ଦିର ଗୁଡ଼ିକରେ ଶ୍ରଦ୍ଧାଳୁମାନେ ଭିଡ଼ ଜମାଇ ମହାପ୍ରଭୁଙ୍କର ଏହି ଅପୂର୍ବ ସ୍ନାନଯାତ୍ରାକୁ ଦର୍ଶନ କରି ନିଜର ଅଭିଳାଷ ପୂରଣ ପାଇଁ ପ୍ରାର୍ଥନା କରିଥିଲେ। ରାଜଧାନୀ ଭୁବନେଶ୍ୱରର ଇସ୍କନ ମନ୍ଦିରରେ ଏଥିପାଇଁ ବ୍ୟାପକ ବନ୍ଦୋବସ୍ତ ହୋଇଥିଲା। ଗତ ୨୦୨୦ରୁ ୨୦୨୨ ମଧ୍ୟରେ ଇସ୍କନ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳନ କରାଯାଇଥିବା ବେଳେ ଏହା ଶ୍ରଦ୍ଧାଳୁଙ୍କ ସର୍ବସମ୍ମୁଖରେ ହୋଇପାରିନଥିଲା। କରୋନା କଟକଣା ପାଇଁ ଏହାକୁ ଯଥାରୀତିରେ ପାଳନ କରାଯାଇଥିଲା। ତେବେ ଚଳିତବର୍ଷ ସ୍ନାନଯାତ୍ରା ରୀତିନୀତି ଅନୁସାରେ ଏଠାରେ ପାଳନ ହୋଇଥିଲା। ପୂର୍ବାହ୍ନ ସକାଳ ୯ଟା ୩୦ରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରା ଓ ପ୍ରଭୁ ସୁଦର୍ଶନଙ୍କୁ ପହଣ୍ଡିରେ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ପହଣ୍ଡି ସମୟରେ ଏଠାରେ ପ୍ରବଳ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଘଣ୍ଟ କାହାଳୀ, ମୃଦଙ୍ଗ, ତୁରୀ ବଜାଇ ମହାସଂକୀର୍ତ୍ତନରେ ଶ୍ରୀଜୀଉଙ୍କୁ ସ୍ନାନମଣ୍ଡପକୁ ଅଣାଯାଇଥିଲା। ସକାଳ ୧୦ଟା ୩୦ରେ ତୀର୍ଥକ୍ଷେତ୍ରରୁ ଅଣାଯାଇଥିବା ୧୦୮ କଳସୀରୁ ପବିତ୍ର ଜଳରେ ଶ୍ରୀଜୀଉଙ୍କୁ ସ୍ନାନାଭିଷେକ କରାଯାଇଥିଲା। ଦିବା ୧୨ଘଟିକାରେ ଶ୍ରୀଜୀଉଙ୍କ ପାଖରେ ଭୋଗ ଲାଗି କରି ଶୃଙ୍ଗାର କରାଯାଇଥିଲା। ଦିବା ୧.୩୦ରେ ଶ୍ରୀଜୀଉଙ୍କୁ ଆରତୀ କରାଯିବା ପରେ ଉପସ୍ଥିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ସ୍ନାନ ଯାତ୍ରାର ପ୍ରସାଦ ବିତରଣ କରାଯାଇଥିଲା। ସନ୍ଧ୍ୟା ୬ଟା ୩୦ରେ ଶ୍ରୀଜୀଉଙ୍କ ସନ୍ଧ୍ୟା ଆଳତୀ କରାଯିବା ପରେ ୭ଟାରେ ଶ୍ରୀଜୀଉଙ୍କୁ ପ୍ରିତ୍ୟାର୍ଥେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରାତ୍ର ୯ଟାରେ ଶ୍ରୀଜୀଉଙ୍କୁ ପହଣ୍ଡି କରାଯାଇ ଅଣସର ଗୃହରେ ବିଶ୍ରାମ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଇସ୍କନ ମନ୍ଦିରର ସହ ସଭାପତି ଶ୍ରୀପାଦ ଉପେନ୍ଦ୍ର ମିଶ୍ର ଦାସ, ଶ୍ରୀପାଦ ପ୍ରେମାନନ୍ଦ ଦାସ, ଶ୍ରୀପାଦ କାଶୀନାଥ ପଣ୍ଡିତ ଦାସ, ଶରତ ପୂର୍ଣ୍ଣିମା ଦାସ, ଶେଷସାଥ ଦାସ, ବିଷ୍ଣୁ ଦାସ ପ୍ରମୁଖ ପରିଚାଳନା କରିଥିଲେ ବୋଲି ଇସ୍କନ ମନ୍ଦିରର ରାଜ୍ୟ ପ୍ରଚାର ଅଧିକାରୀ ଶ୍ରୀପାଦ ରାଧାକାନ୍ତ ଦାସ ସୂଚନା ଦେଇଛନ୍ତି। ସେହିପରି ୟୁନିଟ୍ ୫ରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର, ଶିରିପୁରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର, ଖଣ୍ଡଗିରିସ୍ଥିତ କୋଳଥିଆ ଶ୍ରୀଜଗନ୍ନାଥ ମନ୍ଦିର, କିଟ୍ ଶ୍ରାବଣୀ କ୍ଷେତ୍ର ଆଦି ସ୍ଥାନରେ ଯଥାରୀତିରେ ସ୍ନାନଯାତ୍ରା ସମାପନ ହୋଇଥିଲା। ଏଥିସହ ଭାଇଚାରାର ସହର କଟକର ଚାନ୍ଦିନୀଚୌକ ଶ୍ରୀଜଗନ୍ନାଥ ମନ୍ଦିର, ରଘୁନାଥଜୀଉ ମନ୍ଦିର ଓ ଅନ୍ୟାନ୍ୟ ଜଗନ୍ନାଥ ମନ୍ଦିର ଗୁଡ଼ିକରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ସମାପନ ହୋଇଥିଲା। ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ଟ୍ୱିନ୍‌ସିଟିରେ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରାଯିବା ସହ ବିଭିନ୍ନ ମଠ ମନ୍ଦିରରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା।



**ଘୋଷଯାତ୍ରାର ଅବ୍ୟବହିତ ପୂର୍ବରୁ ସ୍ନାନଯାତ୍ରା ଏକ ମୁଖ୍ୟ ପର୍ବ ଅଟେ। ମହାବାହୁ ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନ କରି ଅଣସର ଗୃହକୁ ଆଗମନ କରିଥାନ୍ତି। ଏଥିପାଇଁ ଆରମ୍ଭ ହୁଏ ସ୍ନାନଯାତ୍ରା। ତେବେ ଚଳିତବର୍ଷ ଅସହ୍ୟ ଗୁଳୁଗୁଳିରେ ମହାବାହୁ ସ୍ନାନ କରିଥିବାବେଳେ ଟ୍ୱିନ୍‌ସିଟିରେ ଥିବା ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଏଥିପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।**

## ଦେବସ୍ନାନ ପୂର୍ଣ୍ଣିମାରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୁଭକାମନା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେବ ସ୍ନାନ ପୂର୍ଣ୍ଣମା ଅବସରରେ ଶୁଭକାମନା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ, ପବିତ୍ର ସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ସମସ୍ତଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ସମସ୍ତଙ୍କ ଉପରେ ରହୁ। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେବସ୍ନାନ ପୂର୍ଣ୍ଣମା ଅବସରରେ ଶୁଭକାମନା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ, ପବିତ୍ର 'ଦେବସ୍ନାନ ପୂର୍ଣ୍ଣିମା' ଅବସରରେ ମହାପ୍ରଭୁଙ୍କ ଅଗଣିତ ଭକ୍ତଙ୍କୁ ଶୁଭକାମନା । ଆଜି ଶ୍ରୀଜିଉଙ୍କୁ ଗଜାନନ ବେଶରେ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁମାନେ ଉତ୍କଣ୍ଠାର ସହିତ ଅପେକ୍ଷା କରିଛନ୍ତି । ମହାପ୍ରଭୁଙ୍କ ପାଖରେ ସମସ୍ତଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

## 'ନୃତ୍ୟ ବିଳାସ' ଦର୍ଶକଙ୍କ ମନମୋହିଲା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଦେବ ସ୍ନାନ ପୂର୍ଣ୍ଣିମା ଅବସରରେଓଡିଶୀ ନୃତ୍ୟ ଗୁରୁ ଶ୍ରୀମତୀ ନମିତା ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ ନୃତ୍ୟ ବିଳାସ ଉତ୍କଳ ରଙ୍ଗମଞ୍ଚରେ ଆୟୋଜିତ ହୋଇଥିଲା । ଏହି ଉତ୍ସବ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଓଡିଶାର ଶାସ୍ତ୍ରୀୟ ନୃତ୍ୟ ଓଡିଶୀ ତଥା ଅନ୍ୟାନ୍ୟ ପାରମ୍ପରିକ ଲୋକନୃତ୍ୟକୁ ଲୋକଲୋଚନକୁ ଆଣିବା ଏବଂ ତାହାର ପ୍ରଚାର ଓ ପ୍ରସାର କରିବା । ଉତ୍ସବ ଆରମ୍ଭ ପୂର୍ବରୁ ବାଲେଶ୍ୱରର ବାହାନଗା ଠାରେ ଘଟିଯାଇଥିବା ମର୍ମନ୍ତୁଦ ଟ୍ରେନ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ଯାତ୍ରୀମାନଙ୍କ ଉଦ୍ଦେଶ୍ୟରେ ସେମାନଙ୍କର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରଯାଇଥିଲା। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ ବିଧାୟକ ପ୍ରଫୁଲ୍ଲ ସାମଲ, ତ୍ରିଧାରାର ନିର୍ଦ୍ଦେଶକ ତଥା ବିଶିଷ୍ଟ ଓଡିଶୀ ନୃତ୍ୟ ଗୁରୁ ଗଜେନ୍ଦ୍ର ପଣ୍ଡାଓ ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ । ସନ୍ଧ୍ୟାରେ ପ୍ରଥମେ ଶ୍ରୀ ଡ୍ୟାନ୍ସ ଏକାଡେମୀର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ମଙ୍ଗଳଚରଣରେ ସୂର୍ଯ୍ୟାଷ୍ଟକମ ଏବଂ ପରେ ପରେ ଶିଳ୍ପୀମାନଙ୍କ ଦ୍ୱାରା ଅଭିନୟ ମାନଉଦ୍ଧାରଣ ପରିବେଷିତ ହୋଇଥିଲା । ପରବର୍ତ୍ତୀ ପ୍ରସ୍ତୁତିଟି ଥିଲାଦଳଗତ ଓଡିଶୀ ନୃତ୍ୟ ଗଙ୍ଗା ତରଙ୍ଗ ଓ କଳାବତୀ ପଲ୍ଲବୀ । ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ଶ୍ରୀ ଡ୍ୟାନ୍ସ ଏକାଡେମୀର କୁନି କୁନି ଶିଳ୍ପୀମାନଙ୍କ ଦ୍ୱାରା ସମ୍ବଲପୁରୀ ଲୋକନୃତ୍ୟ । ପରେ ପରେ ଶ୍ରୀ ଡ୍ୟାନ୍ସ ଏକାଡେମୀରବରିଷ୍ଠ ଓ କନିଷ୍ଠ ଶିଳ୍ପୀମାନଙ୍କ ଦ୍ୱାରା ଯଥାକ୍ରମେ ମାତା ଦୁର୍ଗେ, ଆମ ଗାଁ ସକାଳ ସଞ୍ଜ, ରାଧାରାଣୀ ସଙ୍ଗେ ନାଚେ, ବକ୍ରତୁଣ୍ଡ ମହାକାୟ ଆଦି ପରିବେଷିତ ହୋଇଥିଲା । ଏହି ଏକକ, ଦଳଗତ ଓଡିଶୀ ନୃତ୍ୟ ସହିତ ଲୋକନୃତ୍ୟକୁ ଦର୍ଶକ ଆଗ୍ରହ ସହକାରେ ଶେଷ ପର୍ଯ୍ୟନ୍ତ ପ୍ରେକ୍ଷାଳୟରେ ଉପସ୍ଥିତ ରହି ମନଭରି ଉପଭୋଗ କରିଥିଲେ । ଶ୍ରୀ ପ୍ରମୋଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବ ଶ୍ରୀ ଡ୍ୟାନ୍ସ ଏକାଡେମୀର ସଦସ୍ୟ ଯଥାକ୍ରମେ ଚଳଚ୍ଚିତ୍ର ନିର୍ଦ୍ଦେଶକ ବରାଦ ପ୍ରସନ୍ନ ତ୍ରିପାଠୀ, ମନୀନ୍ଦ୍ର କୁମାର ଦାସ ଓ ଶାନ୍ତନୁ କୁମାର ପୃଷ୍ଟି ଆଦି ସଦସ୍ୟମାନଙ୍କ ଉପସ୍ଥିତିରେ ସମ୍ପାଦିତ ହୋଇଥିଲା ।

### ବାହାନଗା ରେଳ ଦୁର୍ଘଟଣା ଘଟଣା

## ବିଏମସି ଜାରି କଲା ହେଲ୍ପ ଲାଇନ୍ ନମ୍ବର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲା ବାହାନଗା ରେଳ ଦୁର୍ଘଟଣାରେ ମୃତାହତ ବ୍ୟକ୍ତି ମାନଙ୍କ ସମ୍ପର୍କରେ ସୂଚନା ଦେବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ହେଲ୍ପ ଲାଇନ୍ ନମ୍ବର ଜାରି ହୋଇଛି । ସମ୍ପର୍କୀୟ ମାନେ ୧୯୨୯ ନମ୍ବରକୁ କଲ କରି ମୃତଦେହ ବିଷୟରେ ଜାଣି ପାରିବେ । ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଏନେଇ ସୂଚନା ଦେଇଛନ୍ତି । ସେ କହିଛନ୍ତି, ବିଏମସି ୱେବସାଇଟରେ ମଧ ମୃତକଙ୍କ ଫଟୋ ଏବଂ ସମ୍ପୂର୍ଣ୍ଣ ବିବରଣୀ ଅପଲୋଡ କରାଯିବ। ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟରେ ହେଲ୍ପ ଡେସ୍କ ଖୋଲାଯାଇଛି।

## ଚିକିତ୍ସିତ ରୋଗୀ ମାନଙ୍କୁ ନୂତନ ବସ୍ତ୍ର ଏବଂ ଶୁଖିଲା ଖାଦ୍ୟ ବଣ୍ଟନ



କଟକ(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଏବଂ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ତଥା ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାରେ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ରୋଗୀ ମାନଙ୍କୁ ନୂତନ ବସ୍ତ୍ର ଏବଂ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜୁ ଜନତା ଦଳର ଯୁଗ୍ମ ସମ୍ପାଦକ ଜ୍ଞାନେନ୍ଦ୍ର ଗିରି ଗୋସ୍ୱାମୀ, ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ ଦେବାଶିଷ ସ୍ୱାଇଁ, ସାଧାରଣ ସମ୍ପାଦକ ସନ୍ତୋଷ ମହାପାତ୍ର, କଟକ ଜିଲ୍ଲା ଛାତ୍ର ସଭାପତି ଆସିଫ ଅମିନ, କଟକ ଜିଲ୍ଲା ଯୁବ ସଭାପତି ସୌମ୍ୟଦୀପ ଘୋଷ, ବାରବାଟୀ କଟକ ଯୁବ ସଭାପତି ସୟଦ ଜଲୀଲ, କଟକ ମହାନଗର ଛାତ୍ର ସଭାପତି ସଞ୍ଜୟ ପଟନାୟକ, ସୁପ୍ରିତି ଶର୍ମା, ସମ୍ବିତ ଶ୍ରୀଚନ୍ଦନ, ଆଶାଶ୍ରୀ ସାହୁ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ।

## ଭୁବନେଶ୍ୱରରେ ପହଞ୍ଚିଲେ ସ୍ୱତନ୍ତ୍ର ଡାକ୍ତରୀ ବିଶେଷଜ୍ଞ ଟିମ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାହାନଗା ଟ୍ରେନ ଦୁର୍ଘଟଣାରେ ଆହତଙ୍କ ଜୀବନ ବଞ୍ଚାଇବାକୁ ଚାଲିଛି ସମସ୍ତ ପ୍ରକାର ଚେଷ୍ଟା ଚାଲିଥିବା ବେଳେ ଆଜି ଦିଲ୍ଲୀ ଏମ୍ସ ସମେତ ବିଭିନ୍ନ ପ୍ରତିଷ୍ଠାନରୁ ବିଶେଷଜ୍ଞ ଡାକ୍ତରୀ ଟିମ ଆସି ଭୁବନେଶ୍ୱରରେ ପହଞ୍ଚିଥିବା ଜଣାପଡିଛି । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବୀୟ। ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି , 'ଦିଲ୍ଲୀ ଏମ୍ସ, ଲେଡି ହାର୍ଡିଂସ ତଥା ଅନ୍ୟାନ୍ୟ ପ୍ରତିଷ୍ଠାନର ବିଶେଷଜ୍ଞମାନେ ଅତ୍ୟାଧୁନିକ ଯନ୍ତ୍ରପାତି ସହ ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି । ବିଶେଷଜ୍ଞ ଟିମ ସହ ସବିଶେଷ ଆଲୋଚନା ହୋଇଛି । କେଉଁ ସ୍ଥାନରେ କେଉଁ ବିଶେଷଜ୍ଞ ଡାକ୍ତର ନିୟୋଜିତ ହେବେ ତାହାର ନିର୍ଦ୍ଧାରଣ କରାଯାଇଛି । ଏଥିଲାଗି ୱାର୍କିଂ ପ୍ଲାନ ମଧ କରାଯାଇଛି । ଆଗକୁ ସେ କହିଛନ୍ତି, '୧୦୦ରୁ ଅଧିକ ଆହତଙ୍କ ଲାଗି କ୍ରିଟିକାଲ କେୟାର ବ୍ୟବସ୍ଥା ଜରୁରୀ ହୋଇଛି । ଅଧିକରୁ ଅଧିକ ଲୋକଙ୍କ ଜୀବନ ରକ୍ଷା ଲାଗି ଶତଚେଷ୍ଟା କରାଯାଉଛି ।

## ଗଛ ପାଇଁ ଆମ୍ବୁଲାନ୍ସ ଦାବି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜି ହେଉଛି ବିଶ୍ୱ ପରିବେଶ ଦିବସ । ପରିବେଶ ସୁରକ୍ଷା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ଦିଗରେ ଜନଜାଗରଣ ସୃଷ୍ଟି ନିମନ୍ତେ ପ୍ରତିବର୍ଷ ଜୁନ୍ ୫ ତାରିଖଟିକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଇଥାଏ । ତେଣୁ ଏହି ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଗଛ ପାଇଁ ଆମ୍ବୁଲାନ୍ସ ସେବା ଲାଗୁ କରିବାକୁ ସରକାରଙ୍କ ନିକଟରେ ଦାବି ଉଠାଇଛନ୍ତି ପରିବେଶବିତ୍ ସୁଶାନ୍ତ ସାହୁ । ଶ୍ରୀ ସାହୁ ଏ ସମ୍ପର୍କରେ କୁହନ୍ତି ମଣିଷ ପରି ଗଛର ବି ଜୀବନ ରହିଛି । ମଣିଷ ଜୀବନରେ ଯେପରି ଜରା, ବ୍ୟାଧି ରହିଛି ଠିକ୍ ସେହିପରି ବୃକ୍ଷ ଜୀବନରେ ଏହା ମଧ ରହିଛି । ସଂପ୍ରତି ରାଜଧାନୀ ଭୁବନେଶ୍ୱରରେ ଅନେକ ଗଛ ରୋଗଗ୍ରସ୍ତ ଅବସ୍ଥାରେ ରହିଛି । କିନ୍ତୁ ସେମାନଙ୍କର ଚିକିତ୍ସା ଓ ଯତ୍ନ ନେବା ପାଇଁ ରାଜ୍ୟରେ ନାହିଁ କୌଣସି ବ୍ୟବସ୍ଥା । ଅନେକ ଲୋକଙ୍କ ବାଡ଼ି ବଗିଚାରେ ରହିଥିବା ଗଛ ମାନଙ୍କର ସମାନ ଅବସ୍ଥା । ବୃକ୍ଷର ଚିକିତ୍ସା ଲାଗି କାହାକୁ ଓ କେଉଁ ହେଲ୍ପ ଲାଇନ୍ ନମ୍ବରରେ ଲୋକେ ଜଣାଇବେ ସାମାନ୍ୟ ବ୍ୟବସ୍ଥା ଅଥବା ସୂଚନାଟିଏ ବି ନାହିଁ । ଦ୍ୱିତୀୟରେ ରାଜଧାନୀ ଭୁବନେଶ୍ୱର ଦିନକୁ ଦିନ ବୃକ୍ଷ ଶୂନ୍ୟ ହେବାରେ ଲାଗିଛି । ପ୍ରଦୂଷଣର ମାତ୍ରା ବି ବଢ଼ି ଚାଲିଛି । ଏଣୁ ବୃକ୍ଷ ସଂପଦର ସୁରକ୍ଷା ନିତାନ୍ତ ଜରୁରୀ । ସଂପ୍ରତି ଜଳବାୟୁର ଜ୍ୱାଳାକୁ ରୋକିବାକୁ ନେଇ ବିଭିନ୍ନ ରାଜ୍ୟର ସରକାର ଟ୍ରି-ଆମ୍ବୁଲାନ୍ସ ସେବା ଶୁଭାରମ୍ଭ କରିସାରିଲେଣି । ଯେଉଁଥିରେ ରହିଛନ୍ତି ଉଦ୍ଭିଦ ବିଜ୍ଞାନୀ, ବିଶେଷଜ୍ଞ ଓ ଚିକିତ୍ସକ । ତତ୍‌ସହିତ ଗଛ ପାଇଁ ନାନା ପ୍ରକାର ଔଷଧ ଓ ଆବଶ୍ୟକୀୟ ଉପକରଣ ବି ରହିଛି । ବୃକ୍ଷମାନଙ୍କ ପ୍ରତି ସମ୍ବେଦନଶୀଳ ହୋଇ ସରକାର ଅସୁସ୍ଥ ବୃକ୍ଷମାନଙ୍କ ପ୍ରତି ସେବା ଯୋଗାଇଦେବା ନିହାତି ଆବଶ୍ୟକ ।




## ସଂଗୀତ ଅନୁଷ୍ଠାନ 'ମୂର୍ଚ୍ଛନା'ର ବାର୍ଷିକୋତ୍ସବ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ସଂଗୀତ ଜଗତର ପ୍ରବାଦ ପୁରୁଷ ଅକ୍ଷୟ ମହାନ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ମୂର୍ଚ୍ଛନା'ର ୧୯ତମ ବାର୍ଷିକ ଉତ୍ସବ ଓ ସଂଗୀତ ଉତ୍ସବ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ ସମ୍ମାନୀତ ଅତିଥି ଓ ରାଜ୍ୟ ଶ୍ରମ ଓ କର୍ମଚାରୀ ବୀମା ବିଭାଗର ଅତିରିକ୍ତ ଶାସନ ସଚିବ ନିତିରଞ୍ଜନ ସେନ୍ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। 'ମୂର୍ଚ୍ଛନା'ର ସଭାପତି ତଥା 'ଓଡ଼ିଶା ଭାସ୍କର'ର ମୁଖ୍ୟ ସଂପାଦକ ପ୍ରଦୋଷ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ପରେ ମୁଖ୍ୟ ଉପଦେଷ୍ଟା ବୈଷ୍ଣବ ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପତା କରିଥିଲେ। ଅନୁଷ୍ଠାନର ସଂପାଦକ ତଥା ସଂଗୀତଜ୍ଞ ଅଜୟ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କୁ ସଂଗୀତ ଓ ସାହିତ୍ୟ ପାଇଁ 'ଆଜୀବନ ସାଧନା ସମ୍ମାନ-୨୦୨୩' ପ୍ରଦାନ କରାଯାଇଥିବା ସ୍ଥଳେ ଗୀତିକାର ଗୀତା ଖୁଣ୍ଟିଆଙ୍କୁ 'ଗୀତିକାର ସମ୍ମାନ-୨୦୨୩' ପ୍ରଦାନ କରାଯାଇଥିଲା। ସଂଗୀତ ସାଧନ ପାଇଁ ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମ୍‌ଦାରଙ୍କୁ 'ସଂଗୀତକାର ସମ୍ମାନ-୨୦୨୩' ପ୍ରଦାନ କରାଯାଇଥିଲା। ଏହି ଅବସରରେ 'ମୂର୍ଚ୍ଛନା'ର ମୁଖପତ୍ର ଉନ୍ମୋଚିତ ହେବା ସହିତ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଆଧୁନିକ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଆୟୋଜିତ ସଂଗୀତ ଉତ୍ସବରେ ମହେନ୍ଦ୍ର ଆଚାର୍ଯ୍ୟ, ଅଜୟ ମହାନ୍ତି, ଜୟଶ୍ରୀ ସାହୁ, ଶତରୂପା, ଶୁଭାଶିଷ ଓ ଆର୍ଯ୍ୟ ଆଚାର୍ଯ୍ୟ ପ୍ରମୁଖ କଣ୍ଠ ସଂଗୀତ ପରିବେଷଣ କରିଥିଲେ। ଶେଷରେ ଉପସଭାପତି ଗୋଲକ ଚରଣ ମାର୍ଥା ଧନ୍ୟବାଦ ଅର୍ପଣ କରିଥିଲେ।




STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

SPOT ADMISSION
FOR HOTEL MANAGEMENT COURSES

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years (For Degree) 04 Years (For Honors Degree) | 10+2 pass or equivalent with English one of the subjects (45% marks for Gen/OBC & 40% marks for SC & ST candidates) | No Age Limit |
| 2. Diploma In Front Office Operation | $1\frac{1}{2}$ Year | 10+2 pass or equivalent | |
| 3. Diploma In Food & Beverage Service | $1\frac{1}{2}$ Year | 10+2 pass or equivalent | |
| 4. Diploma In Food Production | $1\frac{1}{2}$ Year | 10+2 pass or equivalent | |
| 5. Diploma In Housekeeping Operation | $1\frac{1}{2}$ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | $1\frac{1}{2}$ Year | 10th pass | |

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9348849484

# ରାଜ୍ୟ ଖବର



ଶୁଳିଆପଦା, (ଭାସ୍କର ନ୍ୟୁଜ): ଶୁଳିଆପଦା ବ୍ଲକ ରେ ମାନନୀୟା ଅଧ୍ୟକ୍ଷା ପାନମଣି ମାରାଣ୍ଡିଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସମସ୍ତ ପଞ୍ଚାୟତ ସମିତି ସଭ୍ୟ ସଭ୍ୟାଙ୍କ ସମ୍ମତିକ୍ରମେ ବ୍ଲକ ସ୍ତରୀୟ କମିଟି ଗଠନ କରିବା ସହ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସଭାପତି ଭାବେ ସୁଶ୍ରୀ କାଜଲ ମାର୍ଣ୍ଡି, ଉପସଭାପତି ଭାବେ ବଡ଼ଭାଲିଆ ସଭ୍ୟ ନବୀନ ଚନ୍ଦ୍ର ହାଁସଦା, ସମ୍ପାଦକ ଭାବେ ଫାନିୟା ସଭ୍ୟ ସରୋଜ କୁମାର ଟୁଡୁ, ସହସମ୍ପାଦକ ଭାବେ କଣ୍ଟିସାହି ସଭ୍ୟା କଳ୍ପନା ତୁଙ୍ଗ,କଷାଧ୍ୟକ୍ଷ ଭାବେ ବାଘଡା ସଭ୍ୟ ଗୌର ମୋହନ ବେଶ୍ରାଙ୍କୁ ସର୍ବ ସମ୍ମତି କ୍ରମେ ବଛା ଯାଇଥିଲା । ସମସ୍ତ ସଭ୍ୟ ସଭ୍ୟା ନିଜ ନିଜର ଦାୟିତ୍ୱ ସୂଚାରୁ ରୂପେ ତୁଲାଇବେ ବୋଲି ମତବ୍ୟକ୍ତ କରିଥିଲେ । ସର୍ବଶେଷରେ ବୈଠକକୁ ସର୍ବସମ୍ମତି କ୍ରମେ ଗଠନ କରିଥିବାରୁ ସଭାକୁ ସଭାପତିତ୍ୱ କରୁଥିବା ଅଧ୍ୟକ୍ଷାଙ୍କୁ ଧନ୍ୟବାଦ ଜଣାଇଥିଲେ ।

## କୁଲାଡ଼ ଜଗନ୍ନାଥଙ୍କ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା



ଭଞ୍ଜନଗର,(ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ତତ୍‌କଳୀନ ଘୁମୁସରର ଐତିହ୍ୟ ସଂସ୍କୃତି ଓ ପରମ୍ପାରର ପୀଠ ଶ୍ରୀଜଗନ୍ନାଥଙ୍କ ମହାସ୍ନାନ ଯାତ୍ରା ପାରମ୍ପରିକ ରିତି ନିତୀରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବ ଦିନ ଭଞ୍ଜନଗର ଉପଜିଲ୍ଲାପାଳ ଯୋତିଶଙ୍କର ରାଏ ଆସି ମହାସାନ୍ନ ଯାତ୍ରା ଯେପରି ଶୃଙ୍ଖଳାର ସହ କରାଯିବ ତାହା ଉପରେ ଆଲୋଚନା କରି ଫେରିଥିଲେ । ରବିବାର ସକାଳେ ମହାପ୍ରଭୁ ଶ୍ରୀଜଗନ୍ନାଥ,ଶ୍ରୀବଳଭଦ୍ର ଓମାସୁଭଦ୍ରାଙ୍କୁ ପାରମ୍ପରିକ ବଧିବିଧାନ ଅନୁଯାଇ ସେବାୟତଙ୍କସହଯୋଗରେ ସମସ୍ତ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା । ପରେ ତିନି ଠାକୁରଙ୍କୁ ସାନ୍ନ ମଣ୍ଡପକୁ ଅଣାଯାଇ ସୁବାସିତ ଜଳରେ ସାନ୍ନ କରାଯାଇଥିଲା । ଏହି ସମୟରେ ସେବାୟତମାନଙ୍କୁ ନେଇ ତିନି ଠାକୁରଙ୍କୁ ମହାସାନ୍ନ ଆରମ୍ଭ କରାଯାଇଥିଲା । ତିନିଠାକୁରଙ୍କ ମହାସାନ୍ନ ଦେଖିବା ପାଇଁ ଶହ ଶହ ଭକ୍ତଙ୍କ ସମାଗମ ହୋଇଥିଲା । ସାନ୍ନ ଉତ୍ସବରେ ତହସିଲଦାର ଅଚ୍ୟୁତ ନନ୍ଦଯାନୀ ଉପସ୍ଥିତ ରହି ତଦାରଖ କରୁଥିଲେ । ମହାସାନ୍ନ ପରେ ମହାପ୍ରଭୁ ଅଣସରଘରକୁ ବିଜେ କରି ୧୫ ଦିନ ବ୍ୟାପି ଜ୍ୱରରେ ପଡିବାର ପରମ୍ପରା ଥିବାରୁ ସେବାୟତମାନେ ପାରମ୍ପରିକ ନୀତି ସୂତ୍ରରେ ସାନ୍ନପୂର୍ଣ୍ଣିମା କାର୍ଯ୍ୟକ୍ରମ ସମ୍ପନ୍ନ କରିଥିଲେ । ଏହି ଯାତ୍ରାରେ କୁଲାଡ଼ ରାଜସ୍ୱ ନିରୀକ୍ଷକ ଓ ସମସ୍ତସେବାୟଟ ସହଯୋଗ କରିଥିଲେ ।

## ଯୁବତୀଙ୍କୁ ହତ୍ୟା ଉଦ୍ୟମ, ଯୁବକ ଗିରଫ

ବ୍ରଜରାଜନଗର,(ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ଇବ ପିଟ ଅଞ୍ଚଳର ଜଣେ ଯୁବତୀଙ୍କୁ ଜୀବନରୁ ମାରି ଦେବା ଉଦ୍ୟମ ଅଭିଯୋଗରେ ପୁଲିସ ଦୁଇ ନମ୍ବର କୁମ୍ଭାର ପଡ଼ାର ଯୋଗେଶ୍ୱର ଦେଓ (୩୨)କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଯୁବକ ଯୁବତୀ ଜଣକୁ ଏକ ତରଫା ଭଲ ପାଉଥିଲା । ହେଲେ ଯୁବତୀ ଜଣକ ଦୁରେଇ ଯାଇଥିଲା । ଯାହା କାରଣରୁ ଗତ କାଲି ଅଭିଯୁକ୍ତ ଯୁବକ ଯୁବତୀ ଜଣକୁ ଗାଳିଗୁଲଜ, ମାଡ଼ ମାରିବା ଏବଂ ହତ୍ୟା ଉଦ୍ୟମ କରୁଥିବା ନେଇ ଥାନାରେ ଯୁବତୀ ଅଭିଯୋଗ କରିଥିଲେ ।

## ଅସୁରେଶ୍ୱରରେ ଫାଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ: ଆଇଜିପିଙ୍କୁ ଭେଟିଲେ ବାସିନ୍ଦା

ସାଲେପୁର,(ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଅସୁରେଶ୍ୱର ଠାରେ ଏକ ନୂତନ ଫାଣ୍ଡି ଖୋଲିବା ପାଇଁ ୨୦୨୧ ମସିହାରେ ପୋଲିସ ବିଭାଗର ବିଭିନ୍ନ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ । ଇତି ମଧ୍ୟରେ ୨୮ମାସ ବିତିଯାଇଥିଲେ ମଧ ଫାଣ୍ଡି ଖୋଲିବା ପାଇଁ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇନାହିଁ । ଫଳରେ ଦିନକୁ ଦିନ ଏ ଅଂଚଳରେ ଅପରାଧ ବଢିବାରେ ଲାଗିଥିବାରୁ ଜନସାଧାରଣରେ ଧନଜୀବନ ଓ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି । ଏଠାରେ କିଭଳି ଯଥାଶୀଘ୍ର ଏକ ଫାଣ୍ଡି ପ୍ରତିଷ୍ଠା କରାଯିବ ସେ ନେଇ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ମୁଖ୍ୟମନ୍ତ୍ରୀ, ୫-ଟି ସଚିବଙ୍କ ନିକଟରେ ଆବେଦନ କରିଥିଲା ବେଳେ କଟକସ୍ଥିତ ଆରକ୍ଷୀ ମହାନିରୀକ୍ଷକ (ଆଇ.ଜି.ପି.)ଙ୍କ କାର୍ଯ୍ୟାଳୟକୁ ଯାଇ ତାଙ୍କୁ ସାକ୍ଷାତ କରି ପୁନର୍ବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ବ୍ଲକ ମଧ୍ୟରେ ଅସୁରେଶ୍ୱର ଏକ ପ୍ରମୁଖ ସ୍ଥାନ ହୋଇଥିବାରୁ ଏହାର ଚର୍ତୁପାର୍ଶ୍ୱରେ ଥିବା କଟିକଟା, କେଂଟାଲୋ, ତରତ, କେରିଲୋ, ଜମରା ଆଦି ପଞ୍ଚାୟତର ଲୋକମାନଙ୍କର ସୁବିଧା ଅସୁବିଧା ନିମନ୍ତେ ଏହା ଉପରେ ନିର୍ଭର କରିଥାଆନ୍ତି । ଅସୁରେଶ୍ୱର ଠାରେ ଏକ ବହୁ ପୁରାତନ ସରକାରୀ ହାଇସ୍କୁଲ, ଉପଡାକଘର, କଲେଜ, ବ୍ୟାଙ୍କ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଜଳସେଚନ କାର୍ଯ୍ୟାଳୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ସର୍ବୋପରି ଦୁଇଟି ପ୍ରସିଦ୍ଧ ଧର୍ମପୀଠ ଦଧିବାମନଜୀଉ ମନ୍ଦିର ଓ ରଘୁନାଥଜୀଉ ମନ୍ଦିର ଏବଂ ଏକ ମସଜିଦ୍ ଅବସ୍ଥିତ । ଏହାଛଡା ଏଠାରେ ଥିବା ବଜାରରେ ୩୦୦ ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲା ବେଳେ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଲୋକ ଏଠାରେ ଚଳପ୍ରଚଳ ହୋଇଥାଆନ୍ତି । ଏହା ଯଦିଓ ନିଶ୍ଚିନ୍ତକୋଇଲି ଥାନା ଅଧିନରେ ରହିଛି ତଥାପି ଥାନାଠାରୁ ଏହାର ଦୂରତା ୧୧ କି.ମି.ରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି । ଏଠାରେ ଯଦି କୌଣସି ଅପ୍ରିତିକର ଘଟଣା ସୃଷ୍ଟି ହୁଏ ତାହାହେଲେ ପୋଲିସ ବହୁ ବିଳମ୍ବରେ ଏଠାରେ ପହଞ୍ଚୁଥିବାରୁ ଘଟଣାକୁ ଆୟତ୍ତ କରିବା ସମ୍ଭବପର ହୁଏ ନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଅତୀତରେ ଏଠାରେ ଗୁଳିକାଣ୍ଡ, ବୋମା ବିସ୍ଫୋରଣ, ଦୋକାନ ଓ ଅଫିସ ପୋଡି, ଲୁଟ୍, ଚୋରି, ଛିନ୍ତାଇ ଭଳି ଘଟଣା ଘଟିଥିଲା ବେଳେ ଚୋରାରେ ବ୍ୟାପକ ନିଶାଦ୍ରବ୍ୟ କାରବାର ମଧ ଚାଲିଛି । ଏହାଛଡା ପ୍ରତ୍ୟେକ ଦିନ ଦୁଇଟି ପ୍ରସିଦ୍ଧ ଧର୍ମପୀଠକୁ ବହୁ ମାନସିକଧାରୀ ଭକ୍ତମାନେ ଆସି ପୂଜାର୍ଚ୍ଚନା କରୁଥିଲେ ମଧ ବିଭିନ୍ନ ସମୟରେ ବିଶୃଙ୍ଖଳିତ ପରିସ୍ଥିତି ଉପୁଜୁଛି । ଏଭଳି ଅପରାଧିକ କାର୍ଯ୍ୟକୁ ଆୟତ କରିବା ପାଇଁ ୨୦୧୮ ମସିହାରୁ ଏଠାରେ ଦୁଇ ଜଣ କନେଷ୍ଟବଲଙ୍କୁ ମଧ କାର୍ଯ୍ୟ କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା । ବର୍ତ୍ତମାନ ଏହାକୁ ବନ୍ଦ କରାଯାଇଛି । ଯାହାଦ୍ୱାରା ଏ ଅଞ୍ଚଳରେ ଅପରାଧିକ ମାମଲା ବଢି ଚାଲିଥିଲା ବେଳେ ଗତ ୧୫ ଦିନ ତଳେ ଏଠାରେ ଘଟିଥିବା ମାରପିଟ୍ ଓ ଦୁଷ୍କର୍ମ ଘଟଣାର ମାମଲା ରୁଜୁ ହୋଇଥିଲେ ମଧ ଅଦ୍ୟାବଧି ପୋଲିସ କାହାରିକୁ ଗିରଫ କରି ନଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏ ଅଂଚଳରେ ଅପରାଧ ନିୟନ୍ତ୍ରଣ କରିବା ପାଇଁ ତୁରନ୍ତ ଏକ ଫାଣ୍ଡି ନଚେତ୍ ବିଟ୍ ହାଉସ ଖୋଲିବା ପାଇଁ ସ୍ଥାନୀୟ ସରପଞ୍ଚ ଗୌତମୀ ଦାସ, ବରିଷ୍ଠ ନାଗରିକ ରାଜକୁମାର ବେହେରା, ନିରଞ୍ଜନ ସାହୁ, ସାମ୍ବାଦିକ ସୀତାନାଥ ସିଂ, ଯୁବନେତା ଅନନ୍ତ କୁମାର ଦାସ, ବିଦ୍ୟାଧର ଦାସ, ଗୋବିନ୍ଦ ପ୍ରସାଦ ସିଂ, ସଞ୍ଜୟ ବେହେରାଙ୍କ ସମେତ ଏ ଅଞ୍ଚଳ ବାସିନ୍ଦା ଆରକ୍ଷୀ ମହାନିରୀକ୍ଷକ ଆଶିଷ କୁମାର ସିଂଙ୍କ ନିକଟରେ ଦାବି କରିଛନ୍ତି ।

## ପୋଖରୀରେ ବୁଡି ବୃଦ୍ଧାଙ୍କ ମୃତ୍ୟୁ

ଭଞ୍ଜନଗର,(ଭାସ୍କର ନ୍ୟୁଜ୍): ଭଞ୍ଜନଗର ଥାନା ଅନ୍ତର୍ଗତ ଭାଲିଆଖାଇ ଗ୍ରାମର ଜମ୍ବୁ ବେହେରା ପୋଖରୀରେ ବୁଡି ମୃତ୍ୟୁ ଘଟିଛି । ଏହି ଘଟଣାକୁ ନେଇ ଭଞ୍ଜନଗର ଥାନା କେସଂନଂ୧୯/୨୩ରେ ଅପମୃତ୍ୟୁ ମାମଲାଳରୁଜୁ କରାଯାଇଥିବା ଭଞ୍ଜନଗର ଥାନା ଅନ୍ତର୍ଗତ ଧୀରେଶ କୁମାର ଦାସ ସୁଚନା ଦେଇଛନ୍ତି । ଖବର ନେବାରେ ଜମ୍ବୁ ସକାଳୁ ଉଠି ଗ୍ରାମ ନିକଟରେ ଥିବା ପୋଖରୀକୁ ଶୌଚ ହେବାକୁ ଯାଇଥିବା ବେଳେ ଅସାବଧାନତା ଯୋଗୁଁ ପୋଖରୀରେ ପଡିଯାଇଥିଲେ । ଉକ୍ତପୋଖରୀରେ ବହୁତ ପାଣି ରହିଥିବାରୁ ବାହାରକୁ ଆସି ପାରି ନ ଥିଲେ ଯାହା ଫଳରେ ପାଣି ଭିତରେ ବୁଡି ଯାଇଥିଲେ । ବହୁ ସମୟ ଧର ଜମ୍ବୁ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଜମ୍ବୁର ସନ୍ଧାନ ପାଇ ପାରିନଥିଲେ ପରିବାର ଲୋକେ । କିଛି ସମୟ ପରେ ଜମ୍ବୁର ମୃତଦେହ ପୋଖରୀରେ ଭାସୁଥିବାର ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେବା ପରେ ଘଟଣାସ୍ଥଳରେ ପହଞ୍ଚି ଭଞ୍ଜନଗର ପୋଲିସ କୁ ଖବର ଦେବା ପରେ ପୋଲିସ ପହଞ୍ଚି ଜମ୍ବୁର ଶବକୁ ଜବତ କରିବା ସହ ତଦନ୍ତକରି ବ୍ୟବଚ୍ଛେଦ ଗୃହକୁ ପଠାଇ ଦିଆଯାଇଥିଲା । ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଜମ୍ବୁମୃତ ଦେହକୁ ହସ୍ତାନ୍ତର କରାଯାଇଥିଲା ।

## କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ +୩ ଶେଷବର୍ଷର ପରୀକ୍ଷାଫଳ ପ୍ରକାଶିତ

କରଞ୍ଜିଆ,(ଭାସ୍କର ନ୍ୟୁଜ୍): କରଞ୍ଜିଆ ସ୍ୱୟଂ ଶାସିତ ମହାବିଦ୍ୟାଳୟ +୩ ବର୍ଷର ପରୀକ୍ଷାଫଳ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତ, ପରୀକ୍ଷା ନିୟନ୍ତକ ସତ୍ୟବ୍ରତ ସାହୁ, ଉପ ପରୀକ୍ଷା ନିୟନ୍ତକ କନକ ଲତା ସୋରେନ ଓ ଗୀତାଞ୍ଜଳି ବିର୍ଡିଆ ତଥା ସାମ୍ବାଦିକ ମାନଙ୍କ ଉପସ୍ଥିତିରେ ପ୍ରକାଶ କରିଛଅନ୍ତି । ଚଳିତ ବର୍ଷ ବେଷ୍ଟ ଗ୍ରାଜୁଏଟ ବିଜ୍ଞାନ ବିଭାଗର ଛାତ୍ରୀ ମୋଟ ୨୬୦୦ ନମ୍ବରରୁ ୨୩୪୩ ନମ୍ବର ରଖି ଶ୍ରେଷ୍ଠ ବିବେଚିତ ହୋଇଅଛନ୍ତି । ତେବେ ଚଳିତ ବର୍ଷ +୩ କଳା ବିଭାଗରେ ମୋଟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯୪ ଜଣ ପାସ ହୋଇଛନ୍ତି । କଳାରେ ପାସ ହାର ୮୩.୯୮% ହୋଇଥିବା ବେଳେ ବିଜ୍ଞାନରେ ମୋଟ ପରୀକ୍ଷାର୍ଥୀ ୧୪୨ ଜଣ ଥିବାବେଳେ



୧୩୬ ଜଣ କୃତକାର୍ଯ୍ୟ ହୋଇଛଅନ୍ତି ମୋଟ ପାଶହାର ୯୫.୭୭% ଅଛି ଓ ବାଣିଜ୍ୟ ବିଭାଗରେ ମୋଟ ୩୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୧ ଜଣ ପାସ ହୋଇଛଅନ୍ତି ବାଣିଜ୍ୟରେ ମୋଟ ପାସହାର ୬୭.୭୪% ହୋଇଛି । ମୋଟ ପରୀକ୍ଷାର୍ଥୀ ୪୦୮ ଜଣଙ୍କ ମଧ୍ୟରୁ ୩୫୧ ଜଣ ସଫଳ ହୋଇଛଅନ୍ତି ଚଳିତ ବର୍ଷ ମୋଟ ପାସ ହାର ୮୬.୦୨%.ସଫଳ ହୋଇଥିବା ଛାତ୍ର ଛାତ୍ରୀଙ୍କ ମଧ୍ୟରେ କଳାରେ ଶୁଭଶ୍ମିତା ଦାଶ, ବିଜ୍ଞାନରେ ସୋଲାନି ମିଶ୍ର ଓ ବାଣିଜ୍ୟରେ ଗୁଲନାଜ ପରବିନ ଟପର ହୋଇ ଶ୍ରେଷ୍ଠ ଗ୍ରାଜୁଏଟ ହୋଇଛଅନ୍ତି । ସେହିପରି କଳା ସମ୍ମାନ ବିଭାଗରେ ଯଥାକ୍ରମେ ଇଂରାଜୀ ବିଭାଗରେ ବିନ୍ଦୁଲତା ପାତ୍ର, ଅର୍ଥଶାସ୍ତ୍ର ବିଭାଗରେ ସତ୍ୟଜିତ ସାହୁ, ଇତିହାସ ବିଭାଗରେ ଲାଲଟୁ ନାଏକ, ଓଡ଼ିଆ ବିଭାଗରେ ଗୀତାଞ୍ଜଳି ମହାକୁଡ଼, ଫିଲସୋଫି ବିଭାଗରେ ମାୟା ମୁର୍ମୁ, ରାଜନୀତି ବିଜ୍ଞାନରେ ଡ଼ଙ୍ଗୀ ମାଝୀ, ସଂସ୍କୃତ ବିଭାଗରେ ଶୁଭସ୍ମିତା ଦାଶ ଓ ସୋସିଓଲୋଜି ବିଭାଗରେ ସରୋଜିନୀ ମହାନ୍ତ ଟପର ହୋଇଛନ୍ତି ସେହିପରି ବିଜ୍ଞାନବିଭାଗ ସମ୍ମାନ ଶ୍ରେଣୀରେ ବଟାନି ବିଭାଗରେ ପ୍ରିୟଙ୍କା ବାରିକ, କେମେଷ୍ଟ୍ରି ବିଭାଗରେ ସୋଲାନି ମିଶ୍ର, ଗଣିତ ବିଭାଗରେ ପଙ୍କଜ କେଶ ମହାନ୍ତ ଓ ଜଲଜି ବିଭାଗରେ ନନ୍ଦିତା ମହାନ୍ତ ଓ ଫିଜକସ ବିଭାଗରେ ଶୁଚିସ୍ମିତା ମହାନ୍ତ ଟପର ହୋଇଛଅନ୍ତି. ଚଳିତ ପରୀକ୍ଷାରେ ବାଣିଜ୍ୟ ବିଭାଗରେ ଗୁଲନାଜ ପରବିନ ଟପର ହୋଇଥିବା ସୂଚନା ଦେଇଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତ ।

## ମାଡ଼ପିଟ୍ କରିବା ଅଭିଯୋଗରେ ଯୁବକ ଗିରଫ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ): ବ୍ରଜରାଜନଗର ଓପିଏମ କଲୋନୀରେ ରହୁଥିବା ଜଣେ ସ୍ୱାମୀ ପରିତ୍ୟକ୍ତ ମହିଳାଙ୍କୁ ଶଙ୍କର ଦାଶ (୩୨) ନାମକ ଜଣେ ଯୁବକ ମାଡ଼ ମାରିବା ଅଭିଯୋଗରେ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଓପିଏମ କଲୋନୀରେ ରହୁଥିବା ଜୈନିକ ସ୍ୱାମୀ ପରିତ୍ୟକ୍ତ ମହିଳାଙ୍କୁ ଅଭିଯୁକ୍ତ ଯୁବକ ପ୍ରେମ କରି ସ୍ତ୍ରୀ ରୂପେ ଗ୍ରହଣ କରିଥିଲା । ହେଲେ ପରବର୍ତ୍ତୀ ସମୟରେ ଶଙ୍କର ନିଶାଶକ୍ତ ଅବସ୍ଥାରେ ମାଡ଼ପିଟ କରୁଥିଲା । ଅସହ୍ୟ ହେବା ପରେ ମହିଳା ଜଣକ ଶେଷରେ ବ୍ରଜରାଜନଗର ଥାନାରେ ଗତକାଲି ରାତିରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ତରଫରୁ ମାମଲାର ଅନୁସନ୍ଧାନ ପରେ ଅଭିଯୁକ୍ତ ଜଣକୁ ଗିରଫ କରିଥିବା ସୂଚନା ମିଳିଛି ।

## ଟ୍ରେନ ଟ୍ରାଜେଡିକୁ ନେଇ ବ୍ରହ୍ମପୁର ପ୍ରେସ କ୍ଲବ ପକ୍ଷରୁ ଶୋକସଭା




ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲା ବାହାନଗା ଠାରେ ଘଟି ଯାଇଥିବା ହୃଦୟ ବିଦାରକ ଟ୍ରେନ ଦୁର୍ଘଟଣା କୁ ନେଇ ବ୍ରହ୍ମପୁର ପ୍ରେସ କ୍ଲବ ପକ୍ଷରୁ ଶୋକ ସଭା ଅନୁଷ୍ଠିତ । ଏହି ଅବସରରେ ସ୍ଥାନୀୟ ଗାନ୍ଧୀ ଛକ ମଧୁବାବୁ ଙ୍କ ପ୍ରତିମୂର୍ତ୍ତି ତଳେ କ୍ୟାଣ୍ଡେଲ ଜାଳି ୨ ମିନଟ ନୀରବ ପ୍ରାର୍ଥନା କରିଥିଲେ । ଏହି ଅବସରରେ ଉଦ୍ଧାର ସମୟରେ ସ୍ଥାନୀୟ ସାମ୍ବାଦିକ ଓ ଜନସାଧାରଣ ଭୂମିକାକୁ ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ । ସେହିପରି ଉକ୍ତ ଦୁର୍ଘଟଣା ସମୟରେ ବାଲେଶ୍ୱର ରେ ଯେଉଁଭଳି ଭାବେ ରକ୍ତର ଅଭାବ କୁ ଦୂର କରିବା ପାଇଁ ଜନ ସାଧାରଣ ହାତ ବଢ଼ାଇଥିଲେ ତାହାକୁ ମଧ ପ୍ରଶଂସା କରିଥିଲେ । ଏହା ସହିତ ଆଗାମୀ ବୁଧବାର ଦିନ ରକ୍ତ ସଙ୍କଟ ଦୂର କରିବା ପାଇଁ ବ୍ରହ୍ମପୁର ପ୍ରେସ କ୍ଲବ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜନ କରିବା ପାଇଁ ମତ ବ୍ୟକ୍ତ କରିଥିଲେ । ଆଜିର ଏହି ଶୋକ ସଭାରେ ବ୍ରହ୍ମପୁରର ପ୍ରେସ କ୍ଲବ ସଭାପତି ଗୋପାଳ ପଟ୍ଟନାୟକ, ଜଗନ ମୋହନ ମହାପାତ୍ର, ମନୋଜ କାନ୍ତ ଦାସ, ନାରାୟଣ ମହାଙ୍କୁଡ଼, ସମୀର ଆଚାର୍ଯ୍ୟ, ସୁଦୀପ ସାହୁ, ଶିବରାମ ଚୌଧୁରୀ, ଦଣ୍ଡପାଣି ପ୍ରଧାନ, ଆଶିର୍ବାଦ ରାଉତ, ଗୋପାଳ ରେଡ୍ଡୀ, ପିତାମ୍ବର ନାହାକ, ସନ୍ୟାସୀ ଗୌଡ଼, ସୁବ୍ରମଣ୍ୟମ ସ୍ୱାମୀ, କିରଣ ମିଶ୍ର, ସ୍ୱାଧୀନ ସାହୁ, ଉମା ଶଙ୍କର ମିଶ୍ର, ଶିବ ପଣ୍ଡା, ଅନନ୍ତ ରାମ ପ୍ରଧାନ, ଶୁଭେନ୍ଦୁ ସାହୁ, ସଞ୍ଜୟ ସାହୁ, ଲଡୁ କିଶୋର ପାତ୍ର, ହିମାଂଶୁ ସାବତ, ଗୌରୀ ଶଙ୍କର ମିଶ୍ର, ନିର୍ମଳ ସାହୁ, ଅଭିଜିତ କର, ପ୍ରଶାନ୍ତ ପ୍ରତିନିଧି, ରୂପକ ମହାନ୍ତି, ଦୟାନନ୍ଦ ସାହୁ, ଝିଲି ସାହୁ, ବିଘ୍ନରାଜ ମହାପାତ୍ର ସୁଶାନ୍ତ ସାବତ, ମହେଶ ତ୍ରିପାଠୀ, ଅନିଲ ପାତ୍ରଙ୍କ ସମେତ ବହୁ ସାମ୍ବାଦିକ ଓ ସ୍ଥାନୀୟ ବାସିନ୍ଦାମାନେ ଉପସ୍ଥିତ ଥିଲେ ।

## ରାଉରକେଲା ଇସ୍ପାତ କାରଖାନାରେ: ପ୍ରକୃତି ସହ ସୁସମନ୍ୱୟରେ ଇସ୍ପାତ ନିର୍ମାଣ

ରାଉଲକେଲା,(ଭାସ୍କର ନ୍ୟୁଜ୍):ଜୁନ୍ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳନ ପାଇଁ ସାରା ବିଶ୍ୱ ଏକତ୍ରିତ ହେଉଥିବା ବେଳେ ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ନିରବଚ୍ଛିନ୍ନ ଭାବରେ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ ପୂର୍ବକ ସ୍ଥାୟୀ ପରିବେଶ ଅନୁକୂଳ ଇସ୍ପାତ ଉତ୍ପାଦନରେ ବ୍ରତୀ ହେବା ଏବଂ ପରିବେଶ ପରିଚାଳନା ଦାୟିତ୍ୱ ସଠିକ ନିର୍ବାହ ପାଇଁ ପ୍ରତିବଦ୍ଧତାକୁ ଦୋହରାଉଛି । ପରିବେଶ ଦାୟିତ୍ୱ ପାଇଁ ଆରଏସପିର ଉତ୍ସର୍ଗୀକୃତତା ଏହାର ଶକ୍ତିଶାଳୀ ଉତ୍ପାଦନ କ୍ଷମତାର ସମତାଳରେ ଗତିକରୁଛି । ଇସ୍ପାତ କାରଖାନା ଏହାର ପରିବେଶ ଫୁଟପ୍ରିଣ୍ଟକୁ କମ୍ କରିବା, ପ୍ରଦୂଷଣ ହ୍ରାସ କରିବା ଏବଂ ମୂଲ୍ୟବାନ ପ୍ରାକୃତିକ ସମ୍ପଦ ସଂରକ୍ଷଣ କରିବା ପାଇଁ ଅନେକ ଅଭିନବ ପଦକ୍ଷେପ ସଫଳତାର ସହ କାର୍ଯ୍ୟକାରୀ କରିଛି । ଏହି ପଦକ୍ଷେପଗୁଡ଼ିକ ନା କେବଳ ସବୁଜ ଭବିଷ୍ୟତ ସୁନିଶ୍ଚିତ କରିବାରେ ସହାୟକ ହେଉଛି ବରଂ ପରିବେଶ ଅନୁପାଳନର ସର୍ବୋଚ୍ଚମାନକୁ ମଧ ସୁନିଶ୍ଚିତ କରୁଛି । ବାୟୁ ପ୍ରଦୂଷଣ ରୋକିବା ପାଇଁ ଇଲେକ୍ଟ୍ରୋଷ୍ଟାଟିକ୍ ପ୍ରେସିପିଟେଟର, ବ୍ୟାଗ୍ ହାଉସ୍, ମଲ୍ଟି ସାଇକ୍ଲୋନ୍, ଧୂଳି ଦମନ ପ୍ରଣାଳୀ ଏବଂ ୱେଟ ସ୍କ୍ରବର୍ ଭଳି ବିବିଧ ବ୍ୟବସ୍ଥା ପ୍ରତିଷ୍ଠା କରାଯାଇଛି । ଆର୍‌ଏସ୍‌ପି ଜିରୋ ଡିସଚାର୍ଜ ପ୍ଲାଣ୍ଟରେ ରୂପାନ୍ତରିତ ହେବା ପାଇଁ ଦୃତ ଅଗ୍ରସର ହୋଇ ଟ୍ରିଟମେଣ୍ଟ ସିଷ୍ଟମ-୧ ର ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି । ସୂଚନାଯୋଗ୍ୟ ଯେ, ସମଗ୍ର ସେଲ ମଧ୍ୟରେ ପ୍ରଥମ ୟୁନିଟ ରୂପେ ଆରଏସପିରେ କାର୍ଯ୍ୟକାରୀ ହେଉଥିବା ଟ୍ରିଟମେଣ୍ଟ ସିଷ୍ଟମ-୧ ଅନନ୍ୟ ପଦକ୍ଷେପ ୧୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଛି ଏବଂ ଚଳିତ ବର୍ଷ ଶେଷ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବା ଧାର୍ଯ୍ୟ ହୋଇଛି । ଅତ୍ୟାଧୁନିକ ବାର୍ଷିକ ୩ ନିୟୁତ ଟନ କ୍ଷମତା ସମ୍ପନ୍ନ ନୂତନ ହଟ୍ ଷ୍ଟ୍ରିପ୍ ମିଲ୍-୨ ମଧ୍ୟ ଶୂନ୍ୟ ବର୍ଜ୍ୟଜଳ ତତ୍ତ୍ୱ ଉପରେ ଆଧାରିତ ହୋଇ ନିର୍ମିତ ହୋଇଛି । ୨୦୨୨ ଅକ୍ଟୋବର ମାସରେ ଆରଏସପିର ବିଭିନ୍ନ ୟୁନିଟର ସ୍ୱେରେଜ ଜଳ ବିଶୋଧନ ଏବଂ ଆଉଟଫଲ-୭ ମାଧ୍ୟମରେ ଡିସଚାର୍ଜ କରିବା ପାଇଁ ଏକ ଅତ୍ୟାଧୁନିକ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଛି । ବିଶୋଧିତ ସ୍ୱେରେଜ୍ ନିଷ୍କାସନ ପାଇଁ କେନ୍ଦ୍ରୀୟ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଧାର୍ଯ୍ୟ ହୋଇଥିବା ସର୍ବଶେଷ ନିୟମକୁ ପୂରଣ କରିବା ପାଇଁ ଏହା ନିର୍ମାଣ କରାଯାଇଛି । କୋଲ କେମିକଲ ବିଭାଗରେ ଦୈନିକ ୪ ନିୟୁତ ଲିଟର ବିଶୋଧନ କ୍ଷମତା ବିଶିଷ୍ଟ ଏକ ବର୍ଜ୍ୟ ଜଳ ବିଶୋଧନ ପ୍ଲାଣ୍ଟ ସ୍ଥାପନା ଏହାର ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏହି ପ୍ରକଳ୍ପ ୩୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଛି । କ୍ରମାଗତ ଉନ୍ନତି ସାଧନ ପାଇଁ ସଂଶୋଧନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବିଭିନ୍ନ ପରିବେଶ ପରିମାପକତା ଗୁଡିକର ନିୟମିତ ନିରୀକ୍ଷଣ, ନମୁନା ସଂଗ୍ରହ ଏବଂ ବିଶ୍ଳେଷଣ ମଧ କରାଯାଉଛି । ମନିଟରିଂ ଷ୍ଟେସନଗୁଡିକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସର୍ଭରଗୁଡ଼ିକ ସହିତ ସଂଯୋଗ କରାଯାଇଛି । ଫଳାଫଳଗୁଡିକ ନିୟମିତ ବିଶ୍ଳେଷଣ କରାଯାଉଛି ଏବଂ ପରିବେଶ ପ୍ରଦୂଷଣକୁ କମ୍ କରିବାକୁ ପ୍ରତିଷେଧକ ପଦକ୍ଷେପ ନିଆଯାଉଛି । ସବୁଜ ଜ୍ଞାନକୌଶଳ ଏବଂ ଶକ୍ତି ନିପୁଣ ପ୍ରକ୍ରିୟା ଗୁଡିକର ଗ୍ରହଣ ପୂର୍ବକ କାର୍ବନ ନିର୍ଗମନରେ ଉଲ୍ଲେଖନୀୟ ହ୍ରାସ ଆରଏସପିର ସଫଳ ପରିବେଶ ପରିଚାଳନାର ଫଳାଫଳ ଅଟେ । ଶକ୍ତି ବ୍ୟବହାରକୁ ସର୍ବଶ୍ରେଷ୍ଠ କରିବା ପାଇଁ କାରଖାନା ଅତ୍ୟାଧୁନିକ ପ୍ରଣାଳୀ ପ୍ରୟୋଗ କରୁଛି ଯାହାର ଫଳ ସ୍ୱରୂପ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନରେ ଯଥେଷ୍ଟ ହ୍ରାସ ଘଟିଛି । ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦି ମୁର୍ମୁଙ୍କ ଠାରୁ ସମନ୍ୱିତ ଇସ୍ପାତ କାରଖାନା ବର୍ଗରେ ଜାତୀୟ ଶକ୍ତି ସଂରକ୍ଷଣ ପୁରସ୍କାର ଅନ୍ତର୍ଗତ ପ୍ରଥମ ପୁରସ୍କାର ଗ୍ରହଣ ଆରଏସପିର ଆପେକ୍ଷିକ ଶକ୍ତି ଉପଯୋଗ ହ୍ରାସ କରିବା ଏବଂ ତଦ୍ୱାରା ଅଙ୍ଗାରକାମ୍ଳ ପଦଚିହ୍ନ ହ୍ରାସ କରିବା ପାଇଁ ପ୍ରୟାସର ଏକ ପ୍ରତିଫଳନ ଅଟେ । ଏଥିସମେତ ଆରଏସପି ବ୍ୟାପକ ବୃକ୍ଷରୋପଣ ଜାରିରଖିଛି । ଏପର୍ଯ୍ୟନ୍ତ ଏହାର ପରିସର ତଥା ଏହାର ଆଖପାଖରେ ଆରଏସପି ୫୨ ଲକ୍ଷରୁ ଅଧିକ ବୃକ୍ଷ ରୋପଣ କରିଛି, ଯାହା ଦ୍ୱାରା ଜୈବ ବିବିଧତା ପରିପୃଷ୍ଟ ହେବା ସହ ବାୟୁ ଗୁଣବତ୍ତାରେ ମଧ ଉନ୍ନତି ସାଧିତ ହୋଇଛି । ରାଉରକେଲାର ଇସ୍ପାତ ସହରର ସ୍ୱଚ୍ଛ ସବୁଜ ବାତାବରଣ ଏହି ଧରା ପୃଥିବୀ ପ୍ରତି ଆରଏସପିର ପ୍ରତିବଦ୍ଧତାର ଏକ ଜ୍ୱଳନ୍ତ ଉଦାହରଣ ଅଟେ ।

## ଗଞ୍ଜାମ ଜିଲ୍ଲା ଷୋହୋଳ ଖଣ୍ଡ ଗୋପାଳ ସମାଜ ମହାସମ୍ମିଳନୀ ଦିବସ ପାଳିତ


ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଶୋହୋଳ ଖଣ୍ଡ ଗୋପାଳ ବଡଗଡ 'କ' ତାଲୁକା କୁଳ ଗୃହ ବଡଗଡ ଠାରେ ଜିଲ୍ଲା ସଭାପତି ନନ୍ଦ କିଶୋର ମହାଙ୍କୁଡଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ସମାଜ ସେବୀ ପ୍ରମୋଦ କୁମାର ପଟ୍ଟନାୟକ, ଆସିକା ସମବାୟ ବେଙ୍କର ନିର୍ଦ୍ଦେଶକ ବସନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ୍ଲ କୁମାର ଗୌଡ଼,ଆସିକା ଚିନି କଳ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପଣ୍ଡା,ବଡଗଡ ଥାନା ଅଧିକାରୀ ସୁରଜ୍ ଝଙ୍କାର ,ହରଭଙ୍ଗି ସମ୍ପାଦକ ବାଇଧର ସ୍ୱାଇଁ,ଆଇନଜୀବି ଶିବପ୍ରସାଦ ବାହିନୀ ପତି,କଳିପଣ୍ଡା ବିଶିଷ୍ଟ ଅତିଥି ଭାବରେ ଯୋଗ ଦେଇ ସମାଜକୁ କିଛି ଉଦବୋଧନ ଦେଇଥିଲେ । ବିଜୟ କୁମାର ଗୌଡ଼ ଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଆୟୋଜନ ହୋଇଥିଲା । ଜିଲ୍ଲା ସମ୍ପାଦକ ନାରାୟଣ ମହାଙ୍କୁଡ ଅତିଥି ପରିଚୟ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲା ସଭାପତି ଖଦାଳ ଗୌଡ଼, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଧ୍ରୁବା ଗୌଡ଼,



ଉପସଭାପତି ଶିବରାମ ଗୌଡ଼, ସାରଥୀ ପ୍ରସାଦ ଗୌଡ଼, କୋଷାଧ୍ୟକ୍ଷ ଅରୁଣ କୁମାର ଗୌଡ଼, ସହ ସମ୍ପାଦକ, ନରସିଂହ ଗୌଡ଼, ଶତ୍ରୁଘ୍ନ ଗୌଡ଼, ସମୀକ୍ଷକ କମେଶ୍ୱର ଗୌଡ଼, ଜିଲ୍ଲା ଉପଦେଷ୍ଟା, ଉଲ୍ଲାସ ଗୌଡ଼, କୈଳାଶ ଚନ୍ଦ୍ର ଗୌଡ଼, ସୁବାସ ଗୌଡ଼, ରମେଶ ଗୌଡ଼ ଯୋଗଦେଇ ସମାଜରେ କିପରି ଯୁଗ ଉପଯୋଗୀ, ସରକାରଙ୍କ ବିଭିନ୍ନ ଯୋଜନା ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ, ଗୋପାଳ ସମାଜରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା କିପରି ଅଭିବୃଦ୍ଧି ହେବ ଏହା ନିଜ ନିଜ ମନ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟ କ୍ରମରେ ମେଧାବୀ ଛାତ୍ର ଛାତ୍ରୀ, ଓ ବିଭିନ୍ନ ଦିଗରେ କୃତିତ୍ୱ ଆଣିଥିବା ସମାଜର ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଇଥିଲା । ଗଞ୍ଜାମ ଜିଲ୍ଲାର ୨୬ ଗୋଟି ତାଲୁକା ମଧ୍ୟରୁ ଉକ୍ତ କାର୍ଯ୍ୟକ୍ରମରେ ୨୦ଗୋଟି ତାଲୁକା ଯୋଗ ଦେଇଥିଲେ । ଯଥା ରାଜପୁର, ମଞ୍ଜୁଷା, ଜଳନ୍ତର, ବୁଢ଼ାରସିଂ, ଜରଢା, ସୁରଙ୍ଗି, ଚିକିଟି, ସାନଖେମୁଣ୍ଡି, ମହୁରୀ, ପୂର୍ବଖଣ୍ଡ, ଧରାକୋଟ, ଶେରଗଡ଼, ବଡଗଡ, (କ, ଖ)ସୁରଡା, ଖାଲସା,ର ମୁଖ୍ୟ କର୍ମକର୍ତ୍ତା ଯୋଗଦେଇଥିଲେ, । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସମାଜର ସଭାପତିମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଯଥା ଉତ୍ର କଳଙ୍କିର ବିପ୍ର ଚରଣ ସ୍ୱାଇଁ, କୁଧୁମ୍ବ ସମାଜର କ୍ଷୀରୋଦ ଚନ୍ଦ୍ର ପ୍ରଧାନ ବାରିକ ସମାଜର ସରୋଜ କୁମାର ଡାକୁଆ କୁମ୍ଭର ସମାଜର ଭିକାରୀ ଚରଣ ବୈଶ୍ୟ ସମାଜର ଅଶୋକ କୁମାର ପାତ୍ର ବଣିକ ସମାଜର ଶୁଭା ରାଓ ଯୋଗଦେଇଥିଲେ । ପ୍ରାୟ ୧୨୦୦୦ ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଯୋଗ ଦେଇଥିଲେ । ପ୍ରତିଷ୍ଠା ଉଛବରେ ଅଙ୍କୁରା ରୋପନ, ମଣ୍ଡଳୀ, କଳସ ଯାତ୍ରା, ସୂର୍ଯ୍ୟ ପୂଜା, ନାମ ଯଜ୍ଞ, ହୋମ, ମହାସଭା, ଗୃହ ପ୍ରତିଷ୍ଠା, ସାସ୍ଙୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା, ଏଥିରେ ବିଭିନ୍ନ ତାଲୁକାର ମୁଖ୍ୟ କର୍ମ କର୍ତା ମାନେ ଯୋଗ ଦେଇଥିଲେ ଯଥା ମହିନି ମୋହନ ଗୌଡ଼, ବାବୁଲା ଗୌଡ଼, କାମରଜୁ ଗୌଡ଼, ବାଭାନି ଗୌଡ଼, ତ୍ରିନାଥ ଗୌଡ଼, କବିରାଜ ଗୌଡ଼, ରଘୁନାଥ ଗୌଡ଼, ରାଜେନ୍ଦ୍ର ଗୌଡ଼, ପୂର୍ଣ୍ଣ ଗୌଡ଼, ପ୍ରଫୁଲ୍ଲ ଗୌଡ଼, ଶିବ ଗୌଡ଼, ବୁଲୁ ଗୌଡ଼, ଦମ୍ଭରୁ ଗୌଡ଼ ସିମାଞ୍ଚଳ ଗୌଡ଼, ଧ୍ରୁବାଗୌଡ, ଦେବରାଜ ଗୌଡ଼, କବିରାଜ ଗୌଡ଼, ଯୋଗଦେଇଥିଲେ ଅନ୍ୟ ମାନକ ମଧ୍ୟରେ ବଡଗଡ ତାଲିକାର ଉପସଭାପତି କାହ୍ନୁ ଗୌଡ଼,ସମ୍ପାଦକ ନୀଳମଣି ଗୌଡ଼, ସହ ସମ୍ପାଦକ ଶଙ୍କର ପ୍ରସାଦ ଗୌଡ଼, କୋଷାଧକକ୍ଷ ବିଶ୍ୱନାଥ ଗୌଡ଼ ସମୀକ୍ଷକ ପ୍ରଭାକର ଗୌଡ଼ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କରଞ୍ଜିଆ (ଭାସ୍କର ନ୍ୟୁଜ୍): ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସ୍ୱରୂପ ଗୁରୁ ହେଉଛନ୍ତି ଚିରନମସ୍ୟ । କେବଳ ଶ୍ରେଣୀ କୋଠରୀରେ ନୁହେଁ ପ୍ରତିଟି ସମୟରେ ଗୁରୁ ଶିଷ୍ୟଙ୍କୁ ଆଗେଇ ନେବା ନିମନ୍ତେ ଆପ୍ରାଣ ଉଦ୍ୟମ କରି ଥାଆନ୍ତି ।ସେହି ଗୁରୁଙ୍କର ଅବସର ଗ୍ରହଣ ଶିକ୍ଷା ରୂପକ ମନ୍ଦିରର ଏକ ବିରାଟ ଶୂନ୍ୟସ୍ଥାନ କହିଲେ ଅତ୍ୟୁକ୍ତି ହେବନାହିଁ ।ଶୁକ୍ରୁଳି ବ୍ଲକ ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ କୁଦାସକ୍ଷହିରୁ ଶିକ୍ଷୟିତ୍ରୀ ପ୍ରେମଲତା ନାୟକ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କାଶୀପାଳରୁ ଶିକ୍ଷକ ପ୍ରବୀଣ ଶେଖର ମହାନ୍ତି, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଳଦିଆରୁ ଶିକ୍ଷକ ଡଃ ଚନ୍ଦ୍ର ଶେଖର ଦାସ ,ଉଚ୍ଚ ବିଦ୍ୟାଳୟ ସିଙ୍ଗଡ଼ାରୁ ଶିକ୍ଷକ କେଦାରନାଥ ଘଣକ୍ଷ, ଫୁଲମତି ହେମ୍ବ୍ରମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକ ଟିଙ୍କେଶ୍ୱର ଘଣକ୍ଷ ଅବସର ଗ୍ରହଣ କରି ଅଛନ୍ତି ।ଅବସର ଗ୍ରହଣ କରିଥିବା ଶିକ୍ଷକ ଗଣ ଙ୍କୁ ମିଳିତ



ପ୍ରାଥମିକ ଶିକ୍ଷକ ସଂଘ ଶୁକ୍ରୁଳି ତରଫରୁ ମା କିଚକେଶ୍ୱରୀ ମନ୍ଦିର ଖିଚିଂ କଲ୍ୟାଣ ମଣ୍ଡପରେ ଆୟୋଜିତ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ସଂଘର ସଭାପତି ତାପସ କୁମାର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ପ୍ରାକ୍ତନ ଶିକ୍ଷା ଅନୁ ନିରୀକ୍ଷକ ଶୁକ୍ରୁଳିର ଶ୍ରୀଯୁକ୍ତ କୀର୍ତ୍ତନ ଚନ୍ଦ୍ର ନାୟକ, ବିଶିଷ୍ଟ ଅତିଥି ରୂପେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଶିକ୍ଷକ ସଂଘର ସଭାପତି ଶ୍ରୀଯୁକ୍ତ ଚାରୁ ଚନ୍ଦ୍ର ନାଏକ, ମୁଖ୍ୟବକ୍ତା ରୂପେ ରରୁଆଁ ବ୍ଲକର ଅତିରିକ୍ତ ଶିକ୍ଷା ଗୋଷ୍ଠୀ ଅଧିକାରୀ ସୁରେନ୍ଦ୍ର ନାଥ ରାଉତ ,ସମ୍ମାନିତ ଅତିଥି ରୂପେ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ମୋହିନୀ ପାତ୍ର ଏବଂ ପ୍ରଧାନ ଶିକ୍ଷକ ସବୁଜ କୁମାର ଗିରି ଯୋଗ ଦେଇ ଅବସର ଗ୍ରହଣ କରିଥିବା ଶିକ୍ଷକ ମାନଙ୍କର ଆଦର୍ଶତକ୍ଷକୁ ଅନୁକରଣ ତଥା ଅନୁସରଣ ନିମନ୍ତେ ପରାମର୍ଶ ଦେଇଥିଲେ ।ଶିକ୍ଷକ ଗଣେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଇନ୍ଦ୍ରମଣି ଗିରି କୃତଜ୍ଞତା ଅର୍ପଣ କରିଥିଲେ ।ଶିକ୍ଷକ କାମିନୀ କାନ୍ତ ମହାକୁଡ଼ଙ୍କ ଉତ୍ତମ ପରିଚାଳନରେ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।



କନ୍ଧମାଳ, (ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲାରେ ଅଧିକାଂଶ ଜଗନ୍ନାଥ ମନ୍ଦିରରେ ଦେବ ସ୍ନାନ ପୂର୍ଣ୍ଣିମା ପାଳନ ହୋଇଯାଇଛି ।ଏଥିମଧ୍ୟରୁ ଫୁଲବାଣୀ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ପାଳିତ ହୋଇଛି ମହା ସମାରୋହରେ ମହାପ୍ରଭୁଙ୍କ ସ୍ନାନଯାତ୍ରା। ପବିତ୍ର ଜ୍ୟେଷ୍ଠମାସ ପୂର୍ଣ୍ଣିମା ଉକ୍ତ ଦିବସକୁ ପ୍ରଭୁ ଜଗନ୍ନାଥଙ୍କ ଜନ୍ମ ଉତ୍ସବ ଭାବରେ ମଧ ପାଳନ କରାଯାଇଥାଏ। ଆଜି ପ୍ରାତଃ ନିତି କାନ୍ତି ସାରି ମଙ୍ଗଳ ଆରତୀ ପରେ ମନ୍ଦିର ରତ୍ନ ସିଂହାସନ ଛାଡି ସ୍ନାନ ବେଦିକୁ ବିଜେ କରିଥିଲେ ଦାରୁବ୍ରହ୍ମ । ୧୦୮ ଗଡୁ ସୁବାସିତ ଜଳରୁ ପ୍ରଥମେ ବଳଭଦ୍ରଙ୍କୁ ୩୨ ପରେ ଜଗନ୍ନାଥଙ୍କୁ ୩୦ ସୁଭଦ୍ରାଙ୍କୁ ୩୦ ଓ ସୁଦର୍ଶନଙ୍କୁ ୧୬ ଗରାରେ ସ୍ନାନ କରାଯାଇଥିବା ଦେଖିବାକୁ ମିଳିଥିଲା। ସ୍ନାନ ପରେ ଆକର୍ଷଣୀୟ ହାତୀବେଶରେ ଶ୍ରଦ୍ଧାଳୁ ଓ ଭକ୍ତଙ୍କୁ ଦର୍ଶନଦେଇ ଥିଲେ। ଚତୁର୍ଦ୍ଧାମୂର୍ତ୍ତି ଭକ୍ତମାନଙ୍କ ମଧ୍ୟରେ ଏତେ ଭକ୍ତି ଥିଲା ସମସ୍ତେ ଜୟ ଜଗନ୍ନାଥ ବୋଲି ଡାକୁଥିଲେ। ପ୍ରକୃତରେ ଏମିତି ଜଗନ୍ନାଥଙ୍କ ଲୀଳା ଯେ, ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରାଙ୍କ ସ୍ନାନପରେ ପରେ ୨ ଘଣ୍ଟା ବର୍ଷାରେ ଭିଜିଥିଲେ।

### ମାଓବାଦୀ ପରିଚୟ ଦେଇ କରୁଥିଲେ ଡକାୟତି

## ୬ ଦୁର୍ବୃତ୍ତଙ୍କୁ ଗିରଫ କଲା ପୋଲିସ



ନୂଆପଡ଼ା,(ଭାସ୍କର ନ୍ୟୁଜ୍): ଡ଼କାୟତି କରି ଫେରାର ହୋଇ ଯାଇଥିବା ୬ଜଣ ଦୁର୍ବୃତ୍ତଙ୍କୁ ଗିରଫ କରିଛି ନୂଆପଡା ପୋଲିସ । ଉକ୍ତ ୬ ଜଣ ଦୁର୍ବୃତ୍ତ ମାନେ ହେଲେ ଖରିଆର ରୋଡ ବଜାର ପଡାର ସୁନୀଲ ଚନ୍ଦ୍ରକାର (୩୨), ଖାମତରାଇ ଥାନା ଅଟଳ ନଗର ରାୟପୁରର ବଜରଂଗୀ ଓରଫ ଅଭିନାଶ ସିଂ (୨୪), ଉର୍ଲା ଥାନା ରାୟପୁରର ଦୀପକ ରୋଏ (୨୬), ଖାଲ୍ଲରୀ ଥାନା ଭୀମଖୋଜର ଓଁ ପ୍ରକାଶ ବରିହା (୨୩), ଖାଲ୍ଲରୀ ଥାନା ମନ୍ଦିର ପଡା ୱାର୍ଡ ନମ୍ବର ୧୨ର ମୁକେଶ ଯାଦବ(୩୦) ଓ ମହାଭୀର ଯାଦବ(୨୨)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ପ୍ରକାଶ ଯେ ସଦର ବ୍ଲକ ଧରମବନ୍ଧା ପଂଚାୟତ ଆମାନାରା ଗାଁର ମୋତିନ ବାଇ ସାହୁ (୫୦) ଗତ ମାସ ୩୦ ତାରିଖ ରାତିରେ ଶୋଇ ଥିବାବେଳେ କିଛି ଦୁର୍ବୃତ ଗ୍ରିଲ ଗେଟ ତାଲା ଭାଙ୍ଗି ଘର ଭିତରକୁ ପସି ଆସି ଯାଇଥିଲେ। ଘର ଲୋକଙ୍କୁ ଡରେଇବା ପାଇଁ ଲାଲ ସଲାମ କହିଲେ ଓ ୨ ପକେଟ ଚାଉଳ ଓ ୧ ବଡ଼ ଟିଣ ତେଲ ଡବା ମାଗିଲେ । ତେବେ ମୋତିନ ବାଇ ସାହୁଙ୍କ ପୁଅ ଅଚାନକ ଆସିବାରୁ ଦୁବୃତ୍ତ ମାନେ ଭୟରେ ସେଠାରୁ ଚମ୍ପଟ ମାରିଥିଲେ । ଦୁର୍ବୃତ ମାନେ ଉକ୍ତ ସ୍ଥାନ ଛାଡି ଯିବା ସମୟରେ ନିଜେ ବ୍ୟବହାର କରିଥିବା ଗୋଟିଏ ବାଇକ ନଂ ଉଏ ୦୬ ଏଞ୍ଜ ୪୯୪୩, ଗୋଟିଏ ମୋବାଇଲ, ବଡ଼ ଆରିପତି ଛାଡି ପଳାଇ ଥିବା ବେଳେ ମୋତିନ ସାହୁଙ୍କ ଘରୁ ଏକ ସେମସଙ୍ଗ ମୋବାଇଲ ନେଇ ଯାଇଥିଲେ। ତେବେ ପୋଲିସ ଏହି ଘଟଣାଟିକୁ ଗମ୍ଭୀରତାର ସହିତ ନେଇ ଉକ୍ତ ସାମଗ୍ରୀକୁ ଜବତ କରି ତୁରନ୍ତ ଆସାମୀମାନଙ୍କୁ ଖୋଜିବାରେ ଲାଗିଗଲା। ନୂଆପଡା ଏସ. ପି ଜି. ଆର ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶ କ୍ରମେ ଏସ. ଡି. ପି. ଓ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଇନଚାର୍ଜ ଆଇ. ଆଇ. ସି ଧରମବନ୍ଧା ବିନୋଦ ବିହାରୀ ସେଠୀ, ଲଖନା ଆଇ. ଆଇ. ସି ଗୁରୁଦେବ କର୍ମୀ, ଏସ. ଆଇ ଅରବିନ୍ଦ ମେହେର, ଆଇ. ଆଇ. ସି ନୂଆପଡା ନିର୍ମଳ ପାଣିଗ୍ରାହୀ, ଖରିଆର ରୋଡ ଆଇ. ଆଇ. ସି କୈଳାଶ ଚନ୍ଦ୍ର ସେଠୀ, ଏସ. ଆଇ ଜେ. ଆର ସେନାପତୀ ପ୍ରମୁଖ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଏହି ଘଟଣାର ତଦନ୍ତ କରିଥିଲେ। ଏହା ପରେ ଉକ୍ତ ଟିମ ପଡୋଶୀ ଛତିଶଗଡ଼ ରାଜ୍ୟର ରାୟପୁର, ଖଲ୍ଲରୀ, ବାଗବାହାରା ଠାରେ ଚଢାଉ କରି ୬ ଜଣଙ୍କୁ ଗିରଫ କରିଥିବା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏସ. ପି ଶ୍ରୀ ଜି. ଆର ରାଘବେନ୍ଦ୍ର ସୂଚନା ଦେଇଛନ୍ତି ।

### ଲାମି ସଂରକ୍ଷିତ ଜଙ୍ଗଲରେ ଫେଲମାରିଛି ପ୍ଲାଣ୍ଟେସନ

## ଜବର ଦଖଲରେ ଜଙ୍ଗଲଜମି,୭୦୦୦ ଚାରା ନଷ୍ଟ



କଣ୍ଟାବାଞ୍ଜି,(ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ପରେଷ୍ଟ ରେଞ୍ଜ ଅଧିନସ୍ଥ ମହୁଲପାଟି ସେକ୍ସନର ମହୁଲପାଟି ବିଟ୍ ଅଧିନସ୍ଥ ଲାମି ସଂରକ୍ଷିତ ଜଙ୍ଗଲରେ ୨୦୨୧-୨୨ ଆର୍ଥିକ ବର୍ଷରେ କାମ୍ପା ଯୋଜନା (ଆମ ଗ୍ରାମ୍ୟ ଜଙ୍ଗଲ) ୭୦୦୦ ଚାରା ବନୀ କରଣ କରାଯାଇଥିଲା । ଏହି ବନୀ କରଣରେ ନିମ୍ବ ୫୦୦, ଅର୍ଜୁନ ୪୦୦, କାଜୁ ୫୦୦, ଡୁମେର ୪୦୦, ଗମ୍ଭାରି ୯୦୦,ବାହାଡା ୫୦୦, ଅଁଳା ୫୦୦, ତେନ୍ତୁଳି, ୫୦୦, ପଣସ ୫୦, ଆତ(ବଢଳ) ୨୦୦, କର ୫୦୦, ବଡ ଚାକୁଣ୍ଡା ୫୦୦, ଜାମୁନ ୫୦୦, ଆମ୍ବ ୧୦୦, ବଉଳ ୨୦୦, ମେଥି-୨୦୦, ବରଗଛ ୧୫୦ ଓ ପିପଲ ୧୫୦ ଗୋଟି ଚାରା ରୋପଣ କରାଯାଇଥିଲା । ମାତ୍ର ଉପଯୁକ୍ତ ରକ୍ଷଣା ବେକ୍ଷଣା କରାଯାଇ ନ ଥିବାରୁ ଉକ୍ତ ସମସ୍ତ ୭୦୦୦ ଚାରା ନଷ୍ଟ ହୋଇ ଜମି ଜବର ଦଖଲକାରୀଙ୍କ କବ୍ଜାରେ ରହିଛି । ସଂପୃକ୍ତ ଜଙ୍ଗଲ ବିଭାଗର ଅବହେଳା ସହିତ ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା ସମିତି ମହୁଲପାଟିକୁ ରକ୍ଷଣା ବେକ୍ଷଣା ସହ ସମସ୍ତ ଚାରା ପାଇଁ ଆସିଥିବା ଅନୁଦାନ ଟଙ୍କା ଠିକ୍ ଭାବେ ପଇଠ ନ ହେବାରୁ ସମସ୍ତ ଚାରା ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି । ଜଙ୍ଗଲ ବିଭାଗକୁ ଚାରା ବନୀ କରଣ ପାଇଁ ବର୍ଷକୁ ବର୍ଷ ଲକ୍ଷ ଟଙ୍କା ଆସୁଥିବା ବେଳେ ବିଭାଗୀୟ ଅବହେଳା ଯୋଗୁଁ ନୂତନ ଜଙ୍ଗଲ ସୃଷ୍ଟି କରାଯାଇ ପାରୁ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଥିବା ବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଅଞ୍ଚଳବାସୀଙ୍କଠାରୁ ଦାବି ହେଉଛି । ଲାମି ସଂରକ୍ଷିତ ଜଙ୍ଗଲରେ କରାଯାଇଥିବା ବନୀ କରଣ କାହିଁକି ସଫଳ ହେଲା ନାହିଁ ବୋଲି ଜଣେ ବିଭାଗୀୟ ଜଙ୍ଗଲ କର୍ମଚାରୀଙ୍କୁ ପଚାରିବାରୁ ନିଜ ନାମକୁ ଗୋପନ ରଖି ଉପଯୁକ୍ତ ରକ୍ଷଣା ବେକ୍ଷଣା ଏବଂ ସ୍ଥାୟୀ ୱାଚର ନ ଥିବାରୁ ସମସ୍ତ ଚାରା ନଷ୍ଟ ହୋଇଥିବା କହିଥିଲେ।

## ଦେବ ସ୍ନାନ ପୂର୍ଣ୍ଣିମା



ଲକ୍ଷ୍ମୀପୁର,(ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ଜଗନ୍ନାଥ ମନ୍ଦିର ଠାରେ ଆଜି ଦେବ ସ୍ନାନ ପୂର୍ଣମା ଅନୁଷ୍ଠିତ ହୋଇଯାଇଛି । ଦିନ ସାଢେ ଏଗାରଟା ବେଳେ ରତ୍ନବେଦିରୁ ସ୍ନାନ ବେଦିକୁ ତିନି ଠାକୁର ବିଜେ କରିଥିଲେ। ସେବାୟତ ଦୁର୍ଘାମାଧବ ପଣ୍ଡା,ଅଶୋକ ମିଶ୍ର ଅରୁଣ ରଥ ନିତ୍ୟାନନ୍ଦ ଆଚାର୍ଯ୍ୟ ତାରିଣି ପ୍ରସାଦ ସତପଥି ଅର୍ଜିତ କାର ପଣ୍ଡା ଓ ଜ୍ୟୋତି ରଞ୍ଜନ ମିଶ୍ରଙ୍କ ଦ୍ୱାରା ଅନେକ ଭକ୍ତଙ୍କ ଉପସ୍ଥିତିରେ ହୋମ ଯଜ୍ଞ କରି ସ୍ନାନ ବେଦିରେ ସୁବାସିତ ଜଳରେ ଠାକୁରଙ୍କୁ ସ୍ନାନ କରାଯାଇଥିଲା। ସନ୍ଧ୍ୟା ଛଅଟା ବେଳେ ସ୍ନାନ ବେଦିରୁ ରତ୍ନ ବେଦିକୁ ଠାକୁରେ ବିଜେ ହୋଇଥିଲେ। ଏହା ଦେଖିବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା।

## ଜାତୀୟ କର୍କଟ ବିଜେତା ଦିବସ



ବରଗଡ଼,(ଭାସ୍କର ନ୍ୟୁଜ): 'ଶିଶୁ ଶ୍ରୀ ଭ୍ରାମ୍ୟମାଣ ପାଠାଗାର' ଆନୁକୂଲ୍ୟରେ ୱାର୍ଡ ନ ୧୮ ଭଟଲି ଛକ ଶିବ ମନ୍ଦିର ପ୍ରାଙ୍ଗଣରେରେ ଜାତୀୟ କର୍କଟ ବିଜେତା ଦିବସ ପାଳିତ ହୋଇଯାଇଛି। ପାଠାଗାରର ସଭାପତି ମନୋରଞ୍ଜନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ଡ଼ଃ ରବିନାରାୟଣ ସାହୁ ସଂଯୋଜନା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କାଉନସିଲର ଖିତେଶ୍ୱର କୁମ୍ଭାର, ପ୍ରଧାନ ଶିକ୍ଷକ ଡ଼ଃ ମନୋଜ କୁମାର ସାହୁ, ବିଶିଷ୍ଟ ଶିକ୍ଷାବିତ ଦିବ୍ୟକାନ୍ତି ଭୋଇ ନିଗମାନନ୍ଦ ବିହାର ଉନ୍ନୟନ କମିଟି ସମ୍ପାଦକ ଟିକେଲାଲ ନାଏକ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମିନା ପଣ୍ଡା, ଡ଼ଃ ଡୋଳାମଣି ଶତପଥୀ, କମଳ ଲୋଚନ ପଟେଲ, ସଂଘମିତ୍ରା ପଟେଲ, ସୁପ୍ରଭା ସାମଲ, ଚନ୍ଦ୍ରକାନ୍ତ ସାହୁ, ଆଲୋକ ରଞ୍ଜନ ଦାଶ, ରାଜେଶ ବାରିକ, ଆକା ସେଠି ଓ ସଂଯୋଜକ ଗୋପବନ୍ଧୁ ପୁରୋହିତ ପ୍ରମୁଖ ଯୋଗଦେଇ କର୍କଟ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଅବସରରେ କର୍କଟ ରୋଗକୁ ପରାଜୟ କରି ବିଜୟ ଲାଭ କରିଥିବା ଦୁଇ ଯୋଦ୍ଧା ଡାକ୍ତର ଭୋଇ ଓ ଅର୍ଜୁନ ସେଟ୍ଙ୍କୁ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ତରଫରୁ ଶିଶୁମାନେ କର୍କଟ ବିଜେତା ଭାବେ ସମ୍ବର୍ଦ୍ଧିତ କରିଥିଲେ । ବରିଷ୍ଠ ଶିକ୍ଷକ ତଥା ସଦସ୍ୟ ଦୁଃଖିସେବକ ସାହୁ ମାନ ପତ୍ର ପାଠ କରିବା ସହ ଚିତ୍ର ମାଧ୍ୟମରେ କର୍କଟ ରୋଗ ସମ୍ବନ୍ଧରେ ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ସଚେତନ କରାଇଥିଲେ। ନିଶା ସେବନ, ଭାଙ୍ଗ, ଅଫିମ, ଗୁଟଖା ତଥା କୁରକୁରେ ଭଳି ପ୍ୟାକେଟ ଖାଦ୍ୟ କର୍କଟ ରୋଗର କାରଣ ହୋଇଥାଏ ତାହା ଉଦାହରଣ ମାଧ୍ୟମରେ ପିଲାମାନଙ୍କୁ ବୁଝାଇ ଦିଆ ଯାଇଥିଲା। ଏହି ଅବସରରେ କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ପଡାବାସୀ ସହଯୋଗ କରିଥିଲେ।

## ସାର୍ବଜନିକ ଶୌଚାଳୟ ସାଜିଛି ମାଂସ ବିକ୍ରୟ ସ୍ଥଳୀ



ରାଜଗାଙ୍ଗପୁର,(ଭାସ୍କର ନ୍ୟୁଜ୍): ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ସହର କୁ ସରସ ସୁନ୍ଦର କରିବା ପାଇଁ ପୌରପାଳିକା ତରଫରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ରାସ୍ତା ଘାଟ, ଭେଣ୍ଡିଙ୍ଗ ଜୋନ ଓ ଏହା ସହ ସ୍ୱର୍ଜନିକ ଶୌଚାଳୟମାନ ନିର୍ମାଣ କରାଯାଇଛି। ହେଲେ ସେ ଗୁଡିକର ରକ୍ଷଣା ବେକ୍ଷଣ ପାଇଁ ପୌର ପାଳିକା ଫେଲ ମାରୁଚି । ଉନ୍ନତି ଓ ସ୍ୱଚ୍ଛତା ଦିଗରେ ଡିଣ୍ଡିମ ପିଟୁଥିବା ବେଳେ ନିଜର ଅବହେଳା ଯୋଗୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ରେ କରାଯାଉଥିବା ସହର ଉନ୍ନତି ଓ ସ୍ୱଚ୍ଛତା ଉପରେ ବର୍ତ୍ତମାନ କାଦୁଅ ଛିଟା ଲାଗି ଥିବା ଜଣାପଡୁଛି। ଯେଉଁଥି ପାଇଁ କାର୍ଯ୍ୟ ହୋଇଛି ତାହା ସେଥିରେ ଉପଯୋଗ ନହୋଇ ଅନ୍ୟ କାମରେ ଉପଯୋଗ ହେଉଥିବା ନଜରକୁ ଆସୁଛି। ଏଭଳି ଚିତ୍ର ଦେଖିବାକୁ ମିଳିଛି ରାଜଗାଙ୍ଗପୁର ସହର ଲିପିଲୋଇ ସ୍ଥିତ ବସଷ୍ଟାଣ୍ଡ ନିକଟରେ ଥିବା ପୌରପାଳିକା ଦ୍ୱାରା ନିର୍ମିତ ଶୌଚାଳୟରେ। ଏଠାରେ ପ୍ରତେକ ଦିନ ହଜାର ହଜାର ଲୋକ ଏହି ରାସ୍ତାରେ ଯିବା ଆସିବା କରୁଥିବା ବେଳେ ଏଠାରେ ପୌର ପାଳିକା ତରଫରୁ ଏକ ସାର୍ବଜନିକ ଶୌଚାଳୟ ନିର୍ମାଣ ହୋଇଥିଲା। ଏମିତିକି ଏହି ଶୌଚାଳୟ କାର୍ଯ୍ୟ ସମ୍ପୂର୍ଣ୍ଣ ମଧ ହୋଇଯାଇଛି ।ହେଲେ ନାଁ ଏହା ସର୍ବସାଧାରଣଙ୍କ ଉପଯୋଗରେ ଆସୁଛି। ଏହା ବର୍ତ୍ତମାନ ଏକ ନିର୍ଦ୍ଧିଷ୍ଟ ମାଂସ ବିକ୍ରେତାଙ୍କ ସ୍ଥଳୀ ସାଜିଛି । ଏହି ରାସ୍ତା ଦେଇ ପ୍ରତେକ ଦିନ ପୌରପାଳିକା କର୍ମଚାରୀ ଓ ଅନ୍ୟାନ ବାବୁ ମାନେ ଯାଉଥିବା ବେଳେ ମଧ ସବୁ ଦେଖି ଅନ୍ଧ ସାଜିଛନ୍ତି। ମାଂସ ବିକ୍ରେତା ଜଣକ ଶୌଚାଳୟ ବାରଣ୍ଡାରେ ମାଂସ କାଟି ନିଜର ବେପାର ମଧ ଚଳାଇଛି। ଏଠାରେ ଏକ ପ୍ରଶ୍ନ ପୌର ପାଳିକା ତରଫରୁ ଖାଲି ପଡିଥିବା ସ୍ଥାନରେ ଦୋକାନ କରିଥିବା ଉଠା ଦୋକାନୀଙ୍କୁ ତୁରନ୍ତ ଖାଲି କରିବାକୁ ଜୋର ଦିଆଯାଉଥିବା ବେଳେ ସହର ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ନିର୍ମିତ ଏହି ଶୌଚାଳୟ ମାଂସ ବିକ୍ରୟ କେନ୍ଦ୍ର କିଭଳି ସାଜିଛି । କିଭଳି ଅବାଧ ରେ ଏହି ଶୌଚାଳୟ ନିକଟରେ ଥିବା ବାରଣ୍ଡା ରେ ବିକ୍ରି ହେଉଛି ମାଂସ । ଏହାକୁ ଦେଖିଲେ ସତେ ଯେପରି ଲାଗୁଚି ପୌରପାଳିକାରୁ ଏହି ମାଂସ ବିକ୍ରେତାଙ୍କୁ ମିଳିଛି ଅନୁମତି ।ଏହାକୁ ନେଇ ବର୍ତ୍ତମାନ ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ଦେଖିବାକୁ ବାକି ରହିଲା ପୌରପାଳିକାର ଏ ଦିଗରେ ନଜର କେବେ ପଡୁଛି ।

## ତ୍ରିନାଥ ମଣ୍ଡପ ନିକଟରେ ଟ୍ରଲର ଦୁର୍ଘଟଣାଗ୍ରସ୍ତ



ବ୍ରଜରାଜନଗର,(ଭାସ୍କର ନ୍ୟୁଜ): ଗାନ୍ଧୀଛକ ଫାଣ୍ଡି ଅନ୍ତର୍ଗତ ରାଜରାସ୍ତା ୪୯ ତ୍ରିନାଥ ମଣ୍ଡପ ନିକଟରେ ଗତକାଲି ସନ୍ଧ୍ୟାରେ ଏକ ଟ୍ରକ ପଛରେ ଟ୍ରେଲର ପିଟି ହୋଇ ଦୁର୍ଘଟଣା ଘଟିଛି। ସୂଚନା ଅନୁଯାୟୀ ଗତକାଲି ସନ୍ଧ୍ୟାରେ ବେଲପାହାଡ଼ରୁ ଝାରସୁଗୁଡ଼ା ଅଭିମୁଖେ ଯାଉଥିବା ଟ୍ରେଲର ଆର ଜେ ୦୨ ଜି ବି ୩୯୮୬ ସମ୍ମୁଖରେ ଯାଉଥିବା ଏକ ଟ୍ରକ ଗାନ୍ଧୀଛକ ତ୍ରିନାଥ ମଣ୍ଡପ ନିକଟରେ ବ୍ରେକ ମାରିବାରୁ ପଛରେ ଥିବା ଟ୍ରେଲର ଭାରସାମ୍ୟ ହରାଇ ଟ୍ରକକୁ ଧକ୍କା ଦେଇଥିଲା। ଏହି ଧକ୍କାରେ କେହି ମୃତାହତ ହୋଇ ନ ଥିବା ବେଳେ ଟ୍ରେଲରଟି ଭାଙ୍ଗିଯାଇଛି। ଏହି ଧକ୍କାରେ ରାସ୍ତା ଅବରୋଧ ହୋଇଯାଇଥିଲା। ଗାନ୍ଧୀଛକ ଟ୍ରାଫିକରେ ଥିବା ପୋଲିସ ଗାନ୍ଧୀଛକ ଫାଣ୍ଡିକୁ ଖବର ଦେଇଥିଲେ। ଖବର ପାଇ ଗାନ୍ଧୀଛକ ଫାଣ୍ଡି ଅଧିକାରୀ ମଦନମୋହନ ନାୟକ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ। ଟ୍ରକ ମାଲିକ ସଂଘ ପକ୍ଷରୁ କ୍ରେନ ଆଣି ରାସ୍ତାରେ ଥିବା ଟ୍ରେଲରକୁ ରାସ୍ତା କଡ଼ରେ ରଖିଥିଲେ।

## ଦେବସ୍ନାନ ପୂର୍ଣ୍ଣିମାରେ ଚତୁର୍ଦ୍ଧା ମୂର୍ତ୍ତି



ପାରଳାଖେମୁଣ୍ଡି,(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ଥିବା, ପ୍ରାତଃ ସକାଳ ୮ ଘଣ୍ଟା ସମୟରେ ଧାଡ଼ି ପହଣ୍ଡିରେ ଆସି ୪ବିଗ୍ରହମାନେ ଆସିଥିଲେ। ଶ୍ରୀ ସୁଦର୍ଶନ, ବଳଭଦ୍ର, ସୁଭଦ୍ରା, ମହାପ୍ରଭୁ ଜଗନ୍ନାଥ ୧୧ଘଣ୍ଟା ସମୟରେ ୧୦୮ ପଇଡ, ଚନ୍ଦନ ଜଳ, କର୍ପୂର ଜଳ ସହ ନୈବେଦ୍ୟ ଜଳରେ ଅଭିଷେକ କରାଯିତିଲା। ୧୧,୩୦ସମୟରେ ଶ୍ରୁଶ୍ରୀ କାଶୀ ଦେବୀ ଛେରାପହଁରା କରି ଆଳତି କରିଥିଲେ। ଦିନ ୧୨ଘଣ୍ଟା ସମୟରେ ହାତୀ ବେଶ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ଅଞ୍ଚଳ ଓ ଆନ୍ଧ୍ରପ୍ରଦେଶ ଆଖପାଖ ଜନସାଧାରଣମାନେ ଦର୍ଶନ କରିଥିଲେ। ରାତି ୧୧ସମୟରେ ପହଣ୍ଡି କରି ଅନଶନ ଗୃହକୁ ନିଆଯିବ ବୋଲି ପଣ୍ଡା ସୂଚନା ଦେଇଛନ୍ତି ।

## ପୌରାଧକ୍ଷାଙ୍କ ନିର୍ଭର ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ରାଇଘର,(ଭାସ୍କର ନ୍ୟୁଜ):ଉମରକୋଟ ପୌରପରିଷଦ ଅଧ୍ୟକ୍ଷା ରାଧା ଭର୍ତ୍ତାଙ୍କ ନିର୍ଭର ପ୍ରତିଶ୍ରୁତି ପରେ ଉମରକୋଟ ସ୍ୱଚ୍ଛ ଭାରତ ମିଶନ ଅଧିନରେ ଏମସିସି ଓ ଏମଆରଏଫ୍ କେନ୍ଦ୍ରରେ କାର୍ଯ୍ୟ କରୁଥିବା ମହିଳାମାନେ ଆନ୍ଦୋଳନରୁ ଓହରି ଯାଇଛନ୍ତି। ପ୍ରକାଶ ଥାଉ କି ଯେ, କୋଭିଡ ସମୟରେ ୮ନ ୱାର୍ଡର ଉମରକୋଟର ମା'ସନ୍ତୋଷୀ ମହିଳା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ଏହି କେନ୍ଦ୍ର ପରିଚେଳନ। ଦାୟିତ୍ୱ ଅର୍ପଣ କରାଯାଇଥିଲା। ୩ବର୍ଷ ସୂଚାରୁ ରୂପେ ଏହି ମହିଳା ଗୋଷ୍ଠୀ କେନ୍ଦ୍ରର ପରିଚାଳନା ଦାୟିତ୍ୱ ସମ୍ପନ୍ନ କରି ଆସୁଥିବା ବେଳେ ହଠାତ ଉମରକୋଟ ପୌରପରିଷଦ ଟେଣ୍ଡର କରି ଅନ୍ୟ ଏକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ନେଇ ଏହାର ପ୍ରତିବାଦ କରି ମା' ସନ୍ତୋଷୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ କେନ୍ଦ୍ରର ମୁଖ୍ୟ ଫାଟକକ ସମ୍ମୁଖରେ ଗତ ଗୁରୁବାର ଠାରୁ ଧାରଣାରେ ବସିଥିଲେ। ଫଳରେ ଗତ କାଲି ଠାରୁ ଉମରକୋଟ ସହରର ମହିଳା ଆବର୍ଜନା ଏହି କେନ୍ଦ୍ରରେ ଅନଲଡ ହୋଇପାରିରିଲା ନାହି। ଆଜି ସନ୍ଧ୍ୟାରେ ଉମରକୋଟ ପୌର ନିର୍ବାହୀ ଅଧିକାରୀ ରଷି ମାଝୀ ଆନ୍ଦୋଳନ ସ୍ଥଳକୁ ଯାଇ କଥାବାର୍ତ୍ତା କରିଥିଲେ। ଯେହେତୁ ପୌରଧକ୍ଷା ରାଧା ଭତ୍ରାଙ୍କ ସ୍ୱାସ୍ଥ୍ୟ ସମସ୍ୟା ଥିବାରୁ ସେ ଯାଇପାରି ନଥିଲେ। ତେଣୁ ନିର୍ବାହୀ ଅଧିକାରି ଫୋନ ମାଧ୍ୟମରେ ଆନ୍ଦୋଳନ ରତ ମହିଳାଙ୍କ ସହ ପୌରଦକ୍ଷାଙ୍କ ସହ କଥା ବାର୍ତ୍ତା କରାଇ ଥିଲେ। ଅଧକ୍ଷା ତୁମେ ମାନେ ହିଁ ଏହି କାର୍ଯ୍ୟ କରିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେବା ପରେ ଅନ୍ଧୋଲାନକୁ ପ୍ରତ୍ୟାହାର କରିଥିଲେ। ଆଜି ଠାରୁ ଏହି ମହିଳାମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୌରାଧକ୍ଷା ଓ ନିର୍ବାହୀ ଅଧିକାରୀଙ୍କ ତୁରନ୍ତ ପଦକ୍ଷେପ ଯୋଗୁ ଘଟଣାର ସମାଧାନ କରିଥିବାରୁ ସାଧାରଣରେ ଆଶ୍ୱସ୍ତି ପ୍ରକାଶ ପାଇଛି।

## ଝଲସି ଉଠୁଛି ଖରିଆର ରୋଡ ସହରାଞ୍ଚଳ ବନୀକରଣ




ନୂଆପଡା,(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ବନ ବିଭଗ ପକ୍ଷରୁ ରାଜ୍ୟର ବିଭିନ୍ନ ସହରାଞ୍ଚଳ ତଥା ଗ୍ରାମାଞ୍ଚଳ ଗୁଡ଼ିକରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥାଏ। ନୂଆପଡା ଏକ ଚିର ପ୍ରପୀଡ଼ିତ ମରୁଡି ଜ଼ିଲ୍ଲା ରୂପେ ଓଡ଼ିଶାର ମାନ ଚିତ୍ରରେ ଦେଖିବାକୁ ମିଳିଥାଏ। ନୂଆପଡା ଜ଼ିଲ୍ଲାର ଅଧିକାଂଶ ଅଞ୍ଚଳ ଟାଙ୍ଗରା ଭୂମିରେ ଦେଖିବାକୁ ମିଳିଥାଏ ତେଣୁକରି ବନ ବିଭାଗ ତଥା ଜ଼ିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ସହରାଞ୍ଚଳ ତଥା ଗ୍ରାମାଞ୍ଚଳ ଗୁଡିକରେ ଚାରା ରୋପଣ କରାଯାଇଥାଏ। ତେଣୁ କରି ଆମସେନା ପଞ୍ଚାୟତ, ଗୋତମା ପଞ୍ଚାୟତ ତଥା ଖରିଆର ରୋଡ ହରାଞ୍ଚଳକୁ ସଂଯୋଗ କରୁଥିବା ଏରିଆରେ ଏକ ନବ ନିର୍ମିତ ବର୍ଣ୍ଣ କରଣ ସୃଷ୍ଟି କରାଯାଇଛି। ସହରାଞ୍ଚଳ ବନିକରଣ ୧୦ ହଜାରରୁ ଊର୍ଦ୍ଧ୍ୱ ଚାରା ୪ ଭାଗ ତଥା ଭିନ୍ନ ଭିନ୍ନ ପେଚ କରାଇ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଛି। ବନ୍ୟାଞ୍ଚଳ ଅଧିକାରୀ କେଶବ କୁମାର ଦଣ୍ଡସେନା, ବନପାଳ ମନୋଜ କୁମାର ମାଝୀ ଏବଂ ବନରକ୍ଷି ଜ୍ୟୋସ୍ନା ଛତ୍ରିଆଙ୍କ ମିଳିତ ଉଦ୍ୟମରେ ଏକ ସବୁଜିମାରେ ପରିଣତ କରିବାପାଇଁ ଏକ ସବୁଜ ସ୍ୱପ୍ନ ଭାବିଛନ୍ତି। ବୈଜ୍ଞାନିକ ମତରେ ତଥା ପ୍ରକୃତିପ୍ରେମୀ ମାନଙ୍କର ଚିନ୍ତାଧାରାରେ ବନିକରଣ କରିବା ଦ୍ୱାରା ଏ ଅଞ୍ଚଳର ଭୂତଳ ଜଳ ସଂରକ୍ଷଣ ରହିବା ସହିତ ପରିବେଶ ସନ୍ତୁଳନ ରଖିଥାଏ। ଖରିଆଳ ସ୍ଥିତ ବନ ବିଭାଗର ଡିଭିଜନ ଅବସ୍ଥିତ। ଡି.ଏଫ.ଓ. ଶୁଶିଲ କୁମାର ତ୍ରିପାଠୀ ମଝିରେ ମଝିରେ ନିୟମିତ ଭାବେ ବନି କରଣ ଗୁଡିକୁ ପରିଦର୍ଶନ କରିଥାନ୍ତି। ଏଠାରେ ଶିଶୁ, ଆମ୍ବ, କାଜୁ, ଜମୁକୁଳି, ଲିମ୍ବ ପରି ଭିଭିନ୍ନ ଓପକାରିତା ଚାରା ରୋପଣ କରାଯାଇଛି ପ୍ରଭାତ ଓ ସନ୍ଧ୍ୟାକାଳିନ ସମୟରେ ଭ୍ରମଣ କରୁଥିବା ଲୋକମାନେ କିଛି ସମୟ ପାଇଁ ଅଟକିଯାଇ ପ୍ରକୃତିର ଉପଭୋଗ କରିଥାନ୍ତି। ସକାଳ ଓ ସନ୍ଧ୍ୟା ସମୟରେ ଟେଙ୍କର ମାଧ୍ୟମରେ ୱାଚରମାନେ ଚାରରେ ପାଣି ଦେବା ସହିତ ଚାରା ପାଇଁ ଉଚିତ ପରିମାଣରେ ସାର, ଖାତ ଦେବା ସହିତ ଦେଖା ରେଖା କରିଥାନ୍ତି ବନ ରକ୍ଷୀ (ଗାର୍ଡ) ଛତ୍ରିଆଙ୍କର ଉପସ୍ଥିତିରେ ଏହି ସବୁ କାର୍ଯ୍ୟ ହୋଇଥାଏ।

## ଗାନ୍ଧିଛକରେ ଉକ୍ରଟ ବାୟୁ ପ୍ରଦୂଷଣ



ବ୍ରଜରାଜନଗର,(ଭାସ୍କର ନ୍ୟୁଜ):୪୯ ନମ୍ବର ଜାତୀୟ ରାଜପଥ ଗାନ୍ଧିଛକରେ ଥିବା ମୁଖ୍ୟ ଲାଇଟ ପୋଷ୍ଟକୁ ବିଗତ ୨୦୨୦ ମସିହା ଅକ୍ଟୋବର ମାସରେ ଏକ ଟ୍ରକ ଧକ୍କା ଦେବାରୁ ତାହା ଉପୁଡି ଯାଇଥିଲା। ଏହା ପରେ ରାସ୍ତା ଉଭୟ ପାର୍ଶ୍ୱରେ ଏକାଧିକ ଖୁଣ୍ଟରେ ଅଲୋକୀକରଣ ବ୍ୟବସ୍ଥା କରାଯାଇଥିଲା। ତେବେ ବର୍ତ୍ତମାନ ଗାନ୍ଧିଛକରେ ଥିବା ଗୋଟିଏ ପଟରେ ଥିବା ଲାଇଟ ଗୁଡିକ ଦୀର୍ଘ ୧୫ ହେଲା ଜଳୁ ନଥିବା ଅଭିଯୋଗ ହେଉଛି। ଯାହା ଫଳରେ ରାତିରେ ଗାଡି ଚଳାଚଳ ବିପଦଜନକ ରହିଛି। ପ୍ରବଳ ବାୟୁ ପ୍ରଦୂଷଣ ଯୋଗୁଁ ରାସ୍ତା ଉପରେ କୋଇଲା ଓ ଧୂଳି ଗୁଣ୍ଡ ଉଡୁଥିବାରୁ ଦୃଶ୍ୟମାନ ଶୁନ୍ୟ ହେଉଥିବାର ପଥଚାରୀ ଅଭିଯୋଗ କରିଛନ୍ତି। ଏପରି କି ପ୍ରବଳ ବାୟୁ ପ୍ରଦୂଷଣ ଓ ଲାଇଟ ଜଳୁ ନଥିବା କାରଣରୁ ଟ୍ରାଫିକ ଦାୟିତ୍ୱରେ ଥିବା ପୁଲିସକୁ ମଧ ଗାଡି ନିୟନ୍ତ୍ରଣ କରିବାରେ ମାତ୍ରାଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି କି ଗାନ୍ଧିଛକ ମୁଖ୍ୟ ଅଞ୍ଚଳରେ କେବଳ ୨-୩ ଟି ଲାଇଟ ଜଳୁଥିବା ବେଳେ ଦୋକାନ ଗୁଡ଼ିକର ନିଜସ୍ୱ ଲାଇଟ ଯୋଗୁଁ ଗାନ୍ଧିଛକ ଆଲୋକିତ ହେଉଥିବାର ଦେଖିବାକୁ ମିଳିଛି। ଗାନ୍ଧିଛକ ଏକ ପ୍ରମୁଖ ଜନଗହଳିପୂର୍ଣ୍ଣ ସ୍ଥାନ ହୋଇଥିବାରୁ ପ୍ରବଳ କୋଇଲା ଗୁଣ୍ଡ ଜନିତ ବାୟୁ ପ୍ରଦୂଷଣ ଯୋଗୁଁ ଲୋକେ ଅତିଷ୍ଟ ହୋଇ ପଡିଛନ୍ତି। ବିଶେଷ କରି ଜାତୀୟ ରାଜପଥରେ ମଧ କେବେ ପାଣି ଛିଞ୍ଚନ କରାଯାଉ ନ ଥିବାରୁ କୋଇଲା ଗୁଣ୍ଡ ଉକ୍ରଟ ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଅନ୍ୟପଟେ ଗାନ୍ଧିଛକ ଅଞ୍ଚଳରେ କୋଇଲା ଗୁଣ୍ଡ ଓ ବାୟୁ ପ୍ରଦୂଷଣ କାରଣରୁ ଲୋକଙ୍କ ଘରେ, କଲୋନୀରେ ଓ ଦୋକାନ ଗୁଡ଼ିକରରେ କୋଇଲାର ବହଳିଆ ଆସ୍ତରଣ ଜମି ଯାଉଥିବାର ଦୀର୍ଘ ଦିନରୁ ଅଭିଯୋଗ ହେଇ ଆସୁଛି। ଅନେକ ଲୋକ ଉକ୍ରଟ ପ୍ରଦୂଷଣ କାରଣରୁ ବିଭିନ୍ନ ଶ୍ୱାସ ଜନିତ ଓ ଚର୍ମ ରୋଗର ଆକ୍ରାନ୍ତ ମଧ ହେଉଛନ୍ତି। ତେଣୁ ଏହାର ସମାଧାନ ଓ ପ୍ରଦୂଷଣ ହ୍ରାସ ଲାଗି ଗତ ମାର୍ଚ୍ଚ ମାସରେ ଅଞ୍ଚଳବାସୀ ଜିଲ୍ଲାପାଳଙ୍କୁ ଦାବି ପତ୍ର ମାଧ୍ୟମରେ ଜରୁରୀକାଳୀନ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ହେଲେ ଏନେଇ କୌଣସି ସ୍ଥାୟୀ ସମାଧାନ କରାଯାଇନଥିବା ଲୋକେ ଅନୁଭବ କରୁଛନ୍ତି।



"ଧନ, ଜନ, ଯୌବନରେ ତିଳେ ମାତ୍ର ଗର୍ବ କର ନାହିଁ। କାରଣ କାଳ ଏହାକୁ ହରଣ କରିନିଏ।"

-ଆଦି ଶଙ୍କରାଚାର୍ଯ୍ୟ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍।"

-ବି.ଆର୍ ଆମ୍ବେଦକର






**ଶୁକ୍ରବାରର ସେହି କାଳ ରାତ୍ରୀ ! ଓଡ଼ିଶା ଇତିହାସର ସର୍ବାଧିକ ମର୍ମନ୍ତୁଦ ତଥା ଭାରତ ଓ ବିଶ୍ୱର ଅନ୍ୟତମ ଭୟାବହ ଟ୍ରେନ୍ ଦୁର୍ଘଟଣା ଜନମାନସରେ ଶିହରଣ ସୃଷ୍ଟି କରିଛି । ଓଡ଼ିଶାର ଅଖ୍ୟାତ ବାହାନଗାର ହୃଦୟ ବିଦାରକ ଚିତ୍ର ଆଜି ସାରା ବିଶ୍ୱର କୋଣ ଅନୁକୋଣରେ କୋଟି କୋଟି ମଣିଷଙ୍କ ଆଖିରେ ଭରି ଦେଇଛି ଅଶ୍ରୁ... ରାଷ୍ଟ୍ର ନାୟକମାନଙ୍କୁ କରିଛି ସ୍ତବ୍ଧ ଓ ଶୋକାଭିଭୂତ । ଚାରିଆଡ଼େ କେବଳ ଚିତ୍କାର ଓ ଆର୍ତ୍ତନାଦ, ଶବର ପାହାଡ଼ । କେବଳ ଗୋଟିଏ ବା ଦୁଇଟି ନୁହେଁ, ତିନି ତିନୋଟି ଲୌହ ଦାନବ (ଟ୍ରେନ୍)ଙ୍କ ସଂପୃକ୍ତି ଥିବା ଏହି ମହାବିଭୀଷିକାରେ ମୃତ୍ୟୁବରଣ କରିଥିବା ଶହ ଶହ ହତଭାଗ୍ୟ ମଣିଷଙ୍କ ସ୍ମୃତିରେ 'ଓଡ଼ିଶା ଭାସ୍କର' ପରିବାରର ଲୋତକଭରା ଶ୍ରଦ୍ଧାଞ୍ଜଳି । ସହସ୍ରାଧିକ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିବା ସହିତ ଦୁର୍ଗତ ଓ ଅସହାୟ ଯାତ୍ରୀଙ୍କୁ ତୁରନ୍ତ ସେବା ଓ ସହାୟତା ଯୋଗାଇ ଦେବାକୁ ଆଗେଇ ଆସିଥିବା ମହାନୁଭବଙ୍କୁ ଆମର ସଶ୍ରଦ୍ଧ ପ୍ରଣାମ ।**

'ଓଡ଼ିଶା ଭାସ୍କର' ପରିବାର

# ଆସନ୍ତୁ ଗଛଟିଏ ଲଗାଇବା, ପରିବେଶକୁ ସୁରକ୍ଷିତ ରଖିବା




ସୁବାସ କୁମାର ତାରଣିଆଁ
କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର
ମୋ : ୮୩୨୮୮୪୦୨୧୪


ପିଲାବେଳେ ସ୍କୁଲ୍‌ରେ ପାଠ ପଢିଲା ବେଳେ ଜାଣିବାକୁ ପାଇଥିଲି ଜଣେ ବୁଢାଲୋକ ତାଙ୍କ ବଗିଚ଼ରେ ଗଛଟିଏ ଲଗାଉଥିବାର ଦେଖି ତାଙ୍କର ନାତି ପ୍ରଶ୍ନ କରିଥିଲା, ଜେଜେ ଏ ଗଛ କାହିଁକି ଲାଗାଉଛ ? ଜେଜେଙ୍କର ଉତ୍ତର ଥିଲା, ଏ ଗଛଟି ଦିନେ ଛୋଟରୁ ବଡ଼ ହେବ, ବଡ଼ ହେଲେ ଫଳ ଫଳିବ, ଛାଇ ଦେବ ଓ ଅମ୍ଳଜାନ ପ୍ରଦାନ କରିବ ଯାହା ନିଶ୍ୱାସ ପ୍ରଶ୍ୱାସ ନେବାରେ ସହାୟକ ହେବ। ନାତିଟି ପୁଣି ପ୍ରଶ୍ନ କରିଥିଲା, ଜେଜେ ବଡ଼ ହୋଇ ଫଳ ଫଳିବା ବେଳକୁ ତ ତମେ ଆଉ ବଞ୍ଚି ନଥିବ ? ଜେଜେ ପୁଣି ଉତ୍ତର ଦେଇଥିଲେ, ମୁଁ ସିନା ବଞ୍ଚିନଥିବି, ହେଲେ ଏ ଗଛର ଫୁଲ ଓ ଫଳକୁ ମୋ ପୁଅ ଓ ନାତିନାତୁଣୀମାନେ ଉପଭୋଗ କରିବେ ! ଏଥର ପିଲାଟି ଜେଜେଙ୍କ ଗଛ ଲଗାଇବାର ରହସ୍ୟ ବୁଝିପାରିଥିଲା ଏବଂ ଜେଜେଙ୍କୁ ଗଛ ଲଗାଇବାରେ ସାହାଯ୍ୟ କରିଥିଲା। ସେହି ଗଛ ଦିନେ ବଡ଼ ହୋଇ ଫୁଲ ଫଳରେ ପରିପୂର୍ଣ୍ଣ ଦେଖି ଛୋଟରୁ ବଡ଼ ହୋଇଥିବା ଯୁବକଟି ମନେ ମନେ ଖୁସି ହୋଇଥିଲା ଓ ଗଛ ଲଗାଇବାର ମହତ୍ତ୍ୱ ବୁଝିପାରିଥିଲା। ସେହିଦିନ ଠାରୁ ସେ ବିଭିନ୍ନ ପ୍ରକାର ଗଛ ଲଗାଇବା ପାଇଁ ଶପଥ ନେଇଥିଲା। ଗଛ ଓ ମଣିଷ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ। ଆଦିମ କାଳରେ ମଣିଷମାନେ ଜଙ୍ଗଲରେ ବସବାସ କରୁଥିଲେ, ଗଛର ଫଳମୂଳ ଖାଇ ତୃଷା ମେଣ୍ଟାଉଥିଲେ, ଗଛର ବଲ୍‌କଲକୁ ପୋଷାକ ରୂପେ ବ୍ୟବହାର କରୁଥିଲେ। ସେଥିପାଇଁ ଗଛକୁ ମଣିଷର ପରମ ବନ୍ଧୁ ବୋଲି କୁହାଯାଏ। ଗଛ ବିନା ମଣିଷ ତଥା ଜୀବଜଗତ ବଞ୍ଚିବା ଅସମ୍ଭବ। ଗଛ ସହିତ ମଣିଷର ସମ୍ପର୍କ କେଉଁ ଯୁଗରୁ ରହିଆସିଛି। ଏହା ମନୁଷ୍ୟ ପାଇଁ ଏକ ଅମୂଲ୍ୟ ସମ୍ପଦ। ଗଛ ଆମକୁ ଫୁଲ ଦେଉଛି, ଫଳ ଦେଉଛି, ଛାଇ ପ୍ରଦାନ କରୁଛି। ଆମ ବାପା, ଅଜା ଅମଳରୁ ଲଗାଯାଇଥିବା ଗଛକୁ ଏବେ ମଧ୍ୟ ଆମେ ଉପଭୋଗ କରୁଛୁ ଓ ଆମ ପର ପୀଢି ମଧ୍ୟ ଉପଭୋଗ କରିପାରିବେ। ମୁଁ ମଧ୍ୟ ଗଛ ଉପରେ ଚଢିଛି, ତା'ର ଫଳ ଖାଇଛି, ଫୁଲ ଆଣିଛି, ତା'ର ଡ଼ାଳରେ ଖେଳିଛି ଏବଂ ତାକୁ ମଧ୍ୟ ବହୁ ଆଘାତ ଦେଇଛି। ଏସବୁ ସତ୍ତ୍ୱେ ସେ କେବେ ବି ମୋତେ ଆପତ୍ତି ଅଭିଯୋଗ କରିନାହିଁ କି ମୋ ଉପରେ ଅଭିମାନ କରିନି। ପୃଥିବୀରେ ଅନେକ ପ୍ରକାରର ଗଛ ଅଛି ସେଥିମଧ୍ୟରୁ କେତେକ ଦେବଯୋଗ୍ୟ ଗଛ ଓ ଆଉ କେତେକ ଔଷଧୀୟ ଗଛ। ବେଲ, ଅଁଳା, ଅଶ୍ୱତ୍ଥ, ବଉଳ, ବର ଆଦି ଗଛମାନଙ୍କୁ ପୂଜା କରାଯାଉଥିବା ବେଳେ ଅନେକ ପ୍ରକାର ଗଛରୁ ବିଭିନ୍ନ ପ୍ରକାର ଔଷଧ ତିଆରି ହେଉଛି। ଗଛର ଫୁଲ, ଫଳ ଓ ପତ୍ର ମଧ୍ୟ ବିଭିନ୍ନ ଦେବାଦେବୀଙ୍କୁ ଅର୍ପଣ କରାଯାଇଥାଏ। ନିମ୍ବ ଗଛରୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଦାରୁ ମଧ୍ୟ ତିଆରି ହୋଇଥାଏ। ଆମ ଦେଶ ଭାରତ ହେଉଛି ମୁନିଋଷିମାନଙ୍କ ଦେଶ, ଋଷି ପରମ୍ପରା ଆମର ଧର୍ମ। ଏହି ମୁନିଋଷିମାନେ ମଧ୍ୟ ଗଛ ତଳେ ବସି ଯୋଗ ସାଧନା କରିବା ସହିତ ଗଛର ପତ୍ର, ଫୁଲ, ଫଳ ଓ ଚେରରୁ ବିଭିନ୍ନ ପ୍ରକାର ଆୟୁର୍ବେଦ ଔଷଧ ତଆରି କରିଥାନ୍ତି ଏବଂ ଏହି ଔଷଧକୁ ବ୍ୟବହାର କରି ଲୋକମାନେ ଅନେକ ଦୁରାରୋଗ୍ୟରୁ ମୁକ୍ତି ପାଇଥାନ୍ତି। ଏବେ ବି ଭାରତରେ ବହୁ ଲୋକ ଏହି ଆୟୁର୍ବେଦ ଔଷଧ ବ୍ୟବହାର କରୁଛନ୍ତି। ସେହିପରି ଅନେକ ପଶୁ, ପକ୍ଷୀ ଓ ସରୀସୃପମାନଙ୍କୁ ମଧ୍ୟ ଗଛ ଆଶ୍ରୟ ଦେଇ ବିଭିନ୍ନ ବିପଦ ଆପଦ, ଖରା ଓ ବର୍ଷାରୁ ରକ୍ଷା କରିଥାଏ। ବିଭିନ୍ନ ବୁଲା ବିକାଳୀ, ଠେଲାଗାଡ଼ି ଦୋକାନୀମାନେ ଗଛ ତଳେ ବ୍ୟବସାୟ କରି ନିଜର ଗୁଜୁରାଣ ମେଣ୍ଟାଉଥିଲା ବେଳେ ପ୍ରବଳ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ପଥଚାରୀଙ୍କ ସମେତ ବୁଲା ଗୋରୁ ଗାଈ ଓ ପଶୁପକ୍ଷୀମାନେ ମଧ୍ୟ ଗଛର ଛାଇରେ କ୍ଳାନ୍ତି ମେଣ୍ଟାଇଥାନ୍ତି। ମାତ୍ର ବୃକ୍ଷ ଛେଦନ ଫଳରେ ଜଙ୍ଗଲ ଆଜି ଧ୍ୱଂସାଭିମୁଖୀ। ପ୍ରତିଦିନ ଶହ ଶହ ବୃକ୍ଷ ବଳି ପଡୁଛନ୍ତି। ଛଅ ଋତୁ ଆଜି ସାତସପନ। ଜୈବ ବିବିଧତା ବି ଧ୍ୱଂସାଭିମୁଖୀ। ଜଙ୍ଗଲ ଧ୍ୱଂସ ଫଳରେ ପୃଥିବୀରେ ଦେଖା ଦେଇଛି ଅନେକ ସମସ୍ୟା। ସୃଷ୍ଟି ହେଉଛି ବିଶ୍ୱତାପନ ଆଉ ବୃଦ୍ଧି ପାଉଛି ପୃଥିବୀର ତାପମାତ୍ରା। ଗ୍ଲୋବାଲ ୱାର୍ମିଂର ପ୍ରଭାବ ମଣିଷର ଜୀବନକୁ ଦୁର୍ବିସହ କରିବାରେ ଲାଗିଛି। ଦେଖାଦେଇଛି ଭୂତଳ ଜଳସ୍ତର ହ୍ରାସ, ବିବର୍ତ୍ତମାନ ପରିବେଶ, ଜଳବାୟୁ ଓ ବିପର୍ଯ୍ୟୟମୁଖୀ ସବୁଜିମା ଜୀବଜଗତକୁ ଠେଲି ଦେଇଛି। ଓଡ଼ିଶାର ବଣ ଜଙ୍ଗଲ ପାଦଦେଶରେ ଥିବା ମୂଲ୍ୟବାନ ଖଣିଜ ସମ୍ପଦ ଉପରେ ଲୋଲୁପ ଦୃଷ୍ଟି ପକାଇ ବଡ଼ ବଡ଼ ଶିଳ୍ପପତି, ପୁଞ୍ଜିପତି ଓ ମାଫିଆମାନେ ବନାଗ୍ନି ସୃଷ୍ଟି କରି ମୂଲ୍ୟବାନ ଗଛ ନଷ୍ଟ କରନ୍ତି। ଫଳରେ ଜଙ୍ଗଲକୁ ନିଜର ଜୀବନ ଜୀବିକାର ମାଧ୍ୟମ କରିଥିବା ଆଦିବାସମାନେ ନିଜର ଅସ୍ତିତ୍ୱ ହରାଇ ବସିଛନ୍ତି। ଜୀବଜଗତର ସୃଷ୍ଟି ଓ ସ୍ଥିତି ପାଇଁ ବନ ତଥା ବନ୍ୟଜନ୍ତୁଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରକୃତିକୁ ସୁରକ୍ଷିତ ରଖିଲେ ପ୍ରକୃତି ଆମକୁ ସୁରକ୍ଷା ଦେବ। କଥାରେ ଅଛି ଜଙ୍ଗଲ ମେଁ ମଙ୍ଗଲ। ଅର୍ଥାତ୍ ଜଙ୍ଗଲରେ ମଙ୍ଗଳ ଥାଏ। କିନ୍ତୁ ବୃକ୍ଷ ଛେଦନ କାରଣରୁ ଜଙ୍ଗଲ ପରିସୀମା ଓ ଘନତ୍ୱ ହ୍ରାସ ପାଇବାରେ ଲାଗିଛି। ଏଥିସହିତ ତାଳ ଦେଇ ଜଳବାୟୁ ପରିବର୍ତ୍ତନ ସହିତ ଜଳାଭାବ ଗୁରୁତର ରୂପ ନେଇଛି। ଜଙ୍ଗଲ ସୃଷ୍ଟି ଓ ସୁରକ୍ଷା ପାଇଁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ସବୁଜିମା ଦିନକୁ ଦିନ କମିବାରେ ଲାଗିଛି। ପ୍ରତିବର୍ଷ ବନୀକରଣ ମାଧ୍ୟମରେ ନୂତନ ଜଙ୍ଗଲ ସୃଷ୍ଟି କରାଯାଉଛି ହେଲେ ଉପଯୁକ୍ତ ରକ୍ଷଣାବେକ୍ଷଣର ଅଭାବ ଯୋଗୁ ଗଛଗୁଡ଼ିକ ତିଷ୍ଠିପାରୁ ନାହିଁ। କେବଳ ନାମକୁ ମାତ୍ର ଜଙ୍ଗଲ ସୃଷ୍ଟି କରାଯାଉଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ଜଙ୍ଗଲ ପଦା ହେବା ଫଳରେ ମୂଲ୍ୟବାନ କିସମର ଗଛ ଲୋପ ପାଇଯାଉଛି। ଗଛ ନଷ୍ଟ ହେବା ଫଳରେ ଜଳସ୍ତର ହ୍ରାସ ପାଉଛି ଏବଂ ମୃତ୍ତିକା କ୍ଷୟ ହେଉଛି। ଏହାର ପ୍ରଭାବରେ ବଣ୍ୟପ୍ରାଣୀ ଜନବସତିକୁ ମୁହାଁଉଛନ୍ତି। ଏହି ବନ୍ୟପ୍ରାଣୀମାନେ ଜନବସତିକୁ ମୁହାଁଇ ଲୋକମାନଙ୍କୁ ଆକ୍ରମଣ କରୁଛନ୍ତି। ଫଳରେ ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେଉଛି। ବହୁ ପ୍ରଜାତିର ଜୀବଜନ୍ତୁ, ପଶୁପକ୍ଷୀ, କୀଟପତଙ୍ଗ ଲୋପ ପାଇବାକୁ ଲାଗିଲାଣି। ଜଳାଭାବ ଯୋଗୁ ମାଟି ଶୁଷ୍କ ହୋଇ ଯାଉଥିବାରୁ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଚାଷରେ ବାଧା ସୃଷ୍ଟି ହେବା ଫଳରେ ଚାଷୀମାନେ ଚାଷକାର୍ଯ୍ୟରେ କ୍ଷତିର ସମ୍ମୁଖୀନ ହୋଇ ଆତ୍ମହତ୍ୟା କରୁଛନ୍ତି। ଫଳରେ ଏହାର ପ୍ରଭାବ ସମାଜ ଉପରେ ପଡୁଛି। ଜଳସ୍ତର ହ୍ରାସ ପାଉଥିବାରୁ ଜଳ ସଙ୍କଟ ଉଗ୍ରରୂପ ଧାରଣ କଲାଣି। ପାନୀୟ ଜଳ ପାଇଁ ଲୋକମାନେ ଡହଳବିକଳ ହେଉଛନ୍ତି। ଏଣୁ ବହୁ ପରିମାଣରେ ଗଛ ଲଗାଯାଇ ଜଙ୍ଗଲ ସୃଷ୍ଟି କରିବା ସହ ତାହାର ଉପଯୁକ୍ତ ସୁରକ୍ଷା ନିଆଯାଇ କିପରି ଜଙ୍ଗଲ ପରିସୀମା ବୃଦ୍ଧି ପାଇବା ସହ ଏହାର ସବୁଜିମା ଓ ଘନତ୍ୱ ଫେରି ପାଇବ ସେଥିପାଇଁ ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀମାନେ ଉଦ୍ୟମ ଜାରି ରଖିଛନ୍ତି। ତେବେ ଗଛ ଆମର ଏତେ ଉପକାରରେ ଆସୁଥିଲେ ମଧ୍ୟ କିଛି ଅସାଧୁ ବ୍ୟବସାୟୀଙ୍କ ପ୍ରରୋଚନାରେ ଶହ ଶହ ଗଛ କଟାଚାଲିଛି। ଏହି ବ୍ୟବସାୟୀମାନେ ମୂଲ୍ୟବାନ ଗଛ କାଟି ତାକୁ ଚଢା ଦରରେ ଚୋରା ଚାଲାଣ କରି ମାଲେମାଲ ହେଉଛନ୍ତି। ରାଧେ ରାଧେ, ତମର ଅଧେକୁ ଆମର ଅଧେ ନ୍ୟାୟରେ ଏହି ମଉକାରେ ଫାଇଦା ଉଠାନ୍ତି ବିଭାଗୀୟ ଅଧିକାରୀ ଓ କିଛି ମୁଷ୍ଟିମେୟ ରାଜନେତା। ସେପଟେ ଶିଳ୍ପ ପ୍ରତିଷ୍ଠା ଓ କଳକାରଖାନା ତିଆରି ପାଇଁ ଶହ ଶହ ଜଙ୍ଗଲ ମରୁଭୂମିରେ ପରିଣତ ହେଉଛି। ବଳି ପଡୁଛନ୍ତି ଲକ୍ଷ ଲକ୍ଷ ସଂଖ୍ୟାର ଗଛ। ଏହି କଳ କାରଖାନାର ମାଲିକମାନେ ପ୍ରଶାସନିକ ଅଧିକାରୀଙ୍କ ସହିତ ସଲାସୁତୁରା ହୋଇ ମୋଟା ଅଙ୍କର ଉତ୍କୋଚ ଦେଇ ଗଛ କଟାଯାଇ ସେଠାରେ ବିଭିନ୍ନ ପ୍ରକାର କଳ କାରଖାନା ତିଆରି ହେଉଛି। ଗଛ କାଟିବା ଯୋଗୁ ପରିବେଶ ତ ପ୍ରଦୂଷଣ ହେଉଛି, ଏହି କଳ କାରଖାନା ପ୍ରତିଷ୍ଠା ଫଳରେ ଏହାର ବିଷାକ୍ତ ଧୂଆଁ ବାୟୁ ମଣ୍ଡଳରେ ମିଶୁଥିବା ବେଳେ ଏଥିରୁ ନିର୍ଗତ କେମିକାଲଯୁକ୍ତ ମଇଳା ପାଣି ନଦୀ ଓ ନାଳରେ ମିଶି ବିଷାକ୍ତ ହେବାରେ ଲାଗୁଛି। ଫଳରେ ଏହି ନଦୀ ନାଳର ପାଣିକୁ ବ୍ୟବହାର କରି ମଣିଷ ଓ ପଶୁପକ୍ଷୀମାନେ ମୃତ୍ୟୁବରଣ କରିବା ସହିତ ମାରାତ୍ମକ ରୋଗର ଶିକାର ହେଉଛନ୍ତି। କଳ କାରଖାନାକୁ ଲାଗି ରହିଥିବା ବହୁ ଚାଷ ଉପଯୋଗୀ ଜମିରେ ବିଷାକ୍ତ ଧୂଆଁ ଓ କେମିକାଲ ପାଣି ମାଡୁଥିବାରୁ ଉକ୍ତ ଜମିରେ ଫସଲ ହୋଇପାରୁ ନାହିଁ। ଫଳରେ ଶହ ଶହ ଚାଷୀ ନିଜର ଜୀବିକା ହରାଇ ବସୁଛନ୍ତି। ଏଥି ପ୍ରତି ପ୍ରଶାସନ କିମ୍ବା କଳକାରଖାନାର ମାଲିକମାନେ ସଚେତନ ହେଉନାହାଁନ୍ତି, ବରଂ ଅଭିଯୋଗ କଲେ ମିଳୁଛି ହତ୍ୟା ଧମକ। ଗୋଟିଏ ପଟେ ପରିବେଶକୁ ସୁରକ୍ଷା ଦେବାକୁ ଯାଇ ବୃକ୍ଷ ରୋପଣ ସହ ଏହାର ସୁରକ୍ଷା ନେବାକୁ ବ୍ୟାପକ ପ୍ରଚାର ଓ ପ୍ରସାର କରାଯାଉଥିବା ବେଳେ ଅପରପକ୍ଷରେ ଶିଳ୍ପ ପ୍ରତିଷ୍ଠା ଓ କଳ କାରଖାନା ପ୍ରତିଷ୍ଠା ନାମରେ କଟା ଚାଲିଛି ଲକ୍ଷ ଲକ୍ଷ ସଂଖ୍ୟାରେ ଗଛ। ଏସବୁରୁ ବିରତ ରହି ମାନବ ସମାଜ ଓ ଜୀବଜଗତ ମଧ୍ୟରେ ସମନ୍ୱୟ ଭାବ ଜାଗ୍ରତ କରିପାରିଲେ ତାହା ପରିବେଶ ଉପରେ ଅନୁକୂଳ ପ୍ରଭାବ ପକାଇଥାଏ। ଜୀବଜଗତରେ ପ୍ରତିଟି ଜୀବନ ମୂଲ୍ୟବାନ, ସେ ମନୁଷ୍ୟ ହୁଅନ୍ତୁ, ପଶୁ ହୁଅନ୍ତୁ, କୀଟପତଙ୍ଗ ଅବା ବୃକ୍ଷ। ଜୀବଜଗତର ସୃଷ୍ଟି ଓ ସ୍ଥିତି ପାଇଁ ବୃକ୍ଷ ତଥା ବନ୍ୟଜନ୍ତୁଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମାନବ ସମାଜ ପଶୁପକ୍ଷୀ, କୀଟପତଙ୍ଗ ଏବଂ ବୃକ୍ଷ ପ୍ରତି ନିଷ୍ଠୁରତା ନହୋଇ ଦୟାଶୀଳ ହେଲେ ତାହା ସମାଜ, ପରିବେଶ ତଥା ଜୀବଜଗତ ପାଇଁ ଫଳପ୍ରଦ ହୋଇଥାଏ। ତେଣୁ ଆସନ୍ତୁ ବିଶ୍ୱ ପରିବେଶ ଦିବସରେ ଗଛଟିଏ ଲଗାଇବା, ପରିବେଶକୁ ସୁରକ୍ଷିତ ରଖିବା।



# ଜୀବନର ମହାମନ୍ତ୍ର
# ପରିବେଶ ସୁରକ୍ଷା ଜୀବନ ରକ୍ଷା




ଚିତ୍ତରଞ୍ଜନ ପୃଷ୍ଟି
ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧


ସ୍ରଷ୍ଟାଙ୍କର ଏହି ଅମୃତମୟ ସୃଷ୍ଟି ହେଉଛି ସୁନ୍ଦର ପ୍ରାକୃତିକ ସୁଷମାର ଗନ୍ତାଘର। ଏହି ବିଶାଳ ଜଗତର ପ୍ରାକୃତିକ ପରିବେଶ ସମସ୍ତଙ୍କ ମନରେ ଭରିଦିଏ ଅପୂର୍ବ ଆନନ୍ଦ। ବୃକ୍ଷଲତା, ବନଭୂମି, ପାହାଡ଼ ପର୍ବତ, ନଦୀଝରଣା ଇତ୍ୟାଦିକୁ ନେଇ ପରିବେଶ ହୋଇଛି ସୁନ୍ଦର ଓ ମାଧୁର୍ଯ୍ୟ। ସୁସ୍ଥ ଓ ନିରୋଗ ଜୀବନଯାପନ ନିମନ୍ତେ ସ୍ୱଚ୍ଛ ଏବଂ ସୁସ୍ଥ ପରିବେଶ ଅପରିହାର୍ଯ୍ୟ। ସ୍ୱଚ୍ଛ ସୁନ୍ଦର ପ୍ରାକୃତିକ ପରିବେଶ ହିଁ ଶାନ୍ତିପୂର୍ଣ୍ଣ ଜୀବନଯାପନର ମାପକାଠି। ପ୍ରକୃତି କୋଳରେ ମୁକ୍ତ ବିହଙ୍ଗ ପରି ଦିନେ ସୁଖ, ଶାନ୍ତି, ଆନନ୍ଦରେ ଜୀବନ ବିତାଉଥିଲା ମଣିଷ ସମାଜ। କିନ୍ତୁ ଯାନ୍ତ୍ରିକ ସଭ୍ୟତାର ପ୍ରଭାବରେ ବଦଳିଯାଇଛି ପରିବେଶ। ମନୁଷ୍ୟ ବିଜ୍ଞାନ ସାହାଯ୍ୟରେ ଅବରୁଦ୍ଧ କଲା ପ୍ରକୃତିର ମୁକ୍ତ ଗତିପଥକୁ। ବିଜ୍ଞାନର ଜୟଯାତ୍ରାରେ ଯନ୍ତ୍ର ସଭ୍ୟତାର ବିକାଶ ଘଟିଛି ସତ, ହେଲେ ପ୍ରାକୃତିକ ପରିବେଶ ପ୍ରଦୂଷିତ ହୋଇ ଅନେକ ଜଟିଳ ପରିସ୍ଥିତି ସୃଷ୍ଟି ହେଉଛି। ଆଧୁନିକ ମଣିଷ ଦୂଷିତ ପରିବେଶରେ ଆଜି କ୍ଳାନ୍ତ, ଅବସନ୍ନ ଓ ଶ୍ୱାସରୁଦ୍ଧ। ପ୍ରକୃତିର ଏହି ସବୁଜସୁନ୍ଦର ପରିବେଶ ପାଲଟିଛି ଆଜି ନର୍କପୁର। ମଣିଷ ଆଜି ବିନାଶପଥର ପଥିକ। ଏଥିପାଇଁ ମଣିଷ ନିଜେ ଦାୟୀ। ଅହେତୁକ ଜନସଂଖ୍ୟା ବୃଦ୍ଧି ଓ ନଗର ସଭ୍ୟତାର ଆସୁରିକ ମାୟାରେ ମନୁଷ୍ୟ ସମେତ ସଜୀବ ଆଜି ପ୍ରଭାବିତ। ମଣିଷ ସୁଖ ସ୍ୱାଚ୍ଛନ୍ଦ୍ୟରେ ରହିବା ପାଇଁ ପରିବେଶ ଏବଂ ପୃଥିବୀର ସୁରକ୍ଷା ପ୍ରତି ଦୃଷ୍ଟି ନଦେଇ ସମସ୍ତ ପ୍ରାକୃତିକ ସମ୍ପଦକୁ ଶୋଷଣ କରିବାରେ ଲାଗିଛି। ଏଥିପାଇଁ ବାୟୁ, ଜଳ ପ୍ରଦୂଷିତ ହେବା ସହ ଜଙ୍ଗଲ ସମ୍ପଦ ନଷ୍ଟ ହେଉଛି। ପୃଥିବୀର ଜୀବଜଗତର ସ୍ଥିତି ଏବେ ସଙ୍କଟାପନ୍ନ। ବିଶିଷ୍ଟ ବୈଜ୍ଞାନିକ ଏବଂ ପରିବେଶବିତ୍‌ମାନେ ଜୀବଜଗତ ପାଇଁ ବିପଦର ସତର୍କ ଘଣ୍ଟି ବଜାଇ ସାରିଲେଣି। ଆମର ଦୈନନ୍ଦିନ ଜୀବନ, ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ପରିବେଶର ଗଭୀର ପ୍ରଭାବ ପଡିଥାଏ। ମଣିଷର ଜୀବନ ପରିବେଶ ଅନୁସାରେ ଗଢ଼ା ହୋଇଥାଏ। ପରିବେଶ ଭୟଙ୍କର ହେଲେ ଜୀବଜଗତର ବିପର୍ଯ୍ୟୟ ଘଟେ ଏବଂ ପରିବେଶ ଉଦାର ହେଲେ ଜୀବଜଗତ ନିରାମୟ ଜୀବନଯାପନ କରିଥାନ୍ତି। କିନ୍ତୁ ମଣିଷ ଆଧୁନିକ ଜୀବନଶୈଳୀର ଆବଶ୍ୟକତା ପୂରଣ କରିବାକୁ ଯାଇ ଅନେକ କାର୍ଯ୍ୟ କରୁଛି ଯାହାକି ପରିବେଶ ପ୍ରଦୂଷଣର ମୂଳ କାରଣ। ଜନସଂଖ୍ୟା ବିସ୍ଫୋରଣ ଯୋଗୁଁ ପରିବେଶ ପ୍ରଦୂଷଣ ହେବାରେ ଲାଗିଛି। ବାସସ୍ଥାନର ଆବଶ୍ୟକତା ପୂରଣ କରିବାକୁ ଯାଇ ଅନେକ ଜଙ୍ଗଲ ଧ୍ୱଂସ କରାଯାଉଛି। କ୍ରମେ ସହରାଞ୍ଚଳ ଜନାକୀର୍ଣ୍ଣ ହୋଇ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି।ମଣିଷ ସମାଜରେ ଶ୍ରେଷ୍ଠ ଜୀବ ହେଲେମଧ୍ୟ ବେଳେବେଳେ ବାସ୍ତବତାକୁ ଭୁଲି ଯାଉଛି। ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ ଓ ପରିବେଶ ସୁରକ୍ଷା ଦିଗରେ ମଣିଷର ସଚେତନତାର ଅଭାବ ଦେଖାଦେଇଛି। ପୃଥିବୀର ସୀମିତ ସ୍ଥଳଭାଗକୁ ଦ୍ରୁତ ଜନସଂଖ୍ୟା ବୃଦ୍ଧି ମଣିଷର ଜୀବନଧାରାକୁ ଆଜି ଦୁର୍ବିସହ କରିଦେଇଛି। ଶିଳ୍ପର ସମୃଦ୍ଧି ଘଟାଇବା ପାଇଁ ଦେଶ ଦେଶ ଭିତରେ ଆଜି ପ୍ରାଣମୂର୍ଚ୍ଛା ପ୍ରତିଯୋଗିତା ଚାଲିଛି। କଳ କାରଖାନାମାନଙ୍କରୁ ବାହାରୁଥିବା ଧୂମ କୁଣ୍ଡଳୀ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଭରିଦେଉଛି। ଫଳରେ ଅମ୍ଳଜାନ ପରିମାଣ ହ୍ରାସ ପାଉଥିବାରୁ ଜୀବନ ଘୋର ସଙ୍କଟାପନ୍ନ ହୋଇ ଉଠୁଛି। ଶିଳ୍ପାୟନରୁ ନିର୍ଗତ ବର୍ଜ୍ୟବସ୍ତୁ ଜଳ ପ୍ରଦୂଷଣର ମୁଖ୍ୟ କାରଣ।ଯାନବାହାନ ଗାଡିମଟର ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ସେଥିରୁ ନିର୍ଗତ ବିଷାକ୍ତ ଧୂଆଁ ବାୟୁମଣ୍ଡଳକୁ ବହୁ ମାତ୍ରାରେ ପ୍ରଦୂଷିତ କରୁଛି। ଜଙ୍ଗଲରୁ ଗଛକଟା ହୋଇ ନୂଆ ସହର ଏବଂ ଶିଳ୍ପ କାରଖାନା ଆଦି ଗଢିଉଠୁଛି। ଫଳରେ ଜଙ୍ଗଲର ସବୁଜିମା ଲୋପ ପାଇବ ସହିତ ଭୂଇଁ ଉପରେ ତାପମାତ୍ରା ବଢି ଚାଲିଛି। ଏହା ମନୁଷ୍ୟ ତଥା ଜୀବଜଗତ ଉପରେ ବିପଦର ସଙ୍କେତ ବଢିଚାଲିଛି। ନୂଆ ନୂଆ ରୋଗ ବ୍ୟାଧି ମାଡ଼ିଆସୁଛି। ପରିବେଶ ପ୍ରଦୂଷଣ ଦ୍ୱାରା ମଧ୍ୟ ଜଳବାୟୁରେ ବଡ଼ ପରିବର୍ତ୍ତନ ଆସିଛି। ମରୁଡି, ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଉଛି। ଜଳବାୟୁ ପରିବର୍ତ୍ତନ ଫଳରେ ଅନେକ ଜୀବଜନ୍ତୁ ଏ ଧରା ପୃଷ୍ଠରୁ ବିଲୁପ୍ତ ହୋଇଗଲେଣି। ଜୈବ ଭାରସାମ୍ୟରେ ଅସନ୍ତୁଳନ ଦେଖା ଦେଲାଣି। ତଥାପି ଏହି ସ୍ୱାର୍ଥପର ମଣିଷ ସଚେତନ ହେଉନାହିଁ। ପରିବେଶ ପ୍ରଦୂଷଣ ଦ୍ୱାରା ଜନଜୀବନ ଆଜି ଅଣନିଶ୍ୱାସୀ। ପରିବେଶକୁ ସୁସ୍ଥ ଏବଂ ସ୍ୱଚ୍ଛ ରଖିବା ପାଇଁ ଅସଂଖ୍ୟ ବୃକ୍ଷରୋପଣ କରିବାକୁ ପଡିବ। ବିଶେଷତଃ ବନୀକରଣ ଓ ସାମାଜିକ ବନୀକରଣକୁ ଗୁରୁତ୍ୱ ଦେବାକୁ ପଡିବ। ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ପରସ୍ପର ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। କଥାରେ ଅଛି 'ଗୋଟିଏ ବୃକ୍ଷ ଗୋଟିଏ ଜୀବନ'।କାରଣ ବୃକ୍ଷ ନରହିଲେ ପ୍ରାଣୀଜଗତ ବଞ୍ଚି ପାରିବ ନାହିଁ। ଏଥିପ୍ରତି ବ୍ୟକ୍ତିଗତ ତଥା ସାମାଜିକ ଜନ ସଚେତନତାର ଆବଶ୍ୟକତା ରହିଛି। ଆମର ଜୀବନ ସୁରକ୍ଷା ପାଇଁ ବାୟୁମଣ୍ଡଳ ସନ୍ତୁଳନ ରକ୍ଷା କରିବା ଏବଂ ପରିବେଶ ସୁରକ୍ଷା କରିବା ଏକାନ୍ତ ଆବଶ୍ୟକ। ସୁସ୍ଥ ପରିବେଶ ସୁସ୍ଥ ଜୀବନର ମାନଦଣ୍ଡ। ପ୍ରାକୃତିକ ପରିବେଶକୁ ସରସ ସୁନ୍ଦର କରିପାରିଲେ ପ୍ରାଣୀଜଗତ ସୁଖଶାନ୍ତିରେ ଜୀବନ ଯାପନ କରିପାରିବ। ପରିବେଶ ପ୍ରଦୂଷଣକୁ ପ୍ରତିରୋଧ କରି ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ସମଗ୍ର ମାନବ ସମାଜ ପାଇଁ ଆହ୍ୱାନ। କିନ୍ତୁ ଏବେ ସମୟ ଆସିଛି ନିଜ ଜୀବନକୁ ନିଜେ ସୁରକ୍ଷା କରିବା। ଜୀବଜଗତକୁ ବଞ୍ଚିବାର ସାମର୍ଥ୍ୟ ଦେଉଥିବା ପରିବେଶକୁ ସୁରକ୍ଷା କରିବା ସମସ୍ତଙ୍କର ନୈତିକ କର୍ତ୍ତବ୍ୟ ହେବା ଉଚିତ୍। ପରିବେଶ ସୁସ୍ଥ ରହିଲେ ଆମେ ସୁସ୍ଥ ରହିପାରିବା ଏହି ଉକ୍ତିକୁ ସମସ୍ତେ ଉପଲବ୍ଧି କରିବା ସହିତ ବିଶ୍ୱର ପ୍ରତି କୋଣ ଅନୁକୋଣରେ ପହଞ୍ଚାଇବାର ଆବଶ୍ୟକତା ରହିଛି। ଏ ଜୀବଜଗତ ଧରା ପୃଷ୍ଠରେ ତିଷ୍ଠି ରହିବାକୁ ହେଲେ ଆମେ ଆମ ପରିବେଶକୁ ସୁରକ୍ଷା କରିବା ନିତ୍ୟାନ୍ତ ଅପରିହାର୍ଯ୍ୟ। ଯନ୍ତ୍ର ଦାନବର ସାମଗ୍ରିକ ମାୟାରୁ ମନୁଷ୍ୟ ନିଜକୁ ମୁକ୍ତ କରିବା ଆବଶ୍ୟକ। ଯାନ୍ତ୍ରିକ ମୋହ ବିଜ୍ଞାନର ଆସୁରିକ ମାୟା ସ୍ୱାର୍ଥାନ୍ଧତାର ଅହଂକାରରେ ବାଟବଣା ନହୋଇ ପରିବେଶ ସୁରକ୍ଷା ପ୍ରତି ଯତ୍ନବାନ ହେଲେ ମଣିଷ ସମାଜ ସୁସ୍ଥ ଓ ନିରାମୟ ଜୀବନଯାପନ କରିପାରିବ। ବଞ୍ଚିବାର ଶ୍ରେଷ୍ଠ ମାର୍ଗ ହେଉଛି ପରିବେଶ ସୁରକ୍ଷା। ତେଣୁ ମଣିଷ ସମାଜ ସଚେତନ ହେବା ସଙ୍ଗେ ସଙ୍ଗେ ପରିବେଶର ସୁରକ୍ଷା କରିବା ଆବଶ୍ୟକ।

# ପ୍ରେମର ସଂଜ୍ଞା
# କ'ଣ ହୋଇପାରେ


ମୀରା ବେଉରା
ତୁଳସୀପୁର, କଟକ
ମୋ : ୯୮୫୩୩୫୦୩୮୪


ସେଦିନ ଫ୍ରାନ୍ସର ଲେଖକ ଦାର୍ଶନିକ ଋଷୋ ଖୋଜି ଖୋଜି ନିଜର ସ୍ତ୍ରୀ ହେବା ପାଇଁ ଜଣେ ମହିଳାଙ୍କୁ ପାଇଥିଲେ। ନାମ ଥିଲା ତାଙ୍କର ଟେରେସି। ରୂପରେ କୁତ୍ସିତା, ବୁଦ୍ଧିରେ ମୂଢ଼ା, ସ୍ୱଭାବତଃ କଳହପ୍ରିୟ। ଗୁଣରେ କ୍ରୁର ଓ କର୍କଶ ଭାଷି ସର୍ବପରି ମୁର୍ଖ ଓ ଅଜ୍ଞ। କେଉଁ ପ୍ରକାର ଗୁଣ ଦେଖି ଋଷୋ ତାଙ୍କୁ ପତ୍ନୀ ରୂପେ ବରଣ କରିଥିଲେ ସେ କଥା ପ୍ରକୃତରେ ସେ ହିଁ କାରଣ ଥିବେ। ଏହା ଆଜିର ଯୁବପିଢ଼ିଙ୍କ ଭିତରେ ହୁଏତ ଦୁର୍ଭାଗ୍ୟ ବୋଧ ହେବ। ତଥାପି ସେ କେବେ ଦୁଃଖ ପ୍ରକାଶ କରିନଥିଲେ। ସେହିପରି ଡିସ୍‌ରାଏଲି ଯଦିଓ କହିଲେ, ମୁଁ ଜୀବନରେ ଅନେକ ଭୁଲ୍ କରିପାରେ କିନ୍ତୁ ପ୍ରେମ କରି ବିବାହ କରିବାକୁ ଆଦୌ ଇଚ୍ଛା କରୁନାହିଁ। କିନ୍ତୁ ବାସ୍ତବ ଜୀବନରେ ସେ ଟିକିଏ ଭିନ୍ନ କରିଥିଲେ। ସେ ୩୫ ବର୍ଷ ବୟସରେ ଉପନୀତ ହେଲାପରେ ତାଙ୍କ ଠାରୁ ୧୫ ବର୍ଷ ବଡ଼ ଜଣେ ଧନୀ ଭଦ୍ର ମହିଳାଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଲେ। ସେ ମହିଳାଙ୍କର ତ୍ରୁଟି ସମ୍ପୂର୍ଣ୍ଣ ପାଚିଯାଇଥିଲା। କିନ୍ତୁ ଏହା ସତ୍ୟ ଯେ ସେ ପ୍ରେମରେ ପଡ଼ି ଏଭଳି ବିବାହ ପ୍ରସ୍ତାବ ଦେଇନଥିଲେ। ଯଦିଓ ସେ ମହିଳା ଜଣଙ୍କ ଜାଣିଥିଲେ ଯେ ଡିସ୍‌ରାଏଲି ତାଙ୍କ ଧନସମ୍ପତ୍ତିଙ୍କୁ ଲୋଭ ରଖି ତାଙ୍କୁ ବିବାହ କରିବାକୁ ଚାହୁଁଛନ୍ତି। ତା'ପରେ ସେ ମହିଳା ଜଣଙ୍କ ଡିସ୍‌ରାଏଲିଙ୍କ ଚରିତ୍ର ଜାଣିବା ପାଇଁ ତାଙ୍କୁ ଏକ ବର୍ଷ ମାଗିଥିଲେ। ଏହି ପ୍ରେମ କାହାଣୀ ଯଦିଓ ଶୁଷ୍କ ଥିଲା ତଥାପି ଆମ ପାଇଁ ଏକ ଆଶ୍ଚର୍ଯ୍ୟଜନକ ପ୍ରେମ କାହାଣୀ ଥିଲା। କାରଣ ଡିସ୍‌ରାଏଲିଙ୍କ ବୈବାହିକ ଜୀବନ ଏତେ ସୁଖମୟ ଥିଲା ଯେ ବିବାହ ଇତିହାସରେ ତାହା ବିରଳ। ସେ ଯେଉଁ ମହିଳାଙ୍କୁ ବିବାହ କଲେ ନା ସେ ଧନୀ ମହିଳାଙ୍କର ଯୌବନ ଥିଲା ନା ସୌନ୍ଦର୍ଯ୍ୟ ଥିଲା। ନା ଥିଲା ବୁଦ୍ଧି ଓ ଜ୍ଞାନ। ଘରେ ଜିନିଷପତ୍ର ମଧ୍ୟ ଠିକ୍‌ରେ ସେ ସଜାଡ଼ି ପାରୁନଥିଲେ। କିନ୍ତୁ ବୈବାହିକ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ତାଙ୍କର ଖୁବ୍ ପାରଦର୍ଶିତା ଥିଲା। ପୁରୁଷମାନଙ୍କୁ ଘରେ କିପରି ଚଳାଇବାକୁ ହେବ ତାହା ତାଙ୍କୁ ଉତ୍ତମ ଭାବେ ଜଣାଥିଲା। ସେ ଭଦ୍ର ମହିଳା ଜଣକ ମେରୀ କିନ୍ତୁ ସ୍ନେହ ଶ୍ରଦ୍ଧାରେ କିଛି କମ୍ ନଥିଲେ। ସ୍ନେହ, ସୋହାଗ, ସେବା, ଯତ୍ନ ଓ ମଧୁର ବ୍ୟବହାର ଦ୍ୱାରା ଡିସ୍‌ରାଏଲିଙ୍କ ବୈବାହିକ ଜୀବନ ଖୁବ୍ ଆରାମଦାୟକ ଥିଲା। ମେରୀ କେବଳ ତାଙ୍କର ପତ୍ନୀ ନଥିଲେ, ଥିଲେ ସାହାଯ୍ୟକାରୀ ବନ୍ଧୁ, ଉପଦେଷ୍ଟା, ବିଶ୍ୱସ୍ତା ସହଧର୍ମିଣୀ, ଡିସ୍‌ରାଏଲି ମଧ୍ୟ ତାଙ୍କୁ ଉପଯୁକ୍ତ ସମ୍ମାନ ଏବଂ ମର୍ଯ୍ୟାଦା ଦେଉଥିଲେ। ମେରୀ ଯେତେ ଭୁଲ କଲେ ବି ସେ ତାଙ୍କୁ ବାଧିଲା ଭଳି ଆଦୌ ଅପମାନ ଦେଉନଥିଲେ। ଏପରିକି ଯଦିଓ ଲୋକେ ମେରୀଙ୍କୁ ବିଦ୍ରୁପ କରୁଥିଲେ ଡିସ୍‌ରାଏଲି ନିଜର ସମସ୍ତ ଶକ୍ତି ଖଟାଇ ମେରୀଙ୍କ ପକ୍ଷ ସମର୍ଥନ କରୁଥିଲେ। ମେରୀ ମଧ୍ୟ ସ୍ୱାମୀଙ୍କ ପ୍ରଶଂସା କରିବାକୁ ଆଦୌ ହେଳା କରୁନଥିଲେ। ଏହିପରି ଭାବେ ଦୀର୍ଘବର୍ଷ ହେବ ସେମାନେ ଏକାଠି ରହିଥିଲେ। କେବେ ବି ତାଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ଉଠୁନଥିଲା। ଉଭୟ ସ୍ୱାମୀ ସ୍ତ୍ରୀ ସବୁବେଳେ ଗୋଟିଏ କଥାକୁ ନେଇ ଥଟ୍ଟାମଜ୍ଜା କରୁଥିଲେ। ଡିସ୍‌ଲାଏରୀ ତାଙ୍କୁ ମନ ପକାଇ ଦିଅନ୍ତି କେବଳ ଟଙ୍କା ପାଇଁ ସେ ତାଙ୍କୁ ବିବାହ କରିଛନ୍ତି। ମେରୀ ସଙ୍ଗେ ସଙ୍ଗେ ହସି କହନ୍ତି ଆଉ ଥରେ କିନ୍ତୁ ସେପରି ଘଟିଲେ ତୁମେ ମୋତେ ପ୍ରେମ କରି ବିବାହ କରିବ। ବନ୍ଧୁଗଣ ଏହି ପ୍ରସଙ୍ଗ ଏଠାରେ ଉପସ୍ଥାପନା କରିବାର ଉଦ୍ଦେଶ୍ୟ ହେଉଛି ଆଜିର ପ୍ରେମ ସ୍ଥୁଳ ଶରୀରର ଆକର୍ଷଣ ପାଲଟି ଯାଇଛି। ଏହି ପାର୍ଥିବ ପ୍ରେମର ବାସ୍ନାରେ ଯଦିଓ ଆଜିର ଯୁବକଗଣ ଆକର୍ଷିତ ହେଉଛନ୍ତି କିନ୍ତୁ କ୍ଷଣିକ ପରେ ଏହି ପ୍ରେମ ମଉଳି ଯାଉଛି। ଏହି ପ୍ରେମ କରିବାରେ ସେମାନେ ପରସ୍ପର ଆକର୍ଷିତ ହୋଇ ଦୁହେଁ ଦୁହିଁଙ୍କୁ ଉପଭୋଗ କରିବାର ପ୍ରେମକୁ ବାନ୍ଧି ଦେଉଛନ୍ତି। କେହି କାହାର ଗହନ ମନର କଥା ବୁଝିବାକୁ ରାଜି ନୁହଁନ୍ତି ବରଂ ସୁଯୋଗ ମିଳିଲେ ଜଣେ ଅନ୍ୟ ଜଣଙ୍କୁ ଅପମାନ ଦେବାକୁ ପଛାଉନାହିଁ। କେବଳ ଅପମାନ ନୁହେଁ ଯେଉଁଠି ସ୍ୱାର୍ଥରେ ହାନି ଘଟୁଛି ସେଠାରେ ପରସ୍ପରର ଜୀବନ ନେବା ପାଇଁ ମଧ୍ୟ ପଛାଉ ନାହାଁନ୍ତି। ଏହି ଆସୁରିକ ଦୈହିକ ପ୍ରେମରେ ନା ଅଛି ସୁଖ, ନା ଅଛି ଶାନ୍ତି, ନା ଅଛି ସନ୍ତୋଷ। ସୂକ୍ଷ୍ମମନ ଅପେକ୍ଷା ସ୍ଥୁଳ ଶରୀରକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ଯେଉଁଠି ପ୍ରେମ ଟିକିଏ ଉଣାହେଉଛି ଦୁହେଁ ଦୁହିଁଙ୍କୁ ଛାଡ଼ପତ୍ର ଦେବାକୁ ମଧ୍ୟ ପଛାଉନାହାଁନ୍ତି। ପ୍ରେମର ପରିଭାଷା ବୁଝିବା ପାଇଁ ନା ଅଛି ଏମାନଙ୍କ ପାଖରେ ସମୟ, ଶ୍ରଦ୍ଧା ବା ସମ୍ମାନ। ନିଜ ନାଭିରେ କସ୍ତୁରୀ ଥିବା ନ ଜାଣିପାରି ମୃଗ ଯେପରି ଏଣେତେଣେ ଧାଉଁଥାଏ, ଆଜିର ଯୁବପିଢ଼ି ଠିକ୍ ସେହିପରି ପରସ୍ପରକୁ ବୁଝିନପାରି ଶାନ୍ତି, ସୁଖ ଓ ପ୍ରେମର ସନ୍ଧାନରେ ନିରାଶ ହୋଇ ନିଜକୁ ହତ୍ୟା କରିବା ପାଇଁ ପଛାଉ ନାହାଁନ୍ତି। ପ୍ରକୃତ ପ୍ରେମ ଯେ ଭୋଗରେ ନଥାଇ ତ୍ୟାଗରେ ଥାଏ। ଛଳନାହୀନ ଭଲ ପାଇବାରେ ଥାଏ ତାହା ସେମାନେ ବୁଝିପାରନ୍ତିନି। ପ୍ରେମର ପରିଭାଷା ରୁକ୍ଷତା ନୁହେଁ, କ୍ରୋଧ ବା କର୍କଷସ୍ୱର ପ୍ରେମର ପରମଶତ୍ରୁ। ଅହଂକାରର ଦଲିଲ୍‌ରେ ନଥାଏ ପ୍ରେମ। ପ୍ରେମ ଥାଏ ଶୁଦ୍ଧ ଚେତନାରେ, ସତ୍ୟରେ, ସ୍ୱଚ୍ଛତାରେ ଆଶା, ଆଶ୍ୱସନାରେ, ହୃଦୟର ପବିତ୍ରତାରେ, ସମ୍ପର୍କକୁ ଦୃଢ଼ କରେ ଏହି ପ୍ରେମ। କର୍ତ୍ତବ୍ୟ ଓ ଦାୟିତ୍ୱକୁ ଭୁଲି ଯଦି ପରସ୍ପର ନିଜର ଅଧିକାର ପଛରେ ଧାଇଁବେ ତେବେ ପ୍ରେମ ଶିଥିଳ ହୋଇ ସେଠାରେ ଝଡ଼ ସୃଷ୍ଟି ହୁଏ। ଯନ୍ତ୍ରଣାର ଯୁଇରେ ଦୁଇଜଣଯାକ ଜଳି ଜୀବନ ଥାଉ ଥାଉ ସେମାନେ ଦୁଃଖକୁ ବରଣ କରନ୍ତି। ଏଇଠି ମନେ ପଡ଼ିଥାଏ ଆମେରିକୀୟ ବିଦ୍ୱାନ ଜେମ୍ସଇଫଷ୍ଟ ଯିଏ କହିଥିଲେ- 'ଏକ ସମୃଦ୍ଧ ସଫଳ ଦାମ୍ପତ୍ୟଜୀବନ ପଛରେ ଥାଏ ଅତି ଛୋଟିଆ ତତ୍ତ୍ୱ'। ଗୁରୁତର ତ୍ରୁଟିକୁ ସାମାନ୍ୟ ବିଚାରିବା, ସମର୍ପିତ ମନୋଭାବ ଆଣିବା, କୃତଜ୍ଞ ରହିବା, ଭୋଗ ବଦଳେ ତ୍ୟାଗକୁ ସ୍ୱୀକାର କରିବା, ପ୍ରକୃତ ପ୍ରେମରେ ପରିହାସ ନଥାଏ, ସମାଲୋଚନା ନଥାଏ। ଥାଏ ସମର୍ପଣଭାବ ଥାଏ ଅମୃତ ଅନ୍ୱେଷଣର ଭାବ। ଆଉ ଜଣେ ଆମେରିକୀୟ ଲେଖିକା ମହିଳା ଉଦ୍ୟୋଗୀ ଫାଉନ୍ ୱେଭର କହିଥିଲେ, 'ପୃଥିବୀର ସବୁଠୁ ସୁନ୍ଦର ଜିନିଷ, ସୃଷ୍ଟିର ସବୁଠୁ କୋମଳ ସତ୍ତା ହେଉଛି ନାରୀର ହୃଦୟ। ଏହା କୋମଳ ଯେତିକି ମଜଭୁତ ମଧ୍ୟ ସେତିକି। ଯେତିକି ସୌଖୀନ, ସେତିକି ସମ୍ବେଦନଶୀଳ। ତା' ହୃଦୟ ବଦଳେ ତାକୁ ସମ୍ମାନ, ପ୍ରେମ, ସ୍ନେହ ମର୍ଯ୍ୟାଦା ଦେଲେ ସମଗ୍ର ଦୁନିଆ ଦେବାକୁ ସିଏ କୁଣ୍ଠା କରେ ନାହିଁ। କିନ୍ତୁ ବନ୍ଧୁଗଣ ଆଜିର ପ୍ରେମ ସୌଭାଗ୍ୟ ବଦଳେ ଲେଖୁଛି ଦୁର୍ଭାଗ୍ୟର ଦସ୍ତାବିଜ। ଦେହ ଓ ଦାହର ଦୁନିଆରେ ଆଜିର ପ୍ରେମ କାରାବନ୍ଧ ହୋଇଛି। ପ୍ରେମ ଆଜି ଅମୃତର ଅନୁଭବ ବିଶ୍ୱାସ ଭରସାର ପାତ୍ର ବଦଳେ ହୋଇଛି ପ୍ରବଞ୍ଚନା ପ୍ରତାରଣା ଓ ପାଶବିକତାର ପଦଚିହ୍ନ। ଯେଉଁଠି ପବିତ୍ରତା ନାହିଁ କି ପ୍ରତିଶ୍ରୁତି ନାହିଁ। ଅଛି କେବଳ ଶୋଷଣ ପୀଡ଼ନର ସଙ୍କେତ। ପ୍ରକୃତରେ ପ୍ରେମ ଏକ ତପସ୍ୟା।' ନମ୍ରତା ହିଁ ପ୍ରେମର ପରିଭାଷା ଚେତନାର ବିଦ୍ୟାନୁଭାବ। ନାରୀକୁ ସମ୍ମାନ ଦେବା, ମର୍ଯ୍ୟାଦା ଦେବା ପୁରୁଷବାଦର କଣ୍ଠରୋଧ ନୁହେଁ। କି ନମ୍ରତା, ସହନଶୀଳତାକୁ ଆପଣେଇବା ନାରୀବାଦର କଣ୍ଠରୋଧ ନୁହେଁ। ପ୍ରକୃତ ପ୍ରେମ ଏଭଳି ଏକ ମହୌଷଧି ଯାହା କି ପଶୁପକ୍ଷୀ କି ବନ୍ୟଜନ୍ତୁ, କି ଉଦ୍ଭିଦଜଗତ କି ପ୍ରାଣୀଜଗତ ସମସ୍ତଙ୍କୁ ସେ ବଶ କରିଦିଏ। ସବୁ ଜଟିଳ ସମସ୍ୟାକୁ ସମାଧାନ କରିଦିଏ ପ୍ରେମ। ତିକ୍ତତାକୁ ନିମିଷକରେ ମିଳାଇ ଦିଏ ପ୍ରେମ। ଏଭଳି ଏକ ଅସ୍ତ୍ର ଯାହା ପରମାଣୁ ବୋମାଠାରୁ ମଧ୍ୟ ଆହୁରି ଶକ୍ତିଶାଳୀ। କିନ୍ତୁ ବଡ଼ ଦୁଃଖର କଥା ଅସହିଷ୍ଣୁତା ଓ ଅହଂକାର ରୂପି ରାକ୍ଷସ ସବୁ ସଭ୍ୟ ବୋଲାଉଥିବା ମଣିଷ ଭିତରେ ଚେକାମାଡ଼ି ବସିଛି। କାହାକୁ ରକ୍ତପାତ କରି, ଦୁଃଖ ଅପମାନ ଦେଇ ସୁଖ, ସମୃଦ୍ଧି ପ୍ରେମ ହାସଲ କରାଯାଇପାରେନା। ପ୍ରେମ ହିଁ ସବୁଠାରୁ ବଡ଼ ମହାଶକ୍ତି। ଯାହାଦ୍ୱାରା ସବୁ ହୃଦୟ ଜୟ କରାଯାଇପାରେ। ପ୍ରେମ ପୁଣି ବିଜୟର ପ୍ରତୀକ ଯାହାଦ୍ୱାରା ସବୁଲାଭ କରାଯାଇପାରେ। ଶେଷରେ ଏତିକି କୁହାଯାଇପାରେ ଯେ ସ୍ଥୁଳ ଶାରୀରିକ ସୁଖରେ ପ୍ରେମର ସଂଜ୍ଞାକୁ ବିଚାର କରାଯାଇନଥାଏ। ପ୍ରତ୍ୟେକ ପୁରୁଷ ହେଉ ବା ନାରୀ ନିଜେ ଅନ୍ୟ ପାଇଁ ଉପଯୁକ୍ତ ହେବା ପାଇଁ ନିଜକୁ ଉତ୍ତମ ରୂପେ ଗଢ଼ିପାରିଲେ ସଫଳତା ନିଶ୍ଚୟ ପ୍ରାପ୍ତି ହେବ। ଅହଂକାର ରୂପୀ ଅସ୍ତ୍ର ଦ୍ୱାରା ପ୍ରେମର ହୃଦୟ ଜୟ କରାଯାଇପାରେନା। ନମ୍ରତା, ସହନଶୀଳତା, ଶ୍ରଦ୍ଧା, ସମର୍ପଣ, ସହଯୋଗ, ନିଷ୍କପଟ, ନିଷ୍ପାପର ଭଲପାଇବା ହିଁ ପ୍ରେମର ପ୍ରକୃତ ନିଦର୍ଶନ।

## ସରକାରଙ୍କ ନିୟମକୁ ଫୁଁ

# ଡହଡହ ଖରାରେ ଶ୍ରମିକଙ୍କୁ ଖଟାଉଛି ଠିକାସଂସ୍ଥା

କୋକସରା, (ଭାସ୍କର ନ୍ୟୁଜ୍): ରାଜ୍ୟର ଅଧିକାଂଶ ଜିଲ୍ଲାରେ ତାପମାତ୍ରା ପ୍ରାୟ ୪୦ ଡ଼ିଗ୍ରୀକୁ ଛୁଇଁ ଥିବାବେଳେ ସକାଳ ୧୧ଟା ବାଜିଲେ ରାସ୍ତାଘାଟ ଶୁନଶାନ୍ ହୋଇପଡୁଛି। ଏଭଳି ସ୍ଥିତିରେ ଅଂଶୁଘାତର ମୁକାବିଲା ପାଇଁ ରାଜ୍ୟ ସରକାର ସତର୍କ ଅବଲମ୍ବନ କରିବା ସହିତ ଅନେକ ପଦକ୍ଷେପ ନେଇଛନ୍ତି। ଦିନ ୧୧ଟାରୁ ୩ଟା ମଧ୍ୟରେ କିଭଳି ଶ୍ରମିକମାନେ କାର୍ଯ୍ୟ ନକରିବେ ତାହା ଉପରେ ଗୁରୁତ୍ୱ ଦେଇ ସରକାର କଡ଼ା ନିୟମ ଜାରି କରିଛନ୍ତି। ହେଲେ କଳାହାଣ୍ଡି ଜିଲ୍ଲାରେ ପ୍ରଶାସନ ଓ ଶ୍ରମ ବିଭାଗର ଅଧିକାରୀ ମାନଙ୍କ ଅବହେଳା ଯୋଗୁଁ ବାସ୍ତବ ଚିତ୍ର କିନ୍ତୁ ଓଲଟା ଦେଖିବାକୁ ମିଳୁଛି। ଜିଲ୍ଲାର ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କୋକସରା ବ୍ଲକ ୨୬ ନମ୍ବର ଜାତୀୟ ରାଜପଥ ବଙ୍ଗୋମୁଣ୍ଡା ଛକଠାରୁ କୁଲେରଗୁଡା ପର୍ଯ୍ୟନ୍ତ ପ୍ରଧାନ ମନ୍ତ୍ରୀ ସଡକ ଯୋଜନାରେ ବର୍ତ୍ତମାନ ରାସ୍ତା ନିର୍ମାଣ କାମ ଜାରି ରହିଛି। ଏହି ରାସ୍ତାର କୁଲେରଗୁଡା ଠାରେ ଖୁର୍ସେଲଗୁଡା ପର୍ଯ୍ୟନ୍ତ ପିଚୁ ପଡୁଥିବାବେଳେ ଟେମରା- ବଙ୍ଗୋମୁଣ୍ଡା ମଝିରେ ଏକ କଲଭଟ ତିଆରି ହେଉଛି। ଟାଇଁ ଟାଇଁ ଖରାରେ ଘରୁ ପଦାକୁ ଗୋଡ଼ କାଢି ହେଉ ନଥିବା ବେଳେ ଏଠାରେ



ଠିକାସଂସ୍ଥା ସରକାରଙ୍କର ନିୟମକୁ ଫୁ କରି ଦିନ ୧୨ଟା ବେଳର ଟାଣ ଖରାରେ ଶ୍ରମିକଙ୍କୁ ଖଟାଇ ଚାଲିଥିବା ଦେଖିବାକୁ ମିଳୁଛି। ରାଜ୍ୟର ଅନେକ ସହରରେ ଖରା ୪୦ ଡିଗ୍ରୀ ଉପରେ ରହିଛି। ସତେ ଯେପରି ତାତିଲା କଡେଇରେ ଭାଜି ହେଉଥିବା ପରି ମନେ ହେଉଥିବାବେଳେ କ୍ରମାଗତ ଭାବେ ତାପମାତ୍ରା ବୃଦ୍ଧି ପାଉଥିବାରୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସେପଟେ ଖରା ଦାଉରୁ ରକ୍ଷା ପାଇବା ପାଇଁ ସରକାର ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସହ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ପାଇଁ ନିୟମ ମଧ୍ୟ ଜାରି କରିଛନ୍ତି। ତଥାପି ଏଠାରେ ନିର୍ମାଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଏମଏସ୍ ମା' ଭବାନୀ ଇଞ୍ଜିନିୟରିଂ (କ) ଶ୍ରେଣୀର ଠିକାଦାର ସରକାରଙ୍କ ନୀତି ନିୟମ କୁ ବେ ଖାତିରି କରି ଉଡ଼ାଇ ଦେଇଛନ୍ତି। କାର୍ଯ୍ୟ ସ୍ଥାନରେ ପାଣିର ମଧ ବ୍ୟବସ୍ଥା ଟିକେ ହୋଇ ନାହିଁ। ୧୨ଟା ସମୟର ଟାଣ ଖରାରେ ଶ୍ରମିକଙ୍କୁ ଖଟାଉଥିବାବେଳେ ପ୍ରଶାସନ କିମ୍ବା ଶ୍ରମ ବିଭାଗ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନନେବାରୁ ଶ୍ରମିକମାନେ ମରଣକୁ ବରଣ କରି ରୋଜଗାର ଆଶାରେ କାମ କରୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ମହିଳା ମାନେ ୧୧ଟା ପରେ ଖରାରେ କାମ ପାଇଁ ବାରଣ କରୁଥିବା ବେଳେ ସେଠାରେ ଥିବା ଠିକାସଂସ୍ଥାର କର୍ମଚାରୀ ମାନେ ଶ୍ରମିକଙ୍କୁ ଯୋର ଦେଉଥିବା କାମରେ ନିୟୋଜିତ କିଛି ମହିଳା ଶ୍ରମିକ କହିଛନ୍ତି। ସରକାରଙ୍କ ନିୟମକୁ ବେଖାତିର କରି ଏହି ଠିକା ସଂସ୍ଥା ପୁରୁଷ ଓ ମହିଳା ଶ୍ରମିକମାନଙ୍କୁ ଖରାରେ ଖାଟାଇ ଚାଲିଛନ୍ତି। ଟାଣ ଖରାରେ ଶ୍ରମିକମାନେ କାମ କରୁଥିବା ବେଳେ ଅଂଶୁଘାତର ଶିକାର ହେବା କଥା କୁ ମଧ ଏଡ଼ାଇ ଦିଆଯାଇ ନପାରେ। ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ଯଦି ସତର୍କ ହୋଇ ଏଥିପ୍ରତି ଦୃଷ୍ଟି ନଦେଲେ ଆଗାମୀ ଦିନରେ ଧନ ଜୀବନ ହାନୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏଣୁ ଜିଲ୍ଲା ପ୍ରଶାସନ ସଂପୃକ୍ତ ଠିକାସଂସ୍ଥା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି।

# ରେଳ ଦୁର୍ଘଟଣାରେ ମୃତାହତଙ୍କୁ ଶ୍ରଦ୍ଧାଞ୍ଜଳି



ଧର୍ମଗଡ଼,(ଭାସ୍କର ନ୍ୟୁଜ): ଧର୍ମଗଡ଼ ଠାରେ ସିଡ୍ୟୁଲକାଷ୍ଟ ଫେଡରେସନ ପକ୍ଷରୁ ଶନିବାର ସନ୍ଧ୍ୟା ସମୟରେ ଚାରିଛକ ନିକଟରେ କ୍ୟାଣ୍ଡେଲ ପ୍ରଜ୍ୱଳନ କରାଯାଇ ମୃତକଙ୍କ ଆତ୍ମାର ସଦ୍‌ଗତି କାମନା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା।ପ୍ରଥମେ ମୃତକଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସିଡ୍ୟୁଲ କାଷ୍ଟ ଫେଡରେସନ ସଭାପତି ବିରଞ୍ଚି ନାରାୟଣ ଜାଲ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ରାମ ମେହେର, ଦିଗାମ୍ବର ଦୁରିଆ, ଢଗ ନାଏକ, ଜୟଦ୍ରଥ ମହାନନ୍ଦ, ରମଣି ଜାଲ, ପ୍ରଭାକର ଜାଲ, ରମଣି ଦୁର୍ଗା, ଫୁଲେଶ୍ୱର ସେନାପତି, ମହେଶ୍ୱର ସୁନାନୀ, ମନୋଜ ବାଗ, ରଜନୀ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ।

# ରେଳ ଦୁର୍ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ ସାମୂହିକ ଦୀପ ପ୍ରଜ୍ୱଳନ



ଜୁନାଗଡ, (ଭାସ୍କର ନ୍ୟୁଜ): ଜୁନାଗଡ଼ ବହୁଜନ ସଂଗ୍ରାମ ସମିତି ତରଫରୁ ବାହାନଗା ଠାରେ ରେଳ ଦୁର୍ଘଟଣାଗ୍ରସ୍ତଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଲଙ୍କେଶ୍ୱରୀ ମନ୍ଦିର ଠାରେ ସମୂହ ଦୀପ ପ୍ରଜ୍ୱଳନ କରି ମୃତକଙ୍କ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ । ବହୁଜନ ସଂଗ୍ରାମ ସମିତିର ସଭାପତି ରଞ୍ଜନ ଜାଲଙ୍କ ନେତୃତ୍ୱରେ ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡ ଠାରେ ସଂଗଠନର କର୍ମକର୍ତ୍ତା ଏକତ୍ରିତ ହୋଇ ମହମବତୀ ଶୋଭାଯାତ୍ରା କରାଯାଇ ଲଙ୍କେଶ୍ୱରୀ ମନ୍ଦିର ଠାରେ ପହଞ୍ଚି ଥିଲା। ମନ୍ଦିର ଠାରେ ଦୀପ ପ୍ରଜ୍ୱଳନ କରିଥିଲେ । ଦୁର୍ଘଟଣାରେ ମୃତକଙ୍କ ସଦ୍‌ଗତି କାମନା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଂଗଠନର ଉପଦେଷ୍ଟା ନରେନ୍ଦ୍ର ଖିତି , ଉପସଭାପତି ଧରଣୀ ଭୋଇ, ସହ ସମ୍ପାଦକ ଶରତ ଶବର, ରବି ସୁନାନୀ,ମିନୁ କନ୍ଦପାନ, ଉଗ୍ରେସନ କନ୍ଦପାନ, ଅଞ୍ଜନ କ୍ଷୀତି,ଶିବ ମହାନନ୍ଦ, ନିଲୁ ମାଝୀ ପ୍ରମୁଖଙ୍କ ସହ ପୂର୍ବତନ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଈଶ୍ୱର ପୁଝରୀ, ପୂର୍ବତନ ନଗରପାଳ ମହେଶ ସାହୁ ,ଏନଏସି ଉପାଧକ୍ଷା ହିମାଦ୍ରୀ ନାଏକ, ପାରିଷଦ ହିମାଦ୍ରୀ ସିନ୍ଧୁର ,ଚକ୍ର ବାଗ, ସଚିନ ଆନ୍ଦକ୍ଷନି,ପୁଷ୍ପାଞ୍ଜଳି ଦଣ୍ଡସେନା, ସମାଜସେବୀ ଲଳିତ ଅଗ୍ରୱାଲ, ସତୀଶ ପ୍ରଧାନ,ମହମ୍ମଦ ଇସୁଫଙ୍କ ସହ ସହରବାସୀ ଉପସ୍ଥିତ ଥିଲେ।

# କଳାହାଣ୍ଡିର ପୁଅ ଡୋଲେନ୍ଦ୍ର +୨ ବାଣିଜ୍ୟରେ ନବରଙ୍ଗପୁର ଜିଲ୍ଲା ଟପ୍ପର

## ଧର୍ମଗଡ଼ ସିଡ୍ୟୁଲ୍‌କାଷ୍ଟ ଫେଡେରେସନ ଓ ଦଣ୍ଡପାଟ ଆଞ୍ଚଳିକ ଡମ୍ବ ସମାଜ ପକ୍ଷରୁ ସମ୍ବର୍ଦ୍ଧନା





ଧର୍ମଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାର ପୁଅ ନବରଙ୍ଗପୁର ଜିଲ୍ଲାରେ ଟପ୍ପର ହୋଇ ଜିଲ୍ଲା ଓ ଜାତି ପାଇଁ ଗୌରବ ଆଣିପାରିଛନ୍ତି। ଗତ ବୁଧବାର ଦିନ ବିଜ୍ଞାନ ଓ ବାଣିଜ୍ୟ ପ୍ରକାଶିତ ଫଳାଫଳରେ ବାଣିଜ୍ୟରେ ମୋଟ ୫୨୭ମାର୍କ ରଖି ନବରଙ୍ଗପୁର ଜିଲ୍ଲା ରେ ଟପ୍ପର ହୋଇଛନ୍ତି। ଛାତ୍ର ଜଣକ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଜୟନ୍ତପୁର ପଞ୍ଚାୟତ ରଇନଗୁଡ଼ା ଗ୍ରାମର ଲବରାମ ଦୁରିଆ ଓ ସୂର୍ଯ୍ୟକାନ୍ତି ଦୁରିଆଙ୍କ ଏକମାତ୍ର ସନ୍ତାନ ଡୋଲେନ୍ଦ୍ର ଦୁରିଆ ହୋଇଥିବା ଜଣାପଡିଛି। ନବରଙ୍ଗପୁର ଜିଲ୍ଲାରେ ଜଣେ ଦଳିତ ସମାଜ ପୁଅ ପ୍ରଥମ ଭାବେ ଜିଲ୍ଲାରେ ଟପ୍ପର ହୋଇଥିବା ଏବେ ଚର୍ଚ୍ଚା ପରିସରକୁ ଆସିଛି। ଶନିବାର ଦିନ ଧର୍ମଗଡ଼ ବ୍ଲକ ସିଡୁଲ କାଷ୍ଟ ଫେଡେରେସନ ସଭାପତି ବିରଞ୍ଚି ନାରାୟଣ ଜାଲଙ୍କ ସମେତ କଂଗ୍ରେସ ଯୁବ ନେତା ଦିଗାମ୍ବର ଦୁରିଆ, ସମାଜ ସେବୀ ଢଗମାଳିଆ ନାଏକ, ସାମ୍ବାଦିକ ସୁବାସ ବାଗ,ଦିଲ୍ଲୀପ ଦୁରିଆ ପ୍ରମୁଖ ଛାତ୍ରଙ୍କୁ ସମ୍ବର୍ଦ୍ଧନା କରିଛନ୍ତି। ଏଥିସହ ସଭାପତି ଶ୍ରୀ ଜାଲ ଉଚ୍ଚ ଶିକ୍ଷା ପାଇଁ ଯାହା ସବୁ ଅର୍ଥ ଦରକାର ନିଜସ୍ୱ ହାତରୁ ସହାୟତା ଦେବା ଓ ସଂଘ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଦଣ୍ଡପାଟ ଆଞ୍ଚଳିକ ଡମ୍ବ ସମାଜ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି।ଡମ୍ବ ସମାଜର ସମ୍ପାଦକ ଯଶୋବନ୍ତ ପାଣିଗ୍ରାହୀଙ୍କ ସମେତ ଅଲ ଓଡିଶା ସିଡୁଲ କାଷ୍ଟ ଫେଡରେସନ କାର୍ଯ୍ୟକାରୀ ସଭାପତି ସୁନୀଲ ଦୁରିଆ, ଡମ୍ବ ସମାଜ କାର୍ଯ୍ୟକାରୀ ସଭାପତି ପଙ୍କଜ ଠାକୁର,ସାମ୍ବାଦିକ ରୂପେନ୍ଦ୍ର ସୁନାନୀ କାମେଶ ନାଗ ଓ ଡମ୍ବ ସମାଜ ସଦସ୍ୟ ଜୟରାମ ଦୁରିଆ ପ୍ରମୁଖ ଫୁଲତୋଳା ସହ ଦେଇ ସମ୍ବର୍ଦ୍ଧାନ କରିଥିଲେ।ଏଥିପାଇଁ ସଂଘ ପକ୍ଷରୁ ଉଚ୍ଚ ଶିକ୍ଷା ପାଇଁ ସବୁ ପ୍ରକାର ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।ଅନ୍ୟପଟେ ନବରଙ୍ଗପୁର ଡମ୍ବ ସମାଜ ପକ୍ଷରୁ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ବାର୍ତ୍ତା ଦେଇଥିବା ସୂଚନା ମିଳିଛି। ତାଙ୍କର ସଫଳତାରେ ସାରା ପଞ୍ଚାୟତରେ ଖୁସିର ଲହର ଏବେ ମଧ ଜାହିର ରହିଥିବା ବେଳେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଥିବା ଦେଖିବାକୁ ମିଳୁଛି।

# ଜଙ୍ଗଲ କାଟିବା ଅଭିଯୋଗରେ ଯୁବକ ଗିରଫ

କୋକସରା (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନାଞ୍ଚଳ ଅଧିନ ଧର୍ମଗଡ଼ ରେଞ୍ଜ ଆମପାଣି ଫରେଷ୍ଟ ସେକ୍ସନ କୁଟ୍ରା ବିଟର ପ୍ରାୟ ୫ ଏକର ଜଙ୍ଗଲ କାଟିବା ଅଭିଯୋଗରେ ବନ ବିଭାଗ ଜଣେ ଯୁବକଙ୍କୁ ଗିରଫ କରିଛି। ଶନିବାର ଆମପାଣି ଫରେଷ୍ଟର ମନୀଷା ପଟ୍ଟନାୟକଙ୍କ ନେତୃତ୍ୱରେ ଫରେଷ୍ଟ ଟିମ୍ ଚଢ଼ଉ କରି ନବରଙ୍ଗପୁର ଜିଲ୍ଲା ମୈଦାଲପୁର ଥାନା ଅଞ୍ଚଳର ମଙ୍ଗଟିଆ ହରିଜନ (୪୦)କୁ ଗିରଫ କରିଥିଲା। ପରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି।

# ଖୁଣ୍ଟିଗୋରା ପିଏଚ୍‌ସିରେ ଡାକ୍ତର ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



କନ୍ଧମାଳ,(ଭାସ୍କର ନ୍ୟୁଜ): କନ୍ଧମାଳ ବ୍ଲକ ଖୁଣ୍ଟିଗୋରା ପିଏଚସି ଠାରେ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଉତ୍ସବରେ କନ୍ଧମାଳ ବିଧାୟକ ମହିଧର ରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଖୁଣ୍ଟିଗୋରା ସ୍ୱାସ୍ଥ୍ୟକେନ୍ଦ୍ର ଲଗାତାର ଭାବରେ ୪ବର୍ଷ ଧରି ମର୍ଯ୍ୟାଦାଜନକ କାୟାକଳ୍ପ ପୁରସ୍କାର ବିଜେତା ହୋଇଥିବାରୁ ଡାକ୍ତର ଆନନ୍ଦ ଭୁଏଙ୍କ ସମେତ ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଅଞ୍ଚଳବାସୀ ଏବଂ ଡାକ୍ତରଖାନା କର୍ମକର୍ତ୍ତା ସମସ୍ତେ ଯତ୍ନବାନ ରହିଲେ ଆଗାମୀ ଦିନରେ ଆହୁରି ସୁନାମ ଅର୍ଜନ କରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ମହେନ୍ଦ୍ର କୁମାର ସୋଏ, କନ୍ଧମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଜଗଦିଶ ସେଠୀ, ଖୁଣ୍ଟିଗୋରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଆନନ୍ଦ ଭୁଏ ଏବଂ ଶିକ୍ଷାବିତ ନୀଳାଞ୍ଚଳ ଭୋଇ ଯୋଗ ଦେଇଥିଲେ। ଖୁଣ୍ଟିଗୋରା ଛକ ଠାରୁ ଡାକ୍ତରଖାନା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ପେଭର ବ୍ଲକ କାମ ସହ ଆଲୋକୀକରଣ ବ୍ୟବସ୍ଥା ଏବଂ ହସ୍ପିଟାଲରେ ପ୍ରସୂତି ପଏଣ୍ଟ ବ୍ୟବସ୍ଥା ନିମନ୍ତେ ସଚେତନ ମହଲରେ ହୋଇଥିବା ଦାବି ପ୍ରତି ବିଧାୟକ ଶ୍ରୀ ରଣା ଏବଂ ଚିକିତ୍ସାଧିକାରୀ ଶ୍ରୀ ସୋଏ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଡାକ୍ତରଖାନାର ସ୍ୱଚ୍ଛତା, ସୁନ୍ଦରତା ଓ ପ୍ରଚାର ପ୍ରସାର କ୍ଷେତ୍ରରେ ସହାଭାଗିତା ରହିଥିବା ବ୍ୟକ୍ତିବିଶେଷ ଓ ସାମ୍ବାଦିକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଭାରେ ଜନକଲ୍ୟାଣ ସମିତି ସଭାପତି କାର୍ତ୍ତିକେଶ୍ୱର ବେହେରା ସଭାପତିତ୍ୱ କରିଥିଲେ। ସଞ୍ଜୀବ କୁମାର ବେହେରା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଘଣ୍ଟାପଡା ଓ ଖୁଣ୍ଟିଗୋରା ସ୍ୱାସ୍ଥ୍ୟକେନ୍ଦ୍ରର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ସ୍ଥାନୀୟ ବଣିକ ସଙ୍ଘର କର୍ମକର୍ତ୍ତା ସହଯୋଗ କରିଥିଲେ।

# ବିନା ସୂଚନା ଫଳକରେ ଚାଲିଛି ଗ୍ରାମୀଣ ପାର୍କ କାର୍ଯ୍ୟକ୍ରମ

## ଗ୍ରାମର ଅନତି ଦୂରରେ ନିର୍ମାଣ ନେଇ ଜନଅସନ୍ତୋଷ

କୋକସରା, (ଭାସ୍କର ନ୍ୟୁଜ୍): ଗ୍ରାମାଞ୍ଚଳର ଶିଶୁ, କିଶୋର ଓ ସାଧାରଣ ଜନତାଙ୍କ ସାମୟିକ ମନୋରଞ୍ଜନ ନିମନ୍ତେ ରାଜ୍ୟ ସରକାର ନିର୍ମାଣ କରୁଛନ୍ତି ଗ୍ରାମୀଣ ପାର୍କ । ଧିରେ ଧିରେ ଏହା ସାରା ଓଡ଼ିଶାରେ ସମସ୍ତ ଗ୍ରାମ ପଞ୍ଚାୟତରେ ନିର୍ମାଣ ହେଉଛି। ଏହା ନବୀନ ସରକାରଙ୍କ ଏକ ଅଭିନବ ପଦକ୍ଷେପ ହୋଇଥିବାବେଳେ କେତେକ ସ୍ଥାନରେ ଅଧିକାରୀମାନଙ୍କ ଦୂରଦୃଷ୍ଟି ଅଭାବ ଯୋଗୁଁ ଗ୍ରାମୀଣ ଉଦ୍ୟାନର ପ୍ରକୃତ ଲକ୍ଷ୍ୟ ସାଧନ ପଥରେ ଅନ୍ତରାୟ ସୃଷ୍ଟି ହେଉଥିବା ପରିଲକ୍ଷିତ ହେଉଛି। ଏପରି ଏକ ଚିତ୍ର ଆସିଛି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଟେମରା ପଞ୍ଚାୟତରୁ। ସୂଚନା ଅନୁଯାୟୀ ଟେମରା ଗ୍ରାମ ପଞ୍ଚାୟତର ଟେମରା ତେନ୍ତୁଳିପାଡା ରାସ୍ତା ମଝିରେ ଏକ ପଡିଆରେ ଗ୍ରାମୀଣ ପାର୍କ କାର୍ଯ୍ୟ ବିନା ସୂଚନା ଫଳକରେ ଚାଲିଛି। ଯାହା ଫଳରେ ଲୋକେ କାର୍ଯ୍ୟର କୌଣସି ସୂଚନା ଜାଣିପାରୁନଥିବାବେଳେ କେଉଁ ଯୋଜନାରେ କାମ ହେଉଛି ତାହା ଭଗବାନଙ୍କୁ ଜଣା ବୋଲି ଆଲୋଚନା କଲେଣି। ପଞ୍ଚାୟତ ସଦର







ମହକୁମା ଠାରୁ ପ୍ରାୟ ଦେଢ଼ କିମି ଓ ତେନ୍ତୁଳିପଡାଠାରୁ ଏକ କିମି ଦୂର ମଝିରେ ଏହି ଗ୍ରାମୀଣ ଉଦ୍ୟାନ କାର୍ଯ୍ୟ ଚାଲୁରହିଛି। ନିକଟରେ ଜନବସତି ନଥିବାବେଳେ ଆବଶ୍ୟକ ସ୍ଥାନରେ ଏହା ନିର୍ମାଣ ହୋଇଥିଲେ ଲୋକଙ୍କ କାମରେ ଆସିପାରନ୍ତା। ଗାଁ ନିକଟରୁ ଅନେକ ଦୂରରେ ଶିଶୁ ଉଦ୍ୟାନ ହେଉଥିବାବେଳେ କିଭଳି ଶିଶୁ, କିଶୋର ଓ ସାଧାରଣ ଜନତାଙ୍କ କାମରେ ଲାଗିବ। ସରକାରୀ ଅର୍ଥକୁ ଉଚିତ୍ ସ୍ଥାନରେ ବିନିଯୋଗ କରାନଯାଇ ଠିକାଦାର ପୋଷା ନୀତିରେ ଗାଁ ବାହାରେ କରାଯାଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯଦି ଗ୍ରାମୀଣ ଉଦ୍ୟାନ କାର୍ଯ୍ୟ କରାଯାଉଛି ତେବେ ସଠିକ୍ ସ୍ଥାନରେ ହେବା କଥା, ଏଥିପାଇଁ ପ୍ରଶାସନ ପକ୍ଷରୁ ଅଞ୍ଚଳର ଅନେକ ଲୋକଙ୍କ ସହିତ ଆଲୋଚନା କରିବା ଜରୁରୀ ଥିଲା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଅନ୍ୟପଟେ ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଗ୍ରାମୀଣ ଉଦ୍ୟନ ଲୋକଙ୍କ କାମରେ ନଆସିଲେ କି ଲାଭ ବୋଲି ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେବେ କାର୍ଯ୍ୟସ୍ଥଳରେ ସୂଚନା ବିହୀନ ଫଳକ ଥିବାବେଳେ ଏହା କେଉଁ ବିଭାଗ ଓ ଏହାର ଅଟକଳ ମୂଲ୍ୟ କେତେ ରହିଛି ତାହା ମଧ ଲୋକଙ୍କୁ ଅଛପା ରହିଛି। ଯାହାକୁ ନେଇ କାର୍ଯ୍ୟ ପ୍ରତି ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏପରି ଏକ ଅପନ୍ତରା ସ୍ଥାନରେ ଗ୍ରାମୀଣ ଉଦ୍ୟାନ ନିର୍ମାଣ କରିବାର ଅର୍ଥ ରାଜ୍ୟ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପକାଇବା ସହ ସମାନ ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ବୋଲି ସଚେତନ ନାଗରିକମାନେ ମତ ପ୍ରକାଶ କରିଛନ୍ତି। ଏନେଇ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉତ୍ତମ କୁମାର ବାଗଙ୍କୁ ପଚାରିବାରୁ ଚତୁର୍ଦ୍ଦଶ ଅର୍ଥ କମିଶନ ଯୋଜନାରେ ଗ୍ରାମୀଣ ପାର୍କ ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି କହିଥିବାବେଳେ କାର୍ଯ୍ୟର ଅଟକଳ ମୂଲ୍ୟ ବିଷୟରେ କହି ନଥିଲେ ।

# ରାଶିଫଳ


ସୋମବାର, ୦୫ ଜୁନ୍ ୨୦୨୩



**ମେଷ:** ଆଜି ଆପଣଙ୍କ ଆତ୍ମବିଶ୍ୱାସ ବଢିବ ଓ ପ୍ରଗତି ନିଶ୍ଚିତ ହେବ । ଆୟ ଅପେକ୍ଷା ଅଧିକ ବ୍ୟୟ ହେବ । ବ୍ୟପାରରେ ହାନି ସ୍ଥିତି ରହିବ । କୌଣସି କାମରେ ମନ ଲାଗିବ ନାହିଁ । ବିଦ୍ୟାର୍ଥୀମାନଙ୍କ ମନ ପଢାରେ ଲାଗିବ ନାହିଁ । ବ୍ୟପାରିକ ଯାତ୍ରା ସଫଳ ରହିପାରେ । ପ୍ରେମ ପ୍ରସଙ୍ଗ ଅନୁକୂଳ ରହିବ । ସୁଖ ସାଧନ ଉପରେ ଖର୍ଚ୍ଚ ହେବ ।



**ବୃଷ:** ବାହାରକୁ ବାହାରିବା ପୂର୍ବରୁ କୌଣସି ଅଜଣା ବ୍ୟକ୍ତି ଉପରେ ବିଶ୍ୱାସ କରନ୍ତୁ ନାହିଁ । କୌଣସି ମହିଳା ମିତ୍ରର ସାହାଯ୍ୟ କରି ପାରନ୍ତି । ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ । ବ୍ୟାଙ୍କ ସହ ଜଡିତ କାମରେ ସାବଧାନ ରୁହନ୍ତୁ ।



**ମିଥୁନ:** ପ୍ରେମୀ ପ୍ରେମିକାଙ୍କ ସମ୍ପର୍କରେ ବିବାଦ ହୋଇପାରେ । କାର୍ଯ୍ୟ କ୍ଷେତ୍ରରେ ବିରୋଧୀ ବଢିବେ । ଆୟ ବ୍ୟୟରେ ସନ୍ତୁଳନ ରହିବ । ଆପଣଙ୍କ ପ୍ରିୟ ଆଜି ଆପଣଙ୍କୁ କିଛି କହିବେ । ଯାହା ଆପଣଙ୍କ ଚିନ୍ତା ବଢାଇ ପାରେ । କାହାର ଅପେକ୍ଷା କରନ୍ତୁ ନାହିଁ। ପଢିବା ଓ ଲେଖିବା ଇତ୍ୟାଦି କାର୍ଯ୍ୟରେ ଉତ୍ସାହ ରହିବ ।



**କର୍କଟ:** ଆଜି ଆପଣଙ୍କୁ କିଛି ସହଯୋଗ ମିଳିବ । ଆର୍ଥିକ ସମସ୍ୟା ଆସିବ । ଟଙ୍କା ନେବା ଦେବାରେ ସାବଧାନ ରୁହନ୍ତୁ । ସ୍ୱାସ୍ଥ୍ୟ କମଜୋର ରହିପାରେ । ବ୍ୟୟ ଅଧିକ ହେବ । କୌଣସି ଖବର ମିଳିପାରେ । କୌଣସି ବି ଝଗଡାରେ ଭାଗୀଦାରୀ ହୁଅନ୍ତୁ ନାହିଁ । କେଉଁଠି ଗୁପ୍ତ ଜିନିଷରୁ ଟଙ୍କା ମିଳିପାରେ । ଲକ୍ଷ ପ୍ରାପ୍ତି ପାଇଁ ଅଗ୍ରସର ରହିବେ ।



**ସିଂହ:** ଶିକ୍ଷକଙ୍କ ତରଫରୁ ବିଶେଷ ମାର୍ଗଦର୍ଶନ ପ୍ରାପ୍ତ ହେବ । ମିତ୍ରଙ୍କୁ ନିଜର ଦୁଃଖ ବ୍ୟଥା କୁହନ୍ତୁ । ଘରର କିଛି ପରିସ୍ଥିତି ଖରାପ ହୋଇପାରେ । ଆପଣ ନିଜର କାମକାର୍ଯ୍ୟ ପାଇଁ କାହାର ସହଯୋଗ ନେଇ ପାରନ୍ତି । ନିଷ୍ପତି ନେବା ପୂର୍ବରୁ ବୁଝି ସୁଝି ନିଅନ୍ତୁ । ସ୍ଥାୟୀ ସମ୍ପତ୍ତିରୁ ଲାଭ ମିଳିପାରେ । ପ୍ରେମ ପ୍ରସଙ୍ଗରେ ସ୍ଥିତି ଭଲ ରହିବ । ବାହାରକୁ ଯାଆନ୍ତୁ ନାହିଁ ।




**କନ୍ୟା:** ଅଧିକ ଧନ ବ୍ୟୟ ହେବା ଦ୍ୱାରା ମନ ଅଶାନ୍ତ ରହିବ । ବିଦ୍ୟାଧ୍ୟାନ ସମ୍ବନ୍ଧିତ ଶୁଭ ସମାଚାର ମିଳିବ । ପୈତୃକ ସମ୍ପତ୍ତି ପ୍ରାପ୍ତ କରିବାର ଯୋଗ ଅଛି । ଅତିରିକ୍ତ ଆୟ ପାଇଁ ନିଜର ସୃଜନାତ୍ମକ ବିଚାରର ସାହାର ନିଅନ୍ତୁ । ନିଜ ଜୀବନସାଥିଙ୍କ ସହିତ ପ୍ରେମ କରିବେ । ସମୟ ଅନୁକୂଳ ରହିବ । ଭରପୁର ପ୍ରୟାସ କରନ୍ତୁ ।




**ତୁଳା:** କୌଣସି ବି ଅପିରିଚିତ ବ୍ୟକ୍ତି ଉପରେ ବିଶ୍ୱାସ କରନ୍ତୁ ନାହିଁ । ଜୋଖିମ ଉଠାନ୍ତୁ ନାହିଁ । କୌଣସି ବି ପ୍ରକାରର ବିବାଦକୁ ଯାଆନ୍ତୁ ନାହିଁ । ଚାକିରି ଯାଇ ପାରେ । ଆକସ୍ମିକ ଧନଲାଭ ହୋଇପାରେ । ସନ୍ତାନ ଆପଣଙ୍କ ଆଜ୍ଞା ମାନିବେ । ଆୟର ନୂତନ ସ୍ରୋତ ମିଳିପାରେ ।



**ବିଛା:** କିଛି ବନ୍ଧୁଙ୍କ ସହିତ ସାକ୍ଷାତ ହେବ । ଉତ୍ସାହ ବର୍ଧକ ସୂଚନା ପ୍ରାପ୍ତ କରିବେ । କୌଣସି ବଡ଼ କାମ କରିବାରେ ମନ ଲାଗିବ। ରାଜନୀତି କ୍ଷେତ୍ରରେ ଆପଣଙ୍କ ମାନ ସମ୍ମାନ ବଢିବ । ଉଚ୍ଚ ଅଧିକାରୀ ଆପଣଙ୍କ ସହ ମିତ୍ର ବ୍ୟବହାର କରିବେ । ବନ୍ଧୁମାନେ ଆପଣଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବେ । ଯାହା ସହିତ ଆପଣ ରହୁଛନ୍ତି ତାଙ୍କ ସହିତ ବାଦ ବିବାଦ କରନ୍ତୁ ନାହିଁ । ବ୍ୟାପାରରେ ନୂତନ ଲାଭଦାୟକ ଅଫର ମିଳିବ ।




**ଧନୁ:** ପ୍ରେମ ସମ୍ବନ୍ଧରେ ସାବଧାନ ରୁହନ୍ତୁ । ସ୍ୱାସ୍ଥ୍ୟ ସାଧାରଣ ରହିବ । ଖାଦ୍ୟପାନରେ ରୁଚି ବଢିବ । ଅଧିକାରୀମାନଙ୍କ ସହ ସମ୍ପର୍କ ଭଲ ରହିବ । ଏକ ଆଧାତ୍ମିକ ବ୍ୟକ୍ତିଙ୍କ ଆଶୀର୍ବାଦ ମିଳିପାରେ । ଅଟକିଥିବା ଟଙ୍କା ମିଳିବ । ଆର୍ଥିକ ଅବସ୍ଥା ଭଲ ହୋଇଯିବ । ବନ୍ଧୁ କିମ୍ବା ପରିବାରର ସଦସ୍ୟଙ୍କ ସହିତ ହସ ଖୁସିରେ ଦିନ ବ୍ୟତୀତ କରିବେ । ବହୁତ ସମୟ ହେବ ଅଟକିଥିବା କାର୍ଯ୍ୟ ପୁରା ହେବ ।



**ମକର:** ପ୍ରେମୀମାନଙ୍କୁ ପାଇଁ ଆଜି କିଛି ଶୁଭ ଖବର ମିଳିପାରେ। ଉଚ୍ଚ ବର୍ଗ ଲୋକମାନଙ୍କ ଚାକିରିରେ କିଛି ଅସୁବିଧା ଆସିପାରେ । ଧର୍ମ ପ୍ରତି ଆସ୍ଥା ବଢିବ । ପୂଜା ପାଠରେ ମନ ଲାଗିବ । ରାଜକୀୟ ସହଯୋଗ ପ୍ରାପ୍ତ ହେବ । ସ୍ୱାସ୍ଥ୍ୟ ଭଲ ରହିବ । ଲାଭରେ ବୃଦ୍ଧି ହେବ । ପାରିବାରିକ ସହଯୋଗ ପ୍ରାପ୍ତ ହେବ । ନିଜର ଚିନ୍ତାକୁ ଦୂର କରିବା ପାଇଁ ପରିବାର ଲୋକମାନଙ୍କ ସାହାଯ୍ୟ ନିଅନ୍ତୁ ।



**କୁମ୍ଭ:** ପରିଶ୍ରମ ଅଧିକ ରହିବ । ଦୁର୍ଘଟନାର ସମ୍ଭାବନା ଅଛି । କିଛି କାର୍ଯ୍ୟ ଖରାପ ହୋଇପାରେ । ବିବାଦକୁ ବଢାନ୍ତୁ ନାହିଁ । ଲାଭ ପାଇଁ ଅନ୍ୟଙ୍କ କ୍ଷତି କରନ୍ତୁ ନାହିଁ । ମୌସମର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିପାରେ । ଘର ଲୋକମାନଙ୍କ କଥା ଶୁଣି ନିବେଶ କରନ୍ତୁ । ଆଜିର ଦିନ ଆପଣନଙ୍କୁ ବିଶ୍ରାମ କରିବା ଉଚିତ । ଧନ ପ୍ରାପ୍ତି ସୁଗମ ହେବ ।



**ମୀନ:**ବ୍ୟାପାରିକ ଯୋଜନା ବିଫଳ ହୋଇପାରେ । ବାହନ ଚଳାଇବା ସମୟରେ ସାବଧାନ ରୁହନ୍ତୁ । ଜୀବନସାଥିଙ୍କ ମହତ୍ୱପୂର୍ଣ୍ଣ ସହଯୋଗ ମିଳିବ । ଆପଣଙ୍କ ବୁଦ୍ଧି ଆପଣଙ୍କୁ ସଫଳତା ନିଶ୍ଚିତ ଦେବ । ଆଜି ନିଜର କର୍ମଚାରୀଙ୍କ ଉପରେ ଧ୍ୟାନ ଦିଅନ୍ତୁ । ରଚନାତ୍ମକ କାର୍ଯ୍ୟରେ ରୁଚି ବଢିବ । ଦୈନିକ ରାଶିଫଳ ପାଇବା ପାଇଁ ପେଜକୁ ଲାଇକ କରନ୍ତୁ ।



ପ୍ରସ୍ତୁତି


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କୋଣାର୍କ, (ଭାସ୍କର ନ୍ୟୁଜ୍) : ରବିବାର ସ୍ନାନ ପୂର୍ଣ୍ଣିମା ଅବସରରେ କୋଣାର୍କ ରାଜାରାମ ମଠ ପରିସରରେ ଥିବା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ମହାସମାରୋହରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରାତଃରୁ ମନ୍ଦିରରେ ଠାକୁରଙ୍କ ବିଭିନ୍ନ ନୀତିକାନ୍ତି ସହ ସ୍ନାନ ମଣ୍ଡପରେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଥିଲା । ୧୦୮ଗରା ସୁବାସିତ ଜଳରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସ୍ନାନ କରାଯାଇଥିଲା । ଶତାଧିକ ଶ୍ରଦ୍ଧାଳୁ ଏହି ଅପୂର୍ବ ଦର୍ଶନ ଦେଖିବାକୁ ଆସିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଗଜାନନ/ହାତୀ ବେଶ ଅନୁଷ୍ଠିତ ହୋଇଥିଲା । ଯାହା ଭକ୍ତମାନଙ୍କୁ ଭାବବିହ୍ୱଳ କରିଥିଲା । ସନ୍ଧ୍ୟାରେ ଏହି ଅବସରରେ ଭଜନ ସମାରୋହ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ସ୍ନାନ ଯାତ୍ରାକୁ ମୁଖ୍ୟ ଟ୍ରଷ୍ଟି ଅମେରଶ୍ୱର ନାୟକ, ମନ୍ଦୀର ପରିଚାଳକ ନିରଞ୍ଜନ ବାରିକ ଓ ସମସ୍ତ ସଭ୍ୟ ପ୍ରମୁଖ ପରିଚାଳନା କରିଥିଲେ ।



## ସହିଦ ଧରମସିଂ ମାଝୀ ମାନଧାତାଙ୍କ ସ୍ମୃତିରକ୍ଷା ଓ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଅଞ୍ଚଳବାସୀଙ୍କ ଦାବି

ବଲାଙ୍ଗିର, (ଭାସ୍କର ନ୍ୟୁଜ୍) : ପାଟଣାଗଡଜାତ ଅନ୍ତର୍ଗତ ଆଟଗାଁ ଜମିଦାର ସହିଦ ଧରମସିଂ ମାଝୀ ମାନଧାତାଙ୍କ ସ୍ମୃତିରକ୍ଷା କରାଯିବା ଓ ଐତିହାସିକ ଭୀମଡୁଙ୍ଗୁରୀ ପର୍ଯ୍ୟଟନସ୍ଥଳୀରେ ତାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯିବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି । ଭୀମପାହାଡ ମହୋତ୍ସବ କମିଟି ତରଫରୁ ଏନେଇ ବଲାଙ୍ଗିର ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଏକ ଦାବିପତ୍ର ଦିଆଯାଇଛି । ଜିଲ୍ଲାପାଳ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିବା ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଭୀମପାହାଡ ମହୋତ୍ସବ କମିଟିର ଅଧକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ଦ୍ୱାରା ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ, ଭାରତୀୟ ମୁକ୍ତିସଂଗ୍ରାମରେ ଐତିହାସିକ ସିପାହୀ ବିଦ୍ରୋହର ପୂର୍ବରୁ ଘୁମୁସର, କଳାହାଣ୍ଡି ଓ ପାଟଣା ଗଡଜାତ ଅଞ୍ଚଳରେ କନ୍ଧମେଳୀ ଆରମ୍ଭ ହୋଇ ବ୍ରିଟିଶ ଶାସନ ବିରୁଦ୍ଧରେ ଲଢେଇ କରାଯାଇଥିଲା । ଘୁମୁସରର ଚକରାବିଶୋଇ ଓ ଉର୍ଲାଦାନୀର ରେଣ୍ଡୋ ମାଝୀ ଲଢେଇ କରି କରି ପାଟଣା ରାଜ୍ୟର ଅଟଗାଁ ଜମିଦାରୀ ଅଂଚଳକୁ ଆସି କନ୍ଧମାନଙ୍କୁ ମେଳିକରି ସଂଗ୍ରାମ କରିଥିଲେ । ସେ ସମୟରେ ଆଟଗାଁର ଜମିଦାର ଚକରା ବିଶୋଇ ଓ ରେଣ୍ଡୋମାଝୀଙ୍କ ସହଯୋଗୀମାନଙ୍କୁ ଭୀମପାହାଡରେ ଆଶ୍ରୟ ଦେଇଥିଲେ । ଏଠାରେ ଥିବା ଗୁମ୍ଫାମାନଙ୍କରେ ସୈନ୍ୟସାମନ୍ତ ଓ ଅସ୍ତ୍ରଶସ୍ତ୍ର ଗୁଡିକୁ ସୁରକ୍ଷିତ ରଖାଯାଇ ସଂଗ୍ରାମ କରାଯାଉଥିଲା । ଚକରା ବିଶୋଇ ଓ ରେଣ୍ଡୋମାଝୀଙ୍କୁ ସୁରକ୍ଷା ଦେବାକୁ ଯାଇ ନିଜେ ଧରମସିଂ ମାଝୀ ମାନଧାତା ବ୍ରିଟିଶର୍ସଙ୍କ ସହିତ ଲଢେଇ କରିଥିଲେ । ଏହି ଲଢେଇରେ ଚକୋରା ବିଶୋଇ ବ୍ରିଟିସ କବଳରୁ ଖସିଯାଇଥିବା ବେଳେ ଧରମସିଂ ମାଝି ମାନଧାତା ଧରାପଡିଯାଇଥିଲେ । ସେ ସମୟରେ ତାଙ୍କୁ ନାଗପୁର ଜେଲ୍‌କୁ ନିଆଯାଇ ବନ୍ଦୀ କରାଯାଇଥିଲା ଓ ସେଠାରେ ତାଙ୍କୁ ହତ୍ୟା କରାଯାଇଥିଲା । ବଲାଙ୍ଗିର ଗେଜେଟିୟରରେ ଏନେଇ ବିସ୍ତୃତ ବିବରଣୀ ରହିଥିଲେ ହେଁ ଜଣେ ସହିଦଙ୍କୁ ଯେଭଳି ମାନ୍ୟତା ଦେବା କଥା ତାହା ଆଜି ପର୍ଯ୍ୟନ୍ତ ଦିଆଯାଇନାହିଁ । ସହିଦ ଧରମସିଂ ମାଝୀ ମାନଧାତାଙ୍କ ମହଲ ଆଜି ମଧ୍ୟ ଆଟଗାଁ ଠାରେ ଜର୍ଜରିତ ଅବସ୍ଥାରେ ପଡିରହିଛି । ତେଣୁ ଏହାର ସୁରକ୍ଷା ଓ ସଂରକ୍ଷଣ, ସହିଦ ଧରମସିଂ ମାଝୀ ମାନଧାତାଙ୍କ ସ୍ମୃତିରକ୍ଷା ପାଇଁ ରାଜ୍ୟସ୍ତରୀୟ ଉତ୍ସବ ପାଳନ ଓ ଭୀମ ପାହାଡ ଠାରେ ତାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯିବାକୁ ମହୋତ୍ସବ କମିଟି ଦାବି କରିଛି । ସହିଦଙ୍କ ସ୍ମୃତିରକ୍ଷା କରିବା ଆମର ସମସ୍ତଙ୍କର ଦାୟିତ୍ୱ । ଆମର ଆଗାମୀ ପିଢୀ ସେହି ସହିଦମାନଙ୍କ ତ୍ୟାଗ ଓ ବଳିଦାନ ବିଷୟରେ ଜାଣିବାର ଆବଶ୍ୟକତା ରହିଛି । ତେଣୁ ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବେ ବୋଲି ମହୋତ୍ସବ କମିଟି ଦାବି କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ମହୋତ୍ସବ କମିଟିର ସମ୍ପାଦକ ଗୋବର୍ଦ୍ଧନ ସାହୁ, ଉପସଭାପତି ଘନଶ୍ୟାମ ପଧାନ ଓ ପୀତବାସ ବିଶି ପ୍ରମୁଖ ଉପସ୍ଥିତ ରହିଥିଲେ ।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

## ଚଢ଼ିଗଲା ବସ୍ : ଜଣେ ମୃତ, ଅନ୍ୟଜଣେ ଗୁରୁତର

ବୈଶିଙ୍ଗା,(ଭାସ୍କର ନ୍ୟୁଜ୍) : ଆଜି (ରବିବାର) ପୂର୍ବାହ୍ନରେ ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ପଦ୍ମନାଭପୁର ଟୋଲ୍‌ଗେଟ୍ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣକ ଉପରେ ବସ୍ ଚଢିଯିବା ଯୋଗୁଁ ଚାଲିଗଲା ୧୭ ବର୍ଷୀୟ ନାବାଳକଙ୍କ ଜୀବନ ଏବଂ ଅନ୍ୟଜଣେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ଝାଡ଼ଖଣ୍ଡ ରାଜ୍ୟ ବରଶୋଲ ଥାନା ଅଧୀନ ବେଣାଶୋଳି ଅଞ୍ଚଳର ମଙ୍ଗଲ ମୁର୍ମୁଙ୍କ ପୁଅ ଚୁନୁ(୨୧) ଓ ବୁକାଇ ମୁର୍ମୁଙ୍କ ପୁଅ ସୁନୀଲ(୧୭) ବାଲେଶ୍ୱର ଜିଲ୍ଲା ସୋର ସ୍ଥିତ ଏକ ଚାଉଳ ମିଲରେ ଦୈନନ୍ଦିନ ଭାବେ କାର୍ଯ୍ୟ କରନ୍ତି । ଝାଡଖଣ୍ଡ ଜିଲ୍ଲାସ୍ଥିତ ନିଜ ଘରକୁ ଆଜି ଦୁହେଁ ସାଙ୍ଗ ହୋଇ ବାହାରି ସକାଳ ସମୟରେ ଏକ ଘରୋଇ ବସ୍ ଯୋଗେ ସୋରରୁ ବାଲେଶ୍ୱରକୁ ଆସିଥିଲେ । ବାଲେଶ୍ୱର ଠାରୁ ଏକ ବାଇକ ଚାଳକକୁ ଲିଫ୍ଟ ମାଗି ୩ଜଣ ବସି ବାରିପଦା ଅଭିମୁଖେ ଯାଉଥିଲେ । ପଦ୍ମନାଭପୁର ଟୋଲ୍‌ଗେଟ୍ ଠୁ ଅଳ୍ପ ଦୂରରେ ଦୁଇ ତିନିଟି ଟ୍ରକ ରାସ୍ତା ପାର୍ଶ୍ୱରେ ବେଆଇନ ଭାବେ ପାର୍କିଂ କରିଥିବା ଯୋଗୁଁ ପଛପଟୁ ଆସୁଥିବା ସ୍କର୍ପିଓଟି ବ୍ରେକ କରି ସାଇଡ କରୁଥିବା ବେଳେ ବାଇକ ଚାଳକ ସାମ୍ନାକୁ ଆସିଯାଇଥିଲା । ଫଳସ୍ୱରୂପ ଭାରସାମ୍ୟ ହରାଇ ବାଇକ ଚାଳକ ସ୍କର୍ପିଓର ପାର୍ଶ୍ୱରେ ଶକ୍ତ ଧକ୍କା ଦେଇ ତଳେ ପଡ଼ିଯାଇଥିଲା । ବାଇକ ଚାଳକ ଓ ମଝିରେ ବସିଥିବା ଚୁନୁ ରାସ୍ତାର ବାମ ପାର୍ଶ୍ୱକୁ ଛିଟିକି ପଡ଼ିଥିବାବେଳେ ପଛରେ ବସିଥିବା ସୁନୀଲ ଦକ୍ଷିଣ ପାର୍ଶ୍ୱକୁ ଛିଟିକି ପଡ଼ିଥିଲା ଓ ଠିକ୍ ସେହି ସମୟରେ ପଛପଟୁ ଦ୍ରୁତଗତିରେ ବାଲେଶ୍ୱରରୁ ବାରିପଦା ଅଭିମୁଖେ ଯାଉଥିବା ବାସୁଦେବ ବସ୍‌ଚକା ତଳେ ସୁନୀଲ ପଡ଼ିଯାଇଥିଲା । ସୁନୀଲର ଅଣ୍ଟା ଉପର ଦେଇ ବସ୍‌ଚକ ଚଢିଯିବା ଯୋଗୁଁ ଘଟଣାସ୍ଥଳରେ ହିଁ ତା'ର ମୃତ୍ୟୁ ହୋଇଥିଲା । ତତ୍‌କ୍ଷଣାତ୍ ବାଇକ ଚାଳକ ଜଣକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା ଏବଂ ଚୁନୁ ଗୁରୁତର ଭାବେ ରାସ୍ତା ଉପରେ ପଡିରହିଥିଲା । ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକ ଘଟଣାସ୍ଥଳରେ ପହଞ୍ଚି ବୈଶିଙ୍ଗା ପୁଲିସକୁ ଖବର ଦେଇଥିଲେ । ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ସୁମନ୍ତ ସେଠୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତକଙ୍କ ଶବକୁ ରାସ୍ତା ଉପରୁ ଉଠାଇବା ସହିତ ଗୁରୁତର ଆହତ ଚୁନୁକୁ ବୈଶିଙ୍ଗା ଡାକ୍ତରଖାନାକୁ ନେଇଯାଇଥିଲେ । ଦୁର୍ଘଟଣାରେ ଜଡିତ ଥିବା ସ୍କର୍ପିଓ ଓ ବାସୁଦେବ ବସ୍‌କୁ ବୈଶିଙ୍ଗା ଥାନାକୁ ଆଣିବା ସହ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ତଦନ୍ତ କରୁଛି ବୈଶିଙ୍ଗା ପୁଲିସ ।



ମୃତ ସୁନୀଲ (ଫାଇଲ୍ ଫଟୋ)



## କବୋଲା ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ସ୍ନାନଯାତ୍ରା

ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ୍) : ଭଣ୍ଡାରୀପୋଖରୀ ବ୍ଲକ ସରସଦା ପଞ୍ଚାୟତର ତୁଳସୀପୁର ଗ୍ରାମର ଏକବୋଲା ଠାରେ ଥିବା ଜଗନ୍ନାଥ ମନ୍ଦିର ପୂଜା କମିଟି ପକ୍ଷରୁ ଶ୍ରୀଜୀଉମାନଙ୍କର ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶ୍ରଦ୍ଧାଳୁମାନେ ସ୍ଥାନୀୟ ପୋଖରୀରୁ ୩୨ଗରା ଜଳ ଆଣିସାରିବା ପରେ ପୂଜକ ବିଶ୍ୱନାଥ ପାଣି ଏବଂ ବାବୁଲା ପଣ୍ଡାଙ୍କ ଦ୍ୱାରା ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ସ୍ନାନ କରାଇଥିଲେ ପରେ ନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ଥିଲା । ପୂଜା ମଣ୍ଡପରେ ସଂକଳ୍ପ କର୍ତ୍ତା ସରୋଜ କବି ଓ ଶ୍ରୀମତୀ କବି ଉପସ୍ଥିତ ରହି ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ । ମନୋଜ କବି, ମୁରଲୀଧର ଦାସ, ବିଶ୍ୱେଶ୍ୱର ଦାସ, ରଘୁନାଥ ଦିଅ, ଶ୍ୟାମ ସୁନ୍ଦର ଦାସ, ଗୋପାଳ ବଲ୍ଲଭ କବି, ଟୁକୁ ଓଝା, ନାଲୁ ବାରିକ, ଜଗା ଦିଅ, ଭରତ ବେହେରା, କାଳିଆ ସାହୁ ଓ କାଳିଆ ଦିଅ ପ୍ରମୁଖ ପରିଚାଳନା କରିଥିଲେ ।



## ଦେଶୀ ମଦ ଜବତ : ବେପାରୀ କୋର୍ଟ ଚାଲାଣ

କୋରେଇ, (ଭାସ୍କର ନ୍ୟୁଜ୍) : ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅଞ୍ଚଳରୁ ଦେଶୀ ମଦ ବେପାର ଖବର ପାଇ ଶୁକ୍ରବାର ସନ୍ଧ୍ୟାରେ ପୁଲିସ ଚଢାଉ କରିଥିଲା । ଚଢାଉ ସମୟରେ ଖମଣ ପଂଚାୟତ ବଡେଇଟକର ଗ୍ରାମର ଗୁଣ୍ଡୁଚି ମଳିକଙ୍କ ପୁଅ ଅମର ମଳିକ(୪୪) ସନ୍ଦେହଜନକ ଅବସ୍ଥାରେ ବୁଲୁଥିବାରୁ ତାକୁ ଯାଞ୍ଚ କରିଥିଲା । ଯାଞ୍ଚ ସମୟରେ ତା' ନିକଟରୁ ୨୦ ବୋତଲ ଆସ୍କା ଫର୍ଟି ଦେଶୀ ମଦ ଜବତ କରିବାରେ ସକ୍ଷମ ହୋଇଥିଲା । ତାକୁ ଧରି ଥାନାକୁ ଆଣିବା ପରେ ଏକ ମାମଲା ୧୨୯/୨୩ ରୁଜୁ କରାଯାଇଥିଲା । ଆଜି ଅମରକୁ ଦଫା ୫୨(ଏ) ଓଡିଶା ଏକ୍ସାଇଜ ଆକ୍ଟରେ ଅଦାଲତ ଚାଲାଣ କରାଯାଇଥିବା ତଦନ୍ତାଧିକାରୀ ଏଏସଆଇ ଅମୀୟ କୁମାର ବେହେରାଙ୍କ ସୂତ୍ରରୁ ପ୍ରକାଶ ।

## ଆମ ପୁଲିସ ସମିତି ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

## ୯୦ ୟୁନିଟ୍ ରକ୍ତ ସଂଗ୍ରହ



ଭଞ୍ଜନଗର, (ଭାସ୍କର ନ୍ୟୁଜ୍) : ସମ୍ପ୍ରତି ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରକ୍ତ ଭଣ୍ଡାରରେ ସୃଷ୍ଟି ହୋଇଥିବା ରକ୍ତ ଅଭାବକୁ ପୂରଣ କରିବା ଲକ୍ଷ୍ୟରେ ତାରସିଂ ଥାନା ଅଧିକାରୀ ପ୍ରଦୀପ୍ତ କୁମାର ଦାଶଙ୍କ ପୌରୋହିତ୍ୟରେ ଆମ ପୁଲିସ ସମିତି ପକ୍ଷରୁ ଥାନା ପରସରରେଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେଇଯାଇଛି । ଏହି ଶିବିରରେ ୯୦ ୟୁନିଟ ରକ୍ତ ସଂଗ୍ରହ ହେଇଥିଲା । ଲୋକଙ୍କ ସୁରକ୍ଷା ସହ ରକ୍ତଦାନ ଭଳି ମହାନ୍ କାର୍ଯ୍ୟ । ତାରସିଂ ଓ ଆଖପାଖ ଅଞ୍ଚଳର ଯୁବକ ସମେତ ପୁଲିସ କର୍ମଚାରୀମାନେ ରକ୍ତଦାନ କରିବା ସହ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ବିଜୁ ଜନତା ଦଳର ଯୁବ ସଂଗଠକ ରାଜକିଶୋର ସାହୁ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଶ୍ୱମିତ୍ର ହରପାଲ ଜଗନ୍ନାଥ ପ୍ରସାଦ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୂପ କୁମାର ପଣ୍ଡା ସମେତ ପୁଲିସ କର୍ମଚାରୀ ସରପଞ୍ଚ ଉପସ୍ଥିତ ଥିଲେ ।

## ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ଅଧିବେଶନ ଓ ନୂତନ କର୍ମକର୍ତ୍ତା ଚୟନ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ଆଜି ଜିଲ୍ଲାସ୍ତରୀୟ ବୈଠକ ସହ ଆସନ୍ତା ଦୁଇବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂଘ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଶିବଦତ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୭୦ରୁ ଊର୍ଦ୍ଧ୍ୱ ସଦସ୍ୟ/ସଦସ୍ୟା ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ ସଂଘରୁ ଆସିଥିବା ନରସିଂହ ବ୍ରହ୍ମା ଓ ପ୍ରଦୀପ କୁମାର ବକ୍ସି ଉପସ୍ଥିତ ରହି ସଂଘ ସମ୍ବନ୍ଧରେ ଆଲୋକପାତ କରିଥିଲେ । ରାଜ୍ୟ ସରକାର ସାମ୍ବାଦିକମାନଙ୍କ ସାମାଜିକ ସୁରକ୍ଷା ଆଇନ ଲାଗୁ କରିବା, ସ୍ୱାସ୍ଥ୍ୟବୀମା ୨ ଲକ୍ଷରୁ ୫ ଲକ୍ଷ ଟଙ୍କା ବୃଦ୍ଧି କରିବା, ବିଭିନ୍ନ ଜିଲ୍ଲାରେ ସାମ୍ବାଦିକମାନଙ୍କ ଉପରେ ହେଉଥିବା ଆକ୍ରମଣ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ସମସ୍ତ ସାମ୍ବାଦିକଙ୍କୁ ଅବସରକାଳୀନ ପେନସନ୍ ପ୍ରଦାନ କରିବା ଇତ୍ୟାଦି ଦାବି ସରକାର ତୁରନ୍ତ ଗ୍ରହଣ କରିବା ପାଇଁ ଦାବି କରାଯାଇଥିଲା । ପରେ ପରେ ଆଗାମୀ ଦୁଇବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି ନିର୍ବାଚନ ପରିଚାଳନା ଦାୟିତ୍ୱରେ ରାଜ୍ୟ ସବାପତି ବିଭୂତି ଭୂଷଣ କରଙ୍କ ନିର୍ଦ୍ଦେଶରେ ଶ୍ରୀ ବ୍ରହ୍ମା, ଶ୍ରୀ ବକ୍ସି ଓ ଶ୍ରୀ ସାହୁ ପରିଚାଳନା କରିଥିଲେ । ସର୍ବସମ୍ମତି କ୍ରମେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଭାବେ ଦୁର୍ଯ୍ୟୋଧନ ପାତ୍ର ପୁନର୍ବାର ମନୋନୀତ ହୋଇଥିବାବେଳେ କାର୍ଯ୍ୟକାରୀ ସଭାପତି ଭାବେ ଅଶୋକ ମିଶ୍ର, ଉପସଭାପତି ମୁକୁନ୍ଦ ନାୟକ, ସାଧାରଣ ସମ୍ପାଦକ ବି. ଶ୍ରୀନିବାସ ପାତ୍ର, କାର୍ଯ୍ୟାଳୟ ସମ୍ପାଦକ ସତ୍ୟନାରାୟଣ ଦାସ, ଯୁଗ୍ମ ସମ୍ପାଦକ ଅପୂର୍ବ ଥଣ୍ଡର, ବିଦେଶୀ ଗୌଡ, କୋଷାଧ୍ୟକ୍ଷ ହୃଷିକେଶ ସେଠି, ଉପଦେଷ୍ଟା ପ୍ରଭାକର ସୁନା, ସୀମାଞ୍ଚଳ ପାଣିଗ୍ରାହି ମନୋନୀତ ହୋଇଥିଲା ବେଳେ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଭଗବାନ ସାହୁ, ବିଦ୍ୟୁତ୍ ବୈରାଗୀ, ବିକ୍ରମ ସ୍ୱାଇଁ, ବାସୁଦେବ ଜେନା, ମାଣିକ ବାଛାର, ଏ. ଦେବାଶିଷ ପାତ୍ର ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ । ପର୍ଯ୍ୟବେକ୍ଷକ ଶ୍ରୀ ବ୍ରହ୍ମ ସମସ୍ତ ନୂତନ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲାବେଳେ ଶ୍ରୀ ଭଗବାନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




## ହାଡ଼ିବନ୍ଧୁ ଶତପଥୀଙ୍କ ସ୍ମୃତିଚାରଣ

କୁଜଙ୍ଗ, (ଭାସ୍କର ନ୍ୟୁଜ୍) : ସ୍ୱର୍ଗତ ହାଡ଼ିବନ୍ଧୁ ଶତପଥୀ ସ୍ମୃତି କମିଟି ପକ୍ଷରୁ କୁଜଙ୍ଗ ଦୁର୍ଗା ମଣ୍ଡପଠାରେ ସ୍ମୃତି କମିଟିର ସଭାପତି କେଶବ ଦାସଙ୍କ ସଭାପତିତ୍ୱ ଏବଂ ସ୍ମୃତି କମିଟିର ସମ୍ପାଦକ ରଘୁନାଥ ସାହୁଙ୍କ ସଂଯୋଜନାରେ ଆୟୋଜିତ ସ୍ମୃତି ସଭାରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ଡା. ଦାମୋଦର ରାଉତ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଥିଲେ । ଅବିଭକ୍ତ କୁଜଙ୍ଗର ପ୍ରଥମ ସରପଞ୍ଚ, ବଣିକ ସଂଘର ପ୍ରଥମ ସଭାପତି, କୁଜଙ୍ଗ ଦୁର୍ଗାପୂଜା କମିଟିର ଆଜୀବନ ସଭାପତି ଓ କୁଜଙ୍ଗ ମହାବିଦ୍ୟାଳୟ ପରିଚାଳନା କମିଟିର ପ୍ରଥମ ସଭାପତି ସ୍ୱର୍ଗତ ହାଡ଼ିବନ୍ଧୁ ଶତପଥୀ ଥିଲେ ଶୃଙ୍ଖଳାର ପ୍ରତୀକ ବୋଲି କୁଜଙ୍ଗ ଦୁର୍ଗା ମଣ୍ଡପଠାରେ ଆୟୋଜିତ ସ୍ମୃତି ସଭାରେ ଶ୍ରୀଯୁକ୍ତ ରାଉତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ପାରାଦୀପ ନିର୍ବାଚନ ମଣ୍ଡଳୀର ନାରୀନେତ୍ରୀ ତଥା ସମାଜସେବୀକା ଓ କୁଜଙ୍ଗ ପଞ୍ଚାୟତ ସରପଞ୍ଚ ବନ୍ଦିତା ଦାସ, କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁ, ପୂର୍ବତନ ସାଂସଦ ଡାକ୍ତର କୁଳମଣୀ ସାମଲ, ପୂର୍ବତନ ସାଂସଦ ବିଭୂପ୍ରସାଦ ତରାଇ, ପୂର୍ବତନ ସମିତି ସଭ୍ୟ କୈଳାସ ଷଡଙ୍ଗୀ, ସମାଜସେବୀ ରଞ୍ଜନ ଦାସ, ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ, ଆଇନଜୀବୀ ଏଏନଡି ଯାଦବ, ସାମ୍ବାଦିକ ବିଚିତ୍ରାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ହାଡ଼ିବନ୍ଧୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଣ ସଂଗଠନ ବାବୁରାମ ଚୌଧୁରୀ, ରବିନ୍ଦ୍ର ନାୟକ ପ୍ରମୁଖ ହାଡ଼ିବନ୍ଧୁ ଶତପଥୀଙ୍କ ଆଦର୍ଶ ଜୀବନଚର୍ଯ୍ୟା ଉପରେ ଆଲୋକପାତ କରିଥିଲେ । ଏହି ସ୍ମୃତି ସଭାରେ ପ୍ରଫୁଲ୍ଲ ପରିଡ଼ା, ସମାଜସେବୀ ଲୋକନାଥ ଦାସ, କୁଜଙ୍ଗ ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ କବି ରଞ୍ଜନ ବେହେରା, ବିଜୟ ଖଟେଇ, ରାମଚନ୍ଦ୍ର ଶତପଥୀ, ଦିଲ୍ଲିପ ଦାସ, ରଜନୀକାନ୍ତ ଦାସ, ନିଶାକର ମୁଦୁଲି, ଗୀତା ଦାସ, ନବୀନ ପ୍ରଧାନ ପ୍ରମୁଖଙ୍କ ସମେତ କୁଜଙ୍ଗ ଅଞ୍ଚଳର ବହୁ ବରିଷ୍ଠ ନେତୃ ମଣ୍ଡଳୀ ଏହି ସ୍ମୃତି ସଭାରେ ଯୋଗଦେଇ ସ୍ୱର୍ଗତ ହାଡ଼ିବନ୍ଧୁ ବାବୁଙ୍କୁ ଅଶୃଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପରିଶେଷରେ କୁଜଙ୍ଗ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ବନ୍ଦିତା ଦାସ ସମସ୍ତ ଅତିଥି ଓ ଆୟୋଜକ ଏବଂ ଉପସ୍ଥିତ ଜନସାଧାରଣଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ସରାଟ ନୀଳକଣ୍ଠେଶ୍ୱର ମନ୍ଦିରରେ ବିଶାଳ ସଂକୀର୍ତ୍ତନ ସମାରୋହ ଓ ଗୀତା ବଣ୍ଟନ ଉତ୍ସବ



ବାଲିପାଟଣା, (ଭାସ୍କର ନ୍ୟୁଜ୍) : ଶ୍ରୀ ଶ୍ରୀ ଜଗନ୍ନାଥ ନାମ ସଂକୀର୍ତ୍ତନ ପରିଷଦ ଖୋର୍ଦ୍ଧା ଜିଲ୍ଲା ଆନୁକୂଲ୍ୟରେ ଆଜି ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ତିଥିରେ ସରାଟ ନୀଳକଣ୍ଠେଶ୍ୱର ମନ୍ଦିର ଠାରେ ବିଶାଳ ନାମ ସଂକୀର୍ତ୍ତନ ଓ ଗୀତା ବଣ୍ଟନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସକାଳ ୭ ଟାରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀର ଏକ ହଜାରରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ଗାୟକ ଚଣାହାଟ ହାଇସ୍କୁଲ ଠାରୁ ନୀଳକଣ୍ଠେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଖୋଳ, ମୃଦଙ୍ଗ, ଝାଞ୍ଜ, ଗିନି, ଘଣ୍ଟଘଣ୍ଟାର ତାଳରେ ନୃତ୍ୟ କରି ସଂକୀର୍ତ୍ତନ ଶୋଭାଯାତ୍ରା କରି ଆସିଥିଲେ । ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସମାରୋହରେ ଉପଦେଷ୍ଟା ବାସୁଦେବ ଭଟ୍ଟଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବାଲିପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିକନ୍ଦ ବେହେରା କାର୍ଯ୍ୟକ୍ରମରେ ମହାମାନ୍ୟ ଅତିଥି ରୂପେ ଯୋଗଦେଇ ଏଭଳି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସାମିଲ ହୋଇ ନିଜକୁ ଧନ୍ୟ ମନେକରିବା ସହିତ ସଂକୀର୍ତ୍ତନ ଗାୟକମାନଙ୍କ ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରିବାକୁ ପ୍ରତିଶୃତି ଦେଇଥିଲେ । ସଂକୀର୍ତ୍ତନ କଳାକାରମାନଙ୍କୁ ଚିହ୍ନଟ କରି ଭତ୍ତା ପ୍ରଦାନ, ବୀମାକରଣ, ବାସଗୃହ ଯୋଗାଣ, ସେମାନଙ୍କ ପିଲାମାନଙ୍କୁ ମାଗଣାରେ ଗୁଣାତ୍ମକ ଓ ଉଚ୍ଚଶିକ୍ଷା ପ୍ରଦାନ, ମାଗଣା ଚିକିତ୍ସା ଆଦି ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବି ହୋଇଥିଲା । କାର୍ଯ୍ୟକ୍ରମରେ ଅତିଥି ରୂପେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢ଼ାଲି, ବାଲିପାଟଣା ବିଡିଓ ଆଦିକନ୍ଦ ବେହେରା, ବାଲିପାଟଣା ଥାନା ଏସ୍‌ଆଇ ରାକେଶ ସାମଲ ସମ୍ମାନିତ ଅତିଥି ଭାବେ ଓଡିଶା ଶିକ୍ଷା ବିକାଶ ସଂସ୍ଥାନର ସଭାପତି ଡଃ କରୁଣାକର ପ୍ରଧାନ, ବିଶିଷ୍ଟ ସଂଳାପ କାର ଅଧ୍ୟାପକ ଡଃ ରଜନୀ ରଞ୍ଜନ, ନିଆଳି କଲେଜ ସଂସ୍କୃତ ବିଭାଗ ଅଧ୍ୟାପକ ପ୍ରଦୀପ୍ତ ମିଶ୍ର,ଜିଲ୍ଲା ପରିଷଦ ସଦସ୍ୟ ଗଙ୍ଗାଧର ମଲ୍ଲିକ, କାର୍ଯ୍ୟକ୍ରମ ଆୟୋଜକ ହେମନ୍ତ କୁମାର ଦାଶ, ଜଗନ୍ନାଥ ସଂକୀର୍ତନ ପରିଷଦ ସମ୍ପାଦକ, ବିପିନ ବିହାରୀ ଦାସ, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅନାଦି ପାତ୍ର ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ପ୍ରସନ୍ନ ବିଷୋୟୀ, ସଭାପତି ପ୍ରସନ୍ନ ବଡ଼ଜେନା, ସମ୍ପାଦକ ସୁଦର୍ଶନ ଚମ୍ପତି, ପ୍ରଶାନ୍ତ ସ୍ୱାଇଁ, ମାୟାଧର ହୋତା,କାଶୀନାଥ ଜେନା, ଲକ୍ଷ୍ମୀଧର ବେହେରା ଆଦି ବକ୍ତବ୍ୟ ପ୍ରଦାନ କରିଥିଲେ । ସମାରୋହରେ ଗୀତାର ମାହାତ୍ମ୍ୟ ସମ୍ପର୍କରେ ବିଶାରଦମାନେ ବିଷଦ ଭାବେ ଆଲୋଚନା କରିଥିଲେ । ସମସ୍ତ ସଂକୀର୍ତ୍ତନ ଗାୟକମାନଙ୍କୁ ଉପଢୌକନ, ସାର୍ଟିଫିକେଟ ଓ ଭାଗବତ ଗୀତା ପ୍ରଦାନ କରାଯାଇଥିଲା । ଆଗାମୀ ଦିନରେ ଭୁବନେଶ୍ୱର, ଟାଙ୍ଗୀ, ଖୋର୍ଦ୍ଧାରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ଆଜିର ସମାରୋହରେ ଘୋଷଣା କରାଯାଇଛି । ସଂଗଠନର ବାଲିପାଟଣା ବ୍ଲକ ସଭାପତି ନିରାକାର ଜେନା ଓ ବାଲିଅନ୍ତା ସଭାପତି ରାକେଶ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଅମଲାଙ୍କ ଆନ୍ଦୋଳନ ଜାରି ରହିବ

ଜୟପୁର, (ଭାସ୍କର ନ୍ୟୁଜ୍) : ମୁଖ୍ୟ ଶାସନ ସଚିବଙ୍କ ସହିତ ଆଲୋଚନା ବିଫଳ ହେବା ପରେ ଜିଲ୍ଲାସ୍ତରୀୟ ମିଳିତ ଅମଲା ମଞ୍ଚ କର୍ମକର୍ତ୍ତାଙ୍କୁ ନେଇ ରେଡକ୍ରସ ଭବନ ଭୁବନେଶ୍ୱର ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ନାରାୟଣ ଦାଶ ଅଧ୍ୟକ୍ଷ ରାଜ୍ୟ ମିଳିତ ଅମଲା ମଞ୍ଚ ଓଡ଼ିଶାଙ୍କ ଆହ୍ୱାନକ୍ରମେ ୩୦ଟି ଜିଲ୍ଲାର ମିଳିତ ଅମଲା ମଞ୍ଚ ଅଧ୍ୟକ୍ଷ, ସଭାପତି ତଥା ଆବାହକ, ଓଡ଼ିଶା ଅମଲା ସଂଘର ସଭାପତି, ସମ୍ପାଦକ, କାର୍ଯ୍ୟ ନିର୍ବାହୀ ସଦସ୍ୟ, ଟ୍ରେଜେରି ସଂଘର କର୍ମକର୍ତ୍ତା, ଉପନିବନ୍ଧକ ସଂଘର କର୍ମକର୍ତ୍ତା, ରାଜ୍ୟ ରାଜସ୍ୱ, ରାଜ୍ୟ ଟ୍ରେଜେରି, ରାଜ୍ୟ କୋଷାଧ୍ୟକ୍ଷ ଓ ରାଜ୍ୟ ଓଡିଶା ଅମଲା ସଂଘର ରାଜ୍ୟ ସଭାପତି, ସାଧାରଣ ସମ୍ପାଦକଙ୍କ ସମେତ କାର୍ଯ୍ୟ ନିର୍ବାହୀ ସଦସ୍ୟମାନେ ଶତାଧିକ ମାତ୍ରାରେ ଯୋଗଦାନ କରିଥିଲେ, ସେହିପରି କୋରାପୁଟ ଜିଲ୍ଲା ମିଳିତ ଅମଲା ମଞ୍ଚ ପକ୍ଷରୁ ଶ୍ରୀ ଶଶୀଭୂଷଣ ଦାଶ ସଭାପତି, ପ୍ରସନ୍ନ କୁମାର ନାୟକ ଅଧ୍ୟକ୍ଷ, ଶାନ୍ତନୁ କୁମାର ଜେନା ଓ ସତ୍ୟରଞ୍ଜନ ତ୍ରିପାଠୀ ସଦସ୍ୟ ଓଡିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଉକ୍ତ ବୈଠକରେ ଯୋଗଦାନ କରିଥିଲେ, ଅମଲାମାନଙ୍କ ଦୀର୍ଘଦିନର ଏକମାତ୍ର ଦାବି ସରକାର ପୂରଣ କରିନଥିବା ଯୋଗୁଁ ସମଗ୍ର ୩୦ଟି ଜିଲ୍ଲାର ୫୦ ହଜାର ଅମଲା ଜୁନ ୧ ତାରିଖ ଠାରୁ ସମୂହ ଛୁଟିରେ ରହିବା ସହିତ କାର୍ଯ୍ୟ ବନ୍ଦ କରି ପ୍ରତି ଜିଲ୍ଲା ମୁଖ୍ୟାଳୟ ଠାରେ ଧାରଣା ଦେଇଥିଲେ ଏନେଇ ମୁଖ୍ୟ ଶାସନ ସଚିବ ସଂଘ କର୍ମକର୍ତ୍ତାମାନଙ୍କୁ ଆଲୋଚନା ପାଇଁ ଡାକିଥିଲେ ମଧ୍ୟ ଆଲୋଚନାରୁ କିଛି ସୁଫଳ ମିଳିନଥିବା ସଂଘ ପକ୍ଷରୁ ସୂଚନା ମିଳିଛି ତେଣୁ ପୂର୍ବ ପରି ଅମଲାମାନେ ଛୁଟିରେ ରହିବା ସହିତ ଆନ୍ଦୋଳନକୁ ଆହୁରି ତୀବ୍ର କରିବା ନିମନ୍ତେ ଆଲୋଚନା ହୋଇଥିବା ବିଶେଷ ସୂତ୍ରରୁ ପ୍ରକାଶ ।

## ରାଶିଫଳ


**ସୋମବାର, ୫ ଜୁନ୍ ୨୦୨୩**



**ମେଷ:** ଆଜି ଆପଣଙ୍କ ଆତ୍ମବିଶ୍ୱାସ ବଢିବ ଓ ପ୍ରଗତି ନିଶ୍ଚିତ ହେବ । ଆୟ ଅପେକ୍ଷା ଅଧିକ ବ୍ୟୟ ହେବ । ବ୍ୟପାରରେ ହାନି ସ୍ଥିତି ରହିବ । କୌଣସି କାମରେ ମନ ଲାଗିବ ନାହିଁ । ବିଦ୍ୟାର୍ଥୀମାନଙ୍କ ମନ ପଢାରେ ଲାଗିବ ନାହିଁ । ବ୍ୟପାରିକ ଯାତ୍ରା ସଫଳ ରହିପାରେ । ପ୍ରେମ ପ୍ରସଙ୍ଗ ଅନୁକୂଳ ରହିବ । ସୁଖ ସାଧନ ଉପରେ ଖର୍ଚ୍ଚ ହେବ ।



**ବୃଷ:** ବାହାରକୁ ବାହାରିବା ପରେ କୌଣସି ଅଜଣା ବ୍ୟକ୍ତି ଉପରେ ବିଶ୍ୱାସ କରନ୍ତୁ ନାହିଁ । କୌଣସି ମହିଳା ମିତ୍ରର ସାହାଯ୍ୟ କରିପାରନ୍ତି । ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ । ବ୍ୟାଙ୍କ ସହ ଜଡିତ କାମରେ ସାବଧାନ ରୁହନ୍ତୁ ।



**ମିଥୁନ:** ପ୍ରେମୀ ପ୍ରେମିକାଙ୍କ ସମ୍ପର୍କରେ ବିବାଦ ହୋଇପାରେ । କାର୍ଯ୍ୟ କ୍ଷେତ୍ରରେ ବିରୋଧୀ ବଢିବେ । ଆୟ ବ୍ୟୟରେ ସନ୍ତୁଳନ ରହିବ । ଆପଣଙ୍କ ପ୍ରିୟ ଆଜି ଆପଣଙ୍କୁ କିଛି କହିବେ । ଯାହା ଆପଣଙ୍କ ଚିନ୍ତା ବଢାଇ ପାରେ । କାହାର ଅପେକ୍ଷା କରନ୍ତୁ ନାହିଁ । ପଢିବା ଓ ଲେଖିବା ଇତ୍ୟାଦି କାର୍ଯ୍ୟରେ ଉତ୍ସାହ ରହିବ ।



**କର୍କଟ:** ଆଜି ଆପଣଙ୍କୁ କିଛି ସହଯୋଗ ମିଳିବ । ଆର୍ଥିକ ସମସ୍ୟା ଆସିବ । ଟଙ୍କା ନେବା ଦେବାରେ ସାବଧାନ ରୁହନ୍ତୁ । ସ୍ୱାସ୍ଥ୍ୟ କମଜୋର ରହିପାରେ । ବ୍ୟୟ ଅଧିକ ହେବ । କୌଣସି ଖବର ମିଳିପାରେ । କୌଣସି ବି ଝଗଡାରେ ଭାଗୀଦାରୀ ହୁଅନ୍ତୁ ନାହିଁ । କେଉଁଠି ଗୁପ୍ତ ଜିନିଷରୁ ଟଙ୍କା ମିଳିପାରେ । ଲକ୍ଷ ପ୍ରାପ୍ତି ପାଇଁ ଅଗ୍ରସର ରହିବେ ।




**ସିଂହ:** ଶିକ୍ଷକଙ୍କ ତରଫରୁ ବିଶେଷ ମାର୍ଗଦର୍ଶନ ପ୍ରାପ୍ତ ହେବ । ମିତ୍ରଙ୍କୁ ନିଜର ଦୁଖ ବ୍ୟଥା କୁହନ୍ତୁ । ଘରର କିଛି ପରିସ୍ଥିତି ଖରାପ ହୋଇପାରେ । ଆପଣ ନିଜର କାମକାର୍ଯ୍ୟ ପାଇଁ କାହାର ସହଯୋଗ ନେଇ ପାରନ୍ତି । ନିଷ୍ପତି ନେବା ପୂର୍ବରୁ ବୁଝି ସୁଝି ନିଅନ୍ତୁ । ସ୍ଥାୟୀ ସମ୍ପତ୍ତିରୁ ଲାଭ ମିଳିପାରେ । ପ୍ରେମ ପ୍ରସଙ୍ଗରେ ସ୍ଥିତି ଭଲ ରହିବ । ବାହାରକୁ ଯାଅନ୍ତୁ ନାହିଁ ।



**କନ୍ୟା:** ଅଧିକ ଧନ ବ୍ୟୟ ହେବା ଦ୍ୱାରା ମନ ଅଶାନ୍ତ ରହିବ । ବିଦ୍ୟାଧ୍ୟାନ ସମ୍ବନ୍ଧିତ ଶୁଭ ସମାଚାର ମିଳିବ । ପୈତୃକ ସମ୍ପତ୍ତି ପ୍ରାପ୍ତ କରିବାର ଯୋଗ ଅଛି । ଅତିରିକ୍ତ ଆୟ ପାଇଁ ନିଜର ସୃଜନାତ୍ମକ ବିଚାରର ସାହାର ନିଅନ୍ତୁ । ନିଜ ଜୀବନସାଥିଙ୍କ ସହିତ ପ୍ରେମ କରିବେ । ସମୟ ଅନୁକୂଳ ରହିବ । ଭରପୁର ପ୍ରୟାସ କରନ୍ତୁ ।



**ତୁଳା:** କୌଣସି ବି ଅପିରିଚିତ ବ୍ୟକ୍ତି ଉପରେ ବିଶ୍ୱାସ କରନ୍ତୁ ନାହିଁ । ଜୋଖିମ ଉଠାନ୍ତୁ ନାହିଁ । କୌଣସି ବି ପ୍ରକାରର ବିବାଦକୁ ଯାଆନ୍ତୁ ନାହିଁ । ଚାକିରି ଯାଇ ପାରେ । ଆକସ୍ମିକ ଧନଲାଭ ହୋଇପାରେ । ସନ୍ତାନ ଆପଣଙ୍କ ଆଜ୍ଞା ମାନିବେ । ଆୟର ନୂତନ ସ୍ରୋତ ମିଳିପାରେ ।



**ବିଛା:** କିଛି ବନ୍ଧୁଙ୍କ ସହିତ ସାକ୍ଷାତ ହେବ । ଉତ୍ସାହ ବର୍ଦ୍ଧକ ସୂଚନା ପ୍ରାପ୍ତ କରିବେ । କୌଣସି ବଡ଼ କାମ କରିବାରେ ମନ ଲାଗିବ । ରାଜନୀତି କ୍ଷେତ୍ରରେ ଆପଣଙ୍କ ମାନସମ୍ମାନ ବଢିବ । ଉଚ୍ଚ ଅଧିକାରୀ ଆପଣଙ୍କ ସହ ମିତ୍ର ବ୍ୟବହାର କରିବେ । ବନ୍ଧୁମାନେ ଆପଣଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବେ । ଯାହା ସହିତ ଆପଣ ରହୁଛନ୍ତି ତାଙ୍କ ସହିତ ବାଦ ବିବାଦ କରନ୍ତୁ ନାହିଁ । ବ୍ୟାପାରରେ ନୂତନ ଲାଭଦାୟକ ଅଫର ମିଳିବ ।



**ଧନୁ:** ପ୍ରେମ ସମ୍ବନ୍ଧରେ ସାବଧାନ ରୁହନ୍ତୁ । ସ୍ୱାସ୍ଥ୍ୟ ସାଧାରଣ ରହିବ । ଖାଦ୍ୟପାନରେ ରୁଚି ବଢିବ । ଅଧିକାରୀମାନଙ୍କ ସହ ସମ୍ପର୍କ ଭଲ ରହିବ । ଏକ ଆଧ୍ୟାତ୍ମିକ ବ୍ୟକ୍ତିଙ୍କ ଆଶୀର୍ବାଦ ମିଳିପାରେ । ଅଟକିଥିବା ଟଙ୍କା ମିଳିବ । ଆର୍ଥିକ ଅବସ୍ଥା ଭଲ ହୋଇଯିବ । ବନ୍ଧୁ କିମ୍ବା ପରିବାରର ସଦସ୍ୟଙ୍କ ସହିତ ହସ ଖୁସିରେ ଦିନ ବ୍ୟତୀତ କରିବେ । ବହୁତ ସମୟ ହେବ ଅଟକିଥିବା କାର୍ଯ୍ୟ ସମ୍ପନ୍ନ ହେବ ।



**ମକର:** ପ୍ରେମୀମାନଙ୍କୁ ପାଇଁ ଆଜି କିଛି ଶୁଭ ଖବର ମିଳିପାରେ । ଉଚ୍ଚ ବର୍ଗ ଲୋକମାନଙ୍କ ଚାକିରିରେ କିଛି ଅସୁବିଧା ଆସିପାରେ । ଧର୍ମ ପ୍ରତି ଆସ୍ଥା ବଢିବ । ପୂଜା ପାଠରେ ମନ ଲାଗିବ । ରାଜକୀୟ ସହଯୋଗ ପ୍ରାପ୍ତ ହେବ । ସ୍ୱାସ୍ଥ୍ୟ ଭଲ ରହିବ । ଲାଭରେ ବୃଦ୍ଧି ହେବ । ପାରିବାରିକ ସହଯୋଗ ପ୍ରାପ୍ତ ହେବ । ନିଜର ଚିନ୍ତାକକୁ ଦୂର କରିବା ପାଇଁ ପରିବାର ଲୋକମାନଙ୍କ ସାହାଯ୍ୟ ନିଅନ୍ତୁ ।



**କୁମ୍ଭ:** ପରିଶ୍ରମ ଅଧିକ ରହିବ । ଦୁର୍ଘଟଣାର ସମ୍ଭାବନା ଅଛି । କିଛି କାର୍ଯ୍ୟ ଖରାପ ହୋଇପାରେ । ବିବାଦକୁ ବଢାନ୍ତୁ ନାହିଁ । ଲାଭ ପାଇଁ ଅନ୍ୟଙ୍କ କ୍ଷତି କରନ୍ତୁ ନାହିଁ । ମୌସମର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିପାରେ । ଘର ଲୋକମାନଙ୍କ କଥା ଶୁଣି ନିବେଶ କରନ୍ତୁ । ଆଜିର ଦିନ ଆପଣଙ୍କୁ ବିଶ୍ରାମ କରିବା ଉଚିତ । ଧନ ପ୍ରାପ୍ତି ସୁଗମ ହେବ ।



**ମୀନ:** ବ୍ୟାପାରିକ ଯୋଜନା ବିଫଳ ହୋଇପାରେ । ବାହନ ଚଳାଇବା ସମୟରେ ସାବଧାନ ରୁହନ୍ତୁ । ଜୀବନସାଥିଙ୍କ ମହତ୍ୱପୂର୍ଣ୍ଣ ସହଯୋଗ ମିଳିବ । ଆପଣଙ୍କ ବୁଦ୍ଧି ଆପଣଙ୍କୁ ସଫଳତା ନିଶ୍ଚିତ ଦେବ । ଆଜି ନିଜର କର୍ମଚାରୀଙ୍କ ଉପରେ ଧ୍ୟାନ ଦିଅନ୍ତୁ । ରଚନାତ୍ମକ କାର୍ଯ୍ୟରେ ରୁଚି ବଢିବ । ଦୈନିକ ରାଶିଫଳ ପାଇବା ପାଇଁ ପେଜକୁ ଲାଇକ କରନ୍ତୁ ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ରାଜନଗର, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲା ବାହାନଗା ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣା ଖାଲି ଓଡିଶା ନୁହେଁ ଭାରତର ଅନ୍ତରାତ୍ମାକୁ ମଧ୍ୟ ସ୍ତବ୍ଧ ଚକିତ କରିଦେଇଛି । ଓଡିଶାର ସମସ୍ତ ଅଞ୍ଚଳ, ସହରବଜାର, ଗାଁ ଗହଳିରେ ଶୋକାକୁଳ ପରିବେଶ ମଧ୍ୟରେ ରେଳଯାତ୍ରୀମାନଙ୍କ ଅମର ଆତ୍ମାର ସଦ୍‌ଗତି ଓ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଉଛି । ଏହି ଘଟଣାକ୍ରମେ କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ୍ ସଦର ମହକୁମା ଷ୍ଟେଟବ୍ୟାଙ୍କ ଛକ ନିକଟସ୍ଥ ବ୍ଲକ୍ ସାମ୍ବାଦିକ ସଂଘ, ରାଜନଗର କାର୍ଯ୍ୟାଳୟ ପରିସରରେ ଆଜି ସାମ୍ବାଦିକ ସଂଘ ତରଫରୁ ଏହି ଦୁର୍ଘଟଣାରେ ମୃତ ରେଳଯାତ୍ରୀମାନଙ୍କ ଅମର ଆତ୍ମାର ସଦ୍ ଗତି ନିମନ୍ତେ ନୀରବ ପ୍ରାର୍ଥନା ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ଆହତ ବ୍ୟକ୍ତିମାନଙ୍କ ପାଇଁ ଆଶୁ ଆରୋଗ୍ୟ କାମନା କରାଯାଇଥିଲା । ଏଥିରେ ସାମ୍ବାଦିକ ସଂଘର ସମସ୍ତ ସଦସ୍ୟ, ଶିକ୍ଷାବିତ, ଆଇନଜୀବୀ, ସ୍ୱେଚ୍ଛାସେବୀ ଓ ଗଜାନନ ମାର୍କେଟର ବ୍ୟବସାୟୀମାନେ ଯୋଗ ଦେଇଥିଲେ । ସେହିପରି ସନ୍ଧ୍ୟାରେ ରାଜନଗର ଜୟଦୁର୍ଗା ବଣିକ ସଂଘର ବ୍ୟବସାୟୀ ଭାଇମାନେ ଓ ଗୋପବନ୍ଧୁ ଜନସେବା ସଂଘ, ସାନବଡ ଗୋପାଳପୁରର ସମସ୍ତ ସ୍ୱେଚ୍ଛାସେବୀ ତ୍ରିନାଥ ବଜାର, ରାଜନଗର ବଜାର ପରିକ୍ରମା କରି ମୃତବ୍ୟକ୍ତିଙ୍କ ସଦ୍‌ଗତି ଉଦ୍ଦେଶ୍ୟରେ ଜଗନ୍ନାଥ ମନ୍ଦିରରେ ସମୂହ ଦୀପଦାନ ଓ ନୀରବ ପ୍ରାର୍ଥନା କରିଥିଲେ ।



## ମା'ମଙ୍ଗଳାଙ୍କ ସର୍ବାଙ୍ଗଚନ୍ଦନ ବେଶ



କାକଟପୁର, (ଭାସ୍କର ନ୍ୟୁଜ୍): ପବିତ୍ର ସ୍ନାନ ପୂର୍ଣ୍ଣିମା ରେ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ଙ୍କ ସର୍ବାଙ୍ଗ ଚନ୍ଦନ ବେଶ ହେବା ସହ ଦଧିବାମନ ଙ୍କ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସକାଳ ଆଠ ଟା ରେ ଦଧିବାମନ ଙ୍କୁ ଟାହିଆ ଲାଗି କରାଯାଇ ଗୋଟି ପହଣ୍ଡି ରେ ସ୍ନାନ ମଣ୍ଡପ କୁ ନିଆଯାଇଥିଲା । ସେଠାରେ ୧୦୮ ସୁବାସିତ ଜଳରେ ଦଧିବାମନ ଙ୍କ ସ୍ନାନ କରାଯାଇ ହୋମ ଓ ପରେ ଖେଚୁଡ଼ି ଭୋଗ ଲାଗି କରାଯାଇଥିଲା । ସେହିପରି ଅପରାହ୍ନ ରେ ମା ମଙ୍ଗଳା ଙ୍କୁ ସ୍ନାନ ମାର୍ଜନା କରାଯାଇ ସର୍ବାଙ୍ଗ ଚନ୍ଦନ ବେଶ ରେ ସଜ୍ଜିତ କରାଯାଇଥିଲା । ଅସହ୍ୟ ଗରମ ଓ ଗୁଳି ଗୁଳି ରୁ ରକ୍ଷା ପାଇବା ପାଇଁ ସ୍ନାନ ପୁର୍ଣମା ଦିନରେ ମା ଙ୍କୁ ସର୍ବାଙ୍ଗ ଚନ୍ଦନ ଲାଗି କରାଯାଇଥାଏ । ବିଳମ୍ବିତ ପ୍ରହର ରେ ଦଧିବାମନ ଙ୍କୁ ଗଜାନନ ବେଶ କରାଯାଇ ଭୋଗ ଲାଗି ପରେ ପହଣ୍ଡି କରାଯାଇ ଅଣସର ଗୃହକୁ ନିଆଯାଇଥିଲା । ଆଜିର ଏହି ବେଶ କୁ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଙ୍କ ଭିଡ଼ ଜମିଥିଲା । ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିଲା ।

## ସ୍ୱାସ୍ଥ୍ୟ ସଚେତନତା ଶିବିର



ବୋଲଗଡ, (ଭାସ୍କର ନ୍ୟୁଜ୍): ହର୍ବାଲ ଲାଇଫ ନ୍ୟୁଟ୍ରିସନ୍ ପକ୍ଷରୁ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ବେଗୁନିଆ ଥାନା ସାମ୍ନା ପଡ଼ିଆଠାରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ହର୍ବାଲ ଲାଇଫ ନିଉ ଟ୍ରିସନ୍ ର ସୁପର ସିନିୟର କୋଚ୍ ଅଞ୍ଜନ କୁମାର ପାତ୍ର ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଜୀବନ ଶୈଳୀ ଓ ଖାଦ୍ୟ ଶୈଳୀ ସଂପର୍କରେ ସଚେତନତା କରାଇଥିଲେ । ଏହି ଶିବିରରେ ବକ୍ତର ନିଶା , ଅକ୍ଷୟ କୁମାର ରଥ, ରଘୁନାଥ ଷଡ଼ଙ୍ଗୀ,ଅପ ସ୍ମାନୟାସ୍ମିନ , ନିଳପଦ୍ମ ମଙ୍ଗରାଜ,ଓମ୍ ପ୍ରକାଶ ପତି ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ । ଏହି ସ୍ୱାସ୍ଥ୍ୟ ସଚେତନତା ଶିବିର ରେ ବୋଲଗଡ , ବେଗୁନିଆ ଅଞ୍ଚଳରୁ ଶତାଧିକ ପୁରୁଷ ଓ ମହିଳା ମାନେ ଯୋଗ ଦେଇଥିଲେ ।

## ପଡୋଶୀଙ୍କ ଆକ୍ରମଣରେ ମହିଳାଙ୍କ ମୁଣ୍ଡ ଫାଟିଲା

ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ପଡୋଶୀ ଘରର ଜଣେ ଅସାମାଜିକ ଯୁବକଙ୍କ ଆକ୍ରମଣରେ ଜନୈକା ମହିଳାଙ୍କ ମୁଣ୍ଡ ଫାଟିବାରୁ ସେ ଲହୁଲୁହାଣ ହୋଇଛନ୍ତି । ଏ ନେଇ ପୀଡ଼ିତାଙ୍କ ସ୍ୱାମୀ ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି ।ପ୍ରାପ୍ତ ସୂଚନା ଅନୁଯାୟୀ,ରବିବାର ସକାଳ ପ୍ରାୟ ସାଢ଼େ ଛଅଟା ବେଳେ ଡେଲାଙ୍ଗ ଥାନା ସୁଜନପୁର ପଞ୍ଚାୟତ ଅନ୍ତର୍ଗତ ରତନପୁର ଗ୍ରାମର ଉଷା ମହାରଣା(୬୫)ବାଡ଼ିପଟ ନଦୀକୁ ମାଟି ଆଣିବାକୁ ଯାଇଥିଲେ ।ସେ ନଦୀରୁ ମାଟି ଆଣି ଘରକୁ ଫେରୁଥିବାବେଳେ ପଡୋଶୀ ଘରର ରମେଶ ସାହୁ ସରକାରୀ ରାସ୍ତାରେ କଣ୍ଟା ପକାଇ ରାସ୍ତା ଅବରୋଧ କରିଥିବା ନେଇ ମହିଳାଙ୍କ ସ୍ୱାମୀ ଧଡୁ ମହାରଣା ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।ଏପରିକି ମହିଳା ଜଣଙ୍କ ରାସ୍ତା ଅବରୋଧର କାରଣ ପଚାରିବାରୁ ରମେଶ ଉତ୍ତେଜିତ ହୋଇ ତାଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ ରାସ୍ତା ପାର୍ଶ୍ୱରେ ପଡିଥିବା ଏକ ବାଉଁଶ ଠେଙ୍ଗାରେ ମହିଳାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିବାରୁ ତାଙ୍କ ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହୋଇଥିବା ନେଇ ଧଡୁ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ।ପରେ ପରିବାର ଲୋକଙ୍କ ସହାୟତାରେ ପୀଡ଼ିତାଙ୍କୁ ପ୍ରଥମେ ଚିକିତ୍ସା ପାଇଁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି ।ଅଭିଯୋଗକୁ ଭିତ୍ତିକରି ପୋଲିସ୍ ତଦନ୍ତ ଜାରି ରଖିଥିବାବେଳେ ଖବର ଲେଖା ହେବାବେଳକୁ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି ।

## ଭଣଜାଙ୍କୁ ଦେଖି କଂସ ମାମୁଙ୍କ ମୃତ୍ୟୁ

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ପ୍ରସିଦ୍ଧ ଟାଙ୍ଗୀ ମଧୁମଙ୍ଗଳ ସମସ୍ତଙ୍କ ହୃଦୟ କୁ ଛୁଇଁଥାଏ । ଶ୍ରୀକୃଷ୍ଣ ଙ୍କ ବାଲ୍ୟକାଳରେ ଲୀଳାଖେଳା ଏବଂ କଂସ ମାମୁଁଙ୍କ ଉପଦ୍ରବ କୁ ଦମନ କରିବା ପାଇଁ ବିଶ୍ୱ ନୀୟନ୍ତା ଜନ୍ମ ନିଅନ୍ତି । ଆଉ ଶେଷରେ ଭଣଜା ଙ୍କୁ ଦେଖି କଂସ ମାମୁଁ ଙ୍କର ମୃତ୍ୟୁ ହୋଇଥାଏ । ଏ ସମସ୍ତ ନାଟ୍ୟ ରୂପାନ୍ତର ଟାଙ୍ଗୀ ମଧୁମଙ୍ଗଳ ଯାତ୍ରା ମଣ୍ଡପରେ ଅନୁଷ୍ଠିତ ହୋଇଥାଏ । ଆଜକୁ ଦୀର୍ଘ ୫୦ ବର୍ଷରୁ ଅଧିକ ଦିନ ଧରି ଅନୁଷ୍ଠିତ ହୋଇ ଆସୁଛି । ପୌରାଣିକ ନାଟକକୁ ଆଧୁନିକ ଯୁଗ ସହିତ ତାଳ ଦେଇ ଲୋକାଭିମୁଖୀ କରିବା ପାଇଁ ଟାଙ୍ଗୀ ମଧୁମଙ୍ଗଳ ଯାତ୍ରା ପରିଚାଳନା କମିଟି ପ୍ରୟାସ ଜାରି ରଖିଥିଲା । ଏହି ମଧୁମଙ୍ଗଳରେ କାଳୀୟ ସର୍ପ ଦଳନ , ରଙ୍ଗ ସଭା , ମଥୁରା ବିଜୟ , କଂସ ବଧ ବେଶ ଉଚ୍ଚ ପ୍ରଶଂସିତ ହୋଇଥାଏ । ଏହି ସବୁ ଦିବସ ମାନଙ୍କରେ ଯାତ୍ରା ପଡିଆ ଲୋକାରଣ୍ୟ ହୋଇ ଯାଇଥାଏ । ଟାଙ୍ଗୀ ମଧୁମଙ୍ଗଳ ର କଂସ ବଧ ପରେ କଳାକାରମାନେ ସୁସଜ୍ଜିତ ବିମାନରେ କାଳ୍ପନିକ ତଥା ପ୍ରତିମାତ୍ମକ ଭୂମିକାରେ ନଗର ପରିକ୍ରମା କରିଥାନ୍ତି । ଲୋକକଳା କୁ ଉଜ୍ଜିବିତ ରଖିବା ଓ ମନୋରଞ୍ଜନ କରିବା ସହିତ ବହୁ ଶିକ୍ଷଣୀୟ କଥାକୁ ମନେ ପକାଇବା ପାଇଁ ଟାଙ୍ଗୀ ଅଞ୍ଚଳବାସୀ ଦ୍ୱାରା ଏଭଳି ପ୍ରୟାସ ଜାରି ରହିଛି ବୋଲି ଟାଙ୍ଗୀ ମଧୁମଙ୍ଗଳ ଯାତ୍ରା ପରିଚାଳନା କମିଟି ପକ୍ଷରୁ କୁହାଯାଇଛି ।

## ରେଳ ଦୁର୍ଘଟଣାରେ ମୃତକଙ୍କ ସ୍ମୃତିରେ...
## ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଶୋକ ଦିବସ ପାଳିତ




କଣିହାଁ, (ଭାସ୍କର ନ୍ୟୁଜ୍): ବାହାନଗା ଭୟାବହ ରେଳ ଦୁର୍ଘଟଣାରେ ମୃତକଙ୍କ ସ୍ମୃତିରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟିର ଆହ୍ୱାନ କ୍ରମେ ଆଜି ସାରା ଓଡିଶାରେ ଶୋକ ଦିବସ ପାଳନ ପରିପ୍ରେକ୍ଷୀରେ କଣିହାଁ ଆଂଚଳିକ କମିଟି ପକ୍ଷରୁ ଅପରାହ୍ନରେ ଏନ.ଟି.ପି.ସି ବାଇପାସ ଛକ ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏସ.ୟୁ.ସି.ଆଇ (କମ୍ୟୁନିଷ୍ଟ) କଣିହାଁ ଆଂଚଳିକ କମିଟି ସଂପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋକସଭାରେ ମୃତକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସ୍ତମ୍ଭରେ ମାଲ୍ୟାର୍ପଣ କରିବା ସହିତ ଏକ ମିନିଟ୍ ନିରବତା ପାଳନ କରାଯାଇଥିଲା । ଏହି ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ଦଳ ପକ୍ଷରୁ ଗଭୀର ଉଦ୍‌ବେଗ ଓ ଶୋକ ପ୍ରକାଶ କରାଯାଇଛି । ସରକାର ଓ ରେଳ କର୍ତ୍ତୃପକ୍ଷଙ୍କ ଚୂଡାନ୍ତ ଅବହେଳା ଯୋଗୁଁ ଏଭଳି ଏକ ହୃଦୟବିଦାରକ ଦୁର୍ଘଟଣା ମନୁଷ୍ୟକୃତ ବୋଲି ଦଳ ଅଭିଯୋଗ କରିଛି । ଏହି ଦୁଃଖଦ ପରିସ୍ଥିତିରେ ଆହତମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କରି ସରକାରୀ ଖର୍ଚ୍ଚରେ ଚିକିତ୍ସାର ସୁବନ୍ଦୋବସ୍ତ କରିବା ତଥା ପ୍ରାଥମିକ ସହାୟତାଭାବେ ୫ ଲକ୍ଷ ଟଙ୍କା ପ୍ରଦାନ କରିବା, ମୃତ ବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ ଅନ୍ୟୁନ ୧୫ ଲକ୍ଷ ଟଙ୍କା ପ୍ରାଥମିକ ସହାୟତା ଓ ସେମାନଙ୍କ ପରିବାରରୁ ଅନ୍ତତଃପକ୍ଷେ ଜଣଙ୍କୁ ନିଯୁକ୍ତି ଦେବା, ଦୁର୍ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ଓ ୨ ସପ୍ତାହ ମଧ୍ୟରେ ରିପୋର୍ଟ ପ୍ରକାଶ କରି ଦୋଷୀ କର୍ତ୍ତୃପକ୍ଷଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ କରିବା, ବିଭିନ୍ନ ସ୍ଥାନରେ ଅଟକି ରହିଥିବା ମହିଳା, ଶିଶୁ, ବୃଦ୍ଧବୃଦ୍ଧା ତଥା ଅନ୍ୟାନ୍ୟ ଯାତ୍ରୀମାନଙ୍କୁ ଖାଦ୍ୟ ପାନୀୟ ଯୋଗାଇ ଦେଇ ସରକାରୀ ଖର୍ଚ୍ଚରେ ସେମାନଙ୍କୁ ଗନ୍ତବ୍ୟସ୍ଥଳରେ ପହଞ୍ଚାଇ ଦେବା ଓ ତତ୍ପରତାର ସହିତ ଟ୍ରେନ ଚଳାଚଳ ସ୍ୱାଭାବିକ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି । ଏ.ଆଇ.ୟୁ.ଟି.ୟୁ.ସି ରାଜ୍ୟ ସଂପାଦକ ତଥା ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ସଭ୍ୟ ଜୟସେନ ମେହେର, ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ଜିଲ୍ଲା ସଂପାଦିକା ମାନସୀ ସ୍ୱାଇଁ, ଉପ ସଭାନେତ୍ରୀ ପ୍ରମିଳା ପଣ୍ଡା, ପ୍ରଗତିବାଳା ନାୟକ, ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନର ଯୁଗ୍ମ ସଂପାଦକ ଟୁନା ନାଏକ, କାର୍ଯ୍ୟକାରୀ ସଭ୍ୟ ଅଭୟ ନାଏକ, ପ୍ରତାପ ପ୍ରଧାନ, ଗନ୍ଧର୍ବ ନାଏକ, ପ୍ରକାଶ ଗୋଛାୟତ ପ୍ରମୁଖ ଏହି ଶୋକ ସଭାରେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ନୀତିଶଙ୍କ ତଦନ୍ତ...

ଦୁଇବର୍ଷ ପୂର୍ବେ ଏହି ପୋଲର ଏକ ଅଂଶ ମଧ୍ୟ ଭୁଶୁଡ଼ି ପଡ଼ିଥିଲା । ତେବେ ଏହି ବ୍ରିଜ ଭୁଶୁଡ଼ିବାର କାରଣ ସ୍ପଷ୍ଟ ହୋଇପାରି ନାହିଁ । ଏହି ସେତୁ ଖଗଡ଼ିଆ ଏବଂ ଭାଗଲପୁରକୁ ସଂଯୋଗ କରିବା ପାଇଁ ନିର୍ମାଣ କରାଯାଉଥିଲା । ମୁଖ୍ୟମନ୍ତ୍ରୀ ନୀତିଶ କୁମାର ବ୍ରିଜ୍ ଭୁଶୁଡ଼ିବା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ଦୋଷୀଙ୍କୁ ଚିହ୍ନଟ କରି କଠୋର କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

### ଶ୍ରୀମନ୍ଦିରରେ ଅଘଟଣ...

ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଅନ୍ୟପକ୍ଷରେ ସ୍ନାନ ମଣ୍ଡପ ଚକଡ଼ାରେ ରକ୍ତ ଛିଟା ପଡ଼ିଥିବା ଦେଖିବାକୁ ମିଳିଥିଲା । କିଛି ସେବାୟତ ଏହା ଦେଖିବା ପରେ ଶ୍ରୀଜୀଉଙ୍କର ଯାତ୍ରାଙ୍ଗୀ ମହାସ୍ନାନ କରାଯାଇଥିଲା । ସମ୍ଭବତଃ କୌଣସି ସେବାୟତ ଦେବସ୍ନାନ ନୀତି ପାଇଁ ଯିବା ଆସିବା କରିବା ସମୟରେ ଆଘାତ ପାଇବାରୁ ତାଙ୍କ ଦେହରୁ ରକ୍ତ ଛିଟା ସ୍ନାନ ମଣ୍ଡପରେ ପଡ଼ିଥିବା ସନ୍ଦେହ କରାଯାଉଛି । ଏଥିପାଇଁ ନୀତିରେ ୪୫ ମିନିଟ ବିଳମ୍ବ ଘଟିଥିଲା ।

### ୪ ପିଲାଙ୍କୁ...

ପିଲାଙ୍କୁ ସନ୍ଧ୍ୟାପର୍ଯ୍ୟନ୍ତ ପଡ଼ୋଶୀ ଦେଖିବାକୁ ନ ପାଇବାରୁ ସନ୍ଦେହ ବଢିଥିଲା । ପଡ଼ୋଶୀ ଉର୍ମିଳାଙ୍କ ଘରେ ପହଞ୍ଚି ସେ ଝୁଲନ୍ତା ଅବସ୍ଥାରେ ରହିଥିବା ଦେଖିବାକୁ ପାଇଥିଲେ । ଏ ନେଇ ସେମାନେ ପୋଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପୋଲିସ ପହଞ୍ଚି ୫ଜଣଙ୍କ ଶବ ଜବତ କରିଥିଲା । ପ୍ରାଥମିକ ତଦନ୍ତରୁ ଉର୍ମିଳା ଆତ୍ମହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଛି । କିନ୍ତୁ ଉର୍ମିଳାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ଦାଦା ଦୁର୍ଗାରାମ ଅଭିଯୋଗ କରିଛନ୍ତି । ଗତ ୫ ବର୍ଷ ହେବ ସ୍ୱାମୀ ଓ ଶ୍ୱଶୁରଘର ଲୋକେ ତାଙ୍କୁ ନିର୍ଯାତନା ଦେଉଥିବା ପୋଲିସ ନିକଟରେ ସେ କହିଛନ୍ତି । ଅନ୍ୟପକ୍ଷରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି ।

### ପ୍ରଧାନମନ୍ତ୍ରୀଙ୍କ ସହ...

ଆହତମାନଙ୍କୁ ହସ୍ପିଟାଲ ନେବା, ଚିକିତ୍ସାପାଇଁ ବ୍ୟବସ୍ଥା କରିବା ଓ ସେମାନଙ୍କ ଜୀବନ ରକ୍ଷା କରିବା ପାଇଁ ସବୁପ୍ରକାର ପ୍ରୟାସ କରାଯାଇଛି । ଦୁର୍ଘଟଣାରେ ଆହତ ହୋଇଥିବା ୧୧୭୫ଜଣଙ୍କୁ ଚିକିତ୍ସା ପାଇଁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୭୯୩ଜଣଙ୍କୁ ଡିସ୍‌ଚାର୍ଜ କରାଯାଇଛି । ଅଧିକାଂଶ ଲୋକଙ୍କ ଅବସ୍ଥା ସ୍ଥିର ରହିଛି । ବିପଦ ସମୟରେ ତ୍ୱରିତ ପଦକ୍ଷେପ ନେଇଥିବାରୁ ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଥିଲେ । ରାଜ୍ୟ ସରକାର ଯେ କୌଣସି ପ୍ରକାର ସହାୟତା ଆବଶ୍ୟକ କରିବେ, କେନ୍ଦ୍ର ସରକାର ତାହା ଯୋଗାଇ ଦେବାକୁ ପ୍ରସ୍ତୁତ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

### ସିବିଆଇ ତଦନ୍ତ...

ଯିଏ ଆଖିରେ ଦେଖିଛି ତାର ଛାତି ଥରି ଉଠୁଛି । ପାଟିରୁ ଭାଷା ବାହାରୁନି । ମାତ୍ର ୩ ମିନିଟ ଭିତରେ ସବୁକିଛି ଓଲଟପାଲଟ ହୋଇଗଲା । ଯାହା ଆଶା କରାଯାଇନଥିଲା ତାହା ହିଁ ଘଟିଗଲା । ଘଟଣାର ୩ ଦିନ ପରେ ବି ଲୋକଙ୍କ ଆଖିରୁ ଲୁହ ଶୁଖୁନି । ତେବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଦମ୍ୟ ଉଦ୍ୟମ ପରିସ୍ଥିତିକୁ ସୁଧାରିବାରେ ସହାୟତା ଯୋଗାଇ ଦେଇଛି । ଏସବୁ ଭିତରେ ଏହି ଦୁର୍ଘଟଣା ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି । ରେଲୱେ ବୋର୍ଡ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିଛି ଯେ କେବଳ କରମଣ୍ଡଳ ଏକ୍ସପ୍ରେସ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ୧୨୮ କି.ମି ବେଗରେ ଏହା ଘଣ୍ଟା ପ୍ରତି ଯାଉଥିଲା । ବାହାନଗା ଷ୍ଟେସନରେ ଲୁପ୍ ଲାଇନରେ ଅଟକି ରହିଥିବା ମାଲବାହୀ ଟ୍ରେନକୁ ଧକ୍କା ଦେଇଥିଲା । ଲୁହା ବୋଝେଇ ମାଲବାହୀ ଟ୍ରେନ ଉପରେ କରମଣ୍ଡଳର ଇଞ୍ଜିନ ଓ କେତେକ ବଗି ଚଢି ଯାଇଥିଲା । ଲୁହା ବୋଝେଇ ଥିବାରୁ ମାଲବାହୀ ଟ୍ରେନ ଘୁଞ୍ଚି ନଥିଲା କି ସାମାନ୍ୟତମ କ୍ଷତି ମଧ୍ୟ ହୋଇନଥିଲା । ତେବେ କରମଣ୍ଡଳ ୧୨୮ କି.ମି ବେଗରେ ଧକ୍କା ଦେବାରୁ ଏହାର ବଗିଗୁଡ଼ିକ ଲାଇନଚ୍ୟୁତ ହୋଇଥିଲା । ଏପରିକି ବଗିଗୁଡ଼ିକ ଅନ୍ୟ ଏକ ଟ୍ରାକ୍‌ରେ ପଡ଼ିଥିଲା । ଡାଉନମେନ ଲାଇନରେ ୧୨୬ କି.ମି ବେଗରେ ଯାଉଥିବା ଯଶୋବନ୍ତପୁର ଏକ୍ସପ୍ରେସର ଶେଷ ଦୁଇଟି ବଗତ କରମଣ୍ଡଳର ବଗି ସହ ପିଟି ହୋଇଥିଲା । ଫଳରେ ଯଶୋବନ୍ତପୁରର ଶେଷ ବଗି ଦୁଇଟି ମଧ୍ୟ ଲାଇନଚ୍ୟୁତ ହୋଇଥିଲା । ବୋର୍ଡ ପକ୍ଷରୁ କୁହାଯାଇଛି ଯେ ଉଭୟ ଟ୍ରେନକୁ ଗ୍ରୀନ ସିଗନାଲ ଦିଆଯାଇଥିଲା । ତେବେ ସିଗନାଲରେ ସମସ୍ୟା ଥିବା ଯୋଗୁଁ ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତ ରିପୋର୍ଟରୁ ଜଣାପଡ଼ିଛି । ଏକ୍ଷେତ୍ରରେ ରେଲୱେ ସେଫଟି ବୋର୍ଡ ତଦନ୍ତ ରିପୋର୍ଟକୁ ଅପେକ୍ଷା କରାଯାଉଛି । ଅନ୍ୟପକ୍ଷରେ ଏହି ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟାକୁ ନେଇ କଳ୍ପନା ଜଳ୍ପନା ଲାଗି ରହିଥିବା ବେଳେ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଏହି ସଂଖ୍ୟା ୨୭୫ ବୋଲି କହିଛନ୍ତି । ଶ୍ରୀ ଜେନା କହିଥିଲେ ଯେ ଆମେ ପ୍ରଥମେ ମୃତ୍ୟୁ ସଂଖ୍ୟା ୨୬୧ କହିଥିଲୁ । ଶନିବାର ଶେଷ ବଗି ଉଠାଇବା ପରେ ମୃତ୍ୟୁ ସଂଖ୍ୟା ୨୮୮ ବୋଲି ରେଳବାଇ ପକ୍ଷରୁ କୁହାଯାଇଥିଲା । ତାଙ୍କ ତଥ୍ୟ ଆଧାରରେ ଆମେ ମଧ୍ୟ ମୃତ୍ୟୁ ସଂଖ୍ୟା ୨୮୮ କହିଥିଲୁ । ତେବେ ଏନେଇ ବାଲେଶ୍ୱର ଜିଲ୍ଲାପାଳ ଫାଇନାଲ ରିପୋର୍ଟ ଦେଇଛନ୍ତି । ଏଥିରେ ମୃତ୍ୟୁ ସଂଖ୍ୟା ୨୭୫ ଦର୍ଶାଯାଇଛି । ୨୭୫ ମୃତଦେହରୁ ୮୮ ଜଣଙ୍କୁ ଚିହ୍ନଟ କରାଯାଇଛି । ସେଥିମଧ୍ୟରୁ ୭୮ଟିକୁ ସେମାନଙ୍କ ପରିବାରକୁ ପ୍ରଦାନ କରାଯାଇଛି । ୧୮୭ଟି ମୃତଦେହ ଚିହ୍ନଟ ହୋଇ ପାରିନାହିଁ । ସେଥିମଧ୍ୟରୁ ୧୭୦ଟିକୁ ଭୁବନେଶ୍ୱର ଆଣାଯାଇଛି । ସେଗୁଡ଼ିକୁ କ୍ୟାପିଟାଲ ହସ୍ପିଟାଲ ଓ ଏମ୍ସରେ ରଖାଯାଇଛି । ଅନ୍ୟପକ୍ଷରେ ଏହି ଭୟାବହ ଟ୍ରେନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାର ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସେହିପରି ଗୁରୁତରଙ୍କ ପାଇଁ ୧ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରାଯାଇଛି । ପୂର୍ବରୁ ମୃତବ୍ୟକ୍ତିଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଥିଲେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ଗୁରୁତରଙ୍କ ପାଇଁ ୨ ଲକ୍ଷ ଓ ସାମାନ୍ୟ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଘୋଷଣା ମଧ୍ୟ କରିଥିଲେ । ସେହିପରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜ ରାଜ୍ୟର ମୃତକଙ୍କ ପରିବାର ପାଇଁ ୫ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଥିବା ବେଳେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ ମୃତ ପରିବାର ପାଇଁ ୧୦ ଲକ୍ଷ ଓ ଗୁରୁତର ଆହତଙ୍କ ପାଇଁ ୫ ଲକ୍ଷ ଏବଂ ସାମାନ୍ୟ ଆହତଙ୍କୁ ୧ ଲକ୍ଷ ଟଙ୍କା ଦେବା ନେଇ ଘୋଷଣା କରିଛନ୍ତି । ରବିବାର ମୁଖ୍ୟମନ୍ତ୍ରୀ ଶ୍ରୀ ରେଡ୍ଡୀ ରିଲିଫ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା ମଧ୍ୟ କରିଥିଲେ । ତେବେ ଟ୍ରେନ ଦୁର୍ଘଟଣା ପରେ ରେଳ ସେବା ବାଧାପ୍ରାପ୍ତ ହୋଇଥିବାରୁ କୋଲକାତାକୁ ମାଗଣା ବସ୍ ସେବା ଆରମ୍ଭ ନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ପୁରୀ-ଭୁବନେଶ୍ୱର-କଟକରୁ କୋଲକାତାକୁ ମାଗଣା ବସ ଚାଲିବ । ଏନେଇ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସମସ୍ତ ଖର୍ଚ୍ଚ କରାଯିବ । ବାଲେଶ୍ୱର ରୁଟରେ ଟ୍ରେନ ଚଳାଚଳ ସ୍ୱାଭାବିକ ହେବା ପର୍ଯ୍ୟନ୍ତ ଏହି ସେବା ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଅନ୍ୟପକ୍ଷରେ ଆହତମାନଙ୍କ ଜୀବନ ବଞ୍ଚାଇବା ପାଇଁ ସବୁ ପ୍ରକାର ଉଦ୍ୟମ ଆରମ୍ଭ ହୋଇଛି । ଦିଲ୍ଲୀ, ରାୟପୁର ଓ ବିଭିନ୍ନ ପ୍ରତିଷ୍ଠାନରୁ ବିଶେଷଜ୍ଞ ଡାକ୍ତରୀ ଟିମ୍ ଭୁବନେଶ୍ୱରରେ ପହଞ୍ଚିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ଲାଲ ମାଣ୍ଡଭିୟ ରବିବାର ଭୁବନେଶ୍ୱରରେ ପହଞ୍ଚିବା ପରେ ବାଲେଶ୍ୱର ଓ କଟକ ଡାକ୍ତରଖାନାକୁ ଯାଇ ଆହତମାନଙ୍କୁ ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ସେବା ନେଇ ସମୀକ୍ଷା କରିଛନ୍ତି । ତାଙ୍କ ସହ ସାମିଲ ହୋଇଥିଲେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

## ଟ୍ରେନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା



ରାଇଘର, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲା ବାହାନଗା ଠାରେ ଘଟି ଯାଇଥିବା ହୃଦୟ ବିଦାରକ ଟ୍ରେନ ଦୁର୍ଘଟଣା ରେ ୩୦୦ ରୁ ଅଧିକ ଯାତ୍ରୀ ମୃତ୍ୟୁ ବରଣ କରିଥିବା ବେଳେ ହଜାର ରୁ ଅଧିକା ଲୋକେ ଆହତ ହୋଇ ମେଡିକାଲ ରେ ଚିକିତ୍ସା ହେଉଛନ୍ତି ଏତେ ବଡ଼ ରେଳ ଦୁର୍ଘଟଣା ରେ ମୃତ୍ୟୁ ବରଣ କରିଥିବା ଯାତ୍ରୀଙ୍କ ଆତ୍ମାର ସଦଗତି କାମନା କରି ଆଜି ରାଇଘର ଠାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ର ଆୟୋଜନ କରା ଯାଇଥିଲା ଏହି ଅବସରରେ ସ୍ଥାନୀୟ ଡ଼ି.ଏନ.କେ ଶିବମନ୍ଦିର ପ୍ରାଙ୍ଗଣରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ହନୁମନ୍ଦିର ଠାରେ ପହଞ୍ଚି ୨ ମିନଟ ସମସ୍ତେ ନୀରବ ପ୍ରାର୍ଥନା କରିଥିଲେ । ସେଠାରେ ଲୋକଙ୍କୁ ଉଦ୍ଧାର କାର୍ଯ୍ୟ ରେ ସ୍ଥାନୀୟ ଜନସାଧାରଣ ଭୂମିକାକୁ ସମସ୍ତେ ପ୍ରଶଂସା କରିଥିଲେ । ସେହିପରି ଉକ୍ତ ଦୁର୍ଘଟଣା ସମୟରେ ବାଲେଶ୍ୱର ରେ ଯେଉଁଭଳି ଭାବେ ରକ୍ତର ଅଭାବକୁ ଦୂର କରିବା ପାଇଁ ଜନ ସାଧାରଣ ହାତ ବଢ଼ାଇଥିଲେ ତାହାକୁ ମଧ୍ୟ ପ୍ରଶଂସା କରିଥିଲେ । ଆଜିର ଏହି ଶୋକ ସଭାରେ ରାଇଘର ବ୍ଲକ ଅଧ୍ୟକ୍ଷା ନବୀନା ନାୟକ, ପୂର୍ବତନ ବିଧାୟକ ସୁବାଷ ଗଣ୍ଡ, ପୂର୍ବତନ ଜ଼ିଲ୍ଲା ପରିଷଦ ସଭ୍ୟା ପ୍ରୀତିସ୍ମିତା ମହାପାତ୍ର, କଂଗ୍ରେସ ନେତା ସନରାଜ ଗଣ୍ଡ, ଅନନ୍ତ ବାରିକ,ପ୍ରତାପ କୁମାର ଭୂୟାଁ, ପୁର୍ଣନନ୍ଦ ବାରିକ,ଗଗନ ବାହିନୀପତି, ଲକ୍ଷ୍ମିଧର ମହାନ୍ତି,ଦେବେନ୍ଦ୍ର ମିଶ୍ର, ଅମୀୟ କୁମାର ମହାପାତ୍ର ମନୋହର ଦଣ୍ଡସେନା, ମାମନୀ ଚକ୍ରବର୍ତ୍ତୀ,ଉପେନ୍ଦ୍ର ରାଉତ,ସୁପ୍ରିୟ ମହାପାତ୍ର, କମଳସିଂ ରାଜପୁତ, ମନୋଜ ସାସମଲ,ବିଜୟ କୁମାର ମହାରଣା,ଲମ୍ବୋଧର ମାଝୀ, ଲକ୍ଷ୍ମିପ୍ରିୟା ନାୟକ,ସ୍ନେହଲତା ପାଣି,ପ୍ରକାଶ କୁମାର ସାସମାଲ,ହେମନ୍ତ କୁମାର ଙ୍କ ସହ ବରିଷ୍ଠ ନାଗରିକ,ସ୍ଥାନୀୟ ସମସ୍ତ ଜନସାଧାରଣ ତଥା ଯୁବ ଗୋଷ୍ଠି ଉପସ୍ଥିତ ଥିଲେ ।

## ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଡେଲାଙ୍ଗ,(ଭାସ୍କର ନ୍ୟୁଜ୍): ଡେଲାଙ୍ଗ ବ୍ଲକ୍ ଖେଲାଉର ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣତରାବୋଇ ଗ୍ରାମରେ ୪ ଦିନ ବ୍ୟାପି ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ମହାଯଜ୍ଞ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ପୁରୋଧା ପଣ୍ଡିତ ସତ୍ୟଜିତ୍ ପାଢ଼ୀଙ୍କ ନେତୃତ୍ୱରେ ସାଥୀ ଜିତେନ୍ଦ୍ର ଶତପଥୀ, ରବୀନ୍ଦ୍ର ତ୍ରିପାଠୀ, ଜିତେନ୍ଦ୍ର ଦାଶ, ବିଶ୍ୱଜିତ ଦାଶ, ଲକ୍ଷ୍ମୀଧର ଷଡ଼ଙ୍ଗୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଗତ ଗୁରୁବାର ଦିନ ଅଙ୍କୁରାରୋପଣ ଓ ମୂର୍ତ୍ତି ଗର୍ଭଧାନ କାର୍ଯ୍ୟ ଯଥାରୀତି ସମ୍ପନ୍ନ କରାଯାଇଥିଲା । ଶୁକ୍ରବାର ଦିନ ୫୫ ଜଣ ବ୍ରତୀ ନିକଟସ୍ଥ ଓଡ଼ତରାବୋଇ ଗ୍ରାମସ୍ଥ ତାଳେଶ୍ୱର ଦେବଙ୍କ ପୁଷ୍କରିଣୀରୁ କଳସ ଭର୍ତ୍ତି ଜଳ ଆଣି ଯଥାବିଧି ପୂର୍ବକ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ପରେ ଧାନ୍ୟାଧିବାସ ଓ ଅଗ୍ନିପୂଜା କାର୍ଯ୍ୟ ଆଦି ସମ୍ପନ୍ନ ହୋଇଥିଲା ।ଶନିବାର ଦିନ ପ୍ରାତଃ ସମୟରେ ମଣ୍ଡପରେ ସୂର୍ଯ୍ୟ ପୂଜା, ଗୋ ପୂଜା, ସାଲା ପୂଜା, ଦେବତା ସ୍ନାନ, ମନ୍ଦିର ସ୍ନାନ, ଚଣ୍ଡୀପାଠରେ ଆହୁତି ଆଦି କାର୍ଯ୍ୟ ଯଥାବିଧି ନୀତିକାନ୍ତି ଅନୁଯାୟୀ ସମାପନ କରାଯାଇଥିଲା । ବ୍ରାହ୍ମଣତରାବୋଇ ଗ୍ରାମର ସନାତନ ସାହୁ ଓ ତାଙ୍କ ଧର୍ମପତ୍ନୀ ଚନ୍ଦ୍ରମା ସାହୁ ଯଥାକ୍ରମେ ମହାଯଜ୍ଞର କର୍ତ୍ତା ଓ କର୍ତ୍ତୀ ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରତ୍ୟେକ ସନ୍ଧ୍ୟାରେ ପୀଠରେ ନାମ ସଂକୀର୍ତ୍ତନ, ଭଜନ ଓ ଜଣାଣ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।ରବିବାର ମହାଯଜ୍ଞର ଅନ୍ତିମ ଦିବସରେ ପ୍ରାତଃ ସମୟରେ ସୂର୍ଯ୍ୟ ପୂଜା, ଗୋ ପୂଜା, ସମସ୍ତ ଦେବତା ମାନଙ୍କ ଆହୁତି, ଦେବତା ପ୍ରତିଷ୍ଠା ଓ ମନ୍ଦିର ପ୍ରବେଶ କାର୍ଯ୍ୟ ରୀତିନୀତି ଅନୁଯାୟୀ ସମାପନ ହେବା ପରେ ଗୋଧୂଳି ଲଗ୍ନରେ ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି । ରେଞ୍ଚ, ଓଡତରାବୋଇ, ଖେଲାଉର, ବୁଆଲି ଆଦି ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ସମେତ ବ୍ରାହ୍ମଣତରାବୋଇ ଗ୍ରାମବାସୀମାନେ ଯଜ୍ଞପୀଠ ତଥା ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ନିକଟରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ପ୍ରଭୁ ବାଲୁଙ୍କେଶ୍ୱରଙ୍କ ଆଶୀର୍ବାଦ ଲାଭ କରିଥିଲେ । ଶେଷରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କୁ ପୀଠରେ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ପ୍ରସାଦ ବିତରଣ ପୂର୍ବକ ଆପ୍ୟାୟିତ କରାଯାଇଥିଲା ।

## ରେଳ ଦୁର୍ଘଟଣା ସ୍ଥଳରେ ଆରଏସ୍‌ଏସ୍‌ର ସେବାକାର୍ଯ୍ୟ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶାର ବାଲେଶ୍ୱରରେ ଘଟିଥିବା ଭୟଙ୍କର ଟ୍ରେନ ଦୁର୍ଘଟଣା ପରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାଧିକ ସ୍ୱୟଂସେବକ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି । ସଂଗଠନର ସ୍ୱୟଂ ସେବକମାନେ ପ୍ରାୟ ୫୦୦ ୟୁନିଟ୍ ରକ୍ତ ଦାନ କରିଛନ୍ତି । ଦୁର୍ଘଟଣା ଘଟିଥିବା ନିକଟସ୍ଥ ବାହାନାଗା ଗାଁରେ ସଂଘର ଶାଖା ଥିବା କାରଣରୁ ପ୍ରଥମେ କମ୍ ସଂଖ୍ୟାରେ ସ୍ୱୟଂ ସେବକ ପହଁଞ୍ଚିଥିଲେ । କିନ୍ତୁ ରାତି ବେଳକୁ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ସ୍ୱୟଂସେବକ ଦୁର୍ଘଟଣାସ୍ଥଳରେ ପହଁଚି ଉଦ୍ଧାର ଓ ସେବା କାର୍ଯ୍ୟରେ ନିୟୋଜିତ ପ୍ରଶାସନ ଏବଂ ଯବାନମାନଙ୍କୁ ସାହାଯ୍ୟ କରିଥିଲେ । ଉଦ୍ଧାର କାର୍ଯ୍ୟରେ ଯେପରି ବିଳମ୍ବ ନହେଉ ସେଥିପାଇଁ ସ୍ୱୟଂସେବକମାନେ ଅଟୋ ଏବଂ ମୋଟରସାଇକେଲ ମାଧ୍ୟମରେ ତୁରନ୍ତ ଆହତମାନଙ୍କୁ ଡାକ୍ତରଖାନାନେବା ଆରମ୍ଭ କରିଦେଇଥିଲେ । ସ୍ୱୟଂସେବକମାନେ ପ୍ରତିକୂଳ ପରିସ୍ଥିତିରେ ବଗି ଭିତରକୁ ଯାଇ ରାତିସାରା ଆହତମାନଙ୍କୁ ସ୍ଥାନାନ୍ତର କରିବାରେ ଲାଗିଲେ ଏବଂ ଅନ୍ୟ ସ୍ୱୟଂସେବକମାନେ ସେମାନଙ୍କୁ ଡାକ୍ତରଖାନା ନେଇ ଯାଇଥିଲେ । ସଂଘର ପ୍ରାନ୍ତ ପ୍ରଚାରପ୍ରମୁଖ ରବି ନାରାୟଣ ପଣ୍ଡା କହିଛନ୍ତି ଯେ, ସ୍ୱୟଂସେବକମାନେ ପ୍ରଶାସନ ଏବଂ ଯବାନମାନଙ୍କ ସହିତ ମିଶି ଏହି ଦୁର୍ଘଟଣାରେ ଫସି ରହିଥିବା ଆହତ ଯାତ୍ରୀଙ୍କୁ ଉଦ୍ଧାର କରିବା ସହିତ ବଗି ଭିତରୁ ବାହାରକୁ ବାହାର କରିଥିଲେ । ସ୍ୱୟଂସେବକମାନେ ଆହତ ଯାତ୍ରୀଙ୍କୁ ବାହାରକୁ ବାହାର କରିବା ସହିତ ଆମ୍ବୁଲାନ୍ସରେ ବସାଇବା କାର୍ଯ୍ୟ ମଧ୍ୟ କରିଥିଲେ । ଆହତ ଯାତ୍ରୀମାନଙ୍କୁ ବାଲେଶ୍ୱର ଜିଲ୍ଲା ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ସଂଘର ବାଲେଶ୍ୱର ବିଭାଗ ପ୍ରଚାରକ ଚନ୍ଦ୍ରଶେଖର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ୱୟଂସେବକମାନେ ବିଭିନ୍ନ ପ୍ରକାର ସେବାକାର୍ଯ୍ୟରେ ନିୟୋଜିତ ଥିଲେ । ଏଠାରେ ଆହତମାନଙ୍କ ପାଇଁ ସ୍ୱୟଂସେବକମାନଙ୍କ ତରଫରୁ ରକ୍ତଦାନ ଆରମ୍ଭ କରାଯାଇଥିଲା । ପ୍ରାୟ ୩୦୦ ସ୍ୱୟଂସେବକ ରକ୍ତଦାନ କରିଥିଲେ । ସେହିଭଳି କିଛି ଆହତ ଯାତ୍ରୀଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟାଳୟ ଚିକିତ୍ସାଳୟ ଏବଂ ସୋର ଚିକିତ୍ସାଳୟକୁ ନିଆଯାଇଥିଲା । ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ହିନ୍ଦୁ ଜାଗରଣ ମଂଚ, ବଜରଙ୍ଗ ଦଳ, ସେବାଭାରତୀର ଶତାଧିକ ସ୍ୱୟଂସେବକ ନିରନ୍ତର ଭାବରେ ସାହାଯ୍ୟ କାର୍ଯ୍ୟରେ ନିୟୋଜିତ ଥିଲେ । ଏହି ଭୟଙ୍କର ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ପରିବାରକୁ ସାହାଯ୍ୟ କରିବାରେ ସ୍ୱୟଂସେବକମାନେ ନିୟୋଜିତ ଥିଲେ । ସେହିଭଳି କଟକ ଏସ୍.ସି,ବି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ସଂଗଠନର ସେବା ବିଭାଗ ସହିତ ଜଡିତ ସ୍ୱୟଂସେବକମାନେ ସକ୍ରିୟ ରହିଥିଲେ । ଏହି ଆହତ ଯାତ୍ରୀମାନଙ୍କୁ ସେବା ଯୋଗାଇବା ସହିତ ସ୍ୱୟଂସେବକମାନେ ମଧ୍ୟ ସେମାନଙ୍କ ପରିବାର ସହିତ ଯୋଗାଯୋଗ କରିବା ଏବଂ ସେମାନଙ୍କୁ ସୂଚନା ଦେବା କାର୍ଯ୍ୟରେ ନିୟୋଜିତ ଥିଲେ । ସଂଗଠନର କ୍ଷେତ୍ରସେବା ପ୍ରମୁଖ ଜଗଦୀଶ ପ୍ରସାଦ ଖାଡଙ୍ଗା ଏବଂ ପ୍ରାନ୍ତ ସେବାପ୍ରମୁଖ ଶାନ୍ତନୁ ମାଝି ଦୁର୍ଘଟଣାସ୍ଥଳରେ ଉପସ୍ଥିତ ଥିଲେ । ଏହି ସେବାକାର୍ଯ୍ୟ ସେମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା ।



ବାଲିପାଟଣା, (ଭାସ୍କର ନ୍ୟୁଜ୍): ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ଅଠାନ୍ତର ବେଲେଶ୍ୱର ମହାଦେବଙ୍କ ମନ୍ଦିର ପରିସର ମଧ୍ୟରେ ଆଜି ଜୟଦେବ ନୃତ୍ୟ ଓ ସଙ୍ଗୀତ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସୂଚନା ଅନୁଯାୟୀ ଗ୍ରାମାଞ୍ଚଳ ପିଲାମାନଙ୍କ ମଧ୍ୟରେ ଲୁଚିଥିବା ପ୍ରତିଭାକୁ ବିକଶିତ କରିବା ସହିତ ସେମାନଙ୍କୁ ନୃତ୍ୟ,ସଙ୍ଗୀତ ତଥା ବାଦ୍ୟ କ୍ଷେତ୍ରରେ କରିବାର ଲକ୍ଷ୍ୟ ନେଇ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ବର୍ତ୍ତମାନ ୪୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଧ୍ୟୟନରତ ଅଛନ୍ତି । ଏହି ଅବସରରେ ଆଜି ଜୟଦେବ ବିଧାୟକ ଡ଼ଃ ଅରବିନ୍ଦ ଢାଲି ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଅଭିଭାବକ ମାନଙ୍କୁ ଅନେକ ଉପାଦେୟ ଉପଦେଶ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରତିଷ୍ଠାତା ଶ୍ରୀନିବାସ ନନ୍ଦ,ଜଗନ୍ନାଥ ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗଦାନ କରି ଉଦ୍ୟୋକ୍ତା ମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ମୁରଲୀ ଚାରଣ ଭୋଇଙ୍କ ବଳିଷ୍ଠ ନୃତ୍ୟ ଶିକ୍ଷା ବଳରେ ପିଲାମାନେ ବିଭିନ୍ନ କାର୍ଯ୍ୟକ୍ରମ ରେ ସେମାନଙ୍କର ଦକ୍ଷତା ପ୍ରତିପାଦନ କରିଛନ୍ତି ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ଅନୁଷ୍ଠାନର ସମ୍ପାଦିକା ମିନତୀ ତ୍ରିପାଠୀ ଏବଂ କୋଷାଧ୍ୟକ୍ଷ କିଶୋର କୁମାର ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



### ବାହାନଗା ଟ୍ରେନ୍ ଦୁର୍ଘଟଣା

## ଉଦ୍ଧାର ଓ ସହାୟତା କାର୍ଯ୍ୟରେ ବେଦାନ୍ତ

ବାଲେଶ୍ୱର/ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଶୁକ୍ରବାର ସନ୍ଧ୍ୟାରେ ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ଘଟିଥିବା ଏହି ମର୍ମନ୍ତୁଦ ଟ୍ରେନ ଦୁର୍ଘଟଣା ସମଗ୍ର ଦେଶକୁ ଚକିତ କରି ଦେଇଛି। ଏଭଳି ଏକ ବିପଦ ସମୟରେ କେନ୍ଦ୍ର ପ୍ରଶାସନ ସହିତ ବେଦାନ୍ତ ଆଲୁମିନିୟମ ଲୋକଙ୍କୁ ଉଦ୍ଧାର ଓ ସହାୟତା କାର୍ଯ୍ୟରେ ଯୋଗ ଦେଇଛି। ଦୁର୍ଘଟଣା ଖବର ପାଇବା ସଙ୍ଗେ ସଙ୍ଗେ ଭାରତର ସର୍ବ ବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏବଂ ଏହାର ସହଯୋଗୀ ସଂସ୍ଥା ବେଦାନ୍ତ ଫେକର ସେମାନଙ୍କ ଦଳ ଓ ଜରୁରୀକାଳୀନ ସହାୟତା ପରିଚାଳନା ବିଭାଗ ତୁରନ୍ତ ଘଟଣା ସ୍ଥଳରେ ପହଁଚି ଲୋକମାନଙ୍କୁ ଉଦ୍ଧାର ଓ ସହାୟତା କାର୍ଯ୍ୟ ଜାରୀ ରଖିଥିଲେ। ବିପର୍ଯ୍ୟୟ ପରିଚାଳନା ଓ ଜରୁରୀକାଳୀନ ପରସ୍ଥିତିରେ ତାଲିମପ୍ରାପ୍ତ ଅନ୍ୟାନ୍ୟ କର୍ମଚାରୀଙ୍କ ସହିତ କଂପାନିର ସୁରକ୍ଷା ଦଳର ବିଶେଷଜ୍ଞମାନେ ତୁରନ୍ତ କାର୍ଯ୍ୟ ଆରମ୍ଭ କରିଥିଲେ ଓ ସେମାନେ ଲୋକମାନଙ୍କୁ ଖାଦ୍ୟ, ଜଳ, ବସ୍ତ୍ର ଓ ଲଜିଷ୍ଟିକ ସହାୟତା ଯୋଗାଇ ଦେଇଥିଲେ। ଏହି ଦୁଃଖଦାୟକ ପରିସ୍ଥିତିରେ ସେମାନେ ୧୦୦୦ରୁ ଅଧିକ ଯାତ୍ରୀମାନଙ୍କ ମଧ୍ୟରୁ ପ୍ରାୟ ୩୦୦ ଲୋକଙ୍କ ଜୀବନ ବଂଚାଇବା ପାଇଁ ପ୍ରୟାସ କରିଥିଲେ ଏବଂ ଆହତ ବ୍ୟକ୍ତିମାନଙ୍କୁ ତୁରନ୍ତ ଆମ୍ବୁଲାନସ ଯୋଗେ ବାହାନଗା, ସୋର, ଭଦ୍ରକ ଓ ବାଲେଶ୍ୱର ଡାକ୍ତରଖାନାକୁ ପଠାଇଥିଲେ। କମ୍ପାନି ପକ୍ଷରୁ ରକ୍ତଦାନ ପାଇଁ ମଧ୍ୟ ୨୦୦ରୁ ଅଧିକ ସ୍ୱେଚ୍ଛାସେବୀ କର୍ମଚାରୀଙ୍କୁ ସଂଗ୍ରହ



କରାଯାଇଥିଲା, ଯେଉଁମାନେ ହସପିଟାଲକୁ ଯାଇ ରୋଗୀଙ୍କ ଜୀବନ ରକ୍ଷା ପାଇଁ ରକ୍ତଦାନ କରିଛନ୍ତି। ଏହା ବ୍ୟତୀତ ବେଦାନ୍ତ ଆଲୁମିନିୟମ ଗତ ଦୁଇଦିନ ମଧ୍ୟରେ ହଜାର ହଜାର ଖାଦ୍ୟ ପ୍ୟାକେଟ ଓ ଗ୍ୟାଲନ ପାନୀୟ ଜଳ ଯୋଗାଇ ଦେଇଥିଲା ଯେଉଁମାନେ ଜରୁରୀକାଳୀନ ଚିକିତ୍ସା ସେବାରେ ଅଛନ୍ତି ଓ ସେମାନଙ୍କ ଯତ୍ନ ନେଉଛନ୍ତି ଓ ଦୁର୍ଘଟଣା ସ୍ଥଳରେ ଦିନ ରାତି କାର୍ଯ୍ୟ କରୁଛନ୍ତି। ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀଙ୍କୁ କମ୍ପାନି ପକ୍ଷରୁ ୫୦୦ରୁ ଅଧିକ ପୋଷାକ ଦାନ କରାଯାଇଛି। ବେଦାନ୍ତ କେବଳ ଦୁର୍ଘଟଣାରେ ଶୀକାର ହୋଇଥିବା ରୋଗୀମାନଙ୍କୁ ନୁହେଁ ବରଙ୍ଗ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ପ୍ରଶାସନର ସ୍ୱେଚ୍ଛାସେବୀ ଓ ଲୋକମାନଙ୍କୁ ଖାଦ୍ୟ ଓ ପାନୀୟ ଯୋଗାଇ ଦେଇଥିଲା। ଏହି ସ୍ଥାନରେ ଜଳାଭାବ ଥିବାରୁ ଏହାକୁ ଅନୁଭବ କରି ସମସ୍ତଙ୍କ ପାଇଁ ଶୁଦ୍ଧ ପାନୀୟ ଜଳ ଯୋଗାଣକୁ ବେଦାନ୍ତ ସୁନିଶ୍ଚିତ କରିଥିବା କଥା ସ୍ଥାନୀୟ ବାହାନଗା ବଜାରର ସ୍ୱେଚ୍ଛାସେବୀ ଜଗବନ୍ଧୁ ବାରିକ କହିଛନ୍ତି।



## ସ୍ନାନ ପୂର୍ଣ୍ଣିମା ଓ ଗଜାନନ ବେଶ

ଭୁବନ, (ଭାସ୍କର ନ୍ୟୁଜ୍): ବିପୁଳ ଉତ୍ସାହ ଉଦ୍ଦୀପନା ଓ ଶ୍ରଦ୍ଧା ଭକ୍ତିର ସହ ଭୁବନରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ପ୍ରତ୍ୟୁଷରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡି କରି ରତ୍ନ ମଣ୍ଡପରୁ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ପରେ ସ୍ନାନ ମଣ୍ଡପରେ ସମସ୍ତ ନିତିକାନ୍ତି ଅନୁଷ୍ଠିତ ହୋଇ ୧୦୮ ଗରା ସୁବାସିତ ଜଳରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ନାନ କରାଯାଇଥିଲା। ଅପରାହ୍ନରେ ହାତୀ ( ଗଜାନନ) ବେଶରେ ମହାପ୍ରଭୁ ଦର୍ଶନ ଦେଇଥିଲେ। ସ୍ନାନ ମଣ୍ଡପରେ ଗଜାନନ ବେଶ ଦେଖିବାକୁ ସହସ୍ରାଧିକ ଭକ୍ତଙ୍କ ଗହଳି ଲାଗିଥିଲା। ମୁଖ୍ୟ ପୂଜକ ତୁଷାରକାନ୍ତି ମିଶ୍ର, ଆଦ୍ୟ ସେବକ ରାମଚନ୍ଦ୍ର ରାଉତ, ମନ୍ଦିର ପରିଚାଳନା କମିଟି ସଭାପତି ତଥା ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସୁଚାରୁ ରୂପେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

**ବୋଲଗଡ଼:** ଆଜି ମହା ଦେବସ୍ନାନ ପୂର୍ଣ୍ଣିମାରେ ବୋଲଗଡ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ସ୍ନାନ ମଣ୍ଡପରେ ଅପୂର୍ବ ଦର୍ଶନ ଲାଭ କରିଥିଲେ। ଅପରାହ୍ନରେ ନୀତି କାର୍ଯ୍ୟ ସମାପନ ପରେ ଅଣସର ପ୍ରବେଶ କରିଥିଲେ।ଅଣସର ଗୃହରେ ଜ୍ୱରରେ ୧୮ ଦିନ ପୀଡ଼ିତ ରହି ମହାପ୍ରଭୁ ସୁସ୍ଥ ହେବା ପରେ ମହା ରଥ ଯାତ୍ରାରେ ଦର୍ଶନ ପାଇବେ। ଅନୁରୂପ ଭାବେ ବୋଲଗଡ ବ୍ଲକ ଅଞ୍ଚଳର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ପବିତ୍ର ଦେବ ସ୍ନାନ ପୂର୍ଣ୍ଣିମା ନୀତି କାନ୍ତି ପୂର୍ବକ ଅନୁଷ୍ଠିତ ହୋଇଯାଇଛି।

**କରଞ୍ଜିଆ:** କରଞ୍ଜିଆରେ ବିଧି ମୁତାବକ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ କେବଳ ସେବାୟତ ମାନେ ନିତି ସମ୍ପାଦନ କରିଥିଲେ। ଶ୍ରୀ ବିଗ୍ରହମାନେ ସକାଳେ ସକାଳେ ସ୍ନାନମଣ୍ଡପରେ ବିଜେ କରି ନିତିକାନ୍ତି ମଧ୍ୟରେ ୧୦୮ ଗୋରା ସୁବାସିତ ଜଳରେ ସ୍ନାନ କରିଥିଲେ,ଏହି ସ୍ନାନ କାର୍ଯ୍ୟକ୍ରମ ରେ ପଣ୍ଡିତ ସନ୍ତୋଷ ମିଶ୍ର, ସନ୍ଦୀପନି ମିଶ୍ର, ଗିରିଶ ତ୍ରିପାଠୀ, ବୁନୁ ତ୍ରିପାଠୀ, ରମେଶ ତ୍ରିପାଠୀ, ଅଭିମନ୍ୟୁ ତ୍ରିପାଠୀ ଓ ସେବାୟତ ସୁରେଶ ବେହେରା ପ୍ରମୁଖ ନିୟୋଜିତ ଥିଲେ ସେହିପରି ନିତିକାନ୍ତି ସରିବା ପରେ ଶ୍ରୀ ବିଗ୍ରହମାନେ ଅଣସର ଗୃହକୁ ପ୍ରବେଶ କରିବେ ବୋଲି ମନ୍ଦିରର ମୁଖ୍ୟ ପୂଜକ ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଥିଲେ।

### ବିଶିଷ୍ଟ ବ୍ୟବସାୟୀ କାହ୍ନୁ ଅଗ୍ରୱାଲଙ୍କ ବିୟୋଗ

ଭୁବନ, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲା ବାହାନଗା ରେଳ ଦୁର୍ଘଟଣାରେ ଭୁବନର ବିଶିଷ୍ଟ ଲୁଗା ବ୍ୟବସାୟୀ କ୍ରିଷ୍ଣା କୁମାର ଅଗ୍ରୱାଲ ଓରଫ କାହ୍ନୁଙ୍କର ଅକାଳ ବିୟୋଗ ହୋଇଯାଇଥିବା ଜଣାପଡ଼ିଛି। ଭୁବନ ଏନ୍‌ଏସି ଅନ୍ତର୍ଗତ ୯ ନମ୍ବର୍ ୱାର୍ଡ ଗୁଜୁରି ହାଟ ବାସିନ୍ଦା କାହ୍ନୁଙ୍କର ଲୁଗା ଦୋକାନ ରହିଛିଫ ସେ ବ୍ୟବସାୟ କାର୍ଯ୍ୟରେ କଲିକତା ଯାଇ କରମଣ୍ଡଳ ଏକ୍ସପ୍ରେସ ଟ୍ରେନରେ ଫେରୁଥିଲେଫ ଦୁର୍ଘଟଣା ପରଠାରୁ ତାଙ୍କର କୌଣସି ଖୋଜ ଖବର ନଥିଲାଫ ସେ ନିଖୋଜ ହୋଇଯାଇଥିବା ଚର୍ଚ୍ଚା ହେଉଥିଲା। ପରେ ସେ ଭୁବନେଶ୍ୱର ସ୍ଥିତ ଏମ୍ସରେ ଚିକିତ୍ସିତ ହେଉଥିବା ସମ୍ପର୍କରେ ଖବର ଆସିଥିଲା ଓ ପରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡିଥିଲା। ସ୍ୱର୍ଗତ କାହ୍ନୁ ଜଣେ ପରୋପକାରୀ, ସ୍ନେହୀ, ଦୟାଳୁ ବ୍ୟକ୍ତି ଥିଲେ। ବହୁ ସଂଘର୍ଷ କରି ତାଙ୍କ ସାନ ଭାଇମାନଙ୍କୁ ପାଠ ପଢ଼ାଇ ମଣିଷ କରିଥିଲେ। ଏୟାର ଫୋର୍ସ ଅଫିସର କମଳ ଅଗ୍ରୱାଲ ଏବଂ ବିଶିଷ୍ଟ ଅର୍ଥନୀତିଜ୍ଞ ରମଣ ଅଗ୍ରୱାଲଙ୍କ ବଡ଼ ଭାଇ ହେଉଛନ୍ତି କାହ୍ନୁ ଅଗ୍ରୱାଲ। ତାଙ୍କ ବିୟୋଗରେ ସାରା ଭୁବନରେ ଗଭୀର ଶୋକ ପ୍ରକାଶ ପାଇଛି।

## ଆହତଙ୍କ ପାଇଁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ସାଲେପୁର, (ଭାସ୍କର ନ୍ୟୁଜ୍): ବାଲେଶ୍ୱରର ବାହାନଗା ଠାରେ ଗତ ଦୁଇ ଦିନ ତଳେ ଘଟିଯାଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ଆହତଙ୍କ ସଂଖ୍ୟା ଅହେତୁକ ବୃଦ୍ଧି ହେତୁ ଓଡିଶାରେ ରକ୍ତର ଅଭାବ ଦେଖାଯିବାର ସମ୍ଭାବନା ରହିଛି । ଏହାକୁ ଅନୁଭବ କରି ସାଲେପୁର ବ୍ଲକ୍ ମିର୍ଜାପୁର ପଂଚାୟତ ସ୍ଥିତ ପଂଚାୟତ ଉଚ୍ଚବିଦ୍ୟାଳୟ ଛୋଟିପଡ଼ାର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଉଚ୍ଚ ବିଦ୍ୟାଳୟ ସହଯୋଗରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ପୁରାତନ ଛାତ୍ରଛାତ୍ରୀଙ୍କ ସହ ଆଖପାଖ ପାଂଚ ସାତଖଣ୍ଡ ଗ୍ରାମବାସୀଙ୍କ ଦ୍ୱାରା ୧୦୪ ୟୁନିଟ୍ ରକ୍ତ ସଂଗୃହିତ କରାଯାଇଥିଲା । ଏସ୍‌ସିବି ମେଡ଼ିକାଲ ରକ୍ତ ଭଣ୍ଡାରର ଡ଼ାକ୍ତର ଓ ସହଯୋଗୀମାନେ ରକ୍ତ ସଂଗ୍ରହ କରିଥିଲେ। ସଂଗୃହିତ ରକ୍ତକୁ ରକ୍ତ ଭଣ୍ଡାରରକୁ ପଠାଯାଇଥିଲା । ଏହି ଶିବିରକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ନାୟକ ଉଦଘାଟନ କରିଥିଲେ । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁମନ୍ତ କୁମାର ବେହେରା, ଶିକ୍ଷକ ଜଗବନ୍ଧୁ ବିଶ୍ୱାଳ, ଅକ୍ଷୟ କୁମାର ପ୍ରଧାନ, ଗାନ୍ଧିଜୀ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱପ୍ନେଶ୍ୱର ମଲ୍ଲିକ ଓ ପୁରାତନ ଛାତ୍ରଛାତ୍ରୀମାନେ ଏହି ଶିବିରକୁ ପରିଚାଳନା କରିଥିଲେ । ପୁରାତନ ଛାତ୍ରସଂସଦ ଦ୍ୱାରା ଆୟୋଜିତ ଏହି ରକ୍ତଦାନ ଶିବିରକୁ ଏସ୍‌ସିବି ଅନୁମୋଦିତ ଏକ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା ।



### କରମଣ୍ଡଳ ଏକ୍ସପ୍ରେସ୍‌ର ଆସିଷ୍ଟାଣ୍ଟ ଲୋକପାଇଲଟ୍ ଆମ୍ରି ହସ୍ପିଟାଲରେ ଭର୍ତ୍ତି

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): କରମଣ୍ଡଳ ଏକ୍ସପ୍ରେସ୍‌ରେ କାର୍ଯ୍ୟରତ ଆସିଷ୍ଟାଣ୍ଟ ଲୋକ ପାଇଲଟ୍ ଥିବା ହଜାରି ବେହେରାଙ୍କର ଘର ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ଥାନା ନିକଟସ୍ଥ ସୋରଣ ଗ୍ରାମରେ। କରମଣ୍ଡଳ ଏକ୍ସପ୍ରେସ୍ ଦୁର୍ଘଟଣା ସମୟରେ ଏହି ଏକ୍ସପ୍ରେସ୍‌ରେ ଆସିଷ୍ଟାଣ୍ଟ ଲୋକ ପାଇଲଟ୍ ଭାବେ କାର୍ଯ୍ୟ କରୁଥିଲେ ହଜାରି ବେହେରା। ଦୁର୍ଘଟଣା ସମୟରେ ଟ୍ରେନ୍‌କୁ କିଏ ଡ୍ରାଇଭିଂ କରୁଥିଲେ ତାହା ସ୍ପଷ୍ଟ ହୋଇନଥିଲେ ହେଁ ଏହି ଆସିଷ୍ଟାଣ୍ଟ ଲୋକ ପାଇଲଟ୍ ହଜାରି



ବେହେରା ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଏବେ ଭୁବନେଶ୍ୱର ସ୍ଥିତ ଆମ୍ରି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ବୋଲି ତାଙ୍କର ଆତ୍ମୀୟସ୍ୱଜନ ସୂଚନା ଦେଇଛନ୍ତି। ୨୦୧୬ ମସିହାରେ ଭାରତୀୟ ଇଷ୍ଟକୋଷ୍ଟ ରେଳବାଇର ଖୋର୍ଦ୍ଧା ରେଳ ଡିଭିଜନ୍‌ରେ ନିଯୁକ୍ତି ହୋଇଥିଲେ ହଜାରି ବେହେରା। ହଜାରି ବେହେରାଙ୍କ ପତ୍ନୀ ଗୋଲାପ ବେହେରା ମଧ୍ୟ ଭାରତୀୟ ରେଳବାଇରେ ଆସିଷ୍ଟାଣ୍ଟ ଲୋକ ପାଇଲଟ ଭାବେ କାର୍ଯ୍ୟରତ ଅଛନ୍ତି।

## 'କେନ୍ଦ୍ର ସରକାର ରେଳଯାତ୍ରୀଙ୍କ ସୁରକ୍ଷା ପ୍ରତି ଉଦାସୀନ'



ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ଆଜି ଲୋକସଭାର କଂଗ୍ରେସ ବିରୋଧି ଦଳ ନେତା ଅଧିର ରଞ୍ଜନ ଚୌଧୁରୀ ଅଖିଳ ଭାରତ କଂଗ୍ରେସ କମିଟିର ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ନିର୍ଦ୍ଦେଶକ୍ରମେ ବାହାନଗା ରେଳ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା ସହ ସେଠାରେ କାର୍ଯ୍ୟରତ ରେଳବାଇ ବିଭାଗର କର୍ମଚାରୀଙ୍କମାନଙ୍କ ସହ ପୁନରୁଦ୍ଧାର କାର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ଏହାପରେ ଶ୍ରୀ ଚୌଧୁରୀ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଆହତ ଯାତ୍ରୀଙ୍କୁ ସାକ୍ଷାତ କରିଥିଲେ। ସେମାନଙ୍କୁ ଯୋଗାଇ ଦିଆଯାଉଥିବା ଚିକିତ୍ସା ସଂପର୍କରେ ପଚାରି ବୁଝିଥିଲେ। ଶ୍ରୀ ଚୌଧୁରୀ ମୁଖ୍ୟ ଚିକିତ୍ସାଳୟରୁ ସିଧା ଯାଇ ପଂହଚିଥିଲେ ବାଲେଶ୍ୱରସ୍ଥିତ ନୁସି କାର୍ଯ୍ୟାଳୟରେ ଯେଉଁଠାରେ ମୃତ ଯାତ୍ରୀଙ୍କର ସବ ରଖାଯାଇଛି। ସେଠାରେ ମୃତକମାନଙ୍କର ପରିବାରବର୍ଗଙ୍କ ସହ ମଧ୍ୟ ଶ୍ରୀ ଚୌଧୁରୀ କଥାବାର୍ତ୍ତା ହୋଇଥିଲେ ଏବଂ ସେମାନଙ୍କୁ ସମବେଦନା ଜଣାଇଥିଲେ। ଶ୍ରୀ ଚୌଧୁରୀ ମଧ୍ୟ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପଂହଚି ଚିକିତ୍ସିତ ହେଉଥିବା ଆହତ ଯାତ୍ରୀମାନଙ୍କୁ ସାକ୍ଷାତ କଲେ। ସେଠାରେ ଭଦ୍ରକ ଛାତ୍ର କଂଗ୍ରେସ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ଯୋଗ ଦେଇଥିଲେ। ବାଲେଶ୍ୱରଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଭାରୀ ଡଃ ଏ ଚେଲ୍ଲାକୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ ଓ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ପ୍ରମୁଖଙ୍କ ଉପସ୍ଥିତିରେ ଶ୍ରୀ ଚୌଧୁରୀ ଏହି ରେଳ ଦୁର୍ଘଟଣାରେ ମୃତ ଯାତ୍ରୀଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଆହତ ଯାତ୍ରୀଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ଶ୍ରୀ ଚୌଧୁରୀ ଉଧାରକାର୍ଯ୍ୟ ବିଳମ୍ବରେ ହୋଇଥିଲା ବୋଲି ଅସନ୍ତୁଷବ୍ୟକ୍ତ କରଥିଲେ। ଯାତ୍ରୀମାନେ ସାହାଯ୍ୟ ପାଇଁ ଚିତ୍କାର କରୁଥିବା ବେଳେ ସେଠାରେ ରେଳବାଇ କର୍ତୃପକ୍ଷ ବା ରାଜ୍ୟ ପ୍ରଶାସନ ପକ୍ଷରୁ ୨ରୁ ୩ ଘଂଟା ଭିତରେ କେହି ପଂହଚିନଥିଲେ। ମାତ୍ର ଦୁର୍ଘଟଣାସ୍ଥଳରେ ସେଠିକାର ସ୍ଥାନୀୟ ଲୋକ ତୁରନ୍ତ ପଂହଚି ଯେଉଁଭଳି ଭାବରେ ନିଜ ଉଦ୍ୟମରେ ଉଧାରକାର୍ଯ୍ୟ ଆରମ୍ଭ କରିଥିଲେ ସେଥିପାଇଁ ସେମାନଙ୍କୁ ସାଧୁବାଦ ଜଣାଇଛନ୍ତି। ସବୁଠାରୁ ବଡ଼ କଥା ହେଉଛି ଡାକ୍ତରଖାନାରେ ଆବଶ୍ୟକ ହେଉଥିବା ଡାକ୍ତର ଏବଂ ଅନ୍ୟାନ୍ୟ ଷ୍ଟାଫଙ୍କର ଅଭାବ ରହିଛି ଯାହାଫଳରେ ଆହତମାନେ ଉପଯୁକ୍ତ ଚିକିତ୍ସା ପାଇ ପାରୁନାହାନ୍ତି। ଯେଉଁଠାରେ ଶବ ରଖାଯାଇଛି ସେଠିକାର ପରିସ୍ଥିତି ଅମାନବିୟ, ଦୁଃଖଦାୟକ ବୋଲି ଶ୍ରୀ ଚୌଧୁରୀ ଉପସ୍ଥାପନ କରିଥିଲେ। ମୃତ୍ତକଙ୍କୁ ଚିହ୍ନଟ କରିବାରେ ଉପଯୁକ୍ତ ବ୍ୟବସ୍ଥା ହୋଇପାରୁନାହିଁ। ରେଳବାଇର ଉପଯୁକ୍ତ ପରିଚାଳନା, ରକ୍ଷଣାବେକ୍ଷଣ ଓ ମରାମତି ପ୍ରଭୃତି କାର୍ଯ୍ୟ ଠିକ୍ ଭାବରେ କରାଯିବାର ଆବଶ୍ୟକତା ରହିଛି। ସେଥିପାଇଁ ରେଳବାଇ ଡିପ୍ରେସିଏସନ ରିଜର୍ଭ ଫଣ୍ଡ ରହିଛି, ଯେଉଁ ଥିରେ ମରାପତି ଓ ପୁନଃରୁଦ୍ଧାର କାର୍ଯ୍ୟ ହୋଇଥାଏ। ମାତ୍ର ବି.ଆର.ଏଫ୍. ଫଣ୍ଡକୁ କମେଇ ଦିଆଯାଇଛି। ସବୁଠାରୁ ବଡ଼ କଥା ହେଉଛି ସିଗ୍ନାଲ ସିଷ୍ଟମ ଏବଂ ଅନ୍ୟାନ୍ୟ ମୌଳିକ ସ୍ତରରେ କାର୍ଯ୍ୟ ନିର୍ବାହ ପାଇଁ ୧ ଲକ୍ଷ ୪୨ ହଜାର ହଜାରରୁ ଅଧିକ ପଦବୀ ଖାଲି ପଡ଼ିଛି। ଯାହା ଫଳରେ ଏହି କାମ ଠିକ୍ ଭାବରେ ହେଉପାରୁନାହିଁ। ଏହାକୁ ତୁରନ୍ତ ପୂରଣ କରିବା ଦରକାର। ରେଳବାଇ ମନ୍ତ୍ରୀ ନିଜର ମାନ ସମ୍ମାନ ରଖିବା ପାଇଁ ପୂର୍ବରୁ ଲାଲବାହାଦୁରଶାସ୍ତ୍ରୀ ଓ ନିତୀଶ କୁମାର ଯେଉଁ ପନ୍ଥା ଅବଲମ୍ବନ କରିଥିଲେ, ବର୍ତ୍ତମାନ ତାହା ପାଳନ କରିବା ଉଚିତ୍। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ତାରାପ୍ରସାଦ ବାହିନୀପତି, ନବଜ୍ୟୋତି ପଟ୍ଟନାୟକ, ବାଲେଶ୍ୱର ଜିଲ୍ଲା ସଭାପତି ସଂଜୀବ ଗିରୀ, କଟକ ଜିଲ୍ଲା ସଭାପତି ମାନସ ଚୌଧୁରୀ, ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ଅନୁଲେଖା ବୋଷା, ଲଲାଟେନ୍ଦୁ ମହାପାତ୍ର, ସତ୍ୟଶିବ ଦାସ, ବିଜନ ନାୟକ, ସୁଦର୍ଶନ ଦାସ, ଅର୍ଚ୍ଚନା ନନ୍ଦୀ, ଭଦ୍ରକ ଜିଲ୍ଲା ସଭାପତି ସୁବ୍ରତ ଦାସ, ନଳୀନ ନାୟକ, ପ୍ରକାଶ ମିଶ୍ର, ଦୀପକ ମହାପାତ୍ର, ରଞ୍ଜିତ ପାତ୍ର, ଦେବାଶିଷ ଭୂୟାଁ, ଗୌତମ ସାହୁ ଓ ସାହିଲ୍ ଖାଦିର ପ୍ରମୁଖ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ।

### ମୁସଲିମ୍ ଯୁବକ ଓ ହିନ୍ଦୁ ଯୁବତୀଙ୍କ ପ୍ରେମ

## ଉଭୟଙ୍କୁ ମାଡ଼ମାରି ପୋଲିସ ଜିମାଦେଲେ ଗ୍ରାମବାସୀ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ବ୍ଲକ୍ ଅଂଚଳରେ ଜଣେ ମୁସଲିମ୍ ଯୁବକ ହିନ୍ଦୁ ଯୁବତୀଙ୍କ ସହିତ ଭାବ ପ୍ରଣୟ ସୃଷ୍ଟି କରିବା ମହଙ୍ଗା ସାବ୍ୟସ୍ତ ହୋଇଛି। ସଂପୃକ୍ତ ଯୁବକ ଓ ଯୁବତୀଙ୍କୁ ଗ୍ରାମବାସୀ ଉତ୍ତମମଧ୍ୟ ଦେଇ ପୋଲିସ ଜିମା ଦେଇଥିବା ବେଳେ ଏହି ଘଟଣାକୁ ସମାଧାନ କରିବା ପାଇଁ ଦୁଇ ପକ୍ଷରୁ ଉଦ୍ୟମ ଜାରି ରହିଛି। ସଂପୃକ୍ତ ମୁସଲିମ୍ ଯୁବକ ୩ ସନ୍ତାନର ଜନକ ହୋଇଥିବା ବେଳେ ନିଜ ସ୍ତ୍ରୀ, ପିଲାଙ୍କୁ ନ ପଚାରି ଯୁବତୀଙ୍କ ସହିତ ଦୁଇ ବର୍ଷ ହେବ ସଂପର୍କ ସୃଷ୍ଟି କରିଥିବା ଓ ନିଜ ସ୍ତ୍ରୀ, ପିଲା ଚଳିପାରୁ ନଥିବା ଯୁବକର ପତ୍ନୀ କହିଛନ୍ତି । ଏପରି କହିଛନ୍ତି, ଏପରି ବ୍ୟକ୍ତିକୁ ଯାହା ଦଣ୍ଡ ଦେବା କଥା ଦେଲେ ମୋର କୌଣସି ଅସୁବିଧା କିମ୍ବା ଆପତି ନାହିଁ। ମିଳିଥିବା ସୂଚନା ଅନୁଯାୟୀ, କଟକ ଜିଲ୍ଲା ନିଆଳୀ ଅଂଚଳର ଜନୈକ ମୁସଲିମ୍ ଯୁବକ ବିବାହିତ ହୋଇଥିବା ବେଳେ ତାଙ୍କର ୩ଟି ସନ୍ତାନ ରହିଅଛି । ଏହି ଯୁବକ ନିମାପଡ଼ା ଥାନା ମିଟେଇପୁର ପଂଚାୟତର ଏକ ଗ୍ରାମରେ ପହଂଚି ବଡ଼ ବଡ଼ ପ୍ରତିଶ୍ରୁତି ଦେଇ ହିନ୍ଦୁ ଯୁବତୀଙ୍କ ସହିତ ଦୁଇ ବର୍ଷ ହେବ ସଂପର୍କ ସ୍ଥାପନ କରି ଆସୁଥିଲେ । ଯୁବତୀ ଘରକୁ ମୁସଲିମ୍ ଯୁବକ ଯାତାୟତ କରୁଥିବା ବେଳେ ଗ୍ରାମବାସୀମାନେ ଏହାକୁ ବିରୋଧ କରୁଥିଲେ ମଧ୍ୟ ଯୁବକ କୌଣସି କଥା ନ ଶୁଣି ଯୁବତୀଙ୍କ ଘରକୁ ଯିବା ଆସିବା ଚଳାଇଥିଲେ । ଆଜି ଯୁବକ ଜଣକ ଯୁବତୀଙ୍କ ଘରେ ଥିବା ସମୟରେ ଗ୍ରାମବାସୀମାନେ ଯୁବକ, ଯୁବତୀଙ୍କୁ ଧରି ଥାନାରେ ପହଂଚିଥିଲେ। ଯୁବକଙ୍କ ପତ୍ନୀ ନିଜ ପିଲାମାନଙ୍କୁ ଧରି ମଧ୍ୟ ଥାନାରେ ପହଂଚି ଥିବା ବେଳେ ଏପରି ଘଟଣାକୁ ନେଇ ତୀବ୍ର ଉତେଜନା ଦେଖା ଦେଇଛି । ମାତ୍ର ଘଟଣାକୁ ସମାଧାନ କରିବା ପାଇଁ ଦୁଇ ପକ୍ଷରୁ ଉଦ୍ୟମ ଜାରି ରହିଛି ।

## ସାପ କାମୁଡ଼ାରେ ବୃଦ୍ଧା ମୃତ

କଣିହାଁ, (ଭାସ୍କର ନ୍ୟୁଜ୍): ଅନୁଗୋଳ ଜିଲ୍ଲା ରେଙ୍ଗାଳି ଥାନା ଦେନାଳି ଗାଁରେ ଘର ଅଗଣାରେ ଶୋଇଥିବା ଅବସ୍ଥାରେ ବିଷଧର ସାପ କାମୁଡାରେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି ଓମୃତକଙ୍କ ହେଲେ ଉପାସି ନାଏକ ବୋଲି ଜଣାପଡିଛି ଓସୂଚନା ଯେ ଗତକାଲି ବିଳମ୍ବିତ ରାତ୍ରିରେ ଉପାସି ଏବଂ ପରିବାର ବର୍ଗ ଘର ଅଗଣାରେ ଶୋଇଥିବା ବେଳେ ଉପାସି କୁ ଏକ ବିଷଧର ସାପ କାମୁଡି ଦେଇଥିଲା ଓଫଳରେ ବିଳମ୍ବିତରେ ପରିବାର ଲୋକ ଜାଣିବାପରେ କଣିହାଁ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର କୁ ନେଇଥିବା ବେଳେ ସେଠାରେ ପ୍ରାଥମିକ ଚିକିତ୍ସା କରି ଡାକ୍ତର ତାଙ୍କୁ ଅନୁଗୋଳ ମୂଖ୍ୟ ମେଡିକାଲକୁ ସ୍ଥାନାନ୍ତରିତ କରିଦେଇଥିଲେ ଓସେଠାରେ ଉପାସିଙ୍କ ଚିକିତ୍ସା ଧିନ ଅବସ୍ଥାରେ ମୃତ୍ୟୁ ହୋଇଛି ଓଫଳରେ ଏ ନେଇ ଅନୁଗୋଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାପଡିଛି।

## ସମାଜସେବୀଙ୍କ ପରଲୋକରେ ସ୍ମୃତିସଭା

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ସଅଁରା ଗ୍ରାମପଞ୍ଚାୟତର ସାରଦା ଚରଣ ମହାନ୍ତିଙ୍କ ବାସଭବନରେ ତାଙ୍କ ଏକାଦଶାହ ଉପଲକ୍ଷେ ବରିଷ୍ଠ ନାଗରିକଙ୍କ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ଉକ୍ତ ସଭାରେ ସ୍ୱର୍ଗତ ମହାନ୍ତିଙ୍କ ସହପାଠୀ ତଥା ପରିବାର କର୍ମୀ ଯୋଗ ଦେଇଥିଲେ। ନିରଞ୍ଜନ ସ୍ୱାଇଁ, ଧନୁ ବିଶ୍ୱାଳ, ନିରଞ୍ଜନ ପଣ୍ଡା, ସାରଦା ଚରଣ ସ୍ୱାଇଁ, ଶରତ ଦାସ, ଚନ୍ଦନ ମହାନ୍ତି ଏବଂ ସରପଞ୍ଚ ବିକ୍ରମ ଚରଣ ସ୍ୱାଇଁ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ଏଥିସହ ବାହାନଗା ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ନିମନ୍ତେ ଶୋକପ୍ରକାଶ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

### ଦିନ ୧୨ଟାରେ ପୁଷ୍ପା ରାଇସ୍ ମିଲ୍‌ରେ କାମ କରୁଛନ୍ତି ଶ୍ରମିକ

## ୪୦ ଡିଗ୍ରୀ ଖରାରେ ଛଡା ଯାଉଛି ଧୂଆଁ

ନିଆଳି, (ଭାସ୍କର ନ୍ୟୁଜ୍): କଣ୍ଟାପଡା ତହସିଲ ଅଲାରପୁର ଗ୍ରାମରେ ଥିବା ପୁଷ୍ପା ରାଇସମିଲ ସରକାରଙ୍କ ନିୟମ ଉଲଂଘନ କରି ଦିନ ୧୨ଟା ସମୟରେ ଶ୍ରମିକ ମାନଙ୍କୁ କାମ କରାଉଥିବା ବେଳେ ୪୦ ଡିଗ୍ରୀରୁ ଉର୍ଦ୍ଧ ଉତ୍ତାପରେ ବାୟୁମଣ୍ଡଳକୁ ରାଇସମିଲରୁ ବାହାରୁ ଥିବା ଉତ୍ତପ୍ତ ଧୂଆଁକୁ ବାୟୁମଣ୍ଡଳକୁ ଛାଡୁଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ପ୍ରବଳ ଉତ୍ତାପରେ ଅତିଷ୍ଠ ହୋଇ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ଜିଲ୍ଲାପ୍ରଶାସନ ଉକ୍ତ ମିଲକୁ ଦିନବେଳା ବନ୍ଦକରି ରାତ୍ରୀ ସମୟରେ ଚାଲୁକରିବା ପାଇଁ ଦାବି କରିଛନ୍ତି। ନଚେତ୍ ଉକ୍ତ ରାଇସମିଲ୍ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

## ୨୩ତମ କୃଷକ ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଶନିବାର ଅଖିଳ ଭାରତ କୃଷକ ସଭାର ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ ହୋଇଛି। ଉକ୍ତ ସମ୍ମିଳନୀର ରାଜ୍ୟର ୩୧୪ଟି ବ୍ଲକ୍‌ର ପ୍ରତିନିଧିମାନେ ଯୋଗଦେଇ ଦେଶ ରାଜ୍ୟର କୃଷି ଓ କୃଷକଙ୍କ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଏଥିରେ କେତେକ ପ୍ରସ୍ତାବ ମଧ୍ୟ ଗ୍ରହଣ କରାଯାଇଥିଲା। କୃଷକଙ୍କୁ ସର୍ବନିମ୍ନ ୬ ହଜାର ଟଙ୍କା ପେନ୍‌ସନ, ଧାନ କ୍ୱିଣ୍ଟାଲ ପ୍ରତି ୧୦ ହଜାର ଟଙ୍କା, ପ୍ରତି ବ୍ଲକରେ ଶୀତଳଭଣ୍ଡାର ସ୍ଥାପନ, ସରକାରୀ ଧାନମଣ୍ଡି ଖୋଲିବା, କଟନୀଛଟନୀ ବନ୍ଦ କରିବା, ସରକାର ଧାନ କିଣିବା ପାଇଁ ଟୋକନ ସିଷ୍ଟମ ଶୀଘ୍ର ପ୍ରଦାନ କରିବା ପରେ ତୁରନ୍ତ ପେମେଣ୍ଟ ଦେବା, ମାଗଣା ବିଜୁଳି, ପାଣି, ସାର, ବିହନ, ଔଷଧ ପ୍ରଦାନ କରିବା, ଓଡ଼ିଶାର ସମସ୍ତ ନଦୀରେ ଚେକ୍‌ଡ୍ୟାମ କରାଇ ବୋହି ଯାଉଥିବା ଉଦ୍‌ବୃତ ପାଣିକୁ ନିୟନ୍ତ୍ରଣ କରି ଜନଉପଯୋଗୀ କରାଇବା ଦାବି ପାରିତ କରାଯାଇଥିଲା। ଏହି ସମ୍ମିଳନୀରେ ଶଶୀଭୂଷଣ ସ୍ୱାଇଁ ପୁନର୍ବାର ରାଜ୍ୟ ସଭାପତି, କ୍ଷିରୋଦ ପ୍ରସାଦ ସିଂହଦେଓ ସାଧାରଣ ସମ୍ପାଦକ, ନୃସିଂହ ଚରଣ ବେହେରା ରାଜ୍ୟ ସମ୍ପାଦକ ତଥା କୋଷାଧ୍ୟକ୍ଷ, ସନାତନ ପାତ୍ର, ରାମଚନ୍ଦ୍ର ମୁଦୁଲି, ପିତାମ୍ବର ଦାସ ପ୍ରମୁଖ କୃଷକ ସଭା କମିଟିକୁ ନିର୍ବାଚିତ ହୋଇଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ଚୋରି ଗାଡ଼ି ଉଦ୍ଧାର, ଚୋର ଫେରାର

ନିଆଳି, (ଭାସ୍କର ନ୍ୟୁଜ୍): ଗତକାଲି ନିଆଳି ଥାନା ଦିନା ସିଂହ ପାଟଣା ନିକଟସ୍ଥ ଜଙ୍ଗଲରୁ ଟ୍ରକ ନଂ (ଓଆର୍ ୦୯ପି ୫୮୦୪)କୁ ସ୍ଥାନୀୟ ଲୋକଙ୍କ ଖବରରେ ନିଆଳୀ ଥାନା ପୋଲିସ୍ ଟ୍ରକଟିକୁ ଜବତ କରିଛି। କିନ୍ତୁ ଏ ଟ୍ରକଟି ଏଠାକୁ କାହିଁକି ଆସିଥିଲା ଓ କିଏ ଆଣିଥିଲା ଏହା ଏବେ ରହସ୍ୟ ଘେରରେ। ଟ୍ରକକୁ ଆଣିଥିବା ଚୋରମାନେ ଗଲେ କୁଆଡେ ତାହା ମଧ୍ୟ ସନ୍ଦେହ ଘେରରେ। ସ୍ଥାନୀୟ ଲୋକଙ୍କ କହିବା ଅନୁଶାରେ ପୋଲିସ୍ ଆମକୁ କିଛି ନ ଜଣାଇ ଗାଡିଟିକୁ ଏଠାରୁ ନେଇ ଯାଇଥିଲା। ତଦନ୍ତରୁ ଜଣାପଡିଥିଲା ଯେ ଗାଡିଟି ନୟାଗଡ ଜିଲ୍ଲା ଇଟାମାଟି ଥାନା ଅଞ୍ଚଳର ଅଜୟ ମହାନ୍ତିଙ୍କର। ଟ୍ରକଟି ୨ ଦିନ ତଳେ ଚୋରି ହୋଇଥିଲା। ଏ ନେଇ ଇଟାମାଟି ଥାନାରେ ଅଜୟ ଅଭିଯୋଗ କରି ଥିବାରୁ ଗାଡିଟି ଅଜୟଙ୍କର ବୋଲି ଜଣାପଡିଛି କିନ୍ତୁ ଗାଡି ଆଣିଥିବା ଚୋର ଧରା ନ ପଡିବା ଏବେ ରହସ୍ୟ ହୋଇ ରହିଛି। ଗାଡି ଆସିଥିବା ରାସ୍ତାରେ ସିସି ଟିଭି ଫୁଟେଜ ଯାଞ୍ଚ କଲେ ପ୍ରକୃତ ସତ୍ୟ ପଦାକୁ ଆସିବ ତଥା ଚୋର ଧରା ପଡିବ ବୋଲି ଆଲୋଚନା ହେଉଛି।

## କୁହୁଡି ରେଳ ଷ୍ଟେସନରେ ଅଟକିଲା ରାଜ୍ୟରାଣୀ ଏକ୍ସପ୍ରେସ୍

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): କୁହୁଡି ରେଳ ଷ୍ଟେସନରେ ଅଟକିଲା ରାଜ୍ୟରାଣୀ ଏକ୍ସପ୍ରେସ୍ । କୁହୁଡି ରେଳଷ୍ଟେସନ ଠାରେ ଭୁବନେଶ୍ୱର ସାଂସଦଙ୍କ ପ୍ରଚେଷ୍ଟାରେ ରାଜ୍ୟ ରାଣୀ ଏକ୍ସପ୍ରେସର ପ୍ରଥମ ରହଣି ସମୟରେ ସ୍ଥାନୀୟ ଜନସାଧାରଣ ଓ ବିଭିନ୍ନ ରାଜନୈତିକ ଦଳର ସମସ୍ତ ନେତୃତ୍ୱଙ୍କ ସହ ରାଜ୍ୟରାଣୀ ଏକ୍ସପ୍ରେସ୍ କୁ ସ୍ୱାଗତ କରାଯାଇଥିଲା। ଏକ୍ସପ୍ରେସ୍ ରହଣି ପରେ କୁହୁଡି ଅଂଚଳରେ ଖୁସିର ଲହଡି ଖେଳିଯାଇଛି, ତେଣୁ ଏହି ପରିପ୍ରେକ୍ଷୀରେ କୁହୁଡି ଭାଜପା ମଣ୍ଡଳ ତରଫରୁ ସାଂସଦଙ୍କ ପ୍ରତିନିଧି ହେମନ୍ତ କୁମାର ବେହେରା, ଏକ୍ସ ସରପଞ୍ଚ ପବିତ୍ର ହରିଚନ୍ଦନ ଙ୍କ ସହିତ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା , ସ୍ଥାନୀୟ ବୁଦ୍ଧିଜୀବୀ, ଯୁବଗୋଷ୍ଠୀ, ସ୍ଥାନୀୟ ରେଳ ମଙ୍ଗଳ ସମିତିର କର୍ମକର୍ତ୍ତା ଉପସ୍ଥିତ ରହି ରାଜ୍ୟରାଣୀ ଏକ୍ସପ୍ରେସ୍ ର ଲୋକ ପାଇଲଟ୍ କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କୁହୁଡି ଗ୍ରାମର ଆଖ-ପାଖ ୮/୧୦ ଟି ପଂଚାୟତର ଲୋକମାନେ ବିଭିନ୍ନ ସ୍ଥାନକୁ ଯାତାୟାତ କରିବା ପାଇଁ କୁହୁଡି ରେଳ ଷ୍ଟେସନ ଉପରେ ନିର୍ଭର କରୁଥିବା ବେଳେ ଏହି ଷ୍ଟେସନରେ ରାଜ୍ୟରାଣୀ ଏକ୍ସପ୍ରେସ୍ ଟ୍ରେନ୍ ରହଣୀ ପାଇଁ ରେଳ ବିଭାଗ ନିକଟରେ ଦାବି କରି ଆସୁଥିଲେ। ଜନସାଧାରଣଙ୍କ ଅନୁରୋଧକ୍ରମେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଙ୍କ ପ୍ରଚେଷ୍ଟା ବଳରେ କୁହୁଡି ରେଳଷ୍ଟେସନ ରେ ରାଜ୍ୟରାଣୀ ଏକ୍ସପ୍ରେସର ରହଣି ସୁବିଧା ଉପଲବ୍ଧି ହୋଇପାରିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ନାଳ କାର୍ଯ୍ୟ ବିଳମ୍ବକୁ ନେଇ ବଢୁଛି ଅସନ୍ତୋଷ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା କୋଟି କୋଟି ଟଙ୍କା ବ୍ୟୟରେ ନାଳ କାମ ଚାଲୁଥିବା ବେଳେ ଦୀର୍ଘ ସମୟ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟର ମନ୍ଥରତାକୁ ନେଇ ସାଧାରଣରେ ଆଶଙ୍କା ସୃଷ୍ଟି ହୋଇଛି । ବର୍ଷାଦିନ ନିକଟତର ହୋଇଥିଲେ ମଧ୍ୟ ସରୁନି ନାଳ କାମ । ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ଦେଖା ଦେଇଥିବା ବେଳେ କାର୍ଯ୍ୟ ସମୟରେ ବିଭାଗୀୟ ଅଧିକାରୀ ଉପସ୍ଥିତ ନ ରହିବା କେଉଁଠି ନା କେଉଁଠି ଅଧିକାରୀଙ୍କ ଦୁର୍ବଳତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । କୋଟି କୋଟି ଟଙ୍କା ବ୍ୟୟରେ କେନାଲ ବନ୍ଧ ରାସ୍ତା ଓ ନାଳ ଭିତର ଢ଼ଳେଇ ଚାଲିଛି। ଅଧିକାରୀମାନେ ଶୀତତାପ ନିୟନ୍ତ୍ରଣ ଗୃହରେ ବସି ଆରାମ ନେଉଥିବା ଘଟଣା ଏବେ ନିମାପଡ଼ା ଅଂଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଢ଼େଙ୍ଗୁଆଁ ପଂଚାୟତ ଠାରୁ ପାଟପୁର ଶନି ମନ୍ଦିର ଗଡ଼ା ପର୍ଯ୍ୟନ୍ତ ନାଳବନ୍ଧ ରାସ୍ତାର ପ୍ରଶସ୍ତିକରଣ ଓ ନାଳ ଭିତର ଢ଼ଳେଇ କାର୍ଯ୍ୟ ଦୀର୍ଘଦିନ ହେବ ଚାଲିଥିବା ବେଳେ କାର୍ଯ୍ୟ ସରୁନାହିଁ। ଠିକାଦାରଙ୍କ ମନ୍ଥରତା କାରଣରୁ ନାଳ କାର୍ଯ୍ୟ ଶୀଘ୍ର ହୋଇପାରୁ ନାହିଁ ବୋଲି ଜନସାଧାରଣ ପ୍ରତିକ୍ରିୟାରେ କହିଛନ୍ତି । ଅନେକ ସ୍ଥାନରେ କଟକି ଦଳ ଉପରେ ବାଲି ପକା ଯାଉଥିବା ବେଳେ କାଦୁଅ ଉପରେ ବାଲି ପକାଯାଇ କାର୍ଯ୍ୟ କରାଯାଉ ଥିବାରୁ ଏହାର ସ୍ଥାୟୀତ୍ୱକୁ ନେଇ ସାଧାରଣରେ ଆଶଙ୍କା କରାଯାଉଛି । ଏହି କାର୍ଯ୍ୟ ବେଶି ଦିନ ନଯାଇ ଖୁବଶୀଘ୍ର ନଷ୍ଟ ହୋଇଯିବାର ମଧ୍ୟ ଆଶଙ୍କା ରହିଛି । ଜଳ ସେଚନ ବିଭାଗର କୌଣସି ଅଧିକାରୀ ଏଠାରେ ଉପସ୍ଥିତ ନ ରହିବା କାରଣରୁ କାର୍ଯ୍ୟ କିପରି ଚାଲିଥିବ ତାହା ଅନୁମାନ କରି ହେଉଛି ବୋଲି ଅନେକ ବ୍ୟକ୍ତି ମତ ପ୍ରକାଶ କରିଛନ୍ତି। କ'ଣ ପାଇଁ ଜଳ ସେଚନ ବିଭାଗ ଏତେ ବେପରୁଆ ଭାବେ କାର୍ଯ୍ୟ କରୁଛି, ଏହି କାର୍ଯ୍ୟର ତଦନ୍ତ କରାଯାଇ ସତ୍ୟାସତ୍ୟ ଅନୁସନ୍ଧାନ ସହିତ ଅଧିକାରୀଙ୍କୁ ତଦନ୍ତଭୁକ୍ତ କରିବା ପାଇଁ ଦାବି ହୋଇଛି।



ନୂଆଦିଲ୍ଲୀ: ଓଡ଼ିଶାର ବାଲେଶ୍ୱରରେ ହୋଇଥିବା ଭୟଙ୍କର ଟ୍ରେନ ଦୁର୍ଘଟଣା ମାମଲା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ଓଡ଼ିଶା ଇତିହାସର ସବୁଠାରୁ ବଡ଼ ରେଳ ଦୁର୍ଘଟଣାର ତଦନ୍ତ ବିଶେଷଜ୍ଞ କମିଟି ଦ୍ୱାରା କରିବାକୁ ଗୋଟିଏ ଜନସ୍ୱାର୍ଥ ମାମଲା ବା ପିଆଇଏଲ ସୁପ୍ରିମକୋର୍ଟରେ ଦାଖଲ କରାଯାଇଛି। ତଦନ୍ତ ପାଇଁ ଗଠନ ହେବାକୁ ଥିବା ବିଶେଷଜ୍ଞ କମିଟିର ନେତୃତ୍ୱ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ନିଅନ୍ତୁ ବୋଲି ପିଆଇଏଲରେ ନିବେଦନ କରାଯାଇଛି। ଦୁଇ ଯାତ୍ରୀବାହୀ ଟ୍ରେନ ଓ ଗୋଟିଏ ମାଲବାହୀ ଟ୍ରେନ ମଧ୍ୟରେ ଶୁକ୍ରବାର ହୋଇଥିବା ଭୟଙ୍କର ଧକ୍କାରେ ୨୭୫ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ୧୦୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଏହାକୁ ନେଇ ପୂରା ଦେଶ ସ୍ତବ୍ଧ ହୋଇଯାଇଥିବା ବେଳେ ଏବେ ସୁପ୍ରିମକୋର୍ଟରେ ଘଟଣାର ତଦନ୍ତ ପାଇଁ ପିଆଇଏଲ ଦାଖଲ କରାଯାଇଛି।

# ବିକାଶ ମିଶନକୁ ଆଗେଇ ନେବା ପାଇଁ ଅଧିକାରୀଙ୍କୁ ପରାମର୍ଶ

## 'ମାନବ ସୂଚକାଙ୍କ ବିକାଶରେ ତେଲେଙ୍ଗାନା ସବୁ ରାଜ୍ୟଠାରୁ ଆଗରେ ରହିଛି'





ନିର୍ମଲ : ବର୍ତ୍ତମାନର ସରକାରୀ କଳରେ ସନ୍ତୋଷ ବ୍ୟକ୍ତ ନକରି ମୁଖ୍ୟମନ୍ତ୍ରୀ ଚନ୍ଦ୍ରଶେଖର ରାଓ ରବିବାର ସକାରାତ୍ମକ ଭାବେ ବିକାଶ ମିଶନକୁ ଆଗକୁ ନେବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ନିର୍ମଳ ଜିଲ୍ଲାରେ ୫୬ କୋଟି ଟଙ୍କାରେ ନିର୍ମିତ ନୂତନ ଇଣ୍ଟିଗ୍ରେଟେଡ୍ ଜିଲ୍ଲା କଲେକ୍ଟରେଟ୍ କମ୍ପ୍ଲେକ୍ସର ଆନୁଷ୍ଠାନିକ ଉଦ୍ଘାଟନ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସରକାର ନୋଭେଲ୍ ସ୍କିମ୍ ଯୋଜନା ଅନ୍ତର୍ଗତ ୨୪ ତାରିଖରେ ଜିଲ୍ଲାର ପୋଡୁ ଜମି ବଣ୍ଟନ ପ୍ରକ୍ରିୟା ସହିତ ବିକାଶ ଜାରି ରହିବ। ଏହି କାର୍ଯ୍ୟକ୍ରମକୁ ଏକ ବଡ ସଫଳତା ଦେବା ପାଇଁ ସେ ଜିଲ୍ଲା କଲେକ୍ଟରଙ୍କୁ ପରାମର୍ଶ ଦେଇଛନ୍ତି ଯାହା ଦ୍ୱାରା ବ୍ୟାଙ୍କ ଆକାଉଣ୍ଟ ଲିଙ୍କେଜ୍ ଏବଂ ରାଇଥୁ ବନ୍ଧୁ ଅନ୍ତର୍ଭୁକ୍ତୀକରଣ ଢ଼ାଞ୍ଚା ସମ୍ବନ୍ଧୀୟ ସବିଶେଷ ତଥ୍ୟ ପ୍ରସ୍ତୁତି ସହିତ ବଣ୍ଟନ ପ୍ରକ୍ରିୟା ଆଗକୁ ବଢ଼ିବ। ମୁଖ୍ୟମନ୍ତ୍ରୀ ନିର୍ମଳ ସହରର ୧୫ ଏକର ଜମିରେ ୫୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ଇଣ୍ଟିଗ୍ରେଟେଡ୍ ଜିଲ୍ଲା କଲେକ୍ଟରେଟ୍ କମ୍ପ୍ଲେକ୍ସର ଉଦଘାଟନ କରିଥିଲେ। ସେ କହିଛନ୍ତି ଯେ ରାଜ୍ୟର ଅବିକଶିତ ଅଞ୍ଚଳଗୁଡ଼ିକ ପୂର୍ବ ଆଦିଲାବାଦ ଦ୍ୱାରା ଅଗ୍ରଗତିର ଫ୍ଲେକ୍ସଚରକୁ ଆସୁଛି । ଏସବୁ ଅଞ୍ଚଳ ଗୁଡ଼ିକ ଯାହାକି ପ୍ରଗତିରେ ପଛରେ ପଡିଥିଲା ଏବେ ପ୍ରଗତି ସହିତ ବିକାଶ କରିଚାଲିଛି। ରାଜ୍ୟରେ ନିର୍ମିତ ୩୦ଟି କଲେକ୍ଟରେଟ୍ ଶୃଙ୍ଖଳରେ ନିର୍ମଳ କଲେକ୍ଟରେଟ୍ କମ୍ପ୍ଲେକ୍ସ ୧୮ ତମ ସ୍ଥାନରେ ଥିବା ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମାନବ ସୂଚକାଙ୍କ ବିକାଶରେ ଅନେକ ସଫଳତା ସହିତ ରାଜ୍ୟ ଅଭିବୃଦ୍ଧି ହାସଲ କରୁଛି। ମୁଣ୍ଡପିଛା ଆୟ ଏବଂ ମୁଣ୍ଡପିଛା ଉପଯୋଗକୁ ମାନବ ସୂଚକାଙ୍କ ବିକାଶ ସଙ୍କେତ ଭାବରେ ବିବେଚନା କରାଯାଏ ଏବଂ ତେଲେଙ୍ଗାନା ରାଜ୍ୟ ସବୁ ରାଜ୍ୟଠାରୁ ଆଗରେ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତାମିଲନାଡୁ, କର୍ଣ୍ଣାଟକ ଠାରୁ ରାଜ୍ୟ ଦ୍ରୁତ ଗତିରେ ଆଗକୁ ବଢୁଛି। ରାଜ୍ୟର ପ୍ରତ୍ୟେକ ତାଲୁକରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ ସହିତ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିକାଶର ବର୍ତ୍ତମାନ ସ୍ଥିତି ମହାରାଷ୍ଟ୍ର ଭଳି ପଡ଼ୋଶୀ ରାଜ୍ୟ ଦ୍ୱାରା ଗେମ୍‌ଚେଞ୍ଜର ରୂପେ ଦେଖାଯାଉଛି ଓ ସେ ନିଜେ ରାଜ୍ୟ ଗସ୍ତ ସମୟରେ ଏହା ଉପଲବ୍ଧି କରିଛନ୍ତି। ମୁଖ୍ୟ ଶାସନ ସଚିବ ଶାନ୍ତି କୁମାରୀ ଅବିଭାଜିତ ଆନ୍ଧ୍ର ପ୍ରଦେଶରେ କଲେକ୍ଟର ଭାବେ ଆଦିଲାବାଦ୍ ଜିଲ୍ଲାର କିଛି ସ୍ମରଣୀୟ ମୁହୂର୍ତ୍ତକୁ ମନେ ପକାଇ କହିଥିଲେ କି କିପରି ପ୍ରତ୍ୟେକ ଅଂଶ ବିବାଦୀୟ ଅବସ୍ଥାରେ ଥିଲା। ଯେତେବେଳେ ଆମେ ଏହି ଭାଗରେ ଯୋଜନା କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିଥିଲୁ ସେତେବେଳେ ସେଠାରେ ଜଳ ନଥିଲା, ପର୍ଯ୍ୟାପ୍ତ ବିଦ୍ୟୁତ୍ ଯୋଗାଣ ନଥିଲା ଏବଂ ବିକାଶ ଏକ ମୃଗତୃଷ୍ଣା ସଦୃଶ ଥିଲା। ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳିଛି ବୋଲି ସେ କହିଛନ୍ତି। ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ମନ୍ତ୍ରୀ ଇନ୍ଦ୍ରକରନ୍ ରେଡ୍ଡୀ ଏବଂ ପ୍ରଶାନ୍ତ ରେଡ୍ଡୀ କଲେକ୍ଟର କମ୍ପ୍ଲେକ୍ସ ଉଦ୍ଘାଟନୀ ଉତ୍ସବରେ ଅଂଶଗ୍ରହଣ କରିଥିଲେ।

# ହୋମଗାର୍ଡ ଯବାନଙ୍କ ମାନଦେୟ ବୃଦ୍ଧି ପାଇଁ ଅର୍ଡର ଜାରି



ରାୟପୁର: ୨୦୨୩-୨୪ ବିଧାନସଭା ବଜେଟରେ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ଛତିଶଗଡର ହୋମ ଗାର୍ଡ ଯବାନଙ୍କ ସେମାନଙ୍କ ପଦବୀ ଅନୁଯାୟୀ ମାନଦେୟ ବୃଦ୍ଧି କରିବାକୁ ଘୋଷଣା କରିଥିଲେ। ଏ ସମ୍ପର୍କରେ ଛତିଶଗଡ ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏକ ନିର୍ଦ୍ଦେଶ ଜାରି କରାଯାଇଛି। ର୍ୟାଙ୍କ ଅନୁଯାୟୀ ହୋମ ଗାର୍ଡଙ୍କ ମାନଦେୟ ସର୍ବନିମ୍ନ ମାସିକ ୬ ହଜାର ୩୦୦ ଟଙ୍କାରୁ ସର୍ବାଧିକ ୬ହଜାର ୪୨୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ବୃଦ୍ଧି ୧ ଏପ୍ରିଲ ୨୦୨୩ ରୁ ପ୍ରାପ୍ତ ମାନଦେୟ ଉପରେ ପ୍ରଯୁଜ୍ୟ ହେବ। ଗୃହ ଗାର୍ଡ ବିଭାଗରେ କାର୍ଯ୍ୟରତ ଯବାନମାନଙ୍କର ମାନଦେୟ ବୃଦ୍ଧି ପୂର୍ବରୁ ମାସକୁ ୧୩ ହଜାର ୨୦୦ଟଙ୍କା ଥିଲା, ଏବେ ୬ ହଜାର ୩୦୦ଟଙ୍କା ବୃଦ୍ଧି ସହିତ ୧୯ ହଜାର ୫୦୦ଟଙ୍କା ଦିଆଯିବ। ସେହିଭଳି ଲାନ୍ସ ନାଏକଙ୍କ ସମ୍ମାନ ୧୩ ହଜାର ୩୫୦ଟଙ୍କା ଥିବା ବେଳେ ଏବେ ମାନଦେୟ ୬ହଜାର ୩୧୫ ଟଙ୍କା ବୃଦ୍ଧି ହୋଇଛି। ଫଳରେ ସେମାନେ ଏବେ ୧୯ ହଜାର ୬୬୫ ଟଙ୍କା ପାଇବେ। ସେହିପରି ନାୟକଙ୍କ ପୂର୍ବରୁ ୧୩ ହଜାର ୫୦୦ଟଙ୍କା ଦିଆଯାଉଥିବା ବେଳେ ଏବେ ମାନଦେୟ ୬ହଜାର ୩୩୦ ଟଙ୍କା ବୃଦ୍ଧି କରାଯାଇଛି। ଫଳରେ ଏବେ ସେମାନେ ୧୯ ହଜାର ୮୩୦ ଟଙ୍କା ପାଇବେ। ହାବିଲଦାରର ମାନଦେୟ ୧୩ ହଜାର ୬୫୦ ଟଙ୍କା ଥିବାବେଳେ ୬ ହଜାର ୩୪୫ ଟଙ୍କା ମାନଦେୟ ବୃଦ୍ଧି ସହିତ ୧୯ ହଜାର ୯୯୫ ଟଙ୍କା, କମ୍ପାନୀ ହାବିଲଦାର ମେଜରଙ୍କ ମାନଦେୟ ୧୩ ହଜାର ୮୦୦ ଟଙ୍କା ସହିତ ୬ ହଜାର ୩୬୦ ଟଙ୍କା ବୃଦ୍ଧି କରାଯାଇଛି। ଏବେ ସେମାନେ ୨୦ ହଜାର ୧୬୦ଟଙ୍କା ପାଇବେ। ଅନ୍ୟପକ୍ଷରେ କମ୍ପାନୀ କ୍ୱାର୍ଟର ମାଷ୍ଟର ସମ୍ମାନ ସ୍ୱେଚ୍ଛାସେବୀ ପ୍ଲାଟୁନ କମାଣ୍ଡରଙ୍କ ସମ୍ମାନାର୍ଥେ ୧୪ ହଜାର ୨୫୦ ଥିବାବେଳେ ଏଥିରେ ୬ ହଜାର ୪୨୦ ଟଙ୍କା ବୃଦ୍ଧି ହୋଇଛି।

# ଜମି ଅଧିଗ୍ରହଣ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ: ଯୋଗୀ



ଲକ୍ଷ୍ନୌ: ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ପ୍ରତ୍ୟେକ ବାସଗୃହ ନଥିବା ଅଭାବୀ ଲୋକଙ୍କୁ ସରକାରଙ୍କ ଆବାସ ଯୋଜନା ଅଧୀନରେ ଆଣିବା ଏବଂ ସେମାନଙ୍କ ପାଇଁ ଏକ ପକ୍କା ଘର ବ୍ୟବସ୍ଥା କରାଯିବା ନିଶ୍ଚିତ କରନ୍ତୁ। ଅଧିକାରୀମାନେ ସର୍ବଦା ଜନ କଲ୍ୟାଣ କାର୍ଯ୍ୟକୁ ପ୍ରାଥମିକତା ଉପରେ ରଖିବା ଉଚିତ ଏବଂ ପ୍ରତ୍ୟେକ ପୀଡିତାଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ନିଶ୍ଚିତ କରିବା ଉଚିତ୍। ରବିବାର ଗୋରଖନାଥ ମନ୍ଦିରରେ ଡକାଯାଇଥିବା ଜନତା ଦର୍ଶନ ସମୟରେ ଲୋକଙ୍କ ସମସ୍ୟା ଶୁଣିବାବେଳେ ସିଏମ ଯୋଗୀ ଆଦିତ୍ୟନାଥ ଏହି ନିର୍ଦ୍ଦେଶ ଦେଇଛନ୍ତି। ଜନତା ଦର୍ଶନରେ ପ୍ରାୟ ୪୦୦ ଲୋକଙ୍କ ସମସ୍ୟାକୁ ମୁଖ୍ୟମନ୍ତ୍ରୀ ଶୁଣିଥିଲେ। ଏଥିରେ ବହୁ ସଂଖ୍ୟକ ମହିଳା ଥିଲେ। ଏହି ସମୟରେ ସହରରୀରୁ ଆସିଥିବା ଜଣେ ମହିଳା ରହିବା ସମସ୍ୟା ବିଷୟରେ କହିଥିଲେ। ଏହା ଉପରେ ମୁଖ୍ୟମନ୍ତ୍ରୀ ଉକ୍ତ ମହିଳାଙ୍କୁ ତୁରନ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ମୁଖ୍ୟମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଆଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜମି ଅଧିଗ୍ରହଣ ଅଭିଯୋଗ ଉପରେ ସେ କହିଛନ୍ତି ଯେ ଏଭଳି ମାମଲାରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍। ଚିକିତ୍ସା ପାଇଁ ଆର୍ଥିକ ସହାୟତା ମାଗିବାକୁ ଆସିଥିବା ଲୋକଙ୍କୁ ସିଏମ୍ ଆଶ୍ୱାସନା ଦେଇଛନ୍ତି ଯେ ଟଙ୍କା ଅଭାବରୁ କାହାରି ଚିକିତ୍ସା ବନ୍ଦ ହେବ ନାହିଁ। ପ୍ରାଥମିକତା ଉପରେ ଆକଳନ ପ୍ରକ୍ରିୟା ଶେଷ କରିବାକୁ ଏବଂ ଏହାକୁ ସରକାରଙ୍କ ନିକଟରେ ଉପଲବ୍ଧ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ଚିକିତ୍ସାରେ ସମ୍ପୂର୍ଣ୍ଣ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଜନତା ଦର୍ଶନରେ ଜଣେ ମହିଳା ନୋଏଡାର ଏକ ଶିକ୍ଷାନୁଷ୍ଠାନରେ ଆଡମିଶନ ପାଇବା ନାମରେ ତାଙ୍କୁ ପ୍ରତାରଣା କରିଥିବା ଅଭିଯୋଗ କରିଛନ୍ତି। ଏହି ଘଟଣାର ତଦନ୍ତ କରାଯିବ ଏବଂ ଯିଏ ଦୋଷୀ ସାବ୍ୟସ୍ତ ହେବ ସେନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଏମ୍ ନିଶ୍ଚିତ କରିଛନ୍ତି।

# 'ଛାତ୍ରଛାତ୍ରୀଙ୍କ ନେତୃତ୍ୱ ଦକ୍ଷତାକୁ ଉନ୍ନତ କରିବାକୁ କଲେଜ ନିର୍ବାଚନ କରାଯାଏ'




ଗୌହ୍ୱାଟି: ଛାତ୍ରଛାତ୍ରୀଙ୍କ ନେତୃତ୍ୱ ଦକ୍ଷତାକୁ ଉନ୍ନତ କରିବା ତଥା ଅନୁଷ୍ଠାନର ଗୁଣବତ୍ତାକୁ ଉନ୍ନତ କରିବା ପାଇଁ କଲେଜ ନିର୍ବାଚନ କରାଯାଏ କିନ୍ତୁ କିଛି ଛାତ୍ର ଏହାକୁ ଭବିଷ୍ୟତ ରାଜନୀତିର ଆଧାର ଭାବରେ ବିବେଚନା କରନ୍ତି ଏବଂ ଏହା ଭୁଲ ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମାଂଶ ବିଶ୍ୱ ସରମା ଶନିବାର କହିଛନ୍ତି। ଗୁଆହାଟୀରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସେ କହିଛନ୍ତି, "ଏହି ନିର୍ବାଚନ ଛାତ୍ରମାନଙ୍କର ନେତୃତ୍ୱ ଗୁଣକୁ ଉନ୍ନତ କରିବା ଏବଂ ଅନୁଷ୍ଠାନର ଗୁଣବତ୍ତାକୁ ସୁଦୃଢ଼ କରିବା ପାଇଁ କରାଯାଏ। କିନ୍ତୁ କିଛି ଛାତ୍ର ଏହାକୁ ଭବିଷ୍ୟତ ରାଜନୀତିର ଆଧାର ଭାବରେ ବିବେଚନା କରନ୍ତି ଏବଂ ଏହା ଭୁଲ ଅଟେ।

# ଗଜେନ୍ଦ୍ର ସିଂଙ୍କୁ ସମାଲୋଚନା କଲେ ଗେହଲୋଟ୍



ଯୋଧପୁର: ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲୋଟ୍ ରାଜ୍ୟରେ ଜଳ ଅଭାବ ପ୍ରସଙ୍ଗରେ କେନ୍ଦ୍ର ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍‌ଙ୍କୁ ସମାଲୋଚନା କରିଛନ୍ତି। 'ଯୋଧପୁର ସାଂସଦ ଶେଖାୱତ୍ ହେଉଛନ୍ତି କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ। ଏହା ସତ୍ତ୍ୱେ ତାଙ୍କ ନିର୍ବାଚନମଣ୍ଡଳୀର ଲୋକମାନେ ଜଳ ଯନ୍ତ୍ରଣା ଭୋଗୁଛନ୍ତି ଏବଂ ସେ ଆଦୌ ଚିନ୍ତିତ ନୁହଁନ୍ତି। ଏହାପୂର୍ବରୁ କେନ୍ଦ୍ର ଜଳ ପ୍ରକଳ୍ପ ପାଇଁ ୯୦ ପ୍ରତିଶତ ପାଣି ଯୋଗାଉଥିଲା ଯାହା ବର୍ତ୍ତମାନ ଅଧାକୁ ହ୍ରାସ ପାଇଛି ବୋଲି ସେ ଦାବି କରିଛନ୍ତି। ଶ୍ରୀ ଗେହଲୋଟ୍ କହିଛନ୍ତି ଯେ ରାଜ୍ୟ ସରକାର ବର୍ତ୍ତମାନ ରାଜସ୍ଥାନ କେନାଲ ପ୍ରକଳ୍ପ ପରି କାର୍ଯ୍ୟ କରୁଛନ୍ତି। "ଗୁଜୁରାଟ, ପଞ୍ଜାବ ଏବଂ ହରିୟାଣାରୁ ଆମର ଜଳର ଅଂଶ ରହିପାରିବ। ସଞ୍ଜୀବନୀ କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ସ୍କାମରେ ଶ୍ରୀ ଶେଖାୱତଙ୍କ ସମ୍ପୃକ୍ତି ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଶ୍ରୀ ଶେଖାୱତଙ୍କୁ ସମାଜର ଜମାକାରୀଙ୍କ ସହ ଆଲୋଚନା କରିବାକୁ କହିଥିଲେ। ଶ୍ରୀ ଗେହଲୋଟ୍ ଦାବି କରିଛନ୍ତି ଯେ ସେ ଶ୍ରୀ ଶେଖାୱତ୍‌ଙ୍କ ପରାମର୍ଶଦାତା ଭଗବାନ୍ ସିଂ ରୋଲସାହସବରଙ୍କ ସହ କଥା ହୋଇଥିଲେ ଏବଂ ତାଙ୍କୁ କହିଥିଲେ ଯେ ତାଙ୍କ ଶିଷ୍ୟ ଜମାକାରୀଙ୍କ ଟଙ୍କା ଫେରସ୍ତ କରୁନାହାଁନ୍ତି।

# ବାଣିଜ୍ୟ



ନୂଆଦିଲ୍ଲୀ: ଦେଶର ପ୍ରାୟ ସମସ୍ତ ମୋବାଇଲ୍ ବ୍ୟବହାରକାରୀ ପ୍ରୋତ୍ସାହନମୂଳକ କଲ୍ ଏବଂ ବାର୍ତ୍ତା ଦ୍ୱାରା ଅସୁବିଧାରେ ପଡ଼ନ୍ତି । ଏଭଳି ପରିସ୍ଥିତିରେ ଗ୍ରାହକଙ୍କୁ ଅବାଞ୍ଛିତ କଲ୍ ଏବଂ ବାର୍ତ୍ତା ମୁକ୍ତ କରିବା ପାଇଁ ଟେଲିକମ୍ ରେଗୁଲେଟୋରୀ ଅଥରିଟି ଅଫ୍ ଇଣ୍ଡିଆ (ଟ୍ରାଇ) ଟେଲିକମ୍ କମ୍ପାନୀଗୁଡ଼ିକୁ ଏକ ଇଣ୍ଟିଗ୍ରେଟେଡ୍ ଡିସିଏ (ଡିଜିଟାଲ୍ କନସ୍ବେଣ୍ଟ୍ ଅଧିଗ୍ରହଣ) ପ୍ଲାଟଫର୍ମ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛି। ଏହି ପ୍ଲାଟଫର୍ମର ଶୁଭାରମ୍ଭ ପରେ, କୌଣସି କମ୍ପାନୀ ଗ୍ରାହକଙ୍କ ଅନୁମତି ବିନା ଡିଜିଟାଲ୍ ମାଧ୍ୟମ ମାଧ୍ୟମରେ ପ୍ରମୋସନାଲ୍ କଲ୍ ଏବଂ ବାର୍ତ୍ତା ପଠାଇ ପାରିବେ ନାହିଁ । ଗ୍ରାହକଙ୍କୁ ଏହାର ଉତ୍ପାଦ ବିଷୟରେ ସୂଚନା ଦେବା ପାଇଁ ବର୍ତ୍ତମାନ କମ୍ପାନୀ କଲ୍, ବାର୍ତ୍ତା, ଇମେଲ୍, ସୋସିଆଲ୍ ମିଡିଆ ଇତ୍ୟାଦି ସମର୍ଥନ କରେ।ଏଭଳି ପରିସ୍ଥିତିରେ ସମାନ କଲ ଏବଂ ବାର୍ତ୍ତା ବାରମ୍ବାର ପଠାଇବା ହେତୁ ଗ୍ରାହକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ ।

# ଆର୍‌ଏସ୍‌ପିରେ ଉତ୍କୋଚ ବିରୋଧୀ ପରିଚାଳନା ବ୍ୟବସ୍ଥା ଉପରେ ତାଲିମ କାର୍ଯ୍ୟକ୍ରମ



ରାଉରକେଲା(ଭାସ୍କର ନ୍ୟୁଜ୍): ସେଲ ରାଉରକେଲା ଇସ୍ପାତ କାରଖାନାର ଭିଡିଓ କନଫରେନ୍ସ ହଲଠାରେ ମଇ ୨୯ ଓ ୩୦ ତାରିଖରେ ଆଇଏସ/ଆଇଏସଓ ୩୭୦୦୧: ୨୦୧୬ ଅନୁଯାୟୀ ଉତ୍କୋଚ ବିରୋଧୀ ପରିଚାଳନା ସିଷ୍ଟମ (ଏବିଏମଏସ) ଉପରେ ଏକ ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କାରଖାନାର ବିଭିନ୍ନ ବିଭାଗରୁ ୨୪ ଜଣ ଆଭ୍ୟନ୍ତରୀଣ ସମ୍ବଳ କାର୍ମିକ (ଆଇଆରପି) ଯୋଗ ଦେଇଥିଲେ। ଭିଡିଓ କନଫରେନ୍ସିଂ ଜରିଆରେ ଉଦଘାଟନୀ ଅଧିବେଶନରେ ଯୋଗ ଦେଇଥିବା କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ପି କେ ଶତପଥୀ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଏହି ଅବସରରେ ଭିଜିଲାନ୍ସ ବିଭାଗର ସିଜିଏମ ଶ୍ରୀ ଏମ କେ ଗୁପ୍ତା, ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଉକ୍ତ ଅନ୍ ଲାଇନ୍ ତାଲିମ କାର୍ଯ୍ୟକ୍ରମ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟ୍ରେନିଂ ଫର୍ ଷ୍ଟାଣ୍ଡାର୍ଡାଇଜେସନ୍ (ଏନଆଇଟିଏସ), ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ (ବିଆଇଏସ୍) ଦ୍ୱାରା ସମ୍ପନ୍ନ କରାଯାଇଥିଲା। ଶ୍ରୀ ଶତପଥୀ ତାଙ୍କ ଉଦବୋଧନରେ ସାଧୁତା ଏବଂ ନୈତିକତାର ଅଭ୍ୟାସ ସୁନିଶ୍ଚିତ କରିବା ପାଇଁ ଏବିଏମଏସର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ଏହି ବ୍ୟବସ୍ଥା ନା କେବଳ ଦୁର୍ନୀତି ରୋକିବ ତଥା ପ୍ରତିଷ୍ଠାର ଭାବମୂର୍ତ୍ତି ସୁରକ୍ଷିତ କରିବାରେ ସହାୟକ ହେବ, ବରଂ ଆଇନଗତ ତଥା ବୈଧାନିକ ନିୟାମକ ଆବଶ୍ୟକତା ପାଳନରେ ମଧ୍ୟ ସହାୟକ ହେବ। ଆରଏସପିରେ ଆଇଏସ/ଆଇଏସଓ ୩୭୦୦୧: ୨୦୧୬ର କାର୍ଯ୍ୟକାରିତାକୁ ସୁଗମ କରିବା ପାଇଁ ତାଲିମ କାର୍ଯ୍ୟକ୍ରମରେ ସକ୍ରିୟ ରୂପେ ଭାଗ ନେବା ପାଇଁ ଅଂଶଗ୍ରହଣକାରୀମାନଙ୍କୁ ଅନୁରୋଧ କରିଥିଲେ। ଶ୍ରୀ ଗୁପ୍ତା ତାଙ୍କ ବକ୍ତବ୍ୟରେ ଆରଏସପିରେ ବିଦ୍ୟମାନ ବ୍ୟବସ୍ଥାକୁ କିପରି ଅଧିକ ମଜବୁତ କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଏନଆଇଟିଏସ, ବିଆଇଏସର ମୁଖ୍ୟ ଶ୍ରୀ ଏ ଚାଟାର୍ଜୀ ଏବିଏମଏସ ଉପରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ ଏବଂ ସମସ୍ତ ୟୁନିଟରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ସକ୍ରିୟ ପଦକ୍ଷେପ ଗ୍ରହଣ ପାଇଁ ସେଲର ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ ଯାହା ଅନ୍ୟ ରାଷ୍ଟ୍ରାୟତ ଉଦ୍‌ଯୋଗଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। କାର୍ଯ୍ୟକ୍ରମର ବିଭିନ୍ନ ଅଧିବେଶନରେ ବିଆଇଏସ ନୂଆଦିଲ୍ଲୀର ବୈଜ୍ଞାନିକ ଏବଂ ସାର୍ଟିଫିକେଟ୍, ସର୍ଭିଲାନ୍ସ ଆଣ୍ଡ ମନିଟରିଂ ବିଭାଗ ମୁଖ୍ୟ ଆର କେ ଜୈନ, ଏ କେ ପୁରୋହିତ, ବୈଜ୍ଞାନିକ ଏବଂ କୋଲକାତା ଶାଖା କାର୍ଯ୍ୟାଳୟ ମୁଖ୍ୟ ଶ୍ରୀ ଏ କେ ପୁରୋହିତ, ବିଆଇଏସ ଦିଲ୍ଲୀ ଶାଖା କାର୍ଯ୍ୟାଳୟ ମୁଖ୍ୟ ଶ୍ରୀ ଚିନ୍ମୟ ଦ୍ୱିବେଦୀ ତଥା ବିଆଇଏସ୍ ହିମାଚଳ ପ୍ରଦେଶ ଶାଖା କାର୍ଯ୍ୟାଳୟର ବୈଜ୍ଞାନିକ ଏବଂ ନିର୍ଦ୍ଦେଶକ ବିଜୟଭୀରନ୍ ଏବିଏମ୍‌ଏସ୍ ର ବିଭିନ୍ନ ଦିଗ ଏବଂ ସଂରଚନା ଉପରେ ଆଲୋଚନା କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଭିଜିଲେନ୍ସ ବିଭାଗର ମ୍ୟାନେଜର ଶ୍ରୀ ଏମ କେ ସିଂହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ବିଭାଗର ଜିଏମ୍ ଶ୍ରୀ ସୌମିତ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମକୁ ଆରଏସପିର ଭିଜିଲାନ୍ସ ବିଭାଗ ପରିଚାଳନା କରିଥିଲା।

# ଟ୍ରେନ୍ ଦୁର୍ଘଟଣାରେ ପିତାମାତାଙ୍କୁ ହରାଇଥିବା ପିଲାଙ୍କୁ ମାଗଣାରେ ପଢ଼ାଇବେ ଆଦାନି

ମୁମ୍ବାଇ:ବାଲେଶ୍ୱର ବାହନଗାରେ ଘଟିଥିବା ଦେଶର ଅନ୍ୟତମ ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣାରେ ନିଜ ପିତାମାତାଙ୍କୁ ହରାଇଥିବା ପିଲାମାନଙ୍କୁ ମାଗଣାର ପାଠପଢ଼ାଇବେ ଶିଳ୍ପପତି ଗୌତମ ଆଦାନି। ସେମାନଙ୍କ ସ୍କୁଲ୍ ଶିକ୍ଷା ଖର୍ଚ୍ଚକୁ ସେ ବହନ କରିବେ। ଆଦାନି ଗ୍ରୁପ୍‌ର ମୁଖ୍ୟ ଗୌତମ ଆଦାନି ଟୁଇଟ୍ କରି ଜଣାଇଛନ୍ତି ଯେ 'ଏହି ଦୁର୍ଘଟଣାର ପୀଡ଼ିତ ଓ ସେମାନଙ୍କ ପରିବାର ପ୍ରତି ସମର୍ଥନ ଜଣାଇବା ଓ ପିଲାମାନଙ୍କୁ ଉତମ ଭବିଷ୍ୟତ ପ୍ରଦାନ କରିବା ଆମ ସମସ୍ତଙ୍କ ମିଳିତ ଦାୟିତ୍ୱ। ନିଜ ହିନ୍ଦୀ ଟୁଇଟ୍‌ରେ ଆଦାନି ଲେଖିଛନ୍ତି ଯେ, 'ଓଡ଼ିଶାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାକୁ ନେଇ ଆମେ ସମସ୍ତେ ଗଭୀର ଭାବେ ମର୍ମାହତ। ଆମେ ନିଷ୍ପତି ନେଇଛୁ ଯେ ଏହି ଦୁର୍ଘଟଣାରେ ପ୍ରାଣ ହରାଥିବା ପିଲାମାନଙ୍କ ସ୍କୁଲ ପାଠପଢ଼ା ଖର୍ଚ୍ଚ ଆଦାନି ଗ୍ରୁପ୍ ବହନ କରିବ। ଏହି ଦୁର୍ଘଟଣାର ପୀଡ଼ିତ ଓ ସେମାନଙ୍କ ପରିବାର ପ୍ରତି ସମର୍ଥନ ଜଣାଇବା ଓ ପିଲାମାନଙ୍କୁ ଉତମ ଭବିଷ୍ୟତ ପ୍ରଦାନ କରିବା ଆମ ସମସ୍ତଙ୍କ ମିଳିତ ଦାୟିତ୍ୱ।

# ଚନ୍ଦ୍ରଶେଖରପୁରର ମାଲାବାର୍ ଗୋଲ୍ଡ ଏବଂ ଡାଇମଣ୍ଡସ୍‌ରେ 'ଆର୍ଟିଷ୍ଟ୍ରି-ବ୍ରାଣ୍ଡେଡ୍ ଜୁଏଲାରୀ ଶୋ'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚନ୍ଦ୍ରଶେଖରପୁରର ମାଲାବାର୍ ଗୋଲ୍ଡ ଏବଂ ଡାଇମଣ୍ଡସ୍‌ରେ 'ଆର୍ଟିଷ୍ଟ୍ରି-ବ୍ରାଣ୍ଡେଡ୍ ଜୁଏଲାରୀ ଶୋ' କରାଯାଇଛି । କାଳଜୟୀ ଶୋଭା ପାଇଥିବା ବିଶିଷ୍ଟ୍ୟ ଅଳଙ୍କାରଗୁଡ଼ିକ ହେଉଛି ମାଷ୍ଟର କାରିଗରମାନଙ୍କ ସୃଷ୍ଟି । ଅଳଙ୍କାରଗୁଡ଼ିକ ସେମାନଙ୍କର ପାରଦର୍ଶିତା ଏବଂ ଚତୁର କୌଶଳର ଉଜ୍ଜ୍ୱଳ ଉଦାହରଣ, ଏହାର ବିଷୟବସ୍ତୁ ଶୋ 'ଏକ୍ସପେରିଏନ୍ସ ଓ୍ୱାରାବଲ୍ ଆର୍ଟ' ଯଥାର୍ଥ ଅଟେ । ଏହାକୁ ନୃତ୍ୟ ସୁପରଷ୍ଟାର ରାଜସ୍ମିତା କରଙ୍କ ଉପସ୍ଥିତିରେ ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ ସିଜନ-୩ର କଳାକାରମାନେ ଉଦ୍‌ଘାଟନ କରିଥିଲେ । ଏହି ଶୋ'ରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ମାଇନ-ହୀରାର ସ୍ୱତନ୍ତ୍ର ବ୍ରାଣ୍ଡ ରହିଛି । ଏରା- ଅଙ୍କିତ ହୀରା ଅଳଙ୍କାର, ପ୍ରେସିଆ- ମୂଲ୍ୟବାନ ରତ୍ନ ଅଳଙ୍କାର, ଏଥ୍‌ନିକ୍ସ- ହସ୍ତତନ୍ତ ଅଳଙ୍କାର, ଡିଭାଇନ୍- ଭାରତୀୟ ଐତିହ୍ୟ ଅଳଙ୍କାର, ଷ୍ଟାରଲେଟ୍ - ପିଲା ଏବଂ ଜୁଲ୍ - ଯୁବକ ବୟସ୍କ ସଂଗ୍ରହ ଅଳଙ୍କାର । ଏହି ଶୋ ଜୁନ୍ ୩ରୁ ୧୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ଗ୍ରାହକମାନେ ମୋଟ କ୍ରୟ ପରିମାଣର ୫% ଅଗ୍ରୀମ ଦେଇ ସବୁଠାରୁ ବିଶ୍ୱସ୍ତ ଅଳଙ୍କାର ବ୍ରାଣ୍ଡ ମଧ୍ୟରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ ହେଉଛି ଫ୍ଲାଗସିପ୍ । ମାଲାବାର ଗ୍ରୁପର କମ୍ପାନୀ, ଭାରତର ଦ୍ରୁତତମ ବ୍ୟବସାୟ ପ୍ରତିଷ୍ଠାନ । ଏହାର ଖୁଚୁରା ସୁନା ଶିଳ୍ପରେ ଭାରତ, ସିଙ୍ଗାପୁର ଏବଂ ୩୦୦ ଟି ଶୋ'ରୁମ୍ ଅଛି ବୋଲି କମ୍ପାନୀ ପରିଚାଳନା ପ୍ରତିନିଧି ଷ୍ଟୋର ହେଡ୍ ଫାସିଲ ସୂଚନା ଦେଇଛନ୍ତି ।

# ବାଲେଶ୍ୱର ରେଳ ଦୁର୍ଘଟଣା ପୀଡ଼ିତଙ୍କ ପାଇଁ ରିହାତି ଘୋଷଣା କଲେ ଏଲଆଇସି ଅଧ୍ୟକ୍ଷ



ଭୁବେନଶ୍ୱର(ଭାସ୍କର ନ୍ୟୁଜ୍) : ଓଡ଼ିଶାର ବାଲେଶ୍ୱର ଠାରେ ୦୨.୦୬.୨୦୨୩ରେ ଘଟିଥିବା ଦୁଃଖଦ ରେଳ ଦୁର୍ଘଟଣାକୁ ନେଇ ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି) ପକ୍ଷରୁ ଗଭୀର ଦୁଃଖ ପ୍ରକଟ କରାଯାଇଛି । ପୀଡ଼ିତମାନଙ୍କୁ ସହାୟତା କରିବା ଲାଗି ଏଲଆଇସି ସଂକଳ୍ପବଦ୍ଧ ରହିଛି ଏବଂ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ନିମନ୍ତେ ଦାବି ସମାଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ । ଏଲଆଇସି ଅଧ୍ୟକ୍ଷ ଶ୍ରୀ ସିଦ୍ଧାର୍ଥ ମହାନ୍ତି ଏହି ଘଟଣାରେ ଦୁଃଖ ପ୍ରକଟ କରି କହିଛନ୍ତି, ଆମେ ପୀଡ଼ିତ ଓ ସେମାନଙ୍କ ପରିବାର ପ୍ରତି ସମବେଦନା ବ୍ୟକ୍ତ କରୁଛୁ । ଏଲଆଇସି ପଲିସି ଏବଂ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାର ଦାବି କରୁଥିବା ପୀଡ଼ିତମାନଙ୍କ ସମସ୍ୟା ଦୂର କରିବା ଲାଗି ଏଲଆଇସି ଅଧ୍ୟକ୍ଷ ଶ୍ରୀ ସିଦ୍ଧାର୍ଥ ମହାନ୍ତି ଏକାଧିକ ରିହାତି ଘୋଷଣା କରିଛନ୍ତି । ପଞ୍ଜିକୃତ ମୃତ୍ୟୁ ପ୍ରମାଣପତ୍ର ପରିବର୍ତ୍ତେ, ରେଳବାଇ ଅଧିକାରୀ, ପୁଲିସ କିମ୍ବା କୌଣସି ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରକାଶିତ ମୃତକଙ୍କ ତାଲିକାକୁ ମୃତ୍ୟୁ ପ୍ରମାଣପତ୍ର ଭାବେ ସ୍ୱୀକାର କରାଯିବ । ଦାବି ସଂକ୍ରାନ୍ତ ପ୍ରଶ୍ନର ଉତ୍ତର ଦେବା ଏବଂ ଦାବିଦାରମାନଙ୍କୁ ସହାୟତା ଯୋଗାଇ ଦେବା ଲାଗି ମଣ୍ଡଳ ଓ ଶାଖା ସ୍ତରରେ ସ୍ୱତନ୍ତ୍ର ସହାୟତା ଡେସ୍କ ପ୍ରତିଷ୍ଠା କରାଯାଇଛି । ଦାବିଦାରଙ୍କ ନିକଟରେ ସହଜରେ ପହଞ୍ଚିବା ଏବଂ ପୀଡ଼ିତ ପରିବାରଗୁଡ଼ିକର ଦାବିକୁ ଯଥାଶୀଘ୍ର ସମାଧାନ କରିବା ନିମନ୍ତେ ସବୁପ୍ରକାର ପଦକ୍ଷେପ ଗ୍ରହଣ କରାଯିବ । ଅଧିକ ସହାୟତା ପାଇଁ ଦାବିଦାରମାନେ ନିକଟସ୍ଥ ଶାଖା/ଡିଭିଜନ/ଗ୍ରାହକ ଜୋନ୍‌ରେ ଯୋଗାଯୋଗ କରିପାରିବେ । ଦାବିଦାରମାନେ ମଧ୍ୟ ଆମର କଲ୍ ସେଣ୍ଟରକୁ କଲ୍ କରିପାରିବେ - ୦୨୨୬୮୨୭୬୮୨୭

# ନୂଆ କ୍ୟାମ୍ପେନ୍ 'ବର୍ଣ୍ଣ ଟୁ କ୍ରସ୍ ବାଉଣ୍ଡ୍ରିସ୍'

ନୂଆଦିଲ୍ଲୀ : ଏକ ସୁପରିଚିତ ଆନ୍ତର୍ଜାତୀୟ ଲଗେଜ୍ ବ୍ରାଣ୍ଡ ଆମେରିକାନ୍ ଟୁରିଷ୍ଟର ବିଗତ ୯୦ ବର୍ଷ ହେବ ଦୃଢ଼ତାର ସହ ନିଜର ବଜାର ନେତୃତ୍ୱ ବଜାୟ ରଖିଛି। ଆମେରିକାନ ଟୁରିଷ୍ଟର ବ୍ୟାଗଗୁଡ଼ିକର ଡିଜାଇନ୍ ଜୀବନ୍ତ, ଆନନ୍ଦଦାୟକ ଓ ଟ୍ରେଣ୍ଡି ବ୍ୟାକ୍‌ପ୍ୟାକ୍ ଓ ଲଗେଜଗୁଡ଼ିକୁ ପ୍ରତିଫଳନ କରୁଥିବା ବେଳେ ଏହି ବ୍ରାଣ୍ଡ ସ୍ଥିର, ଦକ୍ଷ ଓ ଟ୍ରେଣ୍ଡି ଉତ୍ପାଦଗୁଡ଼ିକୁ ସୂଚିତ କରୁଛି। ଏହା ଭ୍ରମଣକୁ ଅଧିକ ମଜାଦାର ଓ ରୋମାଂଚକର କରିବା ଉପରେ ଗୁରୁତ୍ୱ ଦେଇଥାଏ। ପ୍ରଖ୍ୟାତ କ୍ରିକେଟର ବିରାଟ କୋହଲିଙ୍କ ସହ ଆମେରିକାନ ଟୁରିଷ୍ଟରର ସହଭାଗିତା ଗତ ୭ ବର୍ଷ ହେବ ମଜବୁତ ରହିଛି ଏବଂ ଉଭୟ ବାଧାହୀନ ଭାବେ ଚମତ୍କାର କ୍ୟାମ୍ପେନ୍‌ଗୁଡ଼ିକର ପରିଚାଳନା କରିଛନ୍ତି। ଆମେରିକାନ୍ ଟୁରିଷ୍ଟର ପକ୍ଷରୁ ଭ୍ରମଣକାରୀମାନଙ୍କୁ ନିଜର ଦୁଃସାହସୀ ଦିଗକୁ ଉନ୍ମୋଚନ କରିବା ଏବଂ ନିଜର ପ୍ରତିବନ୍ଧକଗୁଡ଼ିକୁ ଅତିକ୍ରମ କରିବା ପାଇଁ ପ୍ରୋତ୍ସାହିତ କରିବା ଲାଗି ନୂଆ କ୍ୟାମ୍ପେନ୍ 'ବର୍ଣ୍ଣ ଟୁ କ୍ରସ ବାଉଣ୍ଡ୍ରିସ୍'ର ଶୁଭାରମ୍ଭ କରାଯାଇଛି।



ବାଙ୍ଗାଲୋର: ଓମାନରେ ଆୟୋଜିତ କନିଷ୍ଠ ପୁରୁଷ ଏସିଆ କପ୍ ଫାଇନାଲ୍‌ରେ ଭାରତ ଜବରଦସ୍ତ ପ୍ରଦର୍ଶନ କରିଥିଲା। ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଫାଇନାଲରେ ହରାଇ ବିଜେତା ହୋଇଥିଲା। ଏହି ବିଜୟ ସହ ଭାରତ ମଧ ପାକିସ୍ତାନ (୩)କୁ ପଛରେ ପକାଇ ସର୍ବାଧିକ ୪ ଥର କନିଷ୍ଠ ଏସିଆ କପ୍ ଜିତିବାର କୀର୍ତ୍ତିମାନ ପ୍ରତିଷ୍ଠା କରିଥିଲା। ଭାରତୀୟ କ୍ରୀଡାବିତ୍‌ମାନଙ୍କ ଲଢୁଆ ପ୍ରଦର୍ଶନ ପାଇଁ ଏହି ସଫଳତା ହାସଲ କରିଛି। ସମସ୍ତ ଖେଳାଳିଙ୍କ ଖେଲୁଆଡ ମନୋଭାବ ନେଇ ଖେଳ ପ୍ରଦର୍ଶନ କରିଥିଲେ। ଯେଉଁଥିପାଇଁ ଭାରତ ଏହି ସଫଳା ହାସଲ କରିଥିଲା। ଏହି ଟ୍ରଫି ହାସଲ କରିବା ପରେ ଭାରତୀୟ ଦଳ ଗତ ଶନିବାର ଅପରାହ୍ନରେ ଭାରତରେ ପହଞ୍ଚିଛି। ବେଙ୍ଗାଲୁରୁ ବିମାନବନ୍ଦରରେ ପହଞ୍ଚିବା ପରେ ଏହି ଦଳକୁ ହକି କର୍ଣ୍ଣାଟକର ସମ୍ପାଦକ ଏବି ସୁବାୟାଙ୍କ ସହ ଅନ୍ୟ ଅଧିକାରୀ ଏବଂ ସାଇ ଏସ୍‌ଟିସିର ପ୍ରତିନିଧିମାନେ ସ୍ୱାଗତ କରିଥିଲେ। ଫାଇନାଲ୍‌ରେ ଭାରତ ୨-୧ରେ ପାକିସ୍ତାନକୁ ହରାଇଥିଲା ବେଳେ ଲିଗ୍ ପର୍ଯ୍ୟାୟରେ ଏହି ଦଳ ମ୍ୟାଚ୍ ଅମୀମାଂସିତ ରଖି ପଏଣ୍ଟ ବାଣ୍ଟିଥିଲା।

### କେନ୍ଦ୍ର ସରକାରଙ୍କୁ ଜୟନ୍ତ ଚୌଧୁରୀଙ୍କ ଟାର୍ଗେଟ

# ଜୟ ଶାହାଙ୍କୁ କୁସ୍ତି ସଂଘର ଅଧକ୍ଷ କରି ଦିଆଯାଉ



ନୂଆଦିଲ୍ଲୀ : ବ୍ରିଜ୍ ଭୂଷଣ ଶରଣ ସିଂହଙ୍କୁ ଗିରଫ ଦାବିରେ ରେସଲରମାନେ ଦୀର୍ଘ ଦିନ ହେବ ଧାରଣାରେ ବସିଥିଲେ। ତାଙ୍କ ସମର୍ଥନରେ ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳମାନେ ସମର୍ଥନରେ ବାହାରିଛନ୍ତି। ରାଷ୍ଟ୍ରୀୟ ଲୋକଦଳ ପାର୍ଟି (ଆରଏଲଡି)ର ରାଷ୍ଟ୍ରୀୟ ଅଧକ୍ଷ ଜୟନ୍ତ ଚୌଧୁରୀ କୁସ୍ତି ଯୋଦ୍ଧାଙ୍କ ସମର୍ଥନ କରି କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ ରବିବାର କହିଛନ୍ତି, 'ସରକାର ୯ ବର୍ଷର ଉତ୍ସବ ପାଳନ କରୁଛନ୍ତି। ୯ ବର୍ଷ ପୂର୍ବରୁ କେବେ ଦେଖିବାକୁ ମିଳିଥିଲା କି ଝିଅମାନଙ୍କର ଜାତି ଦେଖାଯାଉଥିଲା। ଏହି ଦେଶରେ ଜଣେ ମାତ୍ର ପ୍ରତିଭାଶାଳୀ ଯୁବକ ଅଛନ୍ତି ଜୟ ଶାହା, ତାଙ୍କୁ ହିଁ କୁସ୍ତି ସଂଘର ଅଧକ୍ଷ କରି ଦିଆଯାଉ। ଖେଳାଳି ତିଆରି ନ କରାଯାଉ କେହି କିଛି କହିବେ ନାହିଁ।' ଜୟନ୍ତ ଚୌଧୁରୀ ଆହୁରି ମଧ କହିଛନ୍ତି, 'କୁସ୍ତିଯୋଦ୍ଧା ମାନେ ଯାହା ନୀତି ଆପଣେଇଛନ୍ତି ଆମେ ତାହା ସହ ଅଛୁ। ମୁଁ କୌଣସି ଆକ୍ରମଣାତ୍ମକ ନିଷ୍ପତ୍ତିକୁ ସମର୍ଥନ କରିବି ନାହିଁ। ଜଣଙ୍କ ଦ୍ୱାରା ଏହା ସମ୍ଭବ ହେବ ନାହିଁ, ଗୋଟିଏ ପଦକ୍ଷେପ ଦେଖିବାକୁ ପଡ଼ିବ, ସଂଗଠିତ ହେବାକୁ ହେବ। ଯେତେବେଳେ ମୁଁ ଏହାର ସମର୍ଥନ କରିବ, ତା'ପରେ ମଞ୍ଚକୁ ମଧ ସମାନ ଢଙ୍ଗରେ ସଜାଇବା ଉଚିତ। ରେସଲିଂ ଫେଡେରେସନ ଅଫ ଇଣ୍ଡିଆ (ଡବ୍ଲ୍ୟୁଏଫଆଇ) ର ଅଧକ୍ଷ ତଥା ଭାଜପା ଏମ୍‌ପି ବ୍ରିଜ ଭୂଷଣ ଶରଣ ସିଂଙ୍କୁ ଗିରଫ କରିବାକୁ ଦାବି କରି ରେସଲରମାନେ ବିରୋଧ ପ୍ରଦର୍ଶନ କରୁଛନ୍ତି।

### ଏସିଆନ ୟୁ-୨୦ ଆଥଲେଟିକ୍ସ ଚାମ୍ପିଅନସିପ

## ଭାରତ ଜିତିଲା ଦୁଇ ସ୍ୱର୍ଣ୍ଣ ଏବଂ ଗୋଟିଏ ବ୍ରୋଞ୍ଜ

ନୂଆଦିଲ୍ଲୀ : ଏସିଆନ୍ ଅଣ୍ଡର ୨୦ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ସିପ୍‌ରେ ଭାରତକୁ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ମିଳିଛି। ଭାରତର ଯୁବ ତଥା ଦକ୍ଷ ଆଥଲେଟ୍ ରେଜୋନା ମଲ୍ଲିକ୍ ହେନା ଏବଂ ଭାରତପ୍ରୀତ ସିଂ ଭଲ ଖେଳ ପ୍ରଦର୍ଶନ କରି ଏହି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ୪୦୦ ମିଟର ଦୌଡରେ ତାରକାମାନେ ସେମାନଙ୍କର ଅତୁଳନୀୟ ଦକ୍ଷତା ପ୍ରଦର୍ଶନ କରିଥିଲେ । ଭାରତପ୍ରୀତ ସିଂହ ପୁରୁଷ ଡିସ୍କସ୍ ଥ୍ରୋ ଇଭେଣ୍ଟର ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ଅନ୍ତିମା ପାଲ ମହିଳା ୫୦୦୦ ମିଟର ଦୌଡରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ୧୭ ମିନିଟ୍ ଏବଂ ୧୭.୧୧ ସେକେଣ୍ଡରେ ଟାର୍ଗେଟ ପୂରଣ କରିଥିଲେ।




### ଏସିଆ କପ୍ ଆୟୋଜନ ନେଇ ଶ୍ରୀଲଙ୍କାର ପ୍ରସ୍ତାବକୁ ପାକିସ୍ତାନର ନାପସନ୍ଦ

# ଦିନିକିଆ ସିରିଜ୍ ଖେଳିବାକୁ ମନା କଲା ପିସିବି

ନୂଆଦିଲ୍ଲୀ: ଏସିଆ କପ୍ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବ) ଆୟୋଜନ କରିବାର ଥିଲା । କିନ୍ତୁ ଟିମ୍ ଇଣ୍ଡିଆ ପାକିସ୍ତାନ ଯିବା ପାଇଁ ରାଜି ନହେବାରୁ ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ବିବାଦ ଦେଖାଦେଇଥିଲା। ଅନ୍ୟପଟେ ଶ୍ରୀଲଙ୍କା କ୍ରିକେଟ ବୋର୍ଡ ପକ୍ଷରୁ ଏସିଆ କପ୍ ଆୟୋଜନ କରିବା ପାଇଁ ଏସୀୟ କ୍ରିକେଟ କାଉନସିଲକୁ ଚିଠି ମାଧ୍ୟମରେ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛି ପାକିସ୍ତାନ କ୍ରିକେଟ ବୋର୍ଡ । ପାକିସ୍ତାନ ଦଳ ଶ୍ରୀଲଙ୍କାରେ ମ୍ୟାଚ୍ ଖେଳିବାକୁ ମନା କରିଦେଇଛି । ଯାହାଫଳରେ ପାକିସ୍ତାନ ଏବଂ ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ ମଧ୍ୟରେ ବିବାଦ ବଢୁଥିବା ନଜର ଆସୁଛି । ସେପ୍ଟେମ୍ବରରେ ହେବାକୁ ଥିବା ଏସିଆ କପର ଆୟୋଜନ ପାଇଁ ଶ୍ରୀଲଙ୍କା ଇଚ୍ଛା ପ୍ରକାଶ କରିବା ପରେ ଚିହିଁକି ଉଠିଛି ପାକିସ୍ତାନ କ୍ରିକେଟ୍ ବୋର୍ଡ। ନୂଆ ଘଟଣାକ୍ରମରେ ଶ୍ରୀଲଙ୍କାରେ ସୀମିତ ଓଭର ଦ୍ୱିପାକ୍ଷିକ ସିରିଜ ନଖେଳିବା ପାଇଁ ପାକିସ୍ତାନ ନିଷ୍ପତ୍ତି ନେଇଛି । ଏସିଆ କପ ଆୟୋଜନକୁ ନେଇ




ବିସିସିଆଇ ସହ ପାକିସ୍ତାନର ମତଭେଦ ଜାରି ରହିଛି । ସୁରକ୍ଷା କାରଣ ଦର୍ଶାଇ ପଡୋଶୀ ଦେଶରେ ମ୍ୟାଚ୍ ଖେଳିବ ନାହିଁ ବୋଲି ବିସିସିଆଇ ସ୍ପଷ୍ଟ କରିସାରିଛି । ଏହାସହ ପାକିସ୍ତାନ ମୁଖ୍ୟ ନଜାମ ସେଠୀଙ୍କ ଦ୍ୱାରା ଦିଆଯାଇଥିବା ହାଇବ୍ରିଡ୍ ମେଡଲ ପ୍ଲାନକୁ ମଧ ବିସିସିଆଇ ମନା କରିସାରିଛି । କିଛି ଦିନ ତଳେ ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ ଏସିଆ କପ୍ ଆୟୋଜନ ପାଇଁ ପ୍ରସ୍ତୁତ ଥିବା କଥା କହିଥିଲା । ଏହାପରେ ଏବେ ପାକିସ୍ତାନ ବୋର୍ଡ ଶ୍ରୀଲଙ୍କାରେ ଦିନିକିଆ ସିରିଜ୍ ଖେଳିବାକୁ ମନା କରିଦେଇଛି । ସୂଚନା ଅନୁସାରେ, ଏସିଆ କପ ଆୟୋଜନ ନେଇ ଶ୍ରୀଲଙ୍କା ବୋର୍ଡର ପ୍ରସ୍ତାବ ପରେ ପାକିସ୍ତାନ କ୍ରିକେଟ୍ ବୋର୍ଡ ଅସନ୍ତୋଷ ପ୍ରକାଶ କରିଛି। କାରଣ ପାକିସ୍ତାନ ବୋର୍ଡ ଏହି ବଡ଼ ଟୁର୍ଣ୍ଣାମେଣ୍ଟକୁ ନିଜ ଦେଶରେ ଆୟୋଜନ କରିବାକୁ ଯୋଜନା କରୁଛି। ରିପୋର୍ଟରେ ଏହା ମଧ ଦାବି କରାଯାଉଛି ଯେ ବାଂଲାଦେଶ ଏବଂ ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ ଉପରେ ପାକିସ୍ତାନ ବୋର୍ଡ ଅସନ୍ତୁଷ୍ଟ ରହିଛି । କାରଣ ଉଭୟ ଦେଶର ବୋର୍ଡ ବିସିସିଆଇ ସପକ୍ଷରେ ଅଛନ୍ତି । ବିସିସିଆଇ ସଚିବ ଜୟ ଶାହ ଯିଏକି ଏସୀୟ କ୍ରିକେଟ ପରିଷଦର ମଧ ଅଧକ୍ଷ ରହିଛନ୍ତି, ସେ କିନ୍ତୁ ଭାରତୀୟ ଦଳକୁ ପାକିସ୍ତାନ ନୁହେଁ ବରଂ ଅନ୍ୟ କେଉଁ ଦେଶରେ ଖେଳିବାକୁ ଦିଆଯିବା ଜିଦ୍‌ରେ ଅଟଳ ରହିଛନ୍ତି । ତେବେ ଯଦି ହାଇବ୍ରିଡ୍ ମଡେଲ ଆପଣାଯାଏ ତେବେ ଭାରତୀୟ ଦଳ ୟୁଏଇ ନଚେତ୍ ଶ୍ରୀଲଙ୍କାରେ ମ୍ୟାଚ୍ ଖେଳିପାରେ । ଏହା ସହିତ ଅନ୍ୟାନ୍ୟ ମ୍ୟାଚ୍ ଗୁଡିକ ପାକିସ୍ତାନର ହୋମ୍ ଗ୍ରାଉଣ୍ଡରେ ଆୟୋଜିତ ହୋଇପାରେ । ତେବେ ଏ ନେଇ ଏସୀୟ କ୍ରିକେଟ୍ କାଉନସିଲ୍ ଖୁବଶୀଘ୍ର ନିଷ୍ପତ୍ତି ନେବ।

## ବିବାହ କଲେ ରୁତୁରାଜ୍ ଗାଏକ୍ୱାଡ୍



ମୁମ୍ବାଇ : ଚେନ୍ନାଇ ସୁପର କିଙ୍ଗ୍‌ର ଷ୍ଟାର ଓପନର୍ ୨୬ ବର୍ଷୀୟ ରୁତୁରାଜ ଗାଏକ୍ୱାଡ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ବର୍ତ୍ତମାନ ତାଙ୍କ ବିବାହର ଫଟୋ ଭାଇରାଲ ହେବାରେ ଲାଗିଛି । ଡାହାଣହାତୀ ବ୍ୟାଟ୍ସମ୍ୟାନ୍ ରୁତୁରାଜ ଭାରତୀୟ ଦଳର ପ୍ରତିନିଧିତ୍ୱ କରିଛନ୍ତି। ରୁତୁରାଜ ତାଙ୍କ ଗାର୍ଲଫ୍ରେଣ୍ଡ ଉତ୍କର୍ଷା ପୱାରଙ୍କୁ ବିବାହ କରିଛନ୍ତି। ଉତ୍କର୍ଷା ମଧ ଜଣେ କ୍ରିକେଟର। ସେ ମହାରାଷ୍ଟ୍ର ପାଇଁ ଘରୋଇ କ୍ରିକେଟରେ ଖେଳନ୍ତି। ନିକଟରେ ତାଙ୍କୁ ଚେନ୍ନାଇ ସୁପର କିଙ୍ଗ୍‌ର ମ୍ୟାଚ୍ ସମୟରେ ଷ୍ଟାଡିୟମରେ ଦେଖିବାକୁ ମିଳିଥିଲେ। ରୁତୁରାଜ ଗାଏକୱାଡ ମହାଷ୍ଟ୍ରରର ମହାବାଲେଶ୍ୱରରେ ବିବାହ କରିଛନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପାଇଁ ଭାରତୀୟ ରିଜର୍ଭ ଦଳରେ ରୁତୁରାଜଙ୍କୁ ସିଲେକ୍ଟ କରାଯାଇଥିଲା। କିନ୍ତୁ ସେ ତାଙ୍କ ବିବାହ ପାଇଁ ପ୍ରତ୍ୟାହାର କରି ନେଇଥିଲେ। ଏହି ଟୁର୍ନାମେଣ୍ଟ ଜୁନ୍ ୭ ରୁ ଖେଳାଯିବ। ୨୦୨୧ ନଭେମ୍ବରରେ ଉତ୍କର୍ଷା ମହାରାଷ୍ଟ୍ର ପାଇଁ ତାଙ୍କର ଶେଷ ମ୍ୟାଚ୍ ଖେଳିଥିଲେ। ୨୪ ବର୍ଷିୟା ଉତ୍କର୍ଷା ମଧ୍ୟମଗତି ବୋଲର। ଚେନ୍ନାଇ ସୁପର କିଙ୍ଗ୍ସ ଖେଳାଳି ଶିବମ ଦୁବେ ଏବଂ ପ୍ରଶାନ୍ତ ସୋଲକି ମଧ ଏହି ବିବାହ ଉତ୍ସବରେ ଯୋଗ ଦେଇଥିଲେ।

### ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ୍

# ଖେଳିବେନି ଅଷ୍ଟ୍ରେଲିଆର ପେସ୍ ବୋଲର ହାଜେଲଉଡ

ଦି ଓଭାଲ: ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ମ୍ୟାଚ୍ ଏହି ମାସ ୭ ତାରିଖରେ ଖେଳାଯିବ। ଫାଇନାଲ ପୂର୍ବରୁ ଅଷ୍ଟ୍ରେଲିଆ ଟିମକୁ ଲାଗିଛି ଶକ୍ତ ଝଟ୍‌କା। ଦଳର ଷ୍ଟାର ପେସ ବୋଲର ଜୋସ ହାଜେଲଉଡ ଆଘାତ ସମସ୍ୟା ଯୋଗୁ ଏହି ମ୍ୟାଚ୍ ଖେଳିବେ ନାହିଁ। ଦି ଓଭାଲରେ ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ । ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପକ୍ଷରୁ ଅଳ୍ପ କେତୋଟି ମ୍ୟାଚ ଖେଳିଥିଲେ। କାରଣ ମ୍ୟାଚ୍ ଖେଳିବା ସମୟରେ ସେ ଆହତ ହୋଇଥିଲେ। ଯାହାଫଳରେ ସେ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ସମ୍ପୂର୍ଣ୍ଣ ଭାବେ ଫିଟ ହୋଇ ନ ଥିବାରୁ ଅଷ୍ଟ୍ରେଲିଆ ବୋର୍ଡ ତାଙ୍କ ସ୍ଥାନରେ ଅଲରାଉଣ୍ଡର ମାଇକେଲ ନସୀରଙ୍କୁ ଚୂଡ଼ାନ୍ତ ଦଳରେ ସାମିଲ କରିଛି । ତେବେ ହାଜେଲଉଡ ଜୁନ ୧୬ରୁ ବର୍ମିଂହାମରେ ଆରମ୍ଭ ହେବାକୁ ଯାଉଥିବା ଆଶେଷ ଟେଷ୍ଟ ସିରିଜ ପୂର୍ବରୁ ସମ୍ପୂର୍ଣ୍ଣ ଫିଟ ହୋଇ ଯାଇଥିବା ଆଶା କରାଯାଉଛି । ଏହା ଜୁଲାଇ ୩୧ ପର୍ଯ୍ୟନ୍ତ ଖେଳାଯିବ । ୩୨ ବର୍ଷୀୟ ହାଜେଲଉଡଙ୍କ ଅନୁପସ୍ଥିତି ଟିମ କମ୍ବିନେଶନ ବିଗାଡିବ ନାହିଁ ବୋଲି ଅଷ୍ଟ୍ରେଲିଆ ପକ୍ଷରୁ କୁହାଯାଇଛି । ଉଭୟ ଟିମ ଭଲ ଫର୍ମରେ ଥିବାରୁ ଫାଇନାଲ ମ୍ୟାଚ ରୋମାଞ୍ଚକର ହେବ ବୋଲି ଆଶା କରାଯାଉଛି।




## ଦି ଓଭାଲରେ ଭାରତୀୟ ଓପନରଙ୍କ ପ୍ରଦର୍ଶନ ଉତ୍ସାହଜନକ ରହିନି



ଓଭାଲ: ଓଭାଲ ଗ୍ରାଉଣ୍ଡରେ ୭ଜୁନରୁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୱାର୍ଲ୍ଡ ଟେଷ୍ଟ ସିରିଜ କ୍ରିକେଟର ଫାଇନାଲ ମ୍ୟାଚ ଖେଳାଯିବ । ଏହି ପଡିଆରେ ଅବଶ୍ୟ ଭାରତର ପ୍ରଦର୍ଶନ ସେତେଟା ଉତ୍ସାହଜନକ ରହି ନାହିଁ । ଏଠାରେ ଟିମ ଇଣ୍ଡିଆ ୧୪ଟି ଟେଷ୍ଟ ଖେଳି ମାତ୍ର ୨ଟିରେ ବିଜୟ ହାସଲ କରିଥିବା ବେଳେ ୫ଟି ମ୍ୟାଚରେ ପରାଜୟ ବରଣ କରିଛି। ଅନ୍ୟ ୭ଟି ମ୍ୟାଚ ଡ୍ର ରହିଛି । ଅପର ପକ୍ଷରେ ଅଷ୍ଟ୍ରେଲିଆ ଏଠାରେ ୩୮ଟି ଟେଷ୍ଟ ଖେଳିଛି । ୭ଟି ମ୍ୟାଚରେ ବିଜୟ ହାସଲ କରିଥିବା ବେଳେ ୧୭ରେ ପରାଜିତ ହୋଇଛି । ବାକିତକ ମ୍ୟାଚ ଡ୍ର ରହିଛି । ଉଭୟ ଟିମର ପ୍ରଦର୍ଶନ ସେତେ ଖାସ ନ ଥିବାରୁ ମୁକାବିଲା ରୋମାଞ୍ଚକର ହେବ ବୋଲି ଆଶା କରାଯାଉଛି। ଏହି ପିଚ ସର୍ବଦା ଭାରତୀୟ ଓପନରଙ୍କ ପାଇଁ ଅଗ୍ନି ପରୀକ୍ଷା ସଦୃଶ ହୋଇଛି । ୨୦୦୦ ପରଠାରୁ ଭାରତୀୟ ବ୍ୟାଟ୍ସମ୍ୟାନ ଏଠାରେ ମାତ୍ର ୬ଟି ଶତକ ମାରିଛନ୍ତି। ସେମାନଙ୍କ ମଧ୍ୟରୁ ଓପନରମାନେ ୩ଟି ଶତକ ମାରିଛନ୍ତି । ୨୦୧୧ରେ ରାହୁଲ ଦ୍ରାବିଡ, ୨୦୧୮ରେ କେଏଲ ରାହୁଲ ଓ ୨୦୨୧ରେ ରୋହିତ ଶର୍ମା ଏଠାରେ ଓପନର ଭାବେ ଶତକ ମାରିଛନ୍ତି ।

## ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଉଦ୍‌ଯାପିତ: ପଞ୍ଜାବ ବିଜେତା




ଲକ୍ଷ୍ନୌ: ଉତ୍ତର ପ୍ରଦେଶର ୪ ସହର ଓ ୯ ଭେନ୍ୟୁରେ ଖେଳାଯାଇଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟ ଗୋଟିଏ ସଂସ୍କରଣ ବ୍ୟବଧାନରେ ପୁଣି ବିଜେତା ହୋଇଛି। ଏହି ବିଶ୍ୱବିଦ୍ୟାଳୟ ୨୬ ସ୍ୱର୍ଣ୍ଣ ସହ ୬୯ ପଦକ ଜିତି ଥିବାବେଳେ ଅମୃତସରର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ୨୪ ସ୍ୱର୍ଣ୍ଣ ସହ ୬୮ ପଦକ ଜିତି ଉପ ବିଜେତା ହୋଇଛି। କର୍ଣ୍ଣାଟକର ଜୈନ ବିଶ୍ୱବିଦ୍ୟାଳୟ ୧୬ ସ୍ୱର୍ଣ୍ଣ ସହ ୩୨ ପଦକ ଜିତି ତୃତୀୟ ସ୍ଥାନ ଦଖଲ କରିଛି। ଶୀର୍ଷ ୧୦ ଭିତରେ କୌଣସି ଓଡ଼ିଶା ବିଶ୍ୱବିଦ୍ୟାଳୟ ସ୍ଥାନ ପାଇନାହିଁ। କିଟ୍ ୫ ସ୍ୱର୍ଣ୍ଣ, ୫ ରୌପ୍ୟ, ୧ କାଂସ୍ୟ ସହିତ ମୋଟ ୧୧ ପଦକ ଜିତି ୧୫ତମ ସ୍ଥାନରେ ରହିଥିବାବେଳେ ଉତ୍କଳ ୨ ସ୍ୱର୍ଣ୍ଣ ସହ ୬ ପଦକ ଜିତି ୩୩ତମ ଏବଂ ସମ୍ବଲପୁର ୧ ସ୍ୱର୍ଣ୍ଣ ସହ ୩ ପଦକ ଜିତି ୪୯ତମ ସ୍ଥାନରେ ଅଭିଯାନ ଶେଷ କରିଛି। ମିଳିତ ଭାବେ ଓଡ଼ିଶା ପାଇଁ ଏହି ୩ ବିଶ୍ୱବିଦ୍ୟାଳୟ ୮ ସ୍ୱର୍ଣ୍ଣ, ୯ ରୌପ୍ୟ, ୩ କାଂସ୍ୟ ସହ ୨୦ ପଦକ ଜିତିଛନ୍ତି। ୧୨ ଦିନିଆ ଏହି ପ୍ରତିଯୋଗିତାରେ ୨୦୩ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିବାବେଳେ ୧୩୧ ବିଶ୍ୱବିଦ୍ୟାଳୟ ଅନ୍ୟୁନ ଗୋଟିଏ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି।


## ଥାଇଲାଣ୍ଡ ଓପନ ବ୍ୟାଡମିଣ୍ଟନ୍‌ରେ ଲକ୍ଷ୍ୟଙ୍କ ଅଭିଯାନ ଶେଷ

ବ୍ୟାଙ୍କକ: ଚଳିତ ଥାଇଲାଣ୍ଡ ଓପନ ବ୍ୟାଡମିଣ୍ଟନରେ ପ୍ରଭାବୀ ପ୍ରଦର୍ଶନ ସତ୍ତ୍ୱେ ଭାରତର ଷ୍ଟାର ଖେଳାଳି ଲକ୍ଷ୍ୟ ସେନଙ୍କ ଅଭିଯାନ ଶେଷ ହୋଇଛି । ସେମିଫାଇନାଲ ମୁକାବିଲାରେ ଲକ୍ଷ୍ୟ ଥାଇଲାଣ୍ଡର କୁନଲବୁତ ବିତିଦର୍ସନ ୨୧-୧୩, ୨୧-୧୯ ଓ ୨୧-୧୩ରେ ପରାଜିତ ହୋଇଥିଲେ । ପ୍ରଥମ ଖେଳକୁ ସହଜରେ ଜିତି ଲକ୍ଷ୍ୟ ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲେ । ତେବେ ଦ୍ୱିତୀୟ ଗେମକୁ ବିତିଦର୍ସନ ୨୧-୧୯ରେ ଜିତିଥିଲେ । ନିର୍ଣ୍ଣାୟକ ଗେମରେ ଲକ୍ଷ୍ୟଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା । ସେ ୧୩-୨୧ରେ ହାରି ଯାଇଥିଲେ। ଲକ୍ଷ୍ୟଙ୍କ ପରାଜୟ ସହ ଭାରତର ଅଭିଯାନ ମଧ




ଶେଷ ହୋଇଛି । ସାଇନା ନେହ୍ୱାଲ ରାଉଣ୍ଡ ଅଫ ୧୬ରୁ ଓ ପିଭି ସିନ୍ଧୁ ରାଉଣ୍ଡ ଅଫ ୩୨ରୁ ବିଦାୟ ନେଇଥିଲେ। ପୁରୁଷ ଡବଲ୍ସରେ ସାତ୍ୱିକ ସାଇରାଜ ଓ ଚିରାଗ ସେଟ୍ଟୀ ରାଉଣ୍ଡ ଅଫ ୧୬ରେ ହାରି ଯାଇଥିଲେ । ଚଳିତ ସଂସ୍କରଣରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ପ୍ରଶଂସକଙ୍କୁ ନିରାଶ କରିଛି ।

# ବ୍ରିଟେନ୍‌ରେ ଫୁଟ୍‌ବଲ୍ ମ୍ୟାଚ୍‌ର ମଜା ନେଉଛନ୍ତି କୋହଲି-ଅନୁଷ୍କା ଓ ଗିଲ୍



ମୁମ୍ବାଇ : ଆଇପିଏଲ୍ ମ୍ୟାଚ୍ ସରିବା ପରେ ବିଶ୍ୱ ଚାମ୍ପିଅନ୍‌ସିପ୍ ଫାଇନାଲ ମ୍ୟାଚ୍ ଖେଳିବା ପାଇଁ ଭାରତୀୟ ଟିମ୍ ଲଣ୍ଡନ ଗସ୍ତ କରିଛନ୍ତି। ଏହି ଅବସରରେରେ ବିରାଟ କୋହଲି କ୍ରିକେଟ୍‌ରୁ ବ୍ରେକ୍ ନେଇ ପତ୍ନୀଙ୍କ ସହ ଫୁଟବଲ୍ ମ୍ୟାଚ୍ ଉପଭୋଗ କରୁଛନ୍ତି। ଫାଇନାଲ ମ୍ୟାଚ୍ ଦେଖିବା ପାଇଁ ଅନୁଷ୍କା ଏବଂ ବିରାଟ ଲଣ୍ଡନ ୱେମ୍ବଲ ଷ୍ଟାଡିମ୍‌ରେ ପହଞ୍ଚିଥିଲେ। ଏହି ସମୟରେ କ୍ରିକେଟର ଶୁବମନ ଗିଲ ମଧ ତାଙ୍କ ସହ ମ୍ୟାଚ ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା। ମ୍ୟାଚ୍ ସମୟରେ ଅନେକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏଥିରେ ବିରାଟ କୋହଲି ଏକ ବ୍ରାଉନ ଜ୍ୟାକେଟରେ ନଜର ଆସିଥିବା ବେଳେ ଅନୁଷ୍କା ଶର୍ମା ଧଳା ଟି-ସାର୍ଟ ଏବଂ କଳା ଟ୍ରାଉଜର ସହ କଳା ରଙ୍ଗର ହାଫ୍ ଜ୍ୟାକେଟ୍‌ରେ ନଜର ଆସିଛନ୍ତି। ଅନ୍ୟପଟେ ଶୁବମନ ଗିଲ୍ ହାଲୁକା କ୍ରିମ୍ କଲରର ହୁଡି ପିନ୍ଧିଥିବାର ଦେଖିବାକୁ ମିଳିଛି। ଫଟୋ ଦେଖିଲେ ଲାଗୁଛି ଅନୁଷ୍କାଙ୍କ ଏହି ଶେଷ ମ୍ୟାଚ୍ ଦେଖିବା ସଫଳ ହେଲା । ୨୦୨୩ ବର୍ଷ ଶୁବମନଙ୍କ ପାଇଁ ଅତ୍ୟନ୍ତ ସ୍ୱତନ୍ତ୍ର ଥିଲା। ହେଲେ ତାଙ୍କ ଆଇପିଏଲ୍ ଟିମ୍ ମ୍ୟାଚ୍ ଜିତି ପାରି ନଥିଲେ, ଶୁବମନ ଏହି ସିଜନରେ ଅରେଞ୍ଜ କ୍ୟାପ୍ ଜିତିଥିଲେ ।

# ନ୍ୟାସ୍‌ନାଲ ଯୋଗ ସ୍ପୋର୍ଟ୍ସ ଚାମ୍ପିଅନସିପ୍ ଉଦ୍‌ଯାପିତ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ସେଞ୍ଚୁରିଅନ ୟୁନିଭରସିଟି, ଓଡିଶା ଏବଂ ୟୁନିଭର୍ସାଲ୍ ଯୋଗ ସ୍ପୋର୍ଟସ ଫେଡେରେସନ୍ ମିଳିତ ସହଯୋଗରେ ଜୁନ୍ ୩ ଓ ୪ତାରିଖରେ ସେଞ୍ଚୁରିଅନ୍ ୟୁନିଭରସିଟି, ଭୁବନେଶ୍ୱର କ୍ୟାମ୍ପସରେ ଆୟୋଜିତ ହୋଇଯାଇଛି। ଏଥିରେ ଭାରତର ୨୨ଟି ରାଜ୍ୟରୁ ୩୫୦ରୁ ଅଧିକ ଯୋଗ ଆଥଲେଟ୍ ବିଭିନ୍ନ ବୟସ ବର୍ଗରେ ଅଂଶଗ୍ରହଣ କରିଥିଲେ। ପ୍ରୋଗ୍ରାମ ଆସୋସିଏଟ୍, ସେଞ୍ଚୁରିଅନ୍ ୟୁନିଭରସିଟି ପ୍ରଦୀପ କୁମାର ସାହୁ କହିଛନ୍ତି ଯେ ଓଡିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଝାଡଖଣ୍ଡ, ବିହାର ଏବଂ ଭାରତର ଅନ୍ୟାନ୍ୟ ରାଜ୍ୟରୁ ୫ ବର୍ଷରୁ ୫୧ ବର୍ଷ ବୟସର ଅଂଶ ଗ୍ରହଣକାରୀମାନେ ଉତ୍ସାହର ସହ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପ୍ରଫେସର ସୁପ୍ରିୟା ପଟ୍ଟନାୟକ, କୁଳପତି, ସେଞ୍ଚୁରିଅନ୍



ୟୁନିଭରସିଟି ଓଡିଶା, ସୁରେଶ କୁମାର, ଶ୍ରୀମତୀ ଜ୍ୟୋତି ସିଂଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହିତ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱରେ ଯୋଗର ଲୋକପ୍ରିୟତା ଦିନକୁ ଦିନ ବୃଦ୍ଧି ପାଉଛି ଏହା ଅତ୍ୟନ୍ତ ଆନନ୍ଦଦାୟକ ବିଷୟ। ଏକ ସୁସ୍ଥ ଜୀବନଯାପନ କରିବା ପାଇଁ ଆମ ସମସ୍ତଙ୍କୁ ଦୈନନ୍ଦିନ ଜୀବନ ଶୈଳୀରେ ଯୋଗ ଅନ୍ତର୍ଭୁକ୍ତ କରିବା ଉଚିତ ବୋଲି ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଓଡିଶାର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ କହିଛନ୍ତି। ଏହି ପ୍ରତିଯୋଗିତା ବିଭିନ୍ନ କାଟାଗୋରୀରେ ବିଭକ୍ତ କରାଯାଇଥିଲା। ସବ୍-ଜୁନିଅର୍ ଗ୍ରୁପ୍ (୫ ରୁ ୧୨ ବର୍ଷର ବାଳକ ଏବଂ ବାଳିକା)। ଜୁନିଅର ଗ୍ରୁପ୍ (୧୩ ରୁ ୨୦ ବର୍ଷର ବାଳକ ଏବଂ ବାଳିକା)। ସିନିୟର ଗ୍ରୁପ୍ (୨୧ ରୁ ୫୦ ବର୍ଷ ପୁରୁଷ ଏବଂ ମହିଳା)। ଭେଟେରାନ୍ ଗ୍ରୁପ୍ (୫୧ ବର୍ଷ ଉପରେ) ଶାରୀରିକ ଅକ୍ଷମ ଗୋଷ୍ଠୀ ।

## ଫ୍ରେଞ୍ଚ ଓପନ୍‌ରୁ ଓହରିଲେ ରିବାକିନା

ପ୍ୟାରିସ: ବିଶ୍ୱର ଏକ ନମ୍ବର ମହିଳା ଟେନିସ ଖେଳାଳି ଇଗା ସ୍ୱିତେକ ଏବଂ ଷଷ୍ଠ ମାନ୍ୟତାପ୍ରାପ୍ତ କୋକୋ ଗଫ୍ ଚଳିତ ଫ୍ରେଞ୍ଚ ଓପନ୍‌ର ପ୍ରିକ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ତେବେ ଜ୍ୱର ଯୋଗୁଁ ଚତୁର୍ଥ ମାନ୍ୟତାପ୍ରାପ୍ତ ଏଲିନା ରିବାକିନା ଏହି ପ୍ରତିଯୋଗିତାରୁ ସମ୍ପୂର୍ଣ୍ଣ ଓହରି ଯାଇଛନ୍ତି। ଫଳରେ କାଜାଖସ୍ତାନର ରିବାକିନାଙ୍କ ପ୍ରତିଦ୍ୱନ୍ଦ୍ୱୀ ସ୍ପେନ୍‌ର ସାରା ସୋରିବେସ ସହଜରେ ତୃତୀୟ ରାଉଣ୍ଡ ବାଧା ଅତିକ୍ରମ କରି ପ୍ରିକ୍ୱାର୍ଟରଫାଇନାଲ୍ ସ୍ଥାନ ନିଶ୍ଚିତ କରିଛନ୍ତି। ଶନିବାର ମହିଳା ଏକକ ତୃତୀୟ ରାଉଣ୍ଡରେ ପୋଲାଣ୍ଡର ସ୍ୱିତେକ ସିଧାସଳଖ ୬-୦, ୬-୦ ସେଟ୍‌ରେ ଚୀନ୍‌ର ୱାଙ୍ଗ ଜିନ୍‌ୟୁଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌କୁ ୩ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ୨୨ ବର୍ଷୀୟା ସ୍ୱିତେକ ମାତ୍ର ୫୧ ମିନିଟ୍‌ରେ ଜିତିବା ସହ ୱାଙ୍ଗଙ୍କୁ କୌଣସି ପଏଣ୍ଟ ଦେଇନଥିଲେ। ଆମେରିକାର ଗଫ୍ ୬-୭, ୬-୧, ୬-୧ ସେଟ୍‌ରେ ରୁଷିଆର ମିରା ଆନ୍ଦ୍ରିଭାଙ୍କୁ ହରାଇଥିଲେ। ପୁରୁଷ ଏକକ ପ୍ରିକ୍ୱାର୍ଟରଫାଇନାଲ୍‌ରେ ଚତର୍ଥ ମାନ୍ୟତାପ୍ରାପ୍ତ କାସପର ରୁଡ୍, ଷଷ୍ଠ ମାନ୍ୟତାପ୍ରାପ୍ତ ହୋଲଗର ରୁନେ ଓ ୨୭ ମାନ୍ୟତାପ୍ରାପ୍ତ ୟୋସିହୋତୋ ନିସିଓକା ପହଞ୍ଚିଛନ୍ତି। ନରୱେର ରୁଡ୍ ୪-୬, ୬-୪, ୬-୧, ୬-୪ ସେଟ୍‌ରେ ଚୀନ୍‌ର ଝାଙ୍ଗ ଝିଝେନ୍‌ଙ୍କୁ, ଡେନ୍‌ମାର୍କର ରୁନେ୬-୪, ୬-୧, ୬-୩ ସେଟ୍‌ରେ ଆର୍ଜେଣ୍ଟିନାର ଜେନାରୋ ଓଲିଭିଏରିଙ୍କୁ ଏବଂ ଜାପାନର ନିସିଓକା ୩-୬, ୭-୬, ୨-୬, ୬-୪, ୬-୦ ସେଟ୍‌ରେ ବ୍ରାଜିଲର ସେବୋଥ ୱିଲ୍ଡଙ୍କୁ ପରାସ୍ତ କରିଥିଲେ। ହେଲେ ପଞ୍ଚଦଶ ମାନ୍ୟତାପ୍ରାପ୍ତ ବୋର୍ଣ୍ଣା କୋରିକଙ୍କ ଅଭିଯାନ ତୃତୀୟ ରାଉଣ୍ଡରେ ଶେଷ ହୋଇଛି। ଏହି କ୍ରୋଏସିଆ ଖେଳାଳି ୩-୬, ୬-୭, ୨-୬ ସେଟ୍‌ରେ ଆର୍ଜେଣ୍ଟିନାର ଥୋମାସ ମାର୍ଟିନ ଇଚଭେରିଙ୍କଠୁ ପରାସ୍ତ ହୋଇଥିଲେ।

